# ନିତିଦିନ NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-


www.nitidin.com
twitter.com/nitidintoday
facebook.com/nitidintoday

WEDNESDAY 8 JULY 2026
ବୁଧବାର ୮ ଜୁଲାଇ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 12 • ISSUE 38 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୨ • ସଂଖ୍ୟା ୩୮ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର


ଇସ୍କନର ଅଦିନ ରଥଯାତ୍ରା ଓ ସ୍ନାନଯାତ୍ରା ପ୍ରସଙ୍ଗ

## ରାଷ୍ଟ୍ରପତି-ପ୍ରଧାନମନ୍ତ୍ରୀଙ୍କୁ ଗଜପତିଙ୍କ ଚିଠି



**ଭୁବନେଶ୍ୱର,୭।୭/ଏନ୍ଏନ୍ଏସ୍:**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପୁଣି ଚିଠି ଲେଖିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ବିଦେଶରେ ଇସ୍କନ ପକ୍ଷରୁ ଆୟୋଜିତ ଅଦିନ ରଥଯାତ୍ରା ଓ ସ୍ନାନଯାତ୍ରାକୁ ନେଇ ଏହି ଚିଠି ଲେଖିଛନ୍ତି। ଏ ପ୍ରସଙ୍ଗରେ ରାଷ୍ଟ୍ରପତିଙ୍କୁ ଭେଟିବା ପାଇଁ ଗଜପତି ମହାରାଜା ସମୟ ଲୋଡ଼ିଛନ୍ତି। ଏହାଛଡ଼ା ପ୍ରଧାନମନ୍ତ୍ରୀ ମୋଦୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ପରମ୍ପରାକୁ ଭାଙ୍ଗି ସ୍ନାନଯାତ୍ରା ଓ ରଥଯାତ୍ରା ଆୟୋଜନ କରାଯାଉଛି। ଏହା ଜଗନ୍ନାଥପ୍ରେମୀଙ୍କ ଧର୍ମୀୟ ଭାବାବେଗକୁ ଆଘାତ ଦେଉଛି ବୋଲି ଗଜପତି ମହାରାଜା କହିଛନ୍ତି।

ପ୍ରକାଶ ଯେ ରଥଯାତ୍ରାକୁ ଆଉ ମାତ୍ର କେଇଟା ଦିନ। ହେଲେ ତା ପୂର୍ବରୁ ତେଜିଛି ଇସ୍କନର ଅଦିନିଆ ରଥଯାତ୍ରା ବିବାଦ। ବିଦେଶରେ ଇସ୍କନ ପକ୍ଷରୁ ଶାସ୍ତ୍ର ନିର୍ଦ୍ଧାରିତ ତିଥି ବାହାରେ ସ୍ନାନଯାତ୍ରା ଓ ରଥଯାତ୍ରା ପାଳନକୁ ନେଇ ପୁଣି ଥରେ ସ୍ୱର ଉଠାଇଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ଆଉ

**ରାଷ୍ଟ୍ରପତିଙ୍କୁ ଭେଟିବା ପାଇଁ ସମୟ ଲୋଡ଼ିଲେ**

**ପ୍ରଧାନମନ୍ତ୍ରୀ ମୋଦୀଙ୍କ ହସ୍ତକ୍ଷେପ ଲୋଡ଼ିଲେ**

ଇସ୍କନକୁ ନୁହେଁ, ଏଥର ସିଧା ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ହସ୍ତକ୍ଷେପ ଲୋଡ଼ିଛନ୍ତି। ଇସ୍କନ ବିରୋଧରେ କ୍ଷୋଭ ପ୍ରକାଶ କରି ▶▶ ୫

ଇଣ୍ଡୋନେସିଆ ସଂସଦରେ ଉଦ୍‌ବୋଧନ

# ମୋଦୀଙ୍କ ମୁହଁରେ ବିଜୁଙ୍କ ପ୍ରଶଂସା



**ବିଜୁ ବାବୁ ଭାରତ-ଇଣ୍ଡୋନେସିଆ ସୁସମ୍ପର୍କର ପ୍ରମୁଖ ବିନ୍ଧାଣୀ: ପିଏମ୍**

**ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମରେ ଗ୍ରହଣ କରିଥିଲେ ପ୍ରମୁଖ ଭୂମିକା**

**ବୀରତ୍ୱର ଗାଥା ବହନ କରୁଛି ବିଜୁ ପଟ୍ଟନାୟକଙ୍କ ଭୂମିକା**



**ଜାକର୍ତ୍ତା,୭।୭/ଏଜେନ୍ସି:**

ଇଣ୍ଡୋନେସିଆ ସଂସଦରେ ଓଡ଼ିଶାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରଶଂସା। ଆଉ ଏହି ପ୍ରଶଂସା କରିଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ମଙ୍ଗଳବାର ଜାକାର୍ତ୍ତାରେ ଥିବା ଇଣ୍ଡୋନେସିଆ ସଂସଦଙ୍କୁ ସମ୍ବୋଧନ କରିବା ବେଳେ ବିଜୁ ବାବୁଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି ମୋଦୀ। ଇଣ୍ଡୋନେସିଆ ସଂସଦରେ ଉଦ୍‌ବୋଧନ ଦେଇ ସ୍ୱାଧୀନତା ସଂଗ୍ରାମ ସମୟରେ ଡଚ୍-ନିୟନ୍ତ୍ରିତ ଜାଭାଠାରୁ ଇଣ୍ଡୋନେସିଆର ନେତୃତ୍ୱକୁ ଉଦ୍ଧାର କରିବାରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଭୂମିକା ପାଇଁ ମୋଦୀ ତାଙ୍କୁ ବହୁତ ପ୍ରଶଂସା କରିଛନ୍ତି। ଭାରତ-ଇଣ୍ଡୋନେସିଆ ସୁସମ୍ପର୍କର ପ୍ରମୁଖ ବିନ୍ଧାଣୀ ବିଜୁ ପଟ୍ଟନାୟକ ବୋଲି ମୋଦୀ କହିବାକୁ ପଛାଇ ନାହାନ୍ତି। ସେହିପରି ବିଜୁ ପଟ୍ଟନାୟକ ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ମଧ୍ୟ ମୋଦୀ କହିଛନ୍ତି। ତାଙ୍କ କହିବା କଥା ଯେ ଭାରତ ଓ ଇଣ୍ଡୋନେସିଆ ବର୍ତ୍ତମାନ 'ସୁବର୍ଣ୍ଣ ଯୁଗ'ରେ ପ୍ରବେଶ କରୁଛନ୍ତି। କିନ୍ତୁ ଏହି ଘନିଷ୍ଠ ଭାରତ–ଇଣ୍ଡୋନେସିଆ ସମ୍ପର୍କର ପ୍ରକୃତ ବିନ୍ଧାଣୀ ହେଉଛନ୍ତି ବିଜୁ ପଟ୍ଟନାୟକ।

ଇଣ୍ଡୋନେସିଆ ସଂସଦକୁ ସମ୍ବୋଧିତ କରି ମୋଦୀ କହିଛନ୍ତି ଯେ ଓଡ଼ିଶାର ବିଜୁ ପଟ୍ଟନାୟକ ଜଣେ ଭଲ ପାଇଲଟ୍ ଥିଲେ। ସେ ଇଣ୍ଡୋନେସିଆର ତତ୍କାଳୀନ ପ୍ରଧାନମନ୍ତ୍ରୀ ସୁତାନ ସଜାହରିର ଏବଂ ଉପରାଷ୍ଟ୍ରପତି ମହମ୍ମଦ ହଟ୍ଟାଙ୍କୁ ସୁରକ୍ଷିତ ଭାବରେ ଭାରତ ଆଣିଥିଲେ। ଏହା ନୂଆଦିଲ୍ଲୀ ଏବଂ ଇଣ୍ଡୋନେସିଆକୁ ଅଧିକ ନିକଟତର କରିଥିଲା। ମୋଦୀ କହିଛନ୍ତି, 'ଆମ ଉଭୟ ରାଷ୍ଟ୍ର ପ୍ରାୟ ସମାନ ସମୟରେ ▶▶ ୫

## ମୋଦୀଙ୍କୁ ସର୍ବୋଚ୍ଚ ନାଗରିକ ସମ୍ମାନ

ଭାରତ ଏବଂ ଇଣ୍ଡୋନେସିଆ ମଧ୍ୟରେ ଥିବା ସୁଦୃଢ଼ ଐତିହାସିକ ଓ ରଣନୀତିକ ସମ୍ପର୍କକୁ ଏକ ନୂଆ ଦିଗ ଦେଇ, ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋବୋ ସୁବିଆନ୍ତୋ ପ୍ରଧାନମନ୍ତ୍ରୀ ନରେନ୍ଦ୍ର



ମୋଦୀଙ୍କୁ ସେହି ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ 'ଇଣ୍ଡୋନେସିଆ ଗଣରାଜ୍ୟର ବିଣ୍ଟାଙ୍ଗ ଆଦିପୂର୍ଣ୍ଣ' ପଦକରେ ସମ୍ମାନିତ କରିଛନ୍ତି। ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ସମ୍ପର୍କକୁ ମଜଭୁତ କରିବାରେ ତାଙ୍କ ନେତୃତ୍ୱ ଏବଂ ▶▶ ୫

ଡାକ୍ତର ଆନ୍ଦୋଳନ ପ୍ରସଙ୍ଗ

## କମିଟି ଗଠନ କଲେ ସରକାର

**ଭୁବନେଶ୍ୱର,୭।୭/ଏନ୍ଏନ୍ଏସ୍:**

ଡାକ୍ତର ଆନ୍ଦୋଳନ ପ୍ରସଙ୍ଗରେ ରାଜ୍ୟ ସରକାର ୫ ଜଣିଆ କମିଟି ଗଠନ କରିଛନ୍ତି। ବିଭିନ୍ନ ଦାବି ନେଇ ଡାକ୍ତରଙ୍କ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ୍ (ଓସମା) ପକ୍ଷରୁ ଉଠାଯାଇଥିବା ବିଭିନ୍ନ ଦାବିର ତର୍ଜମା ପାଇଁ ସରକାର ଏକ କମିଟି ଗଠନ କରିଛନ୍ତି। ଅର୍ଥ ବିଭାଗର ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଆନ୍ତଃବିଭାଗୀୟ କମିଟି ଗଠନ କରାଯାଇଛି। କମିଟିରେ ଅର୍ଥ ବିଭାଗର ପ୍ରମୁଖ ସଚିବ ଅଧ୍ୟକ୍ଷ ଥିବା ବେଳେ ସଦସ୍ୟ ଭାବେ ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ ବିଭାଗର ପ୍ରମୁଖ ସଚିବ, ଆଇନ ବିଭାଗର ପ୍ରମୁଖ ସଚିବ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର-କମ୍-ସଚିବ ରହିଛନ୍ତି । ସେହିପରି ଓଡ଼ିଶା ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ସଦସ୍ୟ ସହ ଆବାହକ ରହିଛନ୍ତି। ଏହି କମିଟି ଦାବିର ବ୍ୟବହାରିକତା ଯାଞ୍ଚ କରି ସରକାରଙ୍କୁ ସୁପାରିଶ କରିବ। ସୂଚନାଯୋଗ୍ୟ ଯେ ବିଭିନ୍ନ ଦାବି ନେଇ ଓମସା ପକ୍ଷରୁ ଡାକ୍ତରମାନେ ଆନ୍ଦୋଳନ କରିଥିଲେ। ଗତ ଜୁଲାଇ ୪ ତାରିଖରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସହ ▶▶ ୫

## ଭୁବନେଶ୍ୱରରେ ହେବ ନୂଆ ରାଜସ୍ୱ ଭବନ

**ଭୁବନେଶ୍ୱର,୭।୭/ଏନ୍ଏନ୍ଏସ୍:**

ରାଜ୍ୟର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ ଓ ଆଧୁନିକ କରିବା ଲକ୍ଷ୍ୟରେ ଭୁବନେଶ୍ୱରରେ ଏକ ନୂଆ ରାଜସ୍ୱ ଭବନ ନିର୍ମାଣ କରାଯିବ। ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ କହିବା ଅନୁଯାୟୀ, ପ୍ରାୟ ୬୦୦ କୋଟି ଟଙ୍କା ବ୍ୟୟରେ ୧୦ ମହଲା ବିଶିଷ୍ଟ ଏହି ଅତ୍ୟାଧୁନିକ କୋଠା ନିର୍ମାଣ କରାଯିବ। ଏହି ଭବନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଭିନ୍ନ କାର୍ଯ୍ୟାଳୟକୁ ଏକାଠି କରାଯିବା ସହ ପ୍ରଶାସନିକ କାର୍ଯ୍ୟକୁ ଅଧିକ ଦକ୍ଷ ଓ ସମନ୍ୱିତ କରିବାକୁ ଗୁରୁତ୍ୱ ଦିଆଯିବ। ନୂତନ ରାଜସ୍ୱ ▶▶ ୫

## ରାଜ୍ୟରେ ନାହିଁ ବନ୍ୟା ସ୍ଥିତି

**ଭୁବନେଶ୍ୱର,୭।୭/ଏନ୍ଏନ୍ଏସ୍:**

ରାଜ୍ୟରେ ବନ୍ୟା ସ୍ଥିତି ନାହିଁ। ରାଜ୍ୟରେ ଲଗାଣ ବର୍ଷା ପରେ ବୈତରଣୀ ନଦୀରେ ଛୋଟ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିଲେ ମଧ୍ୟ ଏବେ ପରିସ୍ଥିତି ଧୀରେ ଧୀରେ ସୁଧୁରୁଛି। ବୈତରଣୀର ଜଳସ୍ତର କମିବା ସହ ଆଖୁଆପଦାରେ ଜଳସ୍ତର ସତର୍କ ସଂକେତ ତଳକୁ ଖସିଆସିଛି। ତେଣୁ ବର୍ତ୍ତମାନ ବୈତରଣୀରେ ବନ୍ୟା ପରିସ୍ଥିତି ନଥିବା ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ ସ୍ପଷ୍ଟ କରିଛନ୍ତି। ଆଖୁଆପଦାରେ ମଙ୍ଗଳବାର ଜଳସ୍ତର ୧୭.୭ ମିଟର ରହିଥିଲା। ଯାହା ବିପଦ ସଂକେତ ଠାରୁ ତଳେ ରହିଛି। ଯାଜପୁର ଜିଲ୍ଲାର ୪ରୁ ୫ଟି ପଞ୍ଚାୟତର କିଛି ଚାଷଜମିରେ ବନ୍ୟାଜଳ ପ୍ରବେଶ କରିଥିବା ସୂଚନା ମିଳିଛି। ପ୍ରଶାସନ ପରିସ୍ଥିତି ଉପରେ ନଜର ରଖିଛି। ଅନ୍ୟପଟେ ଉପରମୁଣ୍ଡରେ ବର୍ଷା ଯୋଗୁଁ ହୀରାକୁଦ ଡ୍ୟାମ୍‌ରେ ▶▶ ୫



**ବର୍ଷା ଜଳ ନରାଜ ଦେଇ ଗଲା ପରେ ହୀରାକୁଦ ଜଳ ଛଡ଼ାଯିବ**

**ତଳମୁଣ୍ଡର ଜିଲ୍ଲାରେ ବଡ଼ ଧରଣର ବନ୍ୟା ପରିସ୍ଥିତି ସୃଷ୍ଟି ଆଶଙ୍କା ନାହିଁ**

## ଗଛରେ ବାଘର ମୃତଦେହ

**ବାର୍‌ହା ଶିକାର୍ ଫାଶରେ ପଡ଼ି ମୃତ୍ୟୁ ଆଶଙ୍କା, ବନ ବିଭାଗର ତଦନ୍ତ**

**ବ୍ରହ୍ମପୁର,କବିସୂର୍ଯ୍ୟନଗର,୭।୭/ଏନ୍ଏନ୍ଏସ୍:**



ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ବନ ବିଭାଗ ରେଞ୍ଜ ଅଧିନ କବିସୂର୍ଯ୍ୟନଗର ବ୍ଲକ ଜରଡ଼ ଛକ କ୍ରସର ନିକଟ ଗୋଟିଏ ନିମ୍ବ ଗଛରେ ଆଜି ଏକ ବାଘର ମୃତଦେହ ଝୁଲି ରହିଥିବା ଦେଖିବାକୁ ମିଳିଥିଲା। କ୍ରସର ନିକଟରେ ରହିଥିବା କୁକୁର ଭୁକିବା ପରେ ସ୍ଥାନୀୟ ଲୋକେ ବାଘ ଗଛରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ତେବେ କିଭଳି ଗଛ ଉପରେ ବାଘର ମୃତ୍ୟୁ ହେଲା ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସବୁଠୁ ବଡ଼ କଥା ହେଉଛି ବାଘର ମୃତଦେହ ପାଖରେ ଏକ ପଥର ଝୁଲନ୍ତା ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। ବାଘର ମୃତ୍ୟୁ କ'ଣ ଗଛ ଉପରେ ଯାଇ ହେଇଛି ନା ତାକୁ କେହି ହତ୍ୟା ପରେ ସେଠି ନେଇ ଝୁଲାଇ ଦେଇଛି ସେ ନେଇ କୌଣସି ସୂଚନା ମିଳିପାରିନି। ତାସହ ଗଛରେ ଝୁଲୁଥିବା ଏକ ବଡ଼ ପଥରକୁ ନେଇ ବି ଅନେକ ସନ୍ଦେହ ସୃଷ୍ଟି ହୋଇଛି। ତେବେ ବାର୍‌ହା ଶିକାର ଉଦ୍ଦେଶ୍ୟରେ ଶିକାରୀ ପକାଇଥିବା ଫାଶରେ ପଡି ବାଘ ପ୍ରାଣ ହରାଇଥିବା ଆଶଙ୍କା କରାଯାଉଛି। ଖବର ପାଇ ଖଲ୍ଲିକୋଟ ବନବିଭାଗର କର୍ମଚାରୀ ଓ ଅଧିକାରୀମାନେ ପହଞ୍ଚିବା ପରେ ବାଘର ▶▶ ୫

## ଦୁଇ ଦୁର୍ଘଟଣାରେ ୪ ମୃତ

**କେନ୍ଦୁଝର,ସୁନ୍ଦରଗଡ଼, ୭।୭/ଏନ୍ଏନ୍ଏସ୍:**

ରାଜ୍ୟର ଦୁଇଟି ପୃଥକ ସ୍ଥାନରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ମୋଟ୍ ୪ ଜଣଙ୍କ ମୃତ୍ୟୁ ହୋଇଛି। କେନ୍ଦୁଝର ଜିଲ୍ଲା ୨୦ ନଂ ଜାତୀୟ ରାଜପଥ ଘଟଗାଁ ଥାନା ଢେଙ୍କିକୋଟ ପୁଲିସ ବିଟ୍ ଅଞ୍ଚଳ ଖଜୁରିଜୁଆଣି ନିକଟରେ ଏକ ଥାର୍ ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେହିପରି ସୁନ୍ଦରଗଡ଼ ସଦରଥାନା ପାତକିଯୋର ନିକଟରେ ବଲେରୋ ଓ ଯାତ୍ରୀବାହୀ କମାଣ୍ଡର ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣଙ୍କ ମୃତ୍ୟୁ ହୋଇଛି। ମଙ୍ଗଳବାର ଅପରାହ୍ଣ ୨ ଟା ୧୫ ମିନିଟ ପାଖାପାଖି ଘଟଗାଁ ଥାନା ଢେଙ୍କିକୋଟ ପୁଲିସ ବିଟ୍ ଅଞ୍ଚଳ ଖଜୁରିଜୁଆଣି ନିକଟରେ କେନ୍ଦୁଝର ଆଡ଼କୁ ଯାଉଥିବା ଏକ ବାଇକ୍‌କୁ ପଛପଟୁ ଏକ ଥାର୍ ଗାଡ଼ି ଧକ୍କା ଦେଇ ଶହେ ମିଟର ଯାଏ ଘୋଷାଡ଼ି ନେଇଥିଲା। ଫଳରେ ୨ ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଢେଙ୍କିକୋଟ ପୁଲିସ ବିଟ୍ ଅଧିକାରୀ ତ୍ରିନାଥ ନାଏକ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଥାର୍ ଏବଂ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ବିଟ୍ ପରିସରକୁ ଜବତ କରି ଆଣିଥିବା ବେଳେ ▶▶ ୫

## ୱାୟନାଡ଼ରେ ଭୂସ୍ଖଳନ, ୩ ମୃତ

**୨୦୦ ଫୁଟ୍ ଦୂରରୁ ଭାସି ଆସିଲା ଟ୍ୟାଙ୍କର**

**ୱାୟନାଡ୍, ୭।୭/ଏଜେନ୍ସି:**

କେରଳମ୍‌ର ୱାୟାନାଡ୍ ଜିଲ୍ଲାରେ ମଙ୍ଗଳବାର ଭୂସ୍ଖଳନ ଯୋଗୁଁ ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୭ଜଣ ନିଖୋଜ ରହିଛନ୍ତି। ସେହିପରି ୯/୧୦ ଆହତଙ୍କୁ ମେପ୍ପାଡିର ୱିମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କଲ୍ଲାଡି ସ୍ଥିତ ମୀନାକ୍ଷୀ ବ୍ରିଜ୍ ନିକଟରେ ଥିବା ମଲପ୍ପୁରମ୍-ୱାୟାନାଡ୍ ଟନେଲ୍ (ସୁଡ଼ଙ୍ଗ) ସମ୍ମୁଖରେ ଏହି ଘଟଣା ଘଟିଛି। ଏହି ଦୁର୍ଘଟଣାର ଏକ ଲୋମହର୍ଷଣକାରୀ ସିସିଟିଭି ଭିଡିଓ ଫୁଟେଜ୍ ଏବେ ସାମ୍ନାକୁ ଆସିଛି। ଫୁଟେଜ୍‌ରେ ପ୍ରବଳ ▶▶ ୫



୭୭ତମ ରାଜ୍ୟସ୍ତରୀୟ ବନ ମହୋତ୍ସବ

# ସବୁଜବଳୟ ସୃଷ୍ଟିରେ ଓଡ଼ିଶା ଦେଶରେ ତୃତୀୟ

**ଭୁବନେଶ୍ୱର,୭।୭/ଏନ୍ଏନ୍ଏସ୍:**



ବିଶ୍ୱବ୍ୟାପୀ ଜଳବାୟୁ ପରିବର୍ତ୍ତନ ଓ ବିକଟ ଗ୍ରୀଷ୍ମ ଲହରର ମୁକାବିଲା ପାଇଁ ବ୍ୟାପକ ବୃକ୍ଷରୋପଣ ହିଁ ଏକମାତ୍ର ଦୀର୍ଘକାଳୀନ ସମାଧାନ। ବିକାଶ ଓ ପରିବେଶ ପରସ୍ପରର ବିରୋଧୀ ନୁହଁନ୍ତି, ବରଂ ପରିପୂରକ। ଏହି ଦୂରଦର୍ଶୀ ଆଭିମୁଖ୍ୟ ସହ ବନ ସୁରକ୍ଷା ଓ ସବୁଜବଳୟ ସୃଷ୍ଟିରେ ଓଡ଼ିଶା ଆଜି ସାରା ଦେଶରେ ଏକ ଅଗ୍ରଣୀ ରାଜ୍ୟ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ବିଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ୫୫୮ ବର୍ଗ କିଲୋମିଟର ବନ ଓ ବୃକ୍ଷ ଆବରଣ ବୃଦ୍ଧି ପାଇଛି, ଯାହା ଫଳରେ ସମଗ୍ର ଭାରତବର୍ଷରେ ଓଡ଼ିଶା ଆଜି ଗୌରବଜନକ ତୃତୀୟ ସ୍ଥାନ ଅଧିକାର କରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କପିଳେଶ୍ୱର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ୭୭ ତମ ବନ ମହୋତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ପ୍ରବାହିତ ନଦୀଗୁଡ଼ିକୁ ଚିରସ୍ରୋତା କରିବା ପାଇଁ 'ସବୁଜ ମହାନଦୀ ମିଶନ' ଅଧୀନରେ ମହାନଦୀ, ତେଲ୍, ଇବ୍, ବ୍ରାହ୍ମଣୀ, ଋଷିକୁଲ୍ୟା, ବୈତରଣୀ ଓ ବଂଶଧରା ନଦୀ ପାର୍ଶ୍ୱରେ ୧.୫ କିଲୋମିଟର ପ୍ରଶସ୍ତ ସବୁଜ ବଳୟ ସୃଷ୍ଟି କରାଯାଉଛି। ୨୦୨୫-୨୬ ଆର୍ଥିକ ବର୍ଷରେ ୭୭୪ ହେକ୍ଟର ଅଞ୍ଚଳରେ ୫.୬୫ ଲକ୍ଷ ଚାରାରୋପଣ କରାଯାଇଥିବା ବେଳେ ୨୦୨୬-୨୭ ବର୍ଷରେ ୨,୭୦୨ ହେକ୍ଟର ଅଞ୍ଚଳରେ ପ୍ରାୟ ୯ ଲକ୍ଷ ଚାରାରୋପଣର ଲକ୍ଷ୍ୟ ରଖାଯାଇଛି। ସେହିପରି 'ବର୍ଦ୍ଧିତ ସବୁଜ ବଳୟ ଯୋଜନା' ମାଧ୍ୟମରେ ଚଳିତ ବର୍ଷ ୩,୫୮ ହେକ୍ଟର ଜମିରେ ୧୫ ଲକ୍ଷ ୯୩ ହଜାର ଚାରାରୋପଣ କରାଯିବ। ସହରାଞ୍ଚଳରେ ପ୍ରଦୂଷଣ କମାଇବା ପାଇଁ ଚଳିତ ବର୍ଷ ପ୍ରାୟ ୬ ଲକ୍ଷ ୯୫ ହଜାର ଚାରାରୋପଣର ଲକ୍ଷ୍ୟ ରହିଛି। 'ଆମ ଜଙ୍ଗଲ ଯୋଜନା' ଅଧୀନରେ ୧୯,୯୭୫ ହେକ୍ଟର ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର କରାଯାଇ ୪୩.୧୮ ଲକ୍ଷ ସ୍ଥାନୀୟ ହିତାଧିକାରୀଙ୍କୁ ୧,୪୮୮.୫୨ କୋଟି ଟଙ୍କାର ଜୀବିକା ଭିତ୍ତିକ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି।

**ଦୁଇ ବର୍ଷରେ ୫୫୮ ବର୍ଗ କିଲୋମିଟର ବନ ଆବରଣ ବୃଦ୍ଧି**

**ବିକାଶ ଓ ପରିବେଶ ପରସ୍ପରର ପରିପୂରକ: ମୁଖ୍ୟମନ୍ତ୍ରୀ**

**ଜଙ୍ଗଲ ସୁରକ୍ଷା ପାଇଁ ଆଗେଇ ଆସିବାକୁ ଦେଲେ ଆହ୍ୱାନ**

ରାଜ୍ୟର ଅନ୍ୟାନ୍ୟ ପ୍ରମୁଖ ପଦକ୍ଷେପ ବାବଦରେ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କାମ୍ପା ଯୋଜନାରେ ଆସନ୍ତା ବର୍ଷ ପାଇଁ ୨୦,୫୬୨ ହେକ୍ଟରରୁ ଅଧିକ ଜଙ୍ଗଲ ଜମିରେ ବୃକ୍ଷରୋପଣର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଜାପାନ ଅନ୍ତର୍ଜାତୀୟ ସଂସ୍ଥାର ସହାୟତାରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ମାଧ୍ୟମରେ ୧,୨୧୦ଟି ବନସୁରକ୍ଷା ସମିତିକୁ ସାମିଲ କରାଯାଉଛି। ଉପକୂଳ ଅଞ୍ଚଳର ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ 'ମିଷ୍ଟି' ଯୋଜନାରେ ୮୯ ହେକ୍ଟର ଅଞ୍ଚଳରେ ହେନ୍ତାଳ ବନ ସୃଷ୍ଟି ଏବଂ 'ଇସିଆରଆଇସିସି' ଯୋଜନାରେ ୨,୪୦୫ ହେକ୍ଟର ଲୁଣା ଜଙ୍ଗଲର ପୁନରୁଦ୍ଧାର କରାଯାଉଛି। ଏହା ସହିତ ବଜ୍ରପାତରୁ ରକ୍ଷା ପାଇବା ପାଇଁ ଗତ ଆର୍ଥିକ ବର୍ଷରେ ୧୭.୯୦ ଲକ୍ଷ ତାଳ ଚାରାରୋପଣ କରାଯାଇଛି। ଚଳିତ ଜୁଲାଇ ୧ ତାରିଖରୁ କେନ୍ଦ୍ର ଓ ରାଜ୍ୟର ମିଳିତ ସହଯୋଗରେ ଏକ ନୂତନ ଯୋଜନା 'ବିକଶିତ ଭାରତ - ରୋଜଗାର ଗ୍ୟାରେଣ୍ଟି ଏବଂ ଆଜୀବିକା ମିଶନ (ଗ୍ରାମୀଣ)' କାର୍ଯ୍ୟକାରୀ ହୋଇଛି, ଯାହା ବୃକ୍ଷରୋପଣ ସହ ଲୋକଙ୍କୁ ରୋଜଗାରକ୍ଷମ କରିବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଏକ ପେଡ୍ ମା କେ ନାମ' ଅଭିଯାନକୁ ଓଡ଼ିଶାବାସୀ ଏକ ଜନ ▶▶ ୫

**ଅହମଦାବାଦ ବିସ୍ଫୋରଣ: ନିମ୍ନ ଅଦାଲତ୍‌ଙ୍କ ନିଷ୍ପତ୍ତି ହାଇକୋର୍ଟରେ କାଏମ୍**

## ୩୮ ଦୋଷୀଙ୍କୁ ଫାଶୀ, ୧୧ଙ୍କୁ ଆଜୀବନ

**ଗାନ୍ଧୀନଗର,୭।୭/ଏଜେନ୍ସି:**

୨୦୦୮ ଅହମଦାବାଦ ସିରିଜ୍ ବୋମା ବିସ୍ଫୋରଣ ମାମଲାରେ ଗୁଜରାଟ ହାଇକୋର୍ଟ ମଙ୍ଗଳବାର ନିଜ ରାୟ ଶୁଣାଇଛନ୍ତି। ହାଇକୋର୍ଟ ନିଜ ରାୟରେ ୪୯ ଅଭିଯୁକ୍ତଙ୍କୁ ନିମ୍ନ ଅଦାଲତ ଦୋଷୀ ସାବ୍ୟସ୍ତ କରିଥିବା ନିଷ୍ପତ୍ତିକୁ କାଏମ ରଖିଛନ୍ତି। ହାଇକୋର୍ଟ ୩୮ ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଏବଂ ୧୧ ଜଣଙ୍କୁ ଆଜୀବନ କାରାଦଣ୍ଡ ନିଶ୍ଚିତ କରିଛନ୍ତି। ଏଥିସହ ହାଇକୋର୍ଟ ଦୋଷୀଙ୍କ ଦ୍ୱାରା ଦାୟର ସମସ୍ତ ଆବେଦନକୁ ମଧ୍ୟ ଖାରଜ କରିବା ସହ ବିସ୍ଫୋରଣରେ ପ୍ରାଣ ହରାଇଥିବା ପ୍ରତ୍ୟେକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଏ.ୱାଇ. କୋଗ୍‌ଜେ ଏବଂ ଜଷ୍ଟିସ୍ ସମୀର ଜେ. ଦାଭେଙ୍କୁ ନେଇ ଗଠିତ ଗୁଜୁରାଟ ହାଇକୋର୍ଟର ଏକ ସ୍ୱତନ୍ତ୍ର ଖଣ୍ଡପୀଠ ଆଜି ଏହି ରାୟ ଦେଇଛନ୍ତି।

୨୬ ଜୁଲାଇ ୨୦୦୮ରେ ଅହମଦାବାଦରେ ପ୍ରାୟ ୨୨ଟି ବୋମା ପଛକୁ ପଛ ବିସ୍ଫୋରଣ (ସିରିଜ୍ ବିସ୍ଫୋରଣ) ହୋଇଥିଲା, ଯେଉଁଥିରେ ୫୬ ଜଣ ପ୍ରାଣ ହରାଇଥିବା ବେଳେ ଶହ ଶହ ଲୋକ ଆହତ ହୋଇଥିଲେ। ବିସ୍ଫୋରଣ ଘଟିଥିବା ସ୍ଥାନଗୁଡ଼ିକ ମଧ୍ୟରେ ସିଭିଲ୍ ହସ୍ପିଟାଲ୍ ଏବଂ ଏଲ୍.ଜି. ହସ୍ପିଟାଲ୍ ସାମିଲ ଥିଲା। ଇଣ୍ଡିଆନ୍ ମୁଜାହିଦ୍ଦିନ ଆତଙ୍କୀ ସଂଗଠନ ଏହି ବିସ୍ଫୋରଣ ପାଇଁ ନିଜକୁ ଦାୟୀ କରିଥିଲା। ୨୦୨୨ ମସିହାରେ ଅହମଦାବାଦର ଏକ ସ୍ୱତନ୍ତ୍ର ଅଦାଲତ ଏହି ମାମଲାରେ ୭୭ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୪୯ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ସେମାନଙ୍କ ମଧ୍ୟରୁ ୩୮ ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିବା ବେଳେ ୧୧ ଜଣ ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଯାଇଥିଲା। ବାକି ୨୮ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଥିଲା ବେଳେ ଜଣେ ଅଭିଯୁକ୍ତ ସରକାରୀ ସାକ୍ଷୀ ସାଜିଥିଲା। ଅନ୍ୟପକ୍ଷେ ଘଟଣାକ୍ରମେ ଏହି ମାମଲା ହାଇକୋର୍ଟକୁ ଆସିଥିଲା। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି, ହାଇକୋର୍ଟ ମାମଲାର ▶▶ ୫

# ରୋଟାରୀ କ୍ଲବ୍ ଅଫ୍ କଟକ ମିଡଟାଉନ୍‌ର ଅଧିଷ୍ଠାନ ଉତ୍ସବ




**କଟକ,୭।୭/ଏନ୍‌ଏନ୍‌ଏସ୍:** କଟକ ଟ୍ୟାକ୍ସ ବାର୍ ଆସୋସିଏସନ ପରିସରରେ ରୋଟାରୀ କ୍ଲବ୍ ଅଫ୍ କଟକ ମିଡ୍‌ଟାଉନର ଅଧିଷ୍ଠାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମଣିପୁର ହାଇକୋର୍ଟର ପ୍ରାକ୍ତନ ମୁଖ୍ୟ ବିଚାରପତି ଲକ୍ଷ୍ମୀକାନ୍ତ ମହାପାତ୍ର ଯୋଗ ଦେଇଥିଲେ। ଦିଲ୍ଲୀପ କୁମାର ସାହୁ ସଭାପତି ଓ ଅରୁଣ କୁମାର ଦାସ ସମ୍ପାଦକ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। କ୍ଲବର ସଭାପତି ଡା. ବିଶ୍ୱରୂପ ଆଚାର୍ଯ୍ୟ ଓ ସମ୍ପାଦକ କୈଳାସ ଚନ୍ଦ୍ର ପାଢ଼ୀ ନୂତନ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏଥିସହ ୭ ସଦସ୍ୟଙ୍କୁ ମନୋନୀତ କରାଯାଇଥିଲା। ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଦିଲ୍ଲୀପ କୁମାର ପଟ୍ଟନାୟକ ଓ ଅଶୋକ ବିହାରୀ ମହାପାତ୍ର ସଦସ୍ୟମାନଙ୍କୁ ସ୍ୱାଗତ ଜଣାଇଥିଲେ। ପ୍ରୀତି ପ୍ରିୟଦର୍ଶିନୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବିଭୂତି ଭୂଷଣ ରାଉତ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ରେଲ୍‌ୱେ ସେଟଲ୍‌ମେଣ୍ଟ୍ ବିଦ୍ୟାଳୟରେ ବୃକ୍ଷରୋପଣ

**କଟକ,୭।୭/ଏନ୍‌ଏନ୍‌ଏସ୍:** ପରିବେଶ ସୁରକ୍ଷା ଏବଂ ସବୁଜିମା ବୃଦ୍ଧିର ଉଦ୍ଦେଶ୍ୟ ନେଇ ରେଲୱେ ସେଟଲମେଣ୍ଟ ବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ରଞ୍ଜିତା କୁମାରୀ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୩୮ ନମ୍ବର ୱାର୍ଡ କର୍ପୋରେଟର୍ ସୁଭାଶିଷ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କରିବା ସହ ପରିବେଶ ସୁରକ୍ଷାରେ ପ୍ରତ୍ୟେକ ନାଗରିକଙ୍କ ସକ୍ରିୟ ଭୂମିକାର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତା ପ୍ରିୟରଞ୍ଜନ ମହାପାତ୍ର, ସରୋଜ କୁମାର ରାଉତ, ସତ୍ୟବ୍ରତ ପଟ୍ଟନାୟକ, ଭୀମସେନ ସାବତ ଓ ସଞ୍ଜୀବ କୁମାର ମହାରଣା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରଜାତିର ଚାରାରୋପଣ କରିଥିଲେ। ଏହି ଅବସରରେ ସମସ୍ତ ଛାତ୍ରଛାତ୍ରୀ ପରିବେଶର ସନ୍ତୁଳନ ରକ୍ଷା, ବୃକ୍ଷ ସଂରକ୍ଷଣ ଏବଂ



ଅଧିକରୁ ଅଧିକ ବୃକ୍ଷରୋପଣ କରିବା ସହ ଜନସାଧାରଣଙ୍କ ମଧ୍ୟରେ ପରିବେଶ ସଚେତନତା ସୃଷ୍ଟି ପାଇଁ ଶପଥ ଗ୍ରହଣ କରିଥିଲେ। ଏହି ବୃକ୍ଷରୋପଣ ଅଭିଯାନରେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ବହୁସଂଖ୍ୟକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ସମସ୍ତ କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିଥିଲେ।

# ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନରେ 'ମେଘ ମହ୍ଲାର'

**କଟକ,୭।୭/ଏନ୍‌ଏନ୍‌ଏସ୍:** ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥା ଓ ଅସୀମ ଅଖଣ୍ଡ କ୍ରିଏଟିଭ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ 'ମେଘ ମହ୍ଲାର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ସତ୍ୟ ନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଓ ଫାଉଣ୍ଡେସନ୍‌ର ସଭାପତି ତଥା ଭାସ୍କର୍ଯ୍ୟ ଶିଳ୍ପୀ ରବି ନାରାୟଣ ରଥଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ନ୍ୟାୟମୂର୍ତ୍ତି ଅରୁଣ ପରିଚ୍ଛା ଉଦ୍‌ଘାଟନ କରିଥିଲେ। ଚିତ୍ରଶିଳ୍ପୀମାନେ ଛତା ଉପରେ ବିଭିନ୍ନ ଚିତ୍ର କରି ପ୍ରଦର୍ଶନ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ବିକାଶ ଦାସ, ଶରତ ନାୟକ ଏବଂ ଓମ୍ ପ୍ରକାଶ ମହାନ୍ତି, ପ୍ରଫେସର୍ ଅକ୍ଷୟ ଦାସ, ଆଇନଜୀବୀ ଗୌତମ ସିଦ୍ଧିକ, କୈଳାସ ଶତପଥୀ, ସିନେ ନିର୍ଦ୍ଦେଶକ ବସନ୍ତ ସାହୁ, ବିଜୟ ମଲ୍ଲ, ଅରୁଣ ମନ୍ତ୍ରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏସିପି କୃଷ୍ଣଚନ୍ଦ୍ର ସେଠୀ ବର୍ଷା ଉପରେ ଆଧାରିତ ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତ ଓ ବହୁ କଣ୍ଠଶିଳ୍ପୀ ମେଘ ମହ୍ଲାର ରାଗ ଆଧାରିତ ସଙ୍ଗୀତ ଗାନ କରିଥିଲେ। ପ୍ରିୟଙ୍କା ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ପ୍ରଜ୍ଞା ପ୍ରତିଭା ନାଥ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନିମ୍ନମାନର ରାସ୍ତା କାମ ବିରୋଧରେ ଜିଲ୍ଲାପାଳଙ୍କୁ ଦାବିପତ୍ର

**କଟକ,୭।୭/ଏନ୍‌ଏନ୍‌ଏସ୍:** ମଧୁସୂଦନ ସେତୁଠାରୁ ଚହଟା ପର୍ଯ୍ୟନ୍ତ ସଂଯୋଗ କରୁଥିବା ନବ ନିର୍ମିତ ଛଅ ଲେନ୍ ବିଶିଷ୍ଟ ରାସ୍ତା କାମ ନିମ୍ନମାନର ହୋଇଥିବା ଅଭିଯୋଗକରି ବିଡ଼ାନାସି ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତିନିଦିନ ତଳେ ଉକ୍ତ ରାସ୍ତାର ନିର୍ମାଣାଧୀନ ସାଇଡ୍ ୱାଲ୍ ଭୁଶୁଡ଼ି ପଡ଼ିବା ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଘଟଣା ପରେ ମେୟର୍, ସ୍ଥାନୀୟ ବିଧାୟିକା ଓ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ବିଭାଗୀୟ କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠାଇଥିଲେ। ନିର୍ମାଣ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ ସହ ଗୁଣାତ୍ମକ ମାନଦଣ୍ଡ ଅନୁଯାୟୀ ପୁନଃ ନିର୍ମାଣ କରାଯିବାକୁ ଗ୍ରାମବାସୀ ଦାବି ଦାବି କରିଛନ୍ତି।

# ଲାବଣ୍ୟବତୀ ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ଚିକିତ୍ସକ ଦିବସ

**କଟକ,୭।୭/ଏନ୍‌ଏନ୍‌ଏସ୍:** ଲାବଣ୍ୟବତୀ ଚାରିଟେବଲ୍ ଟ୍ରଷ୍ଟ ତରଫରୁ ଚିକିତ୍ସକ ଦିବସ ଡା.ରମେଶ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଶତାବ୍ଦୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏସସିବି ଭେଷଜ ବିଭାଗର ବିଭାଗୀୟ ମୁଖ୍ୟ ଡା. ଜୟନ୍ତ କୁମାର ପଣ୍ଡା ଉଦ୍‌ଘାଟକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସହ ନିର୍ଦ୍ଦେଶକ ଡା. ସତ୍ୟବ୍ରତ ମହାପାତ୍ର, ନେଫ୍ରୋଲୋଜି ବିଭାଗର ପ୍ରଫେସର ଡା. ଅରୁଣା ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ଶଲ୍ୟ ଚିକିତ୍ସକ ଡା. ହଳଧର ନାୟକ ସମ୍ମାନିତ ବକ୍ତା, ନ୍ୟୁରୋଲୋଜି ବିଭାଗର ସହକାରୀ ପ୍ରଫେସର ଡ.ଶୁଭଙ୍କର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚିକିତ୍ସକ ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ଟ୍ରଷ୍ଟର ଉପଦେଷ୍ଟା ପୁଷ୍ପିତା ମହାପାତ୍ର ସ୍ୱାଗତ ଭାଷଣ ଓ ଉପଦେଷ୍ଟା ବ୍ରହ୍ମା କୁମାରୀ ମମତା ମଞ୍ଜରୀ ଦାସ ଅତିଥି ପରିଚୟ ଦେଇଥିଲେ। କୋଷାଧ୍ୟକ୍ଷା ପଙ୍କଜିନୀ ପରିଡ଼ା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୪୦ ଜଣ ଡାକ୍ତରଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ଟ୍ରଷ୍ଟର ସଭାପତି ଦେବେନ୍ଦ୍ର କୁମାର ପରିଡ଼ା, ସମ୍ପାଦକ ଚିତ ରଞ୍ଜନ ପରିଡ଼ା, ଶୁଭଶ୍ରୀ ଅଗସ୍ତି, ସ୍ୱାଗତିକା ସେନାପତି ପ୍ରମୁଖ ସହଯୋଗ କରିଥିଲେ।

# ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ଦାବି ନେଇ ଆଲୋଚନା

## ରାଜ୍ୟ ସରକାରଙ୍କ ପଦକ୍ଷେପକୁ ସ୍ୱାଗତ କଲା ସଂଘ

**କଟକ,୭।୭/ଏନ୍‌ଏନ୍‌ଏସ୍:** ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ବିଭିନ୍ନ ଦାବି ପ୍ରତି ରାଜ୍ୟ ସରକାରଙ୍କ ସକାରାତ୍ମକ ପଦକ୍ଷେପକୁ ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପକ୍ଷରୁ ସ୍ୱାଗତ କରାଯିବା ସହ ମୁଖ୍ୟମନ୍ତ୍ରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଏବଂ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ କୃତଜ୍ଞତା ଜଣାଇଛନ୍ତି। ଗତ ଜୁଲାଇ ୨ତାରିଖରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ପରେ ସରକାର ପକ୍ଷରୁ ପ୍ରକାଶିତ କାର୍ଯ୍ୟ ବିବରଣୀକୁ ନେଇ ସଂଘର ରାଜ୍ୟ କାର୍ଯ୍ୟକାରିଣୀର ଏକ ସ୍ୱତନ୍ତ୍ର ଭର୍ଚୁଆଲ୍ ବୈଠକ ବସିଥିଲା। ବୈଠକରେ ସରକାରଙ୍କ ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା କରାଯିବା ସହ ଦୀର୍ଘଦିନର ବିଭିନ୍ନ ଦାବି ସମ୍ପର୍କରେ ସକାରାତ୍ମକ ଅଗ୍ରଗତି ହୋଇଥିବାରୁ ସଂଘ ପକ୍ଷରୁ ସନ୍ତୋଷ ପ୍ରକାଶ କରାଯାଇଥିଲା। ସୂଚନାନୁସାରେ, ଖାଲି ପଦବୀ ପୂରଣ, ଗ୍ରୁପ୍-ଡି କର୍ମଚାରୀଙ୍କୁ ଆଉଟସୋର୍ସିଂ ମାଧ୍ୟମରେ ନିଯୁକ୍ତି, 'ଏକ ଗ୍ରାମପଞ୍ଚାୟତ-ଏକ ରାଜସ୍ୱ ନିରୀକ୍ଷକ ସର୍କଲ' ଯୋଜନାକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିବା, କ୍ୟାଡର ପୁନର୍ଗଠନ ପ୍ରସ୍ତାବକୁ ସଭାରେ ଉପସ୍ଥାପନ, ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଗୁଡ଼ିକୁ ବାର୍ଷିକ ୨୫ ହଜାର ଟଙ୍କା କଣ୍ଟିଜେନ୍ସି ଗ୍ରାଣ୍ଟ୍ ଓ ସ୍ଥାୟୀ ଭ୍ରମଣ ଭତ୍ତା ପ୍ରଦାନ ଭଳି ପ୍ରସଙ୍ଗରେ ସରକାର ସକାରାତ୍ମକ ମନୋଭାବ ପ୍ରକାଶ କରିଛନ୍ତି। ଏହା ସହ ମୃତ ବ୍ୟକ୍ତି ପଟ୍ଟା ସମ୍ପର୍କିତ ଜଟିଳତାର ସମାଧାନ ଏବଂ କ୍ଷେତ୍ର ସ୍ତରରେ ଇଣ୍ଟରନେଟ୍, ବିଦ୍ୟୁତ୍ ଓ କାର୍ଯ୍ୟାଳୟ ଭିତ୍ତିଭୂମିର ସମୀକ୍ଷା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକ ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବା ସହ ଅବଶିଷ୍ଟ ଦାବି, ଯଥା ସମ୍ପୂର୍ଣ୍ଣ କ୍ୟାଡର ପୁନର୍ଗଠନ, ୧୯୮୩ ମସିହା ପରଠାରୁ କ୍ୟାଡର ପୁନର୍ଗଠନରେ ସଂଶୋଧନ ସହ ରୁଲ୍-୧୧ରେ ଥିବା ଅସଙ୍ଗତି ଦୂରୀକରଣ ଏବଂ ରାଜସ୍ୱ ପରିଦର୍ଶକ ପଦନାମକୁ 'ଡେପୁଟି ତହସିଲଦାର'ରେ ପରିବର୍ତ୍ତନ କରି ଆବଶ୍ୟକ ନିଷ୍ପତ୍ତି କ୍ଷମତା ପ୍ରଦାନ ଭଳି ଦାବି ଉପରେ ମଧ୍ୟ ସରକାର ସକାରାତ୍ମକ ବିଚାର କରିବେ ବୋଲି ସଂଘ ଆଶା ପ୍ରକାଶ କରିଛି। ଏଥିସହ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି ବୋଲି କଟକ ଜିଲ୍ଲା ସଂଘର ସଭାପତି ସଞ୍ଜୟ କୁମାର ବେହେରା ଏବଂ ସାଧାରଣ ସମ୍ପାଦକ ଅରୁଣ କୁମାର ବିଶ୍ୱାଳ କହିଛନ୍ତି।

## ବିଉଟି ମହାନ୍ତିଙ୍କ ମୃତ୍ୟୁ ମାମଲା

# ଆସିଲା ବ୍ୟବଚ୍ଛେଦ ରିପୋର୍ଟ



ଶ୍ୱାସରୁଦ୍ଧ ହୋଇ ଯାଇଛି ଜୀବନ

**କଟକ,୭।୭/ଏନ୍‌ଏନ୍‌ଏସ୍:** ଚାଉଳିଆଗଞ୍ଜ ଥାନାର ପୂର୍ବତନ ଆଇଆଇସି ବିଉଟି ମହାନ୍ତିଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ମଙ୍ଗଳବାର ପୁଲିସର ହସ୍ତଗତ ହୋଇଛି। ଶ୍ୱାସରୁଦ୍ଧ ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଥିବା କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ସୂଚନା ଦେଇଛନ୍ତି। ଏହି ମାମଲାରେ ପାରିପାର୍ଶ୍ୱିକ ସ୍ଥିତି, ଡିଜିଟାଲ ତଥ୍ୟ, ମୋବାଇଲ କଲ ରେକର୍ଡ ଆଦିରୁ ମୃତ୍ୟୁର ରହସ୍ୟ ଉନ୍ମୋଚନ କରିବା ପାଇଁ କମିଶନରେଟ ପୁଲିସର ତଦନ୍ତକାରୀ ଦଳ ପ୍ରୟାସ କରୁଛନ୍ତି। ମାମଲାର ତଦନ୍ତ ପାଇଁ ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଦଳର ଜଣେ ଏଡିସିପି, ଜଣେ ଏସିପି ଓ ୨ ଜଣ ଇନିସପେକ୍ଟର ସାମିଲ ହୋଇ ବିଭିନ୍ନ ଦିଗରୁ ମୃତ୍ୟୁର କାରଣକୁ ଅନୁଧ୍ୟାନ କରୁଛନ୍ତି। ସୂଚନାନୁସାରେ, ବିଉଟିଙ୍କ ସ୍ୱାମୀ ସମୀର ସ୍ୱାଇଁଙ୍କ ସମେତ ଭାଇ, ଭଉଣୀଙ୍କ ବୟାନ ରେକର୍ଡ କରାଯାଇଛି। ଜବତ ମୋବାଇଲକୁ ଫୋରେନ୍‌ସିକ ଲାବୋରାଟୋରୀକୁ ପରୀକ୍ଷଣ ପାଇଁ ପଠାଯାଇଛି। ଏଥିସହ ମୋବାଇଲ କଲ ରେକର୍ଡ ତଥ୍ୟ ମଗାଯାଇଥିବା ବେଳେ ତାହାକୁ ମଧ୍ୟ ଅପେକ୍ଷା କରାଯାଇଛି। ତଦନ୍ତର ଆଉ ଏକ ଦିଗ ଭାବେ ବିଉଟିଙ୍କ ବ୍ୟାଙ୍କ ଆକାଉଣ୍ଟ୍ କାରବାର ତଥ୍ୟକୁ ତର୍ଜମା କରାଯାଉଛି।



ମହାନଦୀରେ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ

# ଏବେ ବୋର୍ଡ ୱେବ୍‌ସାଇଟ୍‌ରେ ଡିଜିଟାଲ ସାର୍ଟିଫିକେଟ୍

**କଟକ,୭।୭/ଏନ୍‌ଏନ୍‌ଏସ୍:** ଚଳିତ ବର୍ଷ କୃତକାର୍ଯ୍ୟ ହୋଇଥିବା ମାଟ୍ରିକ ପରୀକ୍ଷାର୍ଥୀଙ୍କ ଉଚ୍ଚଶିକ୍ଷାରେ ନାମଲେଖା ପାଇଁ ଆବଶ୍ୟକ ହେଉଥିବା ଅରିଜିନାଲ ସାର୍ଟିଫିକେଟ୍ ପ୍ରସ୍ତୁତି ସରିନାହିଁ। ଏବର୍ଷ ପ୍ରଥମ ଥର ପାଇଁ ଦିଆଯିବାକୁ ଥିବା ଦ୍ୱିଭାଷୀ ମାଟ୍ରିକ ସାର୍ଟିଫିକେଟ ପ୍ରସ୍ତୁତିରେ ବିଳମ୍ବ ହେତୁ ଏପରି ସ୍ଥିତି ଦେଖାଦେଇଛି। ତେବେ ଏହି ସମସ୍ୟାକୁ ଦୂର କରିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ୱେବସାଇଟ୍ www.bseodisha.ac.in ରେ ଡିଜିଟାଲ ସାର୍ଟିଫିକେଟ ଉପଲବ୍ଧ କରାଯାଇଛି। ଛାତ୍ରୀଛାତ୍ରମାନେ ସେମାନଙ୍କ ରୋଲ ନମ୍ବର ବ୍ୟବହାର କରି ତାହାକୁ ଡାଉନଲୋଡ୍ କରିପାରିବେ। ନାମଲେଖା କାର୍ଯ୍ୟରେ ସେହି ଡିଜିଟାଲ ସାର୍ଟିଫିକେଟକୁ ବ୍ୟବହାର କରାଯିବ। ବୋର୍ଡର ପରୀକ୍ଷା ନିୟନ୍ତ୍ରକ ଏନେଇ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ କରି ସୂଚନା ଦେଇଛନ୍ତି। ଅପରପକ୍ଷରେ ଖୁବଶୀଘ୍ର ମୁଦ୍ରିତ ଦ୍ୱିଭାଷୀ ସାର୍ଟିଫିକେଟ ଛାତ୍ରୀଛାତ୍ର ମାନଙ୍କୁ ଯୋଗାଇ ଦିଆଯିବ ବୋଲି ସ୍ପଷ୍ଟ କରାଯାଇଛି। ସେହିପରି ରିଚେକିଂ ଆବେଦନ କରିଥିବା ଛାତ୍ରୀଛାତ୍ରମାନଙ୍କ ଅପଡେଟେଡ୍ ମାର୍କ ସାମସ୍ ପୋର୍ଟାଲରେ ବୋର୍ଡ ପକ୍ଷରୁ ଅପଲୋଡ୍ କରିଦିଆଯାଇଛି। ଏହାବାଦ ହାଇସ୍କୁଲରୁ ସ୍କୁଲ ଲିଭିଂ ସାର୍ଟିଫିକେଟ, କଣ୍ଡକ୍ଟ ସାର୍ଟିଫିକେଟ, ମାଇଗ୍ରେସନ୍ ସାର୍ଟିଫିକେଟ ପ୍ରଧାନଶିକ୍ଷୟିତ୍ରୀ/ପ୍ରଧାନଶିକ୍ଷକମାନେ ପ୍ରଦାନ କରିବେ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି।

## ପୂର୍ବାଞ୍ଚଳ ପରିଷଦ ସ୍ଥାୟୀ କମିଟି ବୈଠକ

# ସମନ୍ୱିତ ପ୍ରୟାସରେ ବିକାଶକୁ ଆଗେଇ ନେବା ପାଇଁ ପ୍ରତିବଦ୍ଧତା ପ୍ରକାଶ

**ଭୁବନେଶ୍ୱର,୭।୭/ଏନ୍‌ଏନ୍‌ଏସ୍:** ପୂର୍ବାଞ୍ଚଳ ପରିଷଦ ସ୍ଥାୟୀ କମିଟିର ପଞ୍ଚଦଶ ବୈଠକ ଆଜି ଭୁବନେଶ୍ୱର ଲୋକସେବା ଭବନସ୍ଥିତ ରାଜ୍ୟ କନଭେନସନ ସେଣ୍ଟର୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ କେନ୍ଦ୍ର ଗୃହ ମନ୍ତ୍ରାଳୟ ଅଧୀନସ୍ଥ ଆନ୍ତଃ-ରାଜ୍ୟ ପରିଷଦ ସଚିବାଳୟ ଦ୍ୱାରା ଓଡ଼ିଶା ସରକାରଙ୍କ ସହଯୋଗରେ ଆୟୋଜିତ ହୋଇଥିଲା। ଆୟୋଜକ ରାଜ୍ୟ ଭାବେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବିହାର, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗରୁ ବରିଷ୍ଠ ଅଧିକାରୀ ଓ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ର ଗୃହ ମନ୍ତ୍ରାଳୟ ଅଧୀନସ୍ଥ ଆନ୍ତଃରାଜ୍ୟ ପରିଷଦ ସଚିବାଳୟର ସଚିବ ଆଶିଷ ଶ୍ରୀବାସ୍ତବ, ବିହାରର ମୁଖ୍ୟ ଶାସନ ସଚିବ ପ୍ରତ୍ୟୟ ଅମୃତ, ଝାଡ଼ଖଣ୍ଡର ଉନ୍ନୟନ ଆୟୁକ୍ତ ଅଜୟ କୁମାର ସିଂହ, ପଶ୍ଚିମବଙ୍ଗ ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିନୋଦ କୁମାରଙ୍କ ସମେତ ଅଂଶଗ୍ରହଣକାରୀ ରାଜ୍ୟଗୁଡ଼ିକ ଏବଂ ଆନ୍ତଃରାଜ୍ୟ ପରିଷଦ ସଚିବାଳୟର ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ। ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଆନ୍ତଃ-ରାଜ୍ୟ ସମନ୍ୱୟକୁ ସୁଦୃଢ଼ କରିବା, ବିଭିନ୍ନ ପ୍ରସଙ୍ଗଗୁଡ଼ିକର ସମାଧାନକୁ ତ୍ୱରାନ୍ୱିତ କରିବା ଏବଂ ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ ସାମୂହିକ ସଂକଳ୍ପ ସହିତ ବୈଠକ ସଫଳତାର ସହ ସମାପ୍ତ ହୋଇଥିଲା। ଓଡ଼ିଶା ସରକାରଙ୍କ ଗୃହ, ଶିଳ୍ପ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବୈଠକରେ ମୋଟ ୭୪ଟି କାର୍ଯ୍ୟସୂଚୀ(ଏଜେଣ୍ଡା) ଆଲୋଚନା ପାଇଁ ଉପସ୍ଥାପିତ ହୋଇଥିଲା। ଏଥିମଧ୍ୟରେ ପୂର୍ବ ବୈଠକରୁ ରହିଥିବା ୧୨ଟି ପ୍ରସଙ୍ଗ, ୬୧ଟି ନୂତନ ପ୍ରସଙ୍ଗ ଏବଂ ଗୋଟିଏ ପ୍ରସ୍ତାବ ଅଂଶଗ୍ରହଣକାରୀ ରାଜ୍ୟଗୁଡ଼ିକର ଶ୍ରେଷ୍ଠ ପଦ୍ଧତି ଅବଲମ୍ବନ କରାଯାଉଥିବା ସମ୍ପର୍କିତ ସାମିଲ ଥିଲା। ବୈଠକରେ ଆଲୋଚିତ ବିଭିନ୍ନ ପ୍ରସଙ୍ଗ ମଧ୍ୟରେ ଆନ୍ତଃ-ରାଜ୍ୟ, ଉନ୍ନୟନମୂଳକ କାର୍ଯ୍ୟ ଏବଂ ସୁଶାସନ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ପ୍ରମୁଖ



ପ୍ରସଙ୍ଗଗୁଡ଼ିକ ମଧ୍ୟରେ ଆନ୍ତଃ-ରାଜ୍ୟ ଜଳ ସମସ୍ୟା, ବନ୍ୟା ପରିଚାଳନା, ଭିତ୍ତିଭୂମି ବିକାଶ, ରେଳ ପ୍ରକଳ୍ପ, ଥଇଥାନ ଓ ପୁନର୍ବାସ, କ୍ଷତିପୂରଣ, ପରିବେଶକୁ ଦୃଷ୍ଟିରେ ରଖି ସମ୍ବେଦନଶୀଳ ଅଞ୍ଚଳରେ ଖଣି କାର୍ଯ୍ୟକଳାପ ଓ ତଦ୍ ଜନିତ ସମସ୍ୟାର ସମାଧାନ, ମଣିଷ-ହାତୀ ସଂଘର୍ଷ ପରିଚାଳନା, ସାଇବର ସୁରକ୍ଷା, ଡିଜିଟାଲ ଭିତ୍ତିଭୂମି, ଦୂରସଞ୍ଚାର ସଂଯୋଗୀକରଣ, ବ୍ୟାଙ୍କିଂ ସେବା ବିହୀନ ଗ୍ରାମାଞ୍ଚଳରେ ବ୍ୟାଙ୍କିଂ ସୁବିଧା ଏବଂ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ସଂପର୍କିତ ଅନ୍ତର୍ଭୁକ୍ତ ଥିଲା। ସୁବର୍ଣ୍ଣରେଖା ବହୁମୁଖୀ ପ୍ରକଳ୍ପ ଏବଂ ଓଡ଼ିଶା ଓ ଝାଡ଼ଖଣ୍ଡକୁ ପ୍ରଭାବିତ କରୁଥିବା ବନ୍ୟାଜନିତ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଓଡ଼ିଶା ଓ ଝାଡ଼ଖଣ୍ଡର ଜଳସମ୍ପଦ ବିଭାଗର ସଚିବମାନଙ୍କୁ ନିଜ ନିଜ ଟିମ୍ ସହିତ ମିଳିତ ଆଲୋଚନା କରି ପରବର୍ତ୍ତୀ ପୂର୍ବାଞ୍ଚଳ ପରିଷଦ ବୈଠକ ପୂର୍ବରୁ ଏକ ସର୍ବୋତ୍ତମ ସମାଧାନ ବାହାର କରିବାକୁ ପରାମର୍ଶ ଦିଆଯାଇଛି। ପୂର୍ବାଞ୍ଚଳ ପରିଷଦ ଅନ୍ତର୍ଗତ ଅନ୍ୟ ରାଜ୍ୟଗୁଡ଼ିକ ସମ୍ପର୍କିତ ଆନ୍ତଃ-ରାଜ୍ୟ ନଦୀ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ଓଡ଼ିଶାର ଟେଲିକମ୍ ସଂଯୋଗୀକରଣ ସମ୍ପର୍କିତ ରହୁଥିବା ସମସ୍ୟା ଉପରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଅର୍ଥ ବିଭାଗର ପ୍ରମୁଖ ସଚିବ ଗୁରୁତ୍ୱାରୋପ କରି ବୈଠକରେ ଆଲୋଚନା କରିଥିଲେ। ବ୍ୟାଙ୍କିଂ ସେବା ବିହୀନ ଗ୍ରାମାଞ୍ଚଳରେ ବ୍ୟାଙ୍କିଂ ସେବାର କାର୍ଯ୍ୟକାରିତା, ନେଟୱର୍କ ସଂଯୋଗୀକରଣ, ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଅଧୀନରେ ଥିବା ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟକାରିତା ଏବଂ ସାଇବର ଅପରାଧ ତଦନ୍ତ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଝାଡ଼ଖଣ୍ଡରେ ବିଭିନ୍ନ ନଦୀବନ୍ଧ (ଡ୍ୟାମ) ନିର୍ମାଣ ସମ୍ବନ୍ଧୀୟ ପ୍ରସଙ୍ଗ ସହିତ ଥଇଥାନ, ପୁନର୍ବାସ ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ବିଷୟ ଉପରେ ଆଲୋଚନା କରାଯାଇଥିଲା। ରେଳବାଇ ସମ୍ବନ୍ଧୀୟ ପ୍ରସଙ୍ଗ, କ୍ଷତିପୂରଣ ସହିତ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ଅଗ୍ରଗତି ମଧ୍ୟ ସମୀକ୍ଷା କରାଯାଇଥିଲା। ଅନ୍ୟାନ୍ୟ ଏଜେଣ୍ଡା ମଧ୍ୟରେ ପୂର୍ବାଞ୍ଚଳ ପରିଷଦ ଅନ୍ତର୍ଗତ ରାଜ୍ୟଗୁଡ଼ିକରେ ପ୍ରମୁଖ ଖଣିଜ ବ୍ଲକଗୁଡ଼ିକର ନିଲାମ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମଜିଏସୱାଇ) ଅଧୀନରେ ସଡ଼କ ସଂଯୋଗୀକରଣ ଓ ସଫଳତା, ଜଳ ଜୀବନ ମିଶନ ୨.୦ର କାର୍ଯ୍ୟାନ୍ୱୟନ ସ୍ଥିତି, ସହରାଞ୍ଚଳ ମାଷ୍ଟର ପ୍ଲାନଗୁଡ଼ିକର ଅଦ୍ୟତନ କରାଯିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨.୦ (ପିଏମଏୱାଇ ୨.୦) ଅଧୀନରେ ଅନୁମୋଦନ ଓ ଅଗ୍ରଗତି, ବିଦ୍ୟାଳୟରୁ ଅଧାରୁ ପାଠପଢା ଛାଡ଼ିବା ହାର ହ୍ରାସ ପାଇଁ ପଦକ୍ଷେପ ଏବଂ "ସହକାର ସେ ସମୃଦ୍ଧି" ଅଧୀନରେ ସମବାୟ କ୍ଷେତ୍ର ସମ୍ବନ୍ଧୀୟ ପଦକ୍ଷେପ ଅନ୍ତର୍ଭୁକ୍ତ ଥିଲା। ଓଡ଼ିଶା ପକ୍ଷରୁ ନାଗରିକ-କୈନ୍ଦ୍ରିକ ଡିଜିଟାଲ ସୁଶାସନ ପଦକ୍ଷେପ ଭାବେ 'ଆମ ସାଥୀ' ହ୍ୱାଟସ୍ ?ଆପ୍ ଚାଟବଟ୍ ବ୍ୟବହାର ସଂପର୍କିତ ଉପସ୍ଥାପନ କରାଯାଇଥିଲା। ରାଜ୍ୟ ସରକାର ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନଙ୍କର ସାମାଜିକ-ଆର୍ଥିକ ସଶକ୍ତିକରଣ, ଯୋଜନାର କାର୍ଯ୍ୟକାରିତା ମୂଲ୍ୟାଙ୍କନ ଅଧ୍ୟୟନ ଏବଂ ସୁଭଦ୍ରାରୁ ମୁଦ୍ରା ଉଦ୍ୟୋଗୀ ହେବା ପଦକ୍ଷେପ ସମ୍ପର୍କରେ ମଧ୍ୟ ଆଲୋକପାତ କରାଯାଇଥିଲା। ବିହାର ସରକାରଙ୍କ ପକ୍ଷରୁ ରାଜ୍ୟରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ 'ଭବ୍ୟ' (ବିହାର ହେଲଥ ଆପ୍ଲିକେସନ୍ ଫର୍ ଭିଜନାରୀ ଯୋଜନା ଆଣ୍ଡ ଆକ୍ସନ୍) ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ସଂପର୍କରେ ଉପସ୍ଥାପନ କରାଯାଇଥିଲା। ଝାଡ଼ଖଣ୍ଡ ପକ୍ଷରୁ ମତ୍ସ୍ୟ କ୍ଷେତ୍ରରେ ଗ୍ରହଣ କରାଯାଇଥିବା ଶ୍ରେଷ୍ଠ ପଦ୍ଧତି, ବିଶେଷକରି ପରିତ୍ୟକ୍ତ କୋଇଲା ଓ ପଥର ଖଣିରୁ ସୃଷ୍ଟ ଜଳାଶୟ ମାନଙ୍କରେ କେଜ୍ କଲଚର( ଆଧୁନିକ ମାଛ ଚାଷ) ପ୍ରଣାଳୀ ସମ୍ପର୍କରେ ଉପସ୍ଥାପନ କରାଯାଇଥିଲା। ସେହିପରି ଏହି ରାଜ୍ୟ ପକ୍ଷରୁ ସେବିକା ବା ଅଙ୍ଗନୱାଡି କର୍ମୀ ଏବଂ ସହିୟା ବା ଆଶା କର୍ମୀଙ୍କ ମିଳିତ ଘର ପରିଦର୍ଶନ ଦ୍ୱାରା ପରିବାର ସ୍ତରରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆସିଥିବା ବିଷୟ ମଧ୍ୟ ଉଲ୍ଲେଖ କରାଯାଇଥିଲା। ପଶ୍ଚିମବଙ୍ଗ ପକ୍ଷରୁ ଶ୍ରେଣୀଗୃହରେ ସୃଜନଶୀଳତା ଓ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ପିଏମ୍ ଇ-ବିଦ୍ୟା ଅଧୀନରେ ଗ୍ରହଣ କରାଯାଇଥିବା ଅଭିନବ ପଦ୍ଧତି ସହ ଗବେଷଣାକକ୍ଷ-ଭିତ୍ତିକ ନବସୃଜନ ଉପରେ ଉପସ୍ଥାପନ କରାଯାଇଥିଲା। ଏହାସହ ଡ୍ରେଜିଂ ପଦ୍ଧତିରେ ବନ୍ୟା ପରିଚାଳନା, ରାଜସ୍ୱ ସୃଷ୍ଟି ଏବଂ ଇ-ନିଲାମ ମଡେଲ ସମ୍ପର୍କିତ ଉପସ୍ଥାପିତ ହୋଇଥିଲା। ଆନ୍ତଃରାଜ୍ୟ ପରିଷଦ ସଚିବାଳୟର ସଚିବ ଶ୍ରୀ ଶ୍ରୀବାସ୍ତବ ବୈଠକରେ ସଫଳତାର ସହ ବିଭିନ୍ନ ପ୍ରସଙ୍ଗ ଆଲୋଚନା ହୋଇ ବହୁ ପ୍ରସଙ୍ଗ ସମାଧାନ ହୋଇପାରିଛି ବୋଲି ପ୍ରକାଶ କରିଥିଲେ।

# ଖଟବିନ୍ ସାହି ପୂଜା କମିଟିର କର୍ମକର୍ତ୍ତା ମନୋନୟନ

**କଟକ,୭।୭/ଏନ୍‌ଏନ୍‌ଏସ୍:** ଖଟବିନ୍ ସାହି ପୂଜା କମିଟିର ନୂତନ କର୍ମକର୍ତ୍ତା ମନୋନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବରେ ତରୁନ୍ କୁମାର ଦେ, ଉପସଭାପତି ସର୍ବେଶ୍ୱର ବେହେରା, ସାଧାରଣ ସମ୍ପାଦକ ଶୁଭାନ୍ୱେଷ ମିଶ୍ର, ସହକାରୀ ସମ୍ପାଦକ ସୁରେଶ ଚନ୍ଦ୍ର ଦାନ୍, କୋଷାଧ୍ୟକ୍ଷ ପୀତବାସ ଦଲାଇ, ସହକୋଷାଧ୍ୟକ୍ଷ ଦେବାଶିଷ ହାଲଦାର ମନୋନୀତ ହୋଇଛନ୍ତି। ସେହିପରି ବଜାର କମିଟିର ସଦସ୍ୟ ଭାବେ ଅଜିତ୍ କୁମାର ସିଂହ, ଗୋପୀନାଥ ସିଲ୍, ଗିରିଧାରୀ ସିଲ୍ ଓ ଗୁନେଶ ତରାଇଙ୍କ ସମେତ ସଂଗଠନ ସମ୍ପାଦକ ଭାବେ ଦେବାଶିଷ ଦାନ୍ ଓ ଦୀପକ ତରାଇ ମନୋନୀତ ହୋଇଥିବା ବେଳେ କାର୍ଯ୍ୟକାରୀ କମିଟିର ୩୬ ଜଣ ମନୋନୀତ ହୋଇଛନ୍ତି।

# ରଥଯାତ୍ରା ସୁରକ୍ଷାକୁ ନେଇ ଡିଜିପିଙ୍କ ସମନ୍ୱୟ ବୈଠକ

**କଟକ,୭।୭/ଏନ୍‌ଏନ୍‌ଏସ୍:** ଆସନ୍ତା ଜୁଲାଇ ୧୬ରେ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା-୨୦୨୬ ଅନୁଷ୍ଠିତ ହେବାକୁ ଯାଉଛି। ଏହାକୁ ସୁରକ୍ଷିତ, ଶୃଙ୍ଖଳିତ, ତ୍ରୁଟିଶୂନ୍ୟ ଏବଂ ବିଭିନ୍ନ ସୁରକ୍ଷା ସଂସ୍ଥା ମଧ୍ୟରେ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ଆଜି ଅପରାହ୍ଣରେ ରାଜ୍ୟ ପୁଲିସ ମୁଖ୍ୟ କାର୍ଯ୍ୟାଳୟରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ପୁଲିସର ବରିଷ୍ଠ ଅଧିକାରୀମାନଙ୍କ ସହିତ କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ, ସୀମା ସୁରକ୍ଷା ବଳ, ରେଳ ସୁରକ୍ଷା ବଳ, ଭାରତୀୟ ତଟରକ୍ଷୀ ବାହିନୀ ଭଳି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ରଥଯାତ୍ରାର ସମସ୍ତ ସୁରକ୍ଷା ପ୍ରସଙ୍ଗ ଉପରେ ବିସ୍ତୃତ ସମୀକ୍ଷା କରିଥିଲେ। ରଥଯାତ୍ରା ସମୟରେ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳ, ଏନ୍‌ଏସ୍‌ଜି ଟିମ୍ ଏବଂ ଏନଏସଜି କ୍ୱିକ୍ ରେସପନ୍ସ ଟିମ୍‌ଗୁଡ଼ିକର ମୁତୟନ ଓ ରଣନୀତି ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ଚଳିତ ବର୍ଷ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଓଡ଼ିଶା ପୁଲିସ, ରେଳ ସୁରକ୍ଷା ବଳ ଏବଂ ଭାରତୀୟ ତଟରକ୍ଷୀ ବାହିନୀ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ମିଳିତ ଭାବେ କାର୍ଯ୍ୟ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ଜଳ, ସ୍ଥଳ ଏବଂ ଆକାଶମାର୍ଗରୁ ନଜର ରଖିବା, ଜନଗହଳି ନିୟନ୍ତ୍ରଣ, ଟ୍ରାଫିକ ପରିଚାଳନା ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ନେଇ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ପୁରୀ ସହରରେ ଅପରାଧ ନିୟନ୍ତ୍ରଣ ପାଇଁ ସମସ୍ତ ଥାନା ଅଞ୍ଚଳରେ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ହୋଟେଲ, ଲଜ, ମଠ, ମନ୍ଦିର, ବସ ଷ୍ଟାଣ୍ଡ, ରେଳ ଷ୍ଟେସନ, ଶ୍ରମିକଙ୍କ ରହଣି ସ୍ଥଳ, ଧର୍ମଶାଳା ଆଦି ସ୍ଥାନ ଗୁଡିକରେ ତନ୍ନ ତନ୍ନ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଡିଜିପି ଶ୍ରୀ ଖୁରାନିଆ ରଥଯାତ୍ରା ସମୟରେ ସମସ୍ତ ସୁରକ୍ଷା ଓ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ତୃଣମୂଳ ସ୍ତରରୁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ବରିଷ୍ଠ ପୁଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର, ଗୁଇନ୍ଦା ନିର୍ଦ୍ଦେଶକ ଆର. ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଅତିରିକ୍ତ ନିର୍ଦ୍ଦେଶକ ରାଜେଶ ସୁବର୍ଣ୍ଣ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ରାଜେଶ କୁମାର, ଆଇଜିପି ଅମିତେନ୍ଦ୍ର ନାଥ ସିହ୍ନା, ଆଇଜିପି ଡଃ ଦୀପକ କୁମାର, ଆଇଜିପି ଆଲୋକ ଭୋରା ଉପସ୍ଥିତ ଥିଲେ। ଆଇଜି ସତ୍ୟଜିତ ନାୟକ, ପୁରୀ ଏସପି ପ୍ରତୀକ ସିଂ ଆଭାସି ମାଧ୍ୟମରେ ଏହି ବୈଠକରେ ଯୋଗ ଦେଇଥିଲେ।










ରାଜ୍ୟସ୍ତରୀୟ ୭୭ ତମ ବନ ମହୋତ୍ସବ ଅବସରରେ କପିଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ

# ଶିଶୁ କନ୍ୟାକୁ ଝୁଣିଲେ ୨ ବୁଲା କୁକୁର



**ବ୍ରହ୍ମପୁର,୭।୭/ଏନ୍‌ଏନ୍‌ଏସ୍:** ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ମହାନାଳା ଗ୍ରାମର ସରସ୍ୱତୀ ଶିଶୁ ମନ୍ଦିରରେ ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ପାଟପୁର ଗ୍ରାମର ପ୍ରମୋଦ ସାହୁଙ୍କ ଝିଅ ଖନ୍ନି ରାଣୀ ସାହୁ(୬)ଙ୍କୁ ୨ ବୁଲା କୁକୁର ଝୁଣି ଖଣ୍ଡିଆ ଖାବରା କରି ପକାଇଥିବା ଜଣାପଡ଼ିଛି। ଖନ୍ନିରାଣୀକୁ ଗୁରୁତର ଅବସ୍ଥାରେ ନିକଟସ୍ଥ ଆଡ଼ପଡ଼ା ଗ୍ରାମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ପରିବାର ଲୋକେ ତାଙ୍କୁ ଘରକୁ ନେଇଯାଇଥିବା ଜଣାପଡ଼ିଛି। ଅପରାହ୍ନ ପ୍ରାୟ ୧ଟାରେ ଘଣ୍ଟାଏ ଛୁଟିରେ ଖନ୍ନିରାଣୀ ପରିସ୍ରା ପାଇଁ ଶିଶୁ ମନ୍ଦିର ବାରି ପଟକୁ ଯାଇଥିଲେ। ସେଠାରେ ପ୍ରାୟ ୫/୬ଟି ବୁଲା କୁକୁର ଥିଲେ। ସେଥିରୁ ୨ଟି କୁକୁର ଆସି ତାଙ୍କୁ କାମୁଡି ଦେଇଥିଲେ। ଖନ୍ନିରାଣୀ ଚିତ୍କାର କରିବାରୁ କିଛି ଅଚାର୍ଯ୍ୟା ଦୌଡ଼ି ଯାଇ ତାଙ୍କୁ କୁକୁରଙ୍କ କବଳରୁ ଉଦ୍ଧାର କରିଥିଲେ। ଗତ ମେ ୨୫ ତାରିଖରେ ସେହି ମହାନଳା ଗ୍ରାମ ସାରଙ୍ଗ ବିହାର ଛକ ନିକଟରେ ଏକ ଭଡା ଘରେ ରହୁଥିବା ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡା ଗ୍ରାମର ବିଶିକେଶନ ଗୌଡ଼ଙ୍କ ଏକମାତ୍ର ପୁଅ ଆରୁଷ କୁମାର ଗୌଡ଼(୬)ଙ୍କୁ ୬ ବୁଲା କୁକୁର ଝୁଣି ଖଣ୍ଡିଆ ଖାବରା କରି ପକାଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ନିଆଯାଇଥିଲା ।

## କଳବଳ କରୁଛି କାଣୀ ନଦୀ

# କଣ୍ଟାପଡ଼ା ନିକଟରେ ୭୦ଫୁଟ ଲମ୍ବର ୨ ଘାଇ

**ଯାଜପୁର,୭।୭/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକରେ ପ୍ରବାହିତ ବୈତରଣୀ ଏବଂ ଶାଖା କାଣୀ ନଦୀରେ ବନ୍ୟା ସ୍ଥିତି ଅପରିବର୍ତ୍ତିତ ରହିଛି। ବୈତରଣୀ ନଦୀର ଉପର ମୁଣ୍ଡରେ ବନ୍ୟା ପାଣି ହ୍ରାସ ପାଇଥିଲେ ମଧ ତଳ ମୁଣ୍ଡରେ ବନ୍ୟା ପାଣି ମାଡ଼ିବାରେ ଲାଗିଛି। ମୁଖ୍ୟତଃ କାଣୀ ନଦୀ ଅବବାହିକାରେ ଥିବା କଣ୍ଟପଡା ନିକଟରେ ସୃଷ୍ଟି ୭୦ଫୁଟରୁ ଅଧିକ ଆକାରର ୨ଟି ଘାଇ ଯୋଗୁ ବ୍ଲକର ମଲ୍ଲୀକାପୁର, ଦୁଦୁରାଅନ୍ତା, ଶୁଣ୍ଡୁଆ, ମଙ୍ଗଳପୁର, କନିକାପଡା, ନିଜାମପୁର, ଦଉପୁର, ଖାନନଗର, କମାରଡିହି, କର୍ଯ୍ୟାଁ ପଂଚାୟତବାସୀଙ୍କ ଅବସ୍ଥା ଦୁର୍ବିସହ ହୋଇପଡ଼ିଛି। ସେହିପରି ବ୍ଲକର ଜୟନ୍ତରା, କଟିକଟା (ଆଂଶିକ) ପଞ୍ଚାୟତ ସମେତ ମୋଟ ୧୨ଟି ପଞ୍ଚାୟତରେ ଥିବା ପ୍ରାୟ ୨ହଜାର ହେକ୍ଟର ଚାଷଜମି ଜଳମଗ୍ନ ହୋଇପଡ଼ିଛି। ଏହି ସବୁ ଅଞ୍ଚଳର ଖରିଫ ଧାନ ଚାଷୀ ନିଜସ୍ୱ ଉଦ୍ୟମରେ ବିହନ କ୍ରୟ କରି ଧାନ ଚାଷ ପାଇଁ ତଳି ପକାଇଥିଲେ। ଏବେ ବନ୍ୟା ପାଣିରେ ବୁଡ଼ି ନଷ୍ଟ ହୋଇଯାଇଛି। ପୁନର୍ବାର ବିହନ କ୍ରୟ କରି ଧାନ ଚାଷ କରିବା ସେମାନଙ୍କ ପକ୍ଷେ କଷ୍ଟକର ହୋଇପଡ଼ି ଥିବାରୁ



ସରକାରଙ୍କ ତରଫରୁ ଅଞ୍ଚଳର ଚାଷୀଙ୍କୁ ବିହନ ଯୋଗାଇ ଦେବାକୁ ଅନେକ ଚାଷୀ ଦାବି କରିଛନ୍ତି। କହିବାକୁ ଗଲେ ଚଳିତ ବର୍ଷ ବାରମ୍ବାର ବନ୍ୟା ଦଶରଥପୁର ବ୍ଲକର ନଦୀକୂଳିଆ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ତେବେ ଆଜି ସକାଳୁ ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳେଇ, ଏସଡିଓ ଅନ୍ତର୍ଯ୍ୟାମୀ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ତ୍ରିପାଠୀ କଣ୍ଟପଡା ଘାଇ ସମେତ ବୈତରଣୀ ଓ କାଣୀ ନଦୀର ସମ୍ଭାବିତ ଦୁର୍ବଳ ସ୍ଥାନ ନିରୀକ୍ଷଣ କରିଥିଲେ। ନଦୀବନ୍ଧର ଏକାଧିକ ଦୁର୍ବଳ ସ୍ଥାନରେ ଜଳସମ୍ପଦ ବିଭାଗ ପକ୍ଷରୁ ଯୁଦ୍ଧ କାଳୀନ ଭିତ୍ତିରେ ବାଲି ବସ୍ତା ମାଧ୍ୟମରେ ମରାମତି କରାଯାଉ ଥିବା ଦେଖିବାକୁ ମିଳିଥିଲା। କଣ୍ଟପଡ଼ା ଘାଇ ସମସ୍ୟା ଡ୍ରେନେଜ ବିଭାଗର ଅବହେଳା ବୋଲି ଜଳସମ୍ପଦ ବିଭାଗ ଅଧିକାରୀ ମାନେ ମତବ୍ୟକ୍ତ କରିଥିବା ବେଳେ ପୂର୍ବାହ୍ନରେ ଡ୍ରେନେଜ ବିଭାଗ

### ୨ହଜାର ହେକ୍ଟର ଚାଷଜମି ଜଳମଗ୍ନ

ଏସଡିଓ ଜୟ ପ୍ରକାଶ ସାହୁ କଣ୍ଟାପଡା ଘାଇ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ପରେ ବନ୍ୟା ପାଣି କମିବା ପରେ ସମ୍ପୃକ୍ତ ସ୍ଥାନରେ ଯୁଦ୍ଧକାଳୀନ ଭିତ୍ତିରେ ଘାଇ ମରାମତି କରାଯିବ ଏବଂ ଏହାର ସ୍ଥାୟୀ ସମାଧାନ ନିମନ୍ତେ ୨୪କୋଟି ଅର୍ଥ ମଞ୍ଜୁର ହୋଇସାରିଛି। ଟେଣ୍ଡର ମଧ ଫାଇନାଲ ହୋଇସାରିଛି। ଖୁବ ଶୀଘ୍ର ଏହି ନାଳକୁ ଖୋଲା ଯିବା ସହିତ ବନ୍ଧ ସୁଦୃଢ଼ୀକରଣ କରାଯିବ ବୋଲି ସ୍ଥାନୀୟ ବାସିନ୍ଦାଙ୍କୁ ସୂଚନା ଦେଇଥିଲେ।

## ତ୍ରୁଟିପୂର୍ଣ୍ଣ ବହି ପ୍ରସଙ୍ଗରେ ବିଜେଡିର ନିଷ୍ପତ୍ତି

# ୯ରୁ ୧୫ ରାଜ୍ୟବ୍ୟାପୀ ଶିକ୍ଷା ବଞ୍ଚାଓ ଅଭିଯାନ

**ଭୁବନେଶ୍ୱର,୭।୭/ଏନ୍‌ଏନ୍‌ଏସ୍:** ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ମାଳ ମାଳ ତ୍ରୁଟି ରହିଛି। ଏହା ବିରୁଦ୍ଧରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ରାଜରାସ୍ତାକୁ ଓହ୍ଲାଇ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ସ୍ଥିର କରାଯାଇଛି। ଜୁଲାଇ ୯ରୁ ୧୫ ତାରିଖ ପର୍ଯ୍ୟନ୍ତ ଶିକ୍ଷା ବଞ୍ଚାଓ ଅଭିଯାନକୁ ନେଇ ରାଜ୍ୟବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସ୍ଥିର ହୋଇଛି।

ବିଜେଡି ପକ୍ଷରୁ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ସରକାର ବିରୁଦ୍ଧରେ ବର୍ଷିଛନ୍ତି। ଚାନ୍ଦବାଲି ବିଧାୟକ ତଥା ବରିଷ୍ଠ ସାଧାରଣ ସମ୍ପାଦକ ବ୍ୟୋମକେଶ ରାୟ, ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାନେତ୍ରୀ ଇପ୍ସିତା ସାହୁ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି ।

ବିଧାୟକ ଶ୍ରୀ ରାୟ କହିଛନ୍ତି ଯେ, ପାଠ୍ୟ ପୁସ୍ତକରେ ୨୦୦୦ରୁ ଅଧିକ ତ୍ରୁଟି ରହିଛି। ତ୍ରୁଟିପୂର୍ଣ୍ଣ ପୁସ୍ତକଗୁଡ଼ିକ ପ୍ରତ୍ୟାହାର କରିବା ନେଇ ସରକାରୀସ୍ତରରେ ଘୋଷଣା କରାଯାଇଥିଲା। କିନ୍ତୁ ତାହା ହେଲା ନାହିଁ। ଏହିଭଳି ପରିସ୍ଥିତିରେ ଛାତ୍ରଛାତ୍ରୀମାନଙ୍କ ଅଭିଭାବକ ମାନେ ପିଲାଙ୍କ ଭବିଷ୍ୟତ ନେଇ ଚିନ୍ତିତ ରହିଛନ୍ତି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପ୍ରାକ ଶିକ୍ଷାର ସମୟ ଥିବା ବେଳେ ତାହା ଭୁଶୁଡ଼ି ପଡ଼ିଲାଣି। ତ୍ରୁଟିପୂର୍ଣ୍ଣ ପୁସ୍ତକ ପ୍ରତ୍ୟାହାର କରି ନୂତନ ପୁସ୍ତକ ପ୍ରଦାନ କରିବା ନେଇ ବିଜୁ ଯୁବ ଓ ଛାତ୍ର ଜନତା ଦଳର ବାରମ୍ବାର ଆନ୍ଦୋଳନ ପରେ ବି ପଦକ୍ଷେପ ଶୂନ୍ୟ ରହିଛି। ସେହିପରି ଚିନ୍ମୟ ସାହୁ କହିଛନ୍ତି ଯେ, ତ୍ରୁଟିକୁ ଲୁଚାଇବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଲୋକଙ୍କୁ ଠକିବାରେ ଲାଗିଛନ୍ତି। ତ୍ରୁଟିକୁ ଶିକ୍ଷା ମନ୍ତ୍ରୀ ଖଣ୍ଡନ କରିବା ବେଳେ ସଚିବ ଅନ୍ୟ ପ୍ରତିକ୍ରିୟା ଦେଉଛନ୍ତି। କାହାରି କଥାରେ ସାମଞ୍ଜସ୍ୟ ରହୁନାହିଁ। ଏନେଇ ପଦକ୍ଷେପ ଗ୍ରହଣ ନକରିବା ପର୍ଯ୍ୟନ୍ତ ବିଜେଡି ଆନ୍ଦୋଳନ ଜାରି ରଖିବ ବୋଲି କହିଛନ୍ତି। ଯାହାକୁ ନେଇ ରାଜ୍ୟବ୍ୟାପୀ ବିରାଟ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଇପ୍ସିତା ସାହୁ କହିଛନ୍ତି ଯେ, ପିଲାଙ୍କ ଭବିଷ୍ୟତ ନେଇ ବିଜେପି ସରକାରଙ୍କ ଚକ୍ରାନ୍ତ ବିରୁଦ୍ଧରେ ବିଜେଡି ଲଢ଼େଇ ଜାରି ରଖିବ।

## ସଡ଼କ ଦୁର୍ଘଟଣା ହ୍ରାସ ପାଇଁ କଠୋର ଆଭିମୁଖ୍ୟ

# ଫିଟ୍‌ନେସ୍ ନିୟମ ଉଲ୍ଲଙ୍ଘନ କଲେ ଜବତ ହେବ ଗାଡ଼ି

**ଭୁବନେଶ୍ୱର,୭।୭/ଏନ୍‌ଏନ୍‌ଏସ୍:** ସଡ଼କ ଦୁର୍ଘଟଣା ହ୍ରାସ ତଥା ସମସ୍ତ ସଡ଼କ ବ୍ୟବହାରକାରୀଙ୍କୁ ସୁରକ୍ଷାକୁ ଦୃଷ୍ଟିରେ ରଖି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟରେ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ ଜାରି ରହିଛି। ତେବେ ଅଭ୍ୟାସଗତ ନିୟମ ଉଲ୍ଲଙ୍ଘନକାରୀ ଓ ସଡ଼କ ସୁରକ୍ଷା ନିୟମ ପାଳନକୁ ନେଇ ଗୁରୁତର ତ୍ରୁଟି କରୁଥିବା ଗାଡ଼ି ଗୁଡ଼ିକୁ ଅଙ୍କୁଶ ଲଗାଇବାକୁ ଆଭିମୁଖ୍ୟକୁ ଆହୁରି କଠୋର କରିବାକୁ ନିଷ୍ପତ୍ତି ହୋଇଛି। ଏଭଳି ଗାଡ଼ିକୁ କେବଳ ଜରିମାନା ଲାଗୁ କରି ଛାଡ଼ିଦେବା ବଦଳରେ ମୋଟର ଯାନ ନିୟମ ଅନୁଯାୟୀ ଜବତ କରିବା ଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି। ଏହି ସନ୍ଦର୍ଭରେ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଏବଂ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଓ ଏନ୍‌ଫୋର୍ସମେଣ୍ଟ ଅଧିକାରୀଙ୍କୁ ସର୍କୁଲାର ଜାରି କରି ଅବଗତ କରାଇଛି ରାଜ୍ୟ ପରିବହନ ପ୍ରାଧିକରଣ। ଏଥିରେ ଦର୍ଶାଯାଇଛି ଯେ, ଗତ ଏପ୍ରିଲ ପହିଲାରୁ ୩୦ ଜୁନ୍ ୨୦୨୬ ମଧ୍ୟରେ ହୋଇଥିବା ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟର ସମୀକ୍ଷାରୁ ଜଣାପଡ଼ିଛି ଯେ, ନିୟମ ଉଲ୍ଲଙ୍ଘନ କରି ଚଳାଚଳ କରୁଥିବା ମୋଟର ଯାନଗୁଡ଼ିକ ବିରୋଧରେ ମୋଟର ଯାନ ଆଇନର ଧାରା ୧୯୨ ଅଧୀନରେ ଅନେକ ଚାଲାଣ ଜାରି ହୋଇଥିଲେ ସୁଦ୍ଧା ଧାରା



୨୦୭ ଅନୁଯାୟୀ ଗାଡ଼ି ଜବତ ସଂଖ୍ୟା କମ୍ ରହିଛି। ଏହି ସମୟରେ ସାରା ରାଜ୍ୟରେ ୧,୬୪,୮୮୨ ଚାଲାଣ ଜାରି ହୋଇଥିବା ବେଳେ ମାତ୍ର ୪୨୮ ଟି ଗାଡ଼ି ଜବତ ହୋଇଛି। କେବଳ ଚାଲାଣ ଜାରି କରି ଅଯୋଗ୍ୟ ଏବଂ ଅନୁପଯୁକ୍ତ ଗାଡ଼ିକୁ ଛାଡ଼ିଦେବା ଦ୍ୱାରା ସଡ଼କ ସୁରକ୍ଷା ଉଦ୍ଦେଶ୍ୟ ସାଧିତ ହେଉନାହିଁ। ଏଭଳି ଅନୁପଯୁକ୍ତ ଗାଡ଼ି ଗୁଡ଼ିକ ବିନା ଉଚିତ୍ ସୁଧାରରେ ପୁଣି ଥରେ ରାସ୍ତାକୁ ଆସୁଛନ୍ତି। ଏହି ବେଆଇନ ଗାଡ଼ି ଚଳାଚଳ ଯୋଗୁଁ ଅନେକ ସମୟରେ ମର୍ମନ୍ତୁଦ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ତେଣୁ ଏଣିକି ଯଦି କୌଣସି ଗାଡ଼ି ଫିଟନେସ୍ ବିନା ଗାଡ଼ି ଚଳାଉଛନ୍ତି, ତେବେ ସେମାନଙ୍କ ବିରୋଧରେ କଠୋର ଆଭିମୁଖ୍ୟ ସ୍ୱରୂପ ଗାଡ଼ି ଜବତ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ସେହିଭଳି ପଞ୍ଜିକରଣ, ପରମିଟ୍ କିମ୍ବା ବୀମା ନିୟମ ଉଲ୍ଲଙ୍ଘନ କ୍ଷେତ୍ରରେ ମଧ କଡ଼ା ଆଭିମୁଖ୍ୟ ପୋଷଣ କରିବା ପାଇଁ କୁହାଯାଇଛି। ତେବେ ଏହି ପଦକ୍ଷେପରେ ପାରଦର୍ଶିତା ଲାଗି କୁହାଯାଇଛି ଯେ, ଯଦି ଏଭଳି କୌଣସି ଗାଡ଼ିକୁ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଜବତ କରନ୍ତି କିମ୍ବା ନ କରନ୍ତି, ଉଭୟ କ୍ଷେତ୍ରରେ ସେମାନେ କାର୍ଯ୍ୟାନୁଷ୍ଠାନର ଉଚିତ୍ କାରଣ ଦର୍ଶାଇବେ। ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ କୌଣସି ବି ଅଧିକାରୀ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ନରମ ଆଭିମୁଖ୍ୟ ପୋଷଣ ନ କରିବାକୁ କୁହାଯାଇଛି। ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ କୁହାଯାଇଛି ଯେ, ସଡ଼କ ଦୁର୍ଘଟଣା ହ୍ରାସକୁ ମିଶନ ଭାବରେ ଗ୍ରହଣ କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ନିୟମ ଉଲ୍ଲଙ୍ଘନକାରୀଙ୍କ ଯୋଗୁଁ ନିରୀହ ଜୀବନ ଅକାଳରେ ଚାଲିଯାଉଛି। ବିନା ଫିଟ୍‌ନେସ୍ ଗାଡ଼ି ଯୋଗୁଁ ଦୁର୍ଘଟଣା ବଢୁଛି। ତେବେ ଏହି ବିନା ଫିଟ୍‌ନେସ୍ ଗାଡ଼ି ଚଳାଚଳ ଚିତ୍ରରେ ସୁଧାର ପାଇଁ ଆହୁରି କଡ଼ା ଆଭିମୁଖ୍ୟ ଗ୍ରହଣର ଆବଶ୍ୟକତା ରହିଛି।

## ସଂସ୍କୃତ ବିଦ୍ୱାନମାନଙ୍କୁ ରାଜ୍ୟପାଳଙ୍କ ଆହ୍ୱାନ

# ଏଆଇ-ଚାଳିତ ନବସୃଜନରେ ଅଗ୍ରଣୀ ଭୂମିକା ଗ୍ରହଣ କରନ୍ତୁ

### ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ୪୬ତମ ପ୍ରତିଷ୍ଠା ଦିବସ

**ପୁରୀ, ଭୁବନେଶ୍ୱର,୭।୭/ଏନ୍‌ଏନ୍‌ଏସ୍:** ସଂସ୍କୃତ ବିଦ୍ୱାନମାନେ ଏଆଇ-ଚାଳିତ ନବସୃଜନରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ମଙ୍ଗଳବାର ପୁରୀସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ୪୬ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ ଛାତ୍ରଛାତ୍ରୀମାନଙ୍କୁ ଭାରତର ସମୃଦ୍ଧ ଜ୍ଞାନ ଐତିହ୍ୟକୁ ସଂରକ୍ଷଣ କରିବା ସହିତ କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ଡିଜିଟାଲ୍ ପ୍ରଯୁକ୍ତି ଏବଂ ବୈଜ୍ଞାନିକ ଗବେଷଣାରେ ନବସୃଜନ ଆଣିବା ପାଇଁ ସଂସ୍କୃତର ସମ୍ଭାବନାକୁ ଉପଯୋଗ କରିବାକୁ ପ୍ରୋତ୍ସାହିତ କରିଥିଲେ। ଏଥି ସହିତ ଛାତ୍ରଛାତ୍ରୀ ପ୍ରାଚୀନ ପାଣ୍ଡୁଲିପି ଗବେଷକ, ଡିଜିଟାଲ୍ ଅଭିଲେଖର ଉଦ୍ଭାବକ , ଏଆଇ ବିଶେଷଜ୍ଞ, ପାରମ୍ପରିକ ବିଜ୍ଞାନରେ ବିଦ୍ୱାନ ଏବଂ ସାଂସ୍କୃତିକ ଦୂତ ଭାବରେ ନିଜକୁ ଗଢ଼ି ତୋଳିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ।

ରାଜ୍ୟପାଳ କହିଥିଲେ ଯେ, ହଜାର ହଜାର ଅମୂଲ୍ୟ ସଂସ୍କୃତ ପାଣ୍ଡୁଲିପି ଏପର୍ଯ୍ୟନ୍ତ ଅଧ୍ୟୟନ, ସଂରକ୍ଷଣ, ଡିଜିଟାଇଜେସନ୍ ଏବଂ ଅନୁବାଦ ହୋଇନାହିଁ। ଏଗୁଡ଼ିକ ବିଶ୍ୱର ଉପକାର ପାଇଁ ବିଶାଳ ଜ୍ଞାନ ଭଣ୍ଡାର ଅଟେ। ସଂସ୍କୃତକୁ କେବଳ ପ୍ରାଚୀନ ନୁହେଁ ବରଂ ଏକ "ଶାଶ୍ୱତ ଭାଷା" ବୋଲି ବର୍ଣ୍ଣନା କରିଥିଲେ। ଗତ ୪୬ ବର୍ଷ ଧରି ଏହି ବିଶ୍ୱବିଦ୍ୟାଳୟ ବିଶ୍ୱର ସର୍ବପ୍ରାଚୀନ ଜ୍ଞାନ ପରମ୍ପରାକୁ





ସଂରକ୍ଷଣ ଓ ପ୍ରଚାର-ପ୍ରସାର କରିବାରେ ପ୍ରଶଂସନୀୟ ଅବଦାନ ରଖିଛି। ଓଡ଼ିଶାର ସଭ୍ୟତାଗତ ଐତିହ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥ କୈନ୍ଦ୍ରିକ ଏବଂ ଏହା ସମାନତା, ଅନ୍ତର୍ଭୁକ୍ତି ଏବଂ ବିଶ୍ୱ ଭ୍ରାତୃତ୍ୱର ଆଦର୍ଶକୁ ପ୍ରତିଫଳିତ କରେ ଯାହା ବିଶ୍ୱବିଦ୍ୟାଳୟକୁ ଏହି ଐତିହ୍ୟର ଉପଯୁକ୍ତ ସଂରକ୍ଷକ ଭାବେ ଗଢ଼ିଛି ବୋଲି ରାଜ୍ୟପାଳ କହିଥିଲେ। ଏହି ଅବସରରେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରେଜିଷ୍ଟ୍ରାର ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା ୨୦୨୫-୨୬ ବର୍ଷର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ପିଜି କାଉନ୍ସିଲ ଅଧକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ମଧ ଏହି ସମାରୋହରେ ଉପସ୍ଥିତ ଥିଲେ।

ମଞ୍ଚରେ ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ପୂର୍ବତନ କାର୍ଯ୍ୟବାହୀ କୁଳପତି ପ୍ରଫେସର ଦତ୍ତାତ୍ରେୟ ମୂର୍ତ୍ତି ଏବଂ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଉପସ୍ଥିତ ରହି ନିଜ ମତାମତ ପ୍ରକାଶ କରିଥିଲେ। ଏହି ଅବସରରେ ସର୍ବଦର୍ଶନ ବିଭାଗର ଅବସରପ୍ରାପ୍ତ ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅବସରପ୍ରାପ୍ତ ଅଣଶିକ୍ଷକ କର୍ମଚାରୀ ହରିହର ପ୍ରଧାନ, ଶୋଭାବତୀ ମାନସିଂହ, ସୁବର୍ଣ୍ଣ ମାରାଣ୍ଡି, ସୁରେନ୍ଦ୍ର ବିଶୋଇ ଏବଂ ଜଗନ୍ନାଥ ପାତ୍ରଙ୍କୁ କୁଳାଧିପତି ସମ୍ମାନିତ କରିଥିଲେ। କୁଳାଧିପତିଙ୍କ କରକମଳରେ ବିଶ୍ୱବିଦ୍ୟାଳୟର ମୁଖପତ୍ର 'ଶ୍ରୀବିହାରଭାରତୀ' ଏବଂ ଗବେଷଣା ପତ୍ରିକା 'ଜଗନ୍ନାଥଜ୍ୟୋତିଃ' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ବିଭାଗର ମେଧାବୀ ଛାତ୍ରଛାତ୍ରୀଙ୍କୁ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମେଧାବୀ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ଜ୍ୟୋତିର୍ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀଙ୍କୁ ପ୍ରଦୀପ କୁମାର ଦାସ ଓ ପ୍ରେମାମଞ୍ଜରୀ ଦେବୀ ଛାତ୍ରବୃତ୍ତି ଏବଂ ନୀଳକଣ୍ଠ ଉଦଗାତା ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ବିଶ୍ୱବିଦ୍ୟାଳୟ ପକ୍ଷରୁ ପରିଚାଳିତ ଶାସ୍ତ୍ରୀ (+୩) ପରୀକ୍ଷାରେ ସର୍ବାଧିକ ନମ୍ବର ହାସଲ କରିଥିବା ରାମଚଣ୍ଡୀ ସଂସ୍କୃତ ମହାବିଦ୍ୟାଳୟର ବ୍ୟାକରଣ ବିଭାଗର ଛାତ୍ରୀ ସୁଶ୍ରୀ ମୋନାଲି ଆଚାର୍ଯ୍ୟଙ୍କୁ 'ବଂଶୀଧର ଓ ବସନ୍ତମଞ୍ଜରୀ ସମ୍ମାନ' ପ୍ରଦାନ କରାଯାଇଥିଲା। ତତ୍‌ସହିତ ଶିକ୍ଷାଶାସ୍ତ୍ର ବିଭାଗର ମେଧାବୀ ଛାତ୍ରଛାତ୍ରୀଙ୍କୁ ମଧ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ଜାତୀୟ ସେବା ଯୋଜନା (ଏନ୍.ଏସ୍.ଏସ୍.) ପକ୍ଷରୁ ଅନିଲ କୁମାର ମହାନ୍ତିଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବକ ଏବଂ ସୁଜାତା ଦାସଙ୍କୁ ଶ୍ରେଷ୍ଠ ଜାତୀୟ ସେବା ଯୋଜନା ଅଧିକାରୀ ଭାବେ ସମ୍ମାନିତ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ଡ. ରାଧାକାନ୍ତ ପଣ୍ଡା ଏବଂ ଡ. ନିବେଦିତା କର ସଂଯୋଜନା କରିଥିବା ବେଳେ ବିଶ୍ୱବିଦ୍ୟାଳୟର ମିଡିଆ ସେଲ୍‌ର ଡ. ସସ୍ମିତା ବନ୍ଦର ନାୟକ, ଡ. ସୁଶାନ୍ତ ଶତପଥୀଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

# ରମାଦେବୀ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଉତ୍ତେଜନା





**ଭୁବନେଶ୍ୱର,୭।୭/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱର ସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ମଙ୍ଗଳବାର ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। କ୍ୟାମ୍ପସ ଭିତରକୁ ଅଣଛାତ୍ରଛାତ୍ରୀ ପ୍ରବେଶକୁ ବିରୋଧ କରି ବିଶ୍ୱବିଦ୍ୟାଳୟର ଛାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏପରିକି ଛାତ୍ରୀମାନେ ବିଶ୍ୱବିଦ୍ୟାଳୟର ସମସ୍ତ ଗେଟ୍‌ରେ ତାଲା ପକାଇ ପ୍ରତିବାଦ କରିଛନ୍ତି। ସ୍ଥିତି ନିୟନ୍ତ୍ରଣ ପାଇଁ ଘଟଣାସ୍ଥଳରେ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ତେବେ ବ୍ୟାନର କାଢ଼ିବାକୁ ନେଇ ବିଶ୍ୱବିଦ୍ୟାଳୟରେ ଗଣ୍ଡଗୋଳ ହୋଇଥିଲା। ଏହାକୁ କେନ୍ଦ୍ର କରି କିଛି ଅଣଛାତ୍ର କ୍ୟାମ୍ପସ ମଧ୍ୟକୁ ପ୍ରବେଶ କରି କୁଳପତିଙ୍କ ଅଫିସ ଆଗରେ ଗଣ୍ଡଗୋଳ କରିଥିଲେ। ଏହି ଘଟଣାରେ ୧୨ ଅଣଛାତ୍ରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁଳପତି ଜ୍ୟୋସ୍ନା କେ. ବି. ରାଉତ କହିଛନ୍ତି। କୁଳପତିଙ୍କ କହିବା ଅନୁଯାୟୀ ଆଜି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ହୋଇଥିଲା। ଆମେ ସମାଧାନ କରିଥିଲୁ । ଏହା ପରେ କୁଳପତି ଭାବେ ଜଣେ ମୋତେ ଦେଖା କରିବାକୁ ଅନୁମତି ମାଗିଥିଲେ, ହେଲେ ଏକକାଳୀନ ଭାବେ ୧୨ ଜଣ କ୍ୟାମ୍ପସ ମଧ୍ୟକୁ ପ୍ରବେଶ କରିଥିଲେ। ଏହାସହ କୁଳପତିଙ୍କ ଅଫିସ ଆଗରେ ଗଣ୍ଡଗୋଳ କରିବା ସହ ଅସଭ୍ୟ ଭାଷାର ବ୍ୟବହାର କରିଥିଲେ। ଏହାକୁ କୁଳପତି ଭାବେ ବାରଣ କରିବା ପରେ ମଧ ସେମାନେ ଏହାକୁ ମାନିନଥିଲେ। କିଛି ସମୟ ପାଇଁ ବିଶ୍ୱବିଦ୍ୟାଳୟରେ ଅଶାନ୍ତ ପରିବେଶ ସୃଷ୍ଟି କରିଥିଲା। ଏହାକୁ ଆମେ ଦୃଢ଼ ନିନ୍ଦା କରୁଛୁ। ଏହି ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରିଛି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ । ବର୍ତ୍ତମାନ ଏହି ଘଟଣାକୁ ନେଇ ଅନ୍ତରୀଣ ସ୍ତରରେ ବୈଠକ ହୋଇଛି । ଏହାକୁ ନେଇ ପୁଲିସକୁ ଲିଖିତ ଅଭିଯୋଗ କରାଯିବ ବୋଲି କହିଛନ୍ତି କୁଳପତି ଜ୍ୟୋସ୍ନା କେ. ବି.ରାଉତ।

## ଯୁବକଙ୍କ ଆତ୍ମହତ୍ୟା

**ବୟାଳିଶମୌଜା,୭।୭/ଏନ୍‌ଏନ୍‌ଏସ୍:** କଟକ ସଦର ୪୨ମୌଜା ଦଧିବାମନପୁର ଅଞ୍ଚଳରେ ଭଡା ଘରେ ରହୁଥିଲେ ଦିପୁନା ମହାରଣା(୧୮) । ଗତକାଲି ବିଳମ୍ବିତ ରାତିରେ ସେ ଏକ ଗାମୁଛାରେ ଘର ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଛନ୍ତି ବୋଲି ବେଣ୍ଟକାର ଥାନା ଅଧିକାରୀ ହେମନ୍ତ କୁମାର ସେଠୀ କହିଛନ୍ତି । ଦିପୁନାଙ୍କ ନିଜ ଘର ଯାଜପୁର ଅଞ୍ଚଳରେ ବୋଲି ପୋଲିସ ସୂଚନା ଦେଇଛି । ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇଥିବା ଜଣାପଡିଛି ।

ନିତିଦିନ NITIDIN

# ପ୍ରଭୁ ଲଡୁବାବାଙ୍କ ଭଜନ ଆଲବମ ‘ଲଡୁବାବା କାହାଣୀ’ ଲୋକାର୍ପିତ



**ଓଡ଼ଗାଁ,୭।୭/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ୍ ଶରଣକୁଳ ପ୍ରଭୁ ଲଡୁବାବାଙ୍କ ମନ୍ଦିର ପ୍ରାଙ୍ଗଣରେ ସ୍ୱାତିଲଗ୍ନା କ୍ରିଏସନ୍ ଆନୁକୂଲ୍ୟରେ ଲଡୁବାବାଙ୍କ କାହାଣୀ ଭଜନ ଆଲବମ୍ ଲୋକାର୍ପଣ ହୋଇଯାଇଛି । ଦରପଦା ଗ୍ରାମ ନିବାସୀ ସୁଦୂର ଓମାନରେ ଇଞ୍ଜିନିୟର ଭାବେ କାର୍ଯ୍ୟରତ ଯୁବ ଇଞ୍ଜିନିୟର ସୁଶାନ୍ତ କୁମାର ପାତ୍ରଙ୍କ ଦ୍ୱାରା ରଚିତ ଓ ପ୍ରଯୋଜିତ ସଙ୍ଗୀତଟିକୁ କଣ୍ଠଦାନ କରିଛନ୍ତି ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଅଞ୍ଜନ କୁମାର ସାହୁ । ଆଜି ଲଡୁବାବା ମନ୍ଦିର ବେଢାରେ ବିଶିଷ୍ଟ ସାହିତ୍ୟିକ ଗୋଦାବରୀ ବସନ୍ତିଆ, ନିରାକାର ସ୍ୱାଇଁ, କବି ଓ ସାମ୍ବାଦିକ ଦିନବନ୍ଧୁ ମହାପାତ୍ର, ସାମ୍ବାଦିକ କାବୁଲି ଗାଆଣ,ଅଭିନେତା ବଳଭଦ୍ର ବରାଡ, ସନାତନ, ରଞ୍ଜିତା, ବବୁଲ ଓ ମନ୍ଦିର ପୂଜକ ମାନଙ୍କ ସ୍ୱହସ୍ତରେ ଆଲବମଟିକୁ ଲୋକାର୍ପଣ କରାଯାଇଥିଲା । ପ୍ରଭୁ ଲଡୁବାବାଙ୍କ ଉତ୍ପତ୍ତି କାହାଣୀକୁ ନେଇ ନିର୍ମିତ ଆଲବମ୍ ଗୀତ ଓ ରୂପାୟନ ଅତ୍ୟନ୍ତ ଶ୍ରୁତିମଧୁର ଓ ଚିତ୍ତାକର୍ଷକ ହୋଇଛି । ମନ୍ଦିର ଭିତରେ ଦର୍ଶନାର୍ଥୀ ଶ୍ରଦ୍ଧାଳୁମାନେ ଏହି ଗୀତ ଶୁଣି ଅତ୍ୟନ୍ତ ପ୍ରଶଂସା କରିଥିଲେ ।

# କେନ୍ଦ୍ର ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀଙ୍କ ନୀଳମାଧବ ଦର୍ଶନ



**କଣ୍ଟିଲୋ,୭।୭/ଏନ୍‌ଏନ୍‌ଏସ୍:** ମଙ୍ଗଳବାର୍ ଅପରାହ୍ନରେ କେନ୍ଦ୍ର ସରକାରଙ୍କ ଆଦିବାସୀ କଲ୍ୟାଣ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗା ଦାସ କଣ୍ଟିଲୋ ନୀଳମାଧବ ପୀଠରେ ପହଞ୍ଚି ଶ୍ରୀଜିଉଙ୍କୁ ଦର୍ଶନ କରିବା ସହିତ ମହାବୀର ହନୁମାନଙ୍କୁ ଦର୍ଶନ କରିଥିଲେ । ମହାବୀର ହନୁମାନଙ୍କ ମନ୍ଦିର ଉପରୁ ବନ୍ୟା ସମୟେ ମହାନଦୀର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଲବ୍ଧି କରି ଆତ୍ମହରା ହୋଇପଡ଼ିଥିଲେ । ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଅନୁରୋଧକ୍ରମେ ମନ୍ତ୍ରୀ ଆଦିବାସୀ ସମ୍ପ୍ରଦାୟର ବିକାଶ ଦିଗରେ କି କି ପଦକ୍ଷେପ ନିଆଯାଇପାରିବ, ସେ ସମ୍ପର୍କେ ସ୍ଥାନୀୟ ପୂର୍ତ୍ତବିଭାଗ ଡାକବଙ୍ଗଳାରେ ଆଲୋଚନା କରିଥିଲେ । ଆଲୋଚନା ସମୟରେ କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ଅତିରିକ୍ତ ଶାସନ ସଚିବ ଦେବାନନ୍ଦ ଓ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକ ସାଗର ଶେଷକର, ଖଣ୍ଡପଡ଼ା ତହସିଲଦାର ବିଶ୍ୱବିସ୍ମୃତ ତ୍ରିପାଠୀ, ବିଡ଼ିଓ ଅଙ୍କୁର ଅଭିଳାଷ ଓ ବିଜେପି ନେତା ଅଖିଳ କୁମାର ମହାରଣା ଉପସ୍ଥିତ ଥିଲେ । ଶେଷରେ କଣ୍ଟିଲୋ ନିର୍ମିତ କଂସା ବାସନ ଓ ଶ୍ରୀ ଜଗନ୍ନାଥଙ୍କ କାରୁକାର୍ଯ୍ୟ ନିର୍ମିତ ମୂର୍ତ୍ତି ଉପହାର ସ୍ୱରୂପ ବିଧାୟକଙ୍କ ଜରିଆରେ ଅର୍ପଣ କରାଯାଇଥିଲା ।

# ଜିଲ୍ଲା ଅଙ୍ଗନବାଡ଼ି ସଭାନେତ୍ରୀଙ୍କ ବିୟୋଗରେ ଶୋକ

**ନୟାଗଡ଼,୭।୭/ଏନ୍‌ଏନ୍‌ଏସ୍:** ନୟାଗଡ଼ ଜିଲ୍ଲା ଅଙ୍ଗନବାଡ଼ି ସଂଘ ସଭାନେତ୍ରୀ ଜ୍ୟୋସ୍ନାମୟୀ ପଣ୍ଡାଙ୍କ ଆଜି ସନ୍ଧ୍ୟାରେ ପରଲୋକ ଘଟିଛି । ସେ ନୟାଗଡ଼ ସଦରବ୍ଲକ କ୍ରିଦାଶପୁର ଗ୍ରାମର ଅଙ୍ଗନବାଡ଼ି କର୍ମୀ ଭାବେ କାର୍ଯ୍ୟ କରୁଥିଲେ । ନୟାଗଡ଼ର ପ୍ରମୁଖ କୃଷକନେତା ସ୍ୱର୍ଗତ ଜଗନ୍ନାଥ ପଣ୍ଡାଙ୍କ କନ୍ୟା ତଥା ପୂର୍ବତନ ଛାତ୍ର ବିଜେଡି ସଭାପତି ନୀଳମାଧବ ପଣ୍ଡାଙ୍କ ଭଉଣୀ । ସକାଳୁ ସେ କ୍ରିଦାଶପୁରସ୍ଥିତ ବାସଭବନରୁ ତାଙ୍କ ସ୍ୱାମୀ ମାନସ କୁମାର ପଣ୍ଡାଙ୍କ ବାଇକରେ ଆସୁଥିଲେ । ଅସାବଧାନତା କାରଣରୁ ବାଇକରୁ ଖସି ପଡ଼ିଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ଏମ୍ସ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଜିଲ୍ଲା ମୁଖ୍ୟଚିକିତ୍ସାଳୟ ଓ ଏମ୍ସଠାରେ ଉପସ୍ଥିତ ରହି ପରିବାରବର୍ଗଙ୍କୁ ଶାନ୍ତ୍ୱନା ଜଣାଇଛନ୍ତି । ତାଙ୍କ ମୃତ୍ୟୁରେ ନୟାଗଡ଼ ଜିଲ୍ଲା ଅଙ୍ଗନବାଡି କର୍ମୀଙ୍କ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି ।

# ମଧଇଂରାଜୀ ବିଦ୍ୟାଳୟରେ ବନମହୋତ୍ସବ

**ଓଡଗାଁ,୭।୭/ଏନ୍‌ଏନ୍‌ଏସ୍:** ୭୭ ତମ ବନମହୋତ୍ସବ ଓଡଗାଁ ଏନଏସି ସ୍ଥିତ ସରକାରୀ ମଧ ଇଂରାଜୀ ବିଦ୍ୟାଳୟରେ ପାଳିତ ହୋଇଯାଇଛି ।ଏ ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା କାର୍ଯ୍ୟକ୍ରମରେ ଓଡଗାଁ ରେଞ୍ଜର ଅଭିମନ୍ୟୁ ମଲ୍ଲିକ, ଅତିରିକ୍ତ ତହସିଲଦାର ଜୀଶ୍ରୀନୁ, ଆଦର୍ଶ ଥାନା ସବଇନ୍ସପେକ୍ଟର ଚକ୍ରଧର ସିଂ, ବନପାଳ ସରିତା ବରାଳ, ସିଆରସିସି ନରେଶ ପାଣିଗ୍ରାହୀ, ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଲତା ସାହୁ, ଶିକ୍ଷୟିତ୍ରୀ ଦମୟନ୍ତୀ ଦାସ, ଲିପ୍ସା ଦାଶ, ଶୁଭଲକ୍ଷ୍ମୀ ସାହୁ, ସ୍ୱର୍ଣ୍ଣଲତା ସାହୁ, ଗିର୍ବାଣୀ କର, ସ୍ନେହଲତା ସାହୁ, ଇକୋ କ୍ଲବର ଛାତ୍ରଛାତ୍ରୀ ଏବଂ ଅଭିଭାବକ ସାମିଲ ହୋଇଥିଲେ ।

## ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଆପତ୍ତି

# ‘ମହାପ୍ରଭୁ ଜଗନ୍ନାଥ’ ଆନିମେସନ୍ ଫିଲ୍ମର ରିଲିଜ୍ ସ୍ଥଗିତ

**ପୁରୀ,୭।୭/ଏନ୍‌ଏନ୍‌ଏସ୍:** ଆସନ୍ତା ଜୁଲାଇ ୧୦ରେ ମୁକ୍ତିଲାଭ କରିବାକୁ ଥିବା ‘ମହାପ୍ରଭୁ ଜଗନ୍ନାଥ’ ଆନିମେସନ ଚଳଚ୍ଚିତ୍ରର ରିଲିଜ୍‌କୁ ସ୍ଥଗିତ ରଖାଯାଇଛି । ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଆପତ୍ତି ପରେ ସୋମବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଚାର ଓ ପ୍ରସାର କମିଟି ବୈଠକରେ ଫିଲ୍ମର ସ୍କ୍ରିନିଂ କରାଯିବା ପରେ ଏହି ନିଷ୍ପତ୍ତି ନିଆଯାଇଛି । ବୈଠକ ପରେ ଗଜପତି ଦିବ୍ୟସିଂହ ଦେବ କହିଥିଲେ, ଶିଶୁ ଓ ଯୁବପିଢ଼ିଙ୍କ ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ଉପରେ ଚଳଚ୍ଚିତ୍ର ନିର୍ମାଣ ସ୍ୱାଗତଯୋଗ୍ୟ । କିନ୍ତୁ ଏହା କାଳ୍ପନିକ କିମ୍ବା ମନଗଢ଼ା କାହାଣୀ ଉପରେ ଆଧାରିତ ହେବା ଉଚିତ୍ ନୁହେଁ । ତାଙ୍କ କହିବା ଅନୁଯାୟୀ, ଫିଲ୍ମରେ ପ୍ରଦର୍ଶିତ କାହାଣୀ ପବିତ୍ର ଶାସ୍ତ୍ର ଓ ପାରମ୍ପରିକ ଐତିହ୍ୟ ସହ ସଙ୍ଗତିପୂର୍ଣ୍ଣ ନୁହେଁ । ବୈଠକରେ ଫିଲ୍ମର ନିର୍ଦ୍ଦେଶକ ମଧ୍ୟ ନିଜ ତ୍ରୁଟି ସ୍ୱୀକାର କରିଥିବା ସୂଚନା ମିଳିଛି । ଫଳରେ ଏହି ଆନିମେସନ ଫିଲ୍ମର ସମ୍ପୂର୍ଣ୍ଣ ବିଷୟବସ୍ତୁକୁ ପୁନଃ ସମୀକ୍ଷା କରାଯାଇ ଆବଶ୍ୟକ ପରିବର୍ତ୍ତନ ପରେ ମୁକ୍ତିଲାଭ କରାଯିବ ବୋଲି ନିଷ୍ପତ୍ତି ହୋଇଛି ।

ଏହି ଅବସରରେ ଗଜପତି ମହାରାଜା ଇସ୍କନ ଦ୍ୱାରା ଆୟୋଜିତ ଅଦିନିଆ ରଥଯାତ୍ରା ପ୍ରସଙ୍ଗରେ ମଧ୍ୟ ପୁଣିଥରେ କଡ଼ା ମତ ପ୍ରକାଶ କରିଥିଲେ । ସେ କହିଥିଲେ ଯେ, ଏନେଇ ଦୁଇ ଦିନ ପୂର୍ବରୁ ଇସ୍କନର ନୂତନ ଏଠଉ ଅଧ୍ୟକ୍ଷଙ୍କୁ ଚିଠି ଲେଖାଯାଇଛି । ଏହା ସହିତ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ମଧ୍ୟ ପତ୍ର ପଠାଯାଇଛି । ନୀଳାଦ୍ରି ବିଜେ ପରେ ଏକ ପ୍ରତିନିଧିମଣ୍ଡଳୀ ଉଭୟଙ୍କୁ ସାକ୍ଷାତ କରି ଅଦିନିଆ ରଥଯାତ୍ରା ବନ୍ଦ ପାଇଁ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡ଼ିବ ବୋଲି ସେ ପ୍ରକାଶ କରିଥିଲେ । ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢ଼ୀ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ବିଶିଷ୍ଟ ଗବେଷକ, ବିଭିନ୍ନ ମଠର ମଠାଧୀଶ ଓ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ ।



# ରଥଯାତ୍ରା ପୂର୍ବରୁ ସୁରକ୍ଷା ମକ୍ ଡ୍ରିଲ୍

**ପୁରୀ,୭।୭/ଏନ୍‌ଏନ୍‌ଏସ୍:** ପବିତ୍ର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ୨୦୨୬ ଅବସରରେ ଲକ୍ଷାଧିକ ଭକ୍ତଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପୁରୀ ପୋଲିସ ପକ୍ଷରୁ ଆଜି ପୁରୀ ସହରର ବିଭିନ୍ନ ସ୍ଥାନରେ ଏକ ବିଭିନ୍ନ ବିଭାଗ ସମନ୍ୱିତ ସୁରକ୍ଷା ମକ୍ ଡ୍ରିଲ୍ ସଫଳତାର ସହିତ ସମ୍ପନ୍ନ କରାଯାଇଛି । ଏହି ଅଭ୍ୟାସର ମୂଳ ଉଦ୍ଦେଶ୍ୟ ଥିଲା ବିଭିନ୍ନ ପ୍ରକାରର ଜରୁରୀ ପରିସ୍ଥିତିରେ ସମ୍ପୃକ୍ତ ସମସ୍ତ ବିଭାଗର ସମନ୍ୱିତ କାର୍ଯ୍ୟପ୍ରଣାଳୀ, ଦ୍ରୁତ ପ୍ରତିକ୍ରିୟା କ୍ଷମତା ଏବଂ ଉଦ୍ଧାର ବ୍ୟବସ୍ଥାକୁ ପରୀକ୍ଷା କରିବା । ରଥଯାତ୍ରା କେବଳ ଭିଡ଼ ଓ ଟ୍ରାଫିକ୍ ପରିଚାଳନାରେ ସୀମିତ ନୁହେଁ, ବରଂ ଯେକୌଣସି ଅପ୍ରତ୍ୟାଶିତ ପରିସ୍ଥିତିରେ ଭକ୍ତମାନଙ୍କୁ ସୁରକ୍ଷିତ ରଖିବା ପାଇଁ ପୂର୍ବ ପ୍ରସ୍ତୁତି ଅତ୍ୟନ୍ତ ଆବଶ୍ୟକ । ସେହି ଦୃଷ୍ଟିକୋଣରୁ ବାସ୍ତବ ପରିସ୍ଥିତିକୁ ଆଧାର କରି ବିଭିନ୍ନ କଳ୍ପିତ ଦୃଶ୍ୟପଟ ସୃଷ୍ଟି କରାଯାଇ ଅଭ୍ୟାସ କରାଯାଇଥିଲା । ଏହି ମକ୍ ଡ୍ରିଲ୍‌ରେ ଓଡିଶା ପୋଲିସର ବିଶେଷ ପ୍ରଶିକ୍ଷିତ ଟାକ୍ଟିକାଲ୍ ୟୁନିଟ୍, ବମ ନିଷ୍କ୍ରିୟକରଣ ଦଳ, ଡଗ୍ ସ୍କ୍ୱାଡ୍, ଅଗ୍ନିଶମ ବାହିନୀ, ଓଡ୍ରାଫ୍, ସ୍ୱାସ୍ଥ୍ୟ ବିଭାଗ, ଆମ୍ବୁଲାନ୍ସ ସେବା ସହିତ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ପ୍ରତ୍ୟେକ ସଂସ୍ଥା ନିଜ ନିଜ ଦାୟିତ୍ୱ ଅନୁଯାୟୀ ସମନ୍ୱିତ ଭାବରେ କାର୍ଯ୍ୟ କରି ତ୍ୱରିତ ପ୍ରତିକ୍ରିୟାର କୌଶଳ ପ୍ରଦର୍ଶନ କରିଥିଲେ । ଅଭ୍ୟାସ ସମୟରେ ଘଟଣାସ୍ଥଳରେ ପହଞ୍ଚିବାର ସମୟ, ବିଭିନ୍ନ ୟୁନିଟ୍‌ର ସମନ୍ୱୟ, ଉଦ୍ଧାର ପ୍ରକ୍ରିୟା ଓ ପ୍ରତିକ୍ରିୟା ବ୍ୟବସ୍ଥାକୁ ସୂକ୍ଷ୍ମ ଭାବରେ ମୂଲ୍ୟାଙ୍କନ କରାଯାଇଥିଲା । ଯେଉଁ କ୍ଷେତ୍ରରେ ଅଧିକ ସୁଧାରର ଆବଶ୍ୟକତା ଅନୁଭୂତ ହୋଇଛି, ସେଗୁଡ଼ିକୁ ଚିହ୍ନଟ କରାଯାଇ ଆଗାମୀ ଦିନରେ ଅଧିକ ସୁଦୃଢ଼ କରାଯିବ ।

ଏହି ଅବସରରେ ପୁରୀ ଏସ୍ପି ପ୍ରତୀକ ସିଂ କହିଥିଲେ ଯେ, ରଥଯାତ୍ରା ସମୟରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେଉଥିବାରୁ ସୁରକ୍ଷା ପୁରୀ ପୋଲିସର ସର୍ବୋଚ୍ଚ ପ୍ରାଥମିକତା । ଭକ୍ତମାନଙ୍କର ସୁରକ୍ଷା, ସୁବିଧା ଏବଂ ନିର୍ବିଘ୍ନ ଦର୍ଶନ ସୁନିଶ୍ଚିତ କରିବା ପାଇଁ କେବଳ ଟ୍ରାଫିକ୍ ଓ ଭିଡ଼ ପରିଚାଳନା ନୁହେଁ, ବରଂ ସମସ୍ତ ପ୍ରକାରର ଜରୁରୀ ପରିସ୍ଥିତିକୁ ମଧ୍ୟ ମୁକାବିଲା କରିବାକୁ ପୁରୀ ପୋଲିସ ସମ୍ପୂର୍ଣ୍ଣ ପ୍ରସ୍ତୁତ । ସେ ଆହୁରି କହିଛନ୍ତି ଯେ, ରଥଯାତ୍ରା ସମୟରେ କୌଣସି ସନ୍ଦେହଜନକ ବସ୍ତୁ, ସନ୍ଦେହଜନକ ବ୍ୟକ୍ତି କିମ୍ବା ଅସ୍ୱାଭାବିକ ପରିସ୍ଥିତି ଦେଖିଲେ ଭକ୍ତମାନେ ତୁରନ୍ତ ପୋଲିସକୁ ସୂଚନା ଦିଅନ୍ତୁ । ଏଥିପାଇଁ ଜରୁରୀ ସେବା ୧୧୨ ନମ୍ବର ସର୍ବଦା ଉପଲବ୍ଧ ରହିବ । ଏହା ସହିତ ପୁରୀ ସହରର ବିଭିନ୍ନ ସ୍ଥାନରେ ପୋଲିସ ସହାୟତା ଓ ସୂଚନା କେନ୍ଦ୍ର ସ୍ଥାପନ କରାଯିବ, ଯେଉଁଠାରେ ସାଧାରଣ ଲୋକ ସିଧାସଳଖ ସୂଚନା ପ୍ରଦାନ କରିପାରିବେ । ସମସ୍ତ ପୋଲିସ କର୍ମଚାରୀ ମଧ୍ୟ ସାଧାରଣ ଲୋକଙ୍କ ସହାୟତା ପାଇଁ ସର୍ବଦା ପ୍ରସ୍ତୁତ ରହିବେ । ପୁରୀ ପୋଲିସ ସାଧାରଣ ଲୋକଙ୍କ ସହଯୋଗକୁ ସୁରକ୍ଷା ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି ବିଶ୍ୱାସ କରେ । ତେଣୁ ଯେକୌଣସି ସନ୍ଦେହଜନକ ସୂଚନାକୁ ତୁରନ୍ତ ପୋଲିସକୁ ଜଣାଇବାକୁ ଅନୁରୋଧ କରାଯାଉଛି । ଏହା ସହିତ ବିଭିନ୍ନ ଗୁଇନ୍ଦା ସଂସ୍ଥା, କେନ୍ଦ୍ରୀୟ ସଂସ୍ଥା ଏବଂ ଅନ୍ୟାନ୍ୟ ସୁରକ୍ଷା ଏଜେନ୍ସି ସହ ନିରନ୍ତର ସମନ୍ୱୟ ରକ୍ଷା କରାଯାଇ ସମଗ୍ର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯାଇଛି । ପୁରୀ ପୋଲିସ ସମସ୍ତ ଭକ୍ତ, ପର୍ଯ୍ୟଟକ ଓ ସାଧାରଣ ଲୋକଙ୍କୁ ଆଶ୍ୱସ୍ତ କରୁଛି ଯେ ରଥଯାତ୍ରା ୨୦୨୬କୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି । ସମସ୍ତଙ୍କ ସହଯୋଗ ଓ ସଚେତନତା ଏହି ମହାପର୍ବକୁ ଅଧିକ ସୁରକ୍ଷିତ ଓ ସଫଳ କରିବ ।

# ରଥଯାତ୍ରା ପୂର୍ବରୁ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ଓ ରୋଗୀ ସ୍ଥାନାନ୍ତର ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା

**ପୁରୀ,୭।୭/ଏନ୍‌ଏନ୍‌ଏସ୍:** ପବିତ୍ର ରଥଯାତ୍ରା ୨୦୨୬କୁ ସୁରକ୍ଷିତ, ସୁଚାରୁ ଓ ସୁବ୍ୟବସ୍ଥିତ ଭାବେ ପରିଚାଳନା କରିବା ଉଦ୍ଦେଶ୍ୟରେ ଆଜି ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ଅଧ୍ୟକ୍ଷତାରେ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସମ୍ପର୍କିତ ଏକ ସମୀକ୍ଷା ହୋଇଥିଲା । ଏହି ସମୀକ୍ଷାରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ, ପୁରୀ ପୋଲିସର ବରିଷ୍ଠ ଅଧିକାରୀ ଓ ସମ୍ପୃକ୍ତ ବିଭାଗର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ବୈଠକରେ ରଥଯାତ୍ରା ସମୟରେ ଭକ୍ତମାନଙ୍କୁ ଆବଶ୍ୟକ ପଡ଼ିଲେ କିପରି ତୁରନ୍ତ ଓ ନିର୍ବିଘ୍ନ ଭାବେ ଚିକିତ୍ସା ସେବା ଯୋଗାଇ ଦିଆଯିବ, ସେଥିପାଇଁ ବିସ୍ତୃତ ସମୀକ୍ଷା କରାଯାଇଥିଲା । ବିଶେଷକରି ଭିଡ଼ ମଧ୍ୟରୁ ଅସୁସ୍ଥ କିମ୍ବା ଆହତ ଭକ୍ତଙ୍କୁ ଶୀଘ୍ର ଉଦ୍ଧାର କରିବା, ଷ୍ଟ୍ରେଚର ଟିମ୍ ?ର ସଠିକ୍ ମୁତୟନ, ଆମ୍ବୁଲାନ୍ସର ତ୍ୱରିତ ଚଳାଚଳ, ଗ୍ରୀନ୍ କରିଡର ସୃଷ୍ଟି ଏବଂ ନିକଟସ୍ଥ ଚିକିତ୍ସା କେନ୍ଦ୍ରକୁ ସୁରକ୍ଷିତ ସ୍ଥାନାନ୍ତର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ରଥଯାତ୍ରା ସମୟରେ ସମସ୍ତ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର, ପ୍ରାଥମିକ ଚିକିତ୍ସା ୟୁନିଟ୍, ଆମ୍ବୁଲାନ୍ସ, ଡାକ୍ତରୀ ଦଳ, ନର୍ସିଂ କର୍ମଚାରୀ ଏବଂ ଷ୍ଟ୍ରେଚର ଟିମ୍‌ମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ଯେକୌଣସି ଜରୁରୀ ପରିସ୍ଥିତିରେ ତୁରନ୍ତ ସହାୟତା ପହଞ୍ଚାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହାଛଡ଼ା ବଡ଼ଦାଣ୍ଡ ଏବଂ ରଥଯାତ୍ରା ସହ ସମ୍ପୃକ୍ତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନିୟୋଜିତ ପୋଲିସ, ସ୍ୱାସ୍ଥ୍ୟକର୍ମୀ ଓ ଷ୍ଟ୍ରେଚର ଟିମ୍‌ମାନଙ୍କ ମଧ୍ୟରେ ଦ୍ରୁତ ଯୋଗାଯୋଗ ବ୍ୟବସ୍ଥା, ୱାୟାରଲେସ୍ ସମନ୍ୱୟ ଓ ରିଅଲ୍-ଟାଇମ୍ ରେସପନ୍ସ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ନେଇ ଆଲୋଚନା ହୋଇଥିଲା । ଭକ୍ତମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ପାନୀୟ ଜଳ, ଓଆରଏସ୍, ପ୍ରାଥମିକ ଚିକିତ୍ସା ସାମଗ୍ରୀ, ପରିଷ୍କାର-ପରିଚ୍ଛନ୍ନତା, ହିଟ୍ ଷ୍ଟ୍ରୋକ୍, ଡିହାଇଡ୍ରେସନ୍ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟଜନିତ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଆବଶ୍ୟକ ସମସ୍ତ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ସ୍ୱାସ୍ଥ୍ୟ ବିଭାଗକୁ ପରାମର୍ଶ ଦିଆଯାଇଥିଲା । ପୁରୀ ପୋଲିସ ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ସମନ୍ୱୟରେ ରଥଯାତ୍ରା ସମୟରେ ପ୍ରତ୍ୟେକ ଭକ୍ତଙ୍କୁ ଶୀଘ୍ର, ସୁରକ୍ଷିତ ଏବଂ ଗୁଣାତ୍ମକ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ସମସ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ କରାଯାଉଛି । ପୁରୀ ପୋଲିସ ସମସ୍ତ ଭକ୍ତଙ୍କୁ ରଥଯାତ୍ରା ସମୟରେ ପ୍ରଶାସନର ନିର୍ଦ୍ଦେଶାବଳୀ ପାଳନ କରିବା, ଅନାବଶ୍ୟକ ଭିଡ଼ ସୃଷ୍ଟି ନ କରିବା ଏବଂ କୌଣସି ବ୍ୟକ୍ତି ଅସୁସ୍ଥ ହେଲେ ନିକଟସ୍ଥ ପୋଲିସ କର୍ମଚାରୀ, ଷ୍ଟ୍ରେଚର ଟିମ୍ କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କୁ ତୁରନ୍ତ ସୂଚନା ଦେବାକୁ ଅନୁରୋଧ କରିଛନ୍ତି ।

# ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଜ୍ୟୋସ୍ନାମୟୀଙ୍କ ଚକ୍ଷୁ ଦାନ

**ନୟାଗଡ଼,୭।୭/ଏନ୍‌ଏନ୍‌ଏସ୍:** ନୟାଗଡ଼ ଜିଲ୍ଲା ଅଙ୍ଗନବାଡ଼ି ସଂଘ ସଭାନେତ୍ରୀ ଜ୍ୟୋସ୍ନାମୟୀ ପଣ୍ଡାଙ୍କ ଗତକାଲି ସନ୍ଧ୍ୟାରେ ପରଲୋକ ଘଟିଥିଲା । ଜ୍ୟୋସ୍ନାମୟୀଙ୍କ ମୃତ୍ୟୁ ପରେ ପରିବାର ଲୋକଙ୍କ ସମ୍ମତିକ୍ରମେ ତାଙ୍କ ଚକ୍ଷୁଦାନ କରାଯାଇଛି । ଆଜି ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଶବ ବ୍ୟବଚ୍ଛେଦ କରାଯିବା ପରେ ନୟାଗଡ଼ ବ୍ଲକ ପରିସରକୁ ଅଣାଯାଇଥିଲା । ସିଡିପିଓ କାର୍ଯ୍ୟାଳୟଠାରେ ଜିଲ୍ଲାର ବହୁ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ଶେଷ ଦର୍ଶନ କରିଥିଲେ । ଏହା ପରେ ତାଙ୍କ କ୍ରିଦାଶପୁର ସ୍ଥିତ ବାସଭବନକୁ ଅଣାଯାଇଥିଲା । ସେଠାରେ ବିଧି ଅନୁସାରେ ସମସ୍ତ କାର୍ଯ୍ୟ କରାଯିବା ସହ ହଜାର ହଜାର ଲୋକ ଶେଷ ଦର୍ଶନ କରିଥିଲେ । ଜ୍ୟୋସ୍ନାଙ୍କର ମରଶରୀରକୁ ଶୋଭାଯାତ୍ରା କରାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ତାଙ୍କର ଏକମାତ୍ର ଝିଅ ଅଳକା ପଣ୍ଡା ମୁଖାଗ୍ନି ଦେଇଥିଲେ ।

# ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜୟନ୍ତୀ

**ଓଡ଼ଗାଁ,୭।୭/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ରଘୁନାଥ ଜିଉ ମନ୍ଦିର ସମ୍ମୁଖ ଝୁଲଣ ମଣ୍ଡପ ପରିସରରେ ଡ଼ଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଡ଼ଃ ମୁଖାର୍ଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଦେଶପ୍ରତି ତାଙ୍କର ଅବଦାନ ସଂପର୍କରେ ଆଲୋଚନା କରିଥିଲେ । ଜନସଂଘରୁ ଜନତାଦଳ ଓ ପରେ ଭାରତୀୟ ଜନତା ପାଟିର୍ର ସଂଗଠକ ଭାବେ ସେ କାର୍ଯ୍ୟ କରୁଥିଲେ । ଅଚ୍ୟୁତାନନ୍ଦ ପଣ୍ଡା ତାଙ୍କର ଜୀବନୀ ଉପରେ ଆଲୋଚନା କରିଥିବା ବେଳେ ସୁଶାନ୍ତ କୁମାର ସାହୁ ଡ଼ଃ ମୁଖାର୍ଜୀଙ୍କ ଜନ୍ମରୁ ମୃତ୍ୟୁ ସଂପର୍କରେ ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥ ପାଣିଗ୍ରାହୀ, ରାଜେଶ ସେଠୀ, ହିମାଦ୍ରି ମହାପାତ୍ର, ସୁଶୀଲ ସେନାପତି, କବିରାଜ ପଣ୍ଡା, ସିମାଞ୍ଚଳ ଆଚାର୍ଯ୍ୟ, ପଞ୍ଚାନନ ବେଠାରୁ, ସତ୍ୟନାରାୟଣ ପାତ୍ର, ସାମି ସାହୁ ଓ କୃଷ୍ଣଚନ୍ଦ୍ର ବରାଡ଼ ଆଦି ଯୋଗ ଦେଇଥିଲେ । ଶେଷରେ କାର୍ତ୍ତିକ ପଣ୍ଡା ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ ।

# ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ଫୁଲନଖରା,୭।୭/ଏନ୍‌ଏନ୍‌ଏସ୍:** ୧୬ନମ୍ବର ଜାତୀୟ ରାଜପଥରେ ସଂଗଠିତ ଏକ ଦୁର୍ଘଟଣାରେ ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀ ଗ୍ରାମର ସିପୁ ଓରଫ ଦିବ୍ୟଜ୍ୟୋତି ସ୍ୱାଇଁ (୨୬)ଙ୍କ ମୃତ୍ୟୁ ହୋଇଛି । ସେ ଗତ କାଲି ରାତିରେ ବାଇକ ଯୋଗେ ରାଜପଥ ପାର ହେଉଥିଲାବେଳେ ରାଜପଥ ଟ୍ରାଫିକ ଥାନା ସମ୍ମୁଖରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଭୁବନେଶ୍ୱର ଦିଗରେ ପଳାଇଥିଲା । ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା; ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଆଜି ମୃତ୍ୟୁ ହୋଇଛି । ଏକ ଶୋକାକୁଳ ପରିବେଶ ମଧ୍ୟରେ ଗ୍ରାମ୍ୟ ଶ୍ମଶାନରେ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଛି ।

## ଭତ୍ତା ଯୋଜନାରେ ମହାଦୁର୍ନୀତି: ବୟସରେ ନାହିଁ ତାରତମ୍ୟ

# ବିଧବାଙ୍କୁ ସଧବା ସଜାଇ ଦିଆଯାଉଛି ୩୫ଶହ ଟଙ୍କା

**ଓଡ଼ଗାଁ,୭।୭/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକରେ ଭତ୍ତା ଦୁର୍ନୀତି ଚରମସୀମାରେ ପହଞ୍ଚିଛି । ଜଣେ ବିଧବାଙ୍କୁ ସଧବା ସଜେଇ ବୟସ ଚଞ୍ଚକତା କରି ୩୫ ଶହ ଟଙ୍କା ଭତ୍ତା ଦିଆଯାଉଛି । ଏହି କେଳେଙ୍କାରୀ ପଛରେ ସାମାଜିକ ସୁରକ୍ଷା ବିଭାଗ ଅଧିକାରୀଙ୍କ ପ୍ରଚ୍ଛନ୍ନ ହାତଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ଶରଣକୁଳ ପଞ୍ଚାୟତ କଟରାଝରି ଗ୍ରାମର ଜ୍ୟୋସ୍ନାରାଣୀ ନନ୍ଦ ଜଣେ ବିଧବା ମହିଳା । ତାଙ୍କୁ ବିଧବାଭତ୍ତା ବାବଦକୁ ୧ହଜାର ଟଙ୍କା ମିଳିବାକଥା କିନ୍ତୁ ତାଙ୍କ ବୟସକୁ ଜାଲିଆତି କରି ୮୫ବର୍ଷ ବୟସକରି ୩ବର୍ଷ ହେବ ତାଙ୍କୁ ୩୫ଶହ ଟଙ୍କା ଦିଆଯାଉଛି । ଜ୍ୟୋସ୍ନାରାଣୀଙ୍କ ଭୋଟର କାର୍ଡ କହୁଛି ତାଙ୍କ ବୟସ ବର୍ତ୍ତମାନ ୫୭ବର୍ଷ ଓ ଆଧାରକାର୍ଡ ରେ ୫୮ବର୍ଷ ଠୋସ ପ୍ରମାଣ ରହିଛି ।ଜ୍ୟୋସ୍ନାରାଣୀଙ୍କ ବୟସକୁ କିଏ ଜାଲିଆତି କରି ୮୫ ବର୍ଷ କଲା ସେ ବିଧବାରୁ ସଧବାହୋଇ ତାଙ୍କୁ ୩୫ଶହ ଟଙ୍କା ଭତ୍ତା ଦିଆଗଲା କିପରି ବୋଲି ଅଭିଯୋଗ ହୋଇଛି । ଏହାପଛରେ ଏକ ରାକେଟ କାମ କରୁଥିବା ଅନୁମାନ କରାଯାଉଛି ।ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ରାଜସ୍ୱିନି ପ୍ରଧାନଙ୍କ ଇଙ୍ଗିତରେ ଏସବୁ ହୋଇଥିବା କିଛି ଯୋଗ୍ୟ ହିତାଧିକାରୀ କହିଛନ୍ତି । ସରକାରଙ୍କ ଜନମଙ୍ଗଳକାରୀ ଯୋଜନା ଅସହାୟ, ବିଧବା, ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବେଳେ ତାକୁ ଅସାଧୁ ଉପାୟରେ ବାଟବଣା କରି ହଡ଼ପକରି ନିଆଯାଉଛି । ଓଡଗାଁରେ ୯ବର୍ଷ ଧରି ଗାଦି ମାଡ଼ି ବସିଥିବା ସାମାଜିକ ସୁରକ୍ଷା ଅଧିକାରୀ ବିଭିନ୍ନ ଦୁର୍ନୀତିରେ ବୁଡ଼ିଥିଲେ ମଧ୍ୟ ସେ ତଳିଆ କର୍ମଚାରୀଙ୍କ ଉପରେ ଦୋଷ ଢାଳି ଖସିବାକୁ ଉଦ୍ୟମ କରୁଛନ୍ତି । କେବଳ ଏହି ଗୋଟିଏ ଦୁର୍ନୀତି ନୁହଁ ମାଳମାଳ ଦୁର୍ନୀତିରେ ସେ ଛନ୍ଦିହୋଇ ପଡିଛନ୍ତି । ଭେଣ୍ଡିଆଙ୍କୁ ବୃଦ୍ଧ ସଜେଇବା ଓ ସ୍ୱାମୀ ବଞ୍ଚି ଥାଉଥାଉ ସ୍ତ୍ରୀକୁ ବିଧବାକରି ଭତ୍ତା ଦେବାରେ ତାଙ୍କର ହାତ ଥିବା କୁହାଯାଉଛି । ଓଡ଼ଗାଁ ବ୍ଲକରେ ପାଖାପାଖି ୨ ହଜାରରୁ ଉର୍ଦ୍ଧ୍ୱ ଅଯୋଗ୍ୟ ହିତାଧିକାରୀଙ୍କ ନାମରେ ଭତ୍ତାଟଙ୍କା ବାଟମାରଣା କରାଯାଉଥିବା ଭତ୍ତା ଯୋଜନାରେ ବଞ୍ଚିତହୋଇ ଦୁର୍ଦ୍ଦିନରେ ସଢୁଥିବା ହିତାଧିକାରୀ କହିଛନ୍ତି । ଏହି ଘଟଣାରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ ଘଟଣାର ତଦନ୍ତହେବ ଓ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଗଣ ମଧ୍ୟମକୁ କହିଛନ୍ତି ।

**ସାମାଜିକ ସୁରକ୍ଷା ଅଧିକାରୀଙ୍କ ଭୂମିକା ସନ୍ଦେହ ଘେରରେ**

# ଜିଲ୍ଲା ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

**ପୁରୀ,୬।୭/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ ଦ୍ୱିତୀୟ ଅଧିବେଶନ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପୁରୀର ପ୍ରତ୍ୟକ ବିଧାନସଭାର ଆଗଧାଡିର ଯୁବ ନେତୃତ୍ୱଙ୍କ ଯୋଗଦାନ ସହ ରାଜ୍ୟ ଯୁବ କଂଗ୍ରେସ ପ୍ରଭାରୀ ମହେଶ ଦେଶମୁଖ ଜି ଓ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ଜି ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ଜାମିନ ସ୍ତରରେ ଲୋକଙ୍କ ଅସୁବିଧା ସହ ଜଡିତ ହୋଇ କିଭଳି କାର୍ଯ୍ୟ କରାଯିବ ସେଇ ଅନୁଯାଇ ମାର୍ଗଦର୍ଶନ କରାଇଥିବା ସହ ଜିଲ୍ଲା କଂଗ୍ରେସ ନେତୃତ୍ୱ ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ଜିଲ୍ଲା ସଭାପତି ଉତ୍ତମ ଆଚାର୍ଯ୍ୟଙ୍କ ସହ ପୂର୍ବତନ ଯୁବ କଂଗ୍ରେସ ସଭାପତି କଂଗ୍ରେସର ଆଗଧାଡିର ଯୁବ ଓ ଛାତ୍ରଙ୍କ ମାର୍ଗଦର୍ଶକ ସୁକାନ୍ତ ପ୍ରଧାନ ମିଟୁ ଭାଇ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ଜିଲ୍ଲା ଓବିସି ସେଲ କଂଗ୍ରେସର ପୂର୍ବତନ ସଭାପତି ରଶ୍ମିକାନ୍ତ ସାହୁ ମଧ୍ୟ ଅନେକ ଛାତ୍ର ଓ ଯୁବ କଂଗ୍ରେସ କର୍ମୀଙ୍କୁ ଲଢେଇ ଏବଂ ବିରୋଧ ଦଳର କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ ।

# ରୋହିବାଙ୍କ ଉଚ୍ଚ ବିଦ୍ୟାଳୟରେ ବୃକ୍ଷରୋପଣ



**ଓଡ଼ଗାଁ,୭।୭/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ରୋହିବାଙ୍କ ଉଚ୍ଚ ବିଦ୍ୟାଳୟରେ ୭୭ ତମ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ବୃକ୍ଷରୋପଣକୁ ବହୁମାତ୍ରାରେ ଜନାଭିମୁଖୀ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସୂଚନାକୁ ବିଦ୍ୟାଳୟର ଛାତ୍ରଛାତ୍ରୀ ସେମାନଙ୍କ ପିତାମାତାଙ୍କ ସହିତ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ମା’ ପାଇଁ ଗଛଟିଏ ଆରମ୍ଭ କରାଯାଇଛି । ୧୯୫ଜଣ ଅଭିଭାବକ, ପୁରାତନ ଛାତ୍ରଛାତ୍ରୀଙ୍କୁ ସାମିଲି କରି ବିଦ୍ୟାଳୟର ବଡ଼ ଖେଳ ପଡିଆ ଚାରିପଟେ ପିସ୍ତା ବାଦମ, ବଉଳ, ଶାଗୁଆନ, ପିଆଶାଳ,ଆକାଶିଆ ସାଙ୍ଗକୁ ହତା ଭିତରେ ଶଜନା, ଆତ ଆଦି ବୃକ୍ଷ ରୋପଣ କରାଯାଇଥିଲା । ବିଦ୍ୟାଳୟକୁ ପଲିଥିନ ମୁକ୍ତ ସହିତ ସଫାସୁତରା, ଔଷଧୀୟ ବୃକ୍ଷର ଯତ୍ନ ସାଙ୍ଗକୁ ଡ୍ରାଗନ ଫଳ ବୃକ୍ଷସୁରକ୍ଷା, ମୋ ପରିବା ବଗିଚାକୁ ଦେଖି ଅତିଥିମାନେ ଖୁସିବ୍ୟକ୍ତ କରିଥିଲେ । ପ୍ରଧାନଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ବାରିକଙ୍କ ତତ୍ତ୍ୱାବଧାନରେ ପ୍ରକୃତି ବନ୍ଧୁ ଶିକ୍ଷକ ସନ୍ତୋଷ କୁମାର ସାହୁ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ଅତିଥିଭାବେ କୋମଣ୍ଡ ସାଧନକେନ୍ଦ୍ର ସଂଯୋଜକ ଲଳିତମୋହନ ମିଶ୍ର, ପଞ୍ଚାୟତ ସରପଞ୍ଚ ମହନ୍ତ ବେହେରା, ପୁରାତନ ଜିଲ୍ଲା ପରିଷଦ ସଭ୍ୟ ଉମାଚରଣ ନାୟକ, ରୋହିବାଙ୍କ ଗ୍ରାମ ସଭାପତି କୃଷ୍ଣ ମହାକୁଡ଼ ଯୋଗଦେଇ ସମସ୍ତେ ବାଡ଼ି ବଗିଚାରେ ଗଛ ଲଗାଇ ତା’ର ଯତ୍ନନେବାକୁ ଶପଥ ଗ୍ରହଣ କରିଥିଲେ ।

ନିତିଦିନ NITIDIN



# ମହାପ୍ରଭୁଙ୍କ ସେବାରେ ସର୍ବକନିଷ୍ଠ ଦଇତାପତି ଯଶସ୍ୱୀ ଓ ଶିବାଂଶ



**ପୁରୀ,୭ା୭/ଏନ୍‌ଏନ୍‌ଏସ୍:** କୋଟି ବ୍ରହ୍ମାଣ୍ଡର ଠାକୁରଙ୍କ ସେବାରେ ଏବେ ସର୍ବକନିଷ୍ଠ ଦଇତାପତି ଯଶସ୍ୱୀ ଓ ଶିବାଂଶ। ଶ୍ରୀମନ୍ଦିରର ପରମ୍ପରା ଯେତିକି ପୁରୁଣା, ସେତିକି ନିଆରା ଏବଂ ଭାବପୂର୍ଣ୍ଣ। ଏଠାରେ ମହାପ୍ରଭୁ ଏବଂ ତାଙ୍କ ସେବାୟତମାନଙ୍କ ମଧ୍ୟରେ ଥିବା ସମ୍ପର୍କ ଜନ୍ମରୁ ହିଁ ଯୋଡ଼ି ହୋଇଯାଏ। ମହାପ୍ରଭୁ ସ୍ନାନବେଦୀରେ ସ୍ନାନ କରିବା ପରେ ଏବେ ଅସୁସ୍ଥ ହୋଇ ଅଣସରରେ ଅବସ୍ଥାନ କରିଛନ୍ତି। ତାଙ୍କର ସୁସ୍ଥତା ପାଇଁ ଦଇତାପତି ସେବକଙ୍କ ଦ୍ୱାରା ଗୁପ୍ତ ସେବା ଜାରୀ ରହିଛି। ଏହି ସେବା ଅତି ଗୋପନୀୟ। ଏହି ଅବସରରେ ମହାପ୍ରଭୁଙ୍କ ଅଣସର ସେବାରୁ ସେବା ଆରମ୍ଭ କରିଛନ୍ତି ଶୁଭକାନ୍ତ ଦାସ ମହାପାତ୍ରଙ୍କ ପୁତ୍ର ଯଶସ୍ୱୀ ଦାସ ମହାପାତ୍ର ଓ ସୂର୍ଯ୍ୟକାନ୍ତ ଦାସମହାପାତ୍ରଙ୍କ ପୁତ୍ର ଶିବାଂଶ ଦାସମହାପାତ୍ର। କୋଟି ବ୍ରହ୍ମାଣ୍ଡର ଠାକୁରଙ୍କ ସେବାରେ ଏବେ ସର୍ବକନିଷ୍ଠ ଦଇତାପତି ଯଶସ୍ୱୀ ଓ ଶିବାଂଶ। ଅଣସର ପିଣ୍ଡିରେ ବିଜେ ଶ୍ରୀଜିଉଙ୍କୁ ପାଉଣା ଭେଟି ଦେବା ସହ ଚକଟା ଭୋଗ ସେବନ କରି ସର୍ବକନିଷ୍ଠ ଦଇତାପତି ସେବକର ମାନ୍ୟତା ପାଇଛନ୍ତି। ଯଶସ୍ୱୀ ଓ ଶିବାଂଶ ମକୁଟା ପିନ୍ଧି ଦଇତାପତିଙ୍କ ବେଶରେ ଶ୍ରୀମନ୍ଦିରରେ ପ୍ରବେଶ ପରେ ଅଣସର ତାଟି ଦେଇ ଅଣସର ପିଣ୍ଡିରେ ବିଜେ ଠାକୁରଙ୍କ ନିକଟକୁ ଯାଇଥିଲେ। ସେଠାରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ନିଜ ହାତରେ ପାଉଣା ଭେଟି ଦେଇ ସେବା ସ୍ୱୀକାର କରିଥିଲେ। ମହପ୍ରଭୁ ଅଣସର ଘରେ ଜ୍ୱରରେ ଅସୁସ୍ଥ ଥିବାରୁ ଗୁପ୍ତ ସେବା କରିବେ ସର୍ବକନିଷ୍ଠ ଦଇତାପତି ଯଶସ୍ୱୀ ଓ ଶିବାଂଶ। ଦଇତାକୂଳର ପରମ୍ପରା ଅନୁଯାୟୀ ଜନ୍ମ ହେବାର ୨୧ ଦିନ ପରେ ଦଇତା ଭାବେ ଗଣତି ହେବା ସହ ଅଣସର ଘରେ ମହାପ୍ରଭୁଙ୍କ ସେବା କରିଥାନ୍ତି। ଏତେ କମ୍ ବୟସରେ ମହାପ୍ରଭୁଙ୍କ ସେବା ପୂଜା, ନିତୀକାନ୍ତି ବିଷୟରେ ଯଶସ୍ୱୀ ଓ ଶିବାଂଶ ଅଜ୍ଞ ଥିଲେ ମଧ ଭବିଷ୍ୟତରେ ସମର୍ପଣ ମନଭାବ ନେଇ ମହାପ୍ରଭୁଙ୍କ ସେବା କରିବେ ବୋଲି କହିଛନ୍ତି ଯଶସ୍ୱୀଙ୍କ ଜେଜେ ରବୀନ୍ଦ୍ର ଦାସ ମହାପାତ୍ର ଓ ଶିବାଂଶଙ୍କ ଜେଜେ ଶିବପ୍ରସାଦ ଦାସ ମହାପାତ୍ର। ପରମ୍ପରା ଅନୁଯାୟୀ, ଶ୍ରୀମନ୍ଦିର ସେବାୟତ ପରିବାରରେ ପୁତ୍ର ସନ୍ତାନଟିଏ ଜନ୍ମ ହେଲେ, ତାର 'ଏକୋଇଶିଆ' (୨୧ଦିନ) ବା ଅନ୍ୟ କୌଣସି ଶୁଭ ଦିନରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି 'ଖଣ୍ଟୁଆ' ଆଣି ଶିଶୁଟିର ମୁଣ୍ଡରେ ବନ୍ଧାଯାଏ। ଏହି ବିଧି ମାଧ୍ୟମରେ ସେହି କୁନି ପିଲାଟି ଶ୍ରୀମନ୍ଦିରର ବଂଶାନୁକ୍ରମିକ ସେବାୟତ ତାଲିକାରେ ସାମିଲ ହୋଇଯାଏ ଏବଂ ନିଜ ଜୀବନକୁ କାଳିଆ ସାଆନ୍ତଙ୍କ ଚରଣରେ ସମର୍ପିତ କରିବାର ପ୍ରଥମ ପାହାଚ ଅତିକ୍ରମ କରେ। ଜନ୍ମରୁ ହିଁ କାଳିଆ ଠାକୁରଙ୍କ ସେବକ ହେବାର ସୌଭାଗ୍ୟ ସତରେ ଅବର୍ଣ୍ଣନୀୟ।

# କାଡ଼ା କାମ ତଦନ୍ତ କଲେ ସହକାରୀ ଯନ୍ତ୍ରୀ



**ନୟାହଟ,୭ା୭/ଏନ୍‌ଏନ୍‌ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ଇଶାଣପୁର ପଞ୍ଚାୟତର ୪୪ ନମ୍ବର ପାଣିପଞ୍ଚାୟତରେ ଚାଲିଥିବା କାଡ଼ା କାର୍ଯ୍ୟକୁ ସରପଞ୍ଚ ବିନୋଦିନୀ ପାଲଙ୍କ ଅଭିଯୋଗ ଉପରେ ସୋମବାର ଭୁବନେଶ୍ୱରରୁ କାଡ଼ା ବିଭାଗର ସହକାରୀ ଯନ୍ତ୍ରୀ ଚିନ୍ମୟୀ ଚନ୍ଦ୍ରକାନ୍ତି ଘଟଣାର ତଦନ୍ତ କରିବା ସହ କାର୍ଯ୍ୟ ବୁଲି ଦେଖିଥିଲେ। ଏ ସଂପର୍କରେ ଆମ ପ୍ରତିନିଧି ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରେ ସେ କହିଥିଲେ ଯେ ଏହା ଏନାର୍ଜେସ କାମ ନୁହେଁ ସଂପୂର୍ଣ୍ଣ ଭିତ୍ତିହୀନ ଏହା କାଡା କାମ କାଡ଼ା କାର୍ଯ୍ୟ ଟେଣ୍ଡର ହୁଏନାହିଁ କେଟୁ ମାଧ୍ୟମରେ ୫ଲକ୍ଷ ଲେଖାଏଁ କାର୍ଯ୍ୟ କରାଯାଏ। ଉକ୍ତ କାର୍ଯ୍ୟଟି ୧୦ରୁ ୧୨ ଲକ୍ଷ ଟଙ୍କାର ହୋଇଥିବା ବେଳେ ଏହାକୁ ଦୁଇଜଣ ଠିକାଦାର କରୁଛନ୍ତି। କେନାଲରେ ଯେଉଁଠି ସୋଠ ଥିବ ଚାଷଜମିକୁ ଶେଷ ପର୍ଯ୍ୟନ୍ତ ପାଣି ଯାଉନଥିବ ସେଠାରେ ଚାଷୀ ମାନଙ୍କ ଠାରୁ ଦସ୍ତଖତ ନିଆଯାଇ ସେମାନଙ୍କ ଜମି ଉପରେ ପାଣି ଯିବାପାଇଁ କାଡ଼ା ନିର୍ମାଣ କରାଯାଇଥାଏ। କାଡା ନିର୍ମାଣ ଶେଷ ପରେ ମାପ କରାଯାଇ ବିଲି ପରେ ଫଳକ ମରାଯିବା ବୋଲି ତଦନ୍ତରେ ଆସିଥିବା ସହକାରୀ ଯନ୍ତ୍ରୀ ଚିନ୍ମୟୀ ଚନ୍ଦ୍ରକାନ୍ତି ପ୍ରକାଶ କରିଛନ୍ତି ଓ କାର୍ଯ ସଂପୂର୍ଣ୍ଣ ଠିକ୍ ବୋଲି ସେ କହିଛନ୍ତି। ପରକାଶ ଥାଉକି ଇଶାଣପୁର ସରପଞ୍ଚ ବିନୋଦିନୀ ପାଲ ମଙ୍ଗଳ ବାର ଦିନ ଭୁବନେଶ୍ୱର ଦୁର୍ନୀତି ନିବାରଣ ବିଭାଗ ଏସପିଙ୍କୁ କାଡ଼ା କାର୍ଯ୍ୟର ତଦନ୍ତ ପାଇଁ ଅଭିଯୋଗ କରିବା ପରେ ଆମ ପ୍ରତିନିଧି କାଡ଼ା ବିଭାଗର ସହକାରୀ ଯନ୍ତ୍ରୀ ଙ୍କୁ ପଚାରିବାରେ ସେ କହିଲେ ଅଭିଯୋଗ ଭିତ୍ତିହୀନ ଆମେ ତଦନ୍ତ କୁ ପ୍ରସ୍ତୁତ ଅଛୁ ଯେହେତୁ ଏଷ୍ଟିମେଣ୍ଟ ହିସାବରେ କାମ ହୋଇଛି ଆମର ଭୟ କରିବାର ନାହିଁ।

# ଓଡ଼ିଆ ବିଶ୍ୱବିଦ୍ୟାଳୟ ପରିଦର୍ଶନରେ ତିରୁପତିର କୁଳସଚିବ



**ସାକ୍ଷୀଗୋପାଳ,୭ା୭/ଏନ୍‌ଏନ୍‌ଏସ୍:** ସୋମବାର ଦିବା ୧୧ ଘଟିକା ସମୟରେ ପାଠଚକ୍ର କକ୍ଷରେ କୁଳପତି ପ୍ରଫେସର(ଡ.) ସତ୍ୟନାରାୟଣ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ତଥା ବକ୍ତା ଭାବରେ ଡକ୍ଟର ବଳଭଦ୍ର ଉପାଧ୍ୟାୟ, କୁଳସଚିବ, ଶ୍ରୀ ବେଙ୍କଟେଶ୍ୱର ବେଦ ବିଶ୍ୱବିଦ୍ୟାଳୟ, ତିରୁପତି, ଆନ୍ଧ୍ରପ୍ରଦେଶରୁ ଉପସ୍ଥିତ ଥିଲେ। ସେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳସଚିବ ରଶ୍ମିରେଖା ଦାସଙ୍କୁ ଭେଟି ବିଶ୍ୱବିଦ୍ୟାଳୟର ପରିଚାଳନା ପରିପାଟୀ ତଥା ଶୃଙ୍ଖଳିତ ଦପ୍ତର ପରିଚାଳନାକୁ ଦେଖି ଖୁସିବ୍ୟକ୍ତ କରିଥିଲେ। ବକ୍ତବ୍ୟ ଛଳରେ ଡକ୍ଟର ଉପାଧ୍ୟାୟ ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ନୈତିକ ଓ ଆଧ୍ୟାତ୍ମିକ ଭାବବୋଧ ସୃଷ୍ଟି କରିଥିଲେ। ସମ୍ମାନିତ ଅତିଥି ଭାବେ ରୋଜାଲିନ୍ ଉପାଧ୍ୟାୟ ବିଶ୍ୱବିଦ୍ୟାଳୟ ପରିସରରେ ସବୁଜ ଉଦ୍ୟାନ ଓ ଭିତ୍ତିଭୂମିର ଉଚ୍ଚପ୍ରଶଂସା କରିଥିଲେ। କୁଳପତି ଡକ୍ଟର ସତ୍ୟନାରାୟଣ ଆଚାର୍ଯ୍ୟ ତିରୁପତିରୁ ଆସିଥିବା ଡକ୍ଟର ଉପାଧ୍ୟାୟ ଦମ୍ପତିଙ୍କୁ ଉତ୍ତରୀୟ ବସ୍ତ୍ର ପ୍ରଦାନ ପୂର୍ବକ ସ୍ୱାଗତ ଅଭ୍ୟର୍ଥନା ସହିତ ଓଡ଼ିଆ ବିଶ୍ୱବିଦ୍ୟାଳୟକୁ ଗବେଷଣାତ୍ମକ ତଥା ଗୁଣାତ୍ମକ ମାନବୃଦ୍ଧି ପାଇଁ ନାନା ପରାମର୍ଶମାନ ଗ୍ରହଣ କରିଥିଲେ। ଏବଂ ଡକ୍ଟର ଆଚାର୍ଯ୍ୟ ଏଭଳି ପରିଦର୍ଶନକୁ ଓଡ଼ିଆ ବିଶ୍ୱବିଦ୍ୟାଳୟର ଏକ ସୌଭାଗ୍ୟ ବୋଲି ପ୍ରକାଶ କରିଥିଲେ। ତିରୁପତି ଏବଂ ଶ୍ରୀକ୍ଷେତ୍ର ଧାମ ମଧ୍ୟରେ ଏହା ଏକ ପବିତ୍ର ସଂଯୋଗସେତୁ ସ୍ୱରୂପ ଆଗାମୀ ଦିନରେ କାର୍ଯ୍ୟକରିବ ବୋଲି ଅଭିମତ ରଖିଥିଲେ। ସମ୍ମାନର ସୁପରିଚାଳନା କରିଥିଲେ ଆଂଚଳିକ ଜନଜାତି ଭାଷା ଓ ଐତିହ୍ୟ ଅଧ୍ୟୟନ ବିଭାଗମୁଖ୍ୟ ଡକ୍ଟର ଶର୍ମିଷ୍ଠା ମହାପାତ୍ର। ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷା ଡକ୍ଟର ଲିପିକା ନାୟକ, ଛାତ୍ରମଙ୍ଗଳ ଅଧିକାରୀ ଡକ୍ଟର ସଙ୍ଗୀତା ଜେନା, ଅତିଥି ଅଧ୍ୟାପକ ଡକ୍ଟର ଜୟନ୍ତ କୁମାର ପରିଡ଼ା, ଡକ୍ଟର ଶୁଭସ୍ମିତା ନାୟକ, ଡକ୍ଟର ସସ୍ମିତା ଜେନା, ଡକ୍ଟର ମୋନାଲି ଚ୍ୟାଙ୍ଗ ଓ ବିଶ୍ୱବିଦ୍ୟାଳୟର ତିନୋଟି ବିଭାଗର ଛାତ୍ରଛାତ୍ରୀଗଣ ଉପସ୍ଥିତ ଥିଲେ।

# ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କାର୍ଯ୍ୟ ଅସମ୍ପୂର୍ଣ୍ଣ, ଠିକାଦାର ଫେରାର୍



**କଣ୍ଟିଲୋ,୭ା୭/ଏନ୍‌ଏନ୍‌ଏସ୍:** ରାଜ୍ୟର ପ୍ରତ୍ୟେକ ପଞ୍ଚାୟତ ମହକୁମାରେ ସର୍ବ ସାଧାରଣ ଜନତା କିପରି ସୁବିଧାରେ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇପାରିବେ ସେଥିପାଇଁ ରାଜ୍ୟ ସରକାର ପ୍ରତ୍ୟେକ ପଞ୍ଚାୟତରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କେନ୍ଦ୍ର ଖୋଲିଛନ୍ତି। ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି କଣ୍ଟିଲୋ ଗ୍ରାମ ପଞ୍ଚାୟତରେ। ସଂପୃକ୍ତ ଠିକାଦାର ନିର୍ମାଣ କାର୍ଯ୍ୟକୁ ଅସମ୍ପୂର୍ଣ୍ଣ ଭାବେ ଛାଡ଼ି ଫେରାର ହୋଇ ଯାଇଥିବା ଅଭିଯୋଗ ହେଉଛି। ସୂଚନାରୁ ପ୍ରକାଶ ଯେ, ୪୬ ଲକ୍ଷ ଟଙ୍କା ବିନିମୟରେ କଣ୍ଟିଲୋ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପାଣ୍ଡୁସାହୁପାଟଣା ଅଞ୍ଚଳରେ ୯ ୱାର୍ଡର ପ୍ରାୟ ପାଞ୍ଚହଜାରରୁ ଉର୍ଦ୍ଧ୍ୱ ଅଧିବାସୀ ମାନଙ୍କୁ ହାତ ପାଖରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଏନ୍‌ଆରଏଚ୍‌ଏମ ବିଭାଗ ତରଫରୁ ଏହି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନିର୍ମାଣ କରାଯାଇଥିଲା। ନିର୍ମାଣ କାର୍ଯ୍ୟ ସମ୍ପନ୍ନ କରିବାର ଅବଧି ଶେଷ ହୋଇ ଅଧିକ ୬ ମାସ ବିତି ଯାଇଥିଲେ ମଧ, ସଂପୃକ୍ତ ଠିକାଦାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ କରିବା କିମ୍ବା ଏହାକୁ ହସ୍ତାନ୍ତର ନ କରି ଛାଡ଼ି ଫେରାର ହୋଇ ଯାଇଥିବା ଯୋଗୁଁ ସେ ଅଞ୍ଚଳର ଅଧିବାସୀ ମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଉକ୍ତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଆଜ ସୁଦ୍ଧା ତାଲା ପଡ଼ି ବନ୍ଦ୍ ହୋଇ ରହିଥିବାରୁ ସର୍ବ ସାଧାରଣ ଜନତାଙ୍କ ସେବାରେ ଆସୁନି। ଅବଶ୍ୟ ସ୍ୱାସ୍ଥ୍ୟ ବିଭାଗ ତରଫରୁ ମହିଳା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ଶ୍ରଦ୍ଧାଞ୍ଜଳି ସେଠୀ ପାଣ୍ଡୁସାହୁପାଟଣାର କ୍ଲବ ଘରେ ଲୋକ ମାନଙ୍କୁ ସେବା ଯୋଗାଉଥିବା ସୂଚନା ମିଳିଛି। ବିଶେଷ ଦ୍ରଷ୍ଟବ୍ୟ ଯେ,ଆଜସୁଦ୍ଧା ବିଦ୍ୟୁତ୍ ଓ ପାଣିର ମଧ ସଂଯୋଗ ହୋଇ ନାହିଁ। ଯଥାଶୀଘ୍ର ସଂପୃକ୍ତ ଠିକାଦାରଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ପଡ଼ିଥିବା ତାଲା ଖୋଲିବାର ବିହିତ ପଦକ୍ଷେପ ନେବା ସହିତ, ଏହି ଅଞ୍ଚଳରେ ବସବାସ କରୁଥିବା ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ଅଧିବାସୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ଖଣ୍ଡପଡ଼ା ବିଧାୟକ, ନୟାଗଡ଼ ଜିଲ୍ଲାପାଳ, ଜିଲ୍ଲା ଚିକିତ୍ସା ଅଧିକାରୀ ଓ ଗଡ଼ିଆ ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଅଭିସାର ପଣ୍ଡାଙ୍କ ନିକଟରେ ଏ ଅଞ୍ଚଳର ଅଧିବାସୀମାନେ ଦାବି କରିଛନ୍ତି। ଅନ୍ୟଥା ଖୁବ୍‌ଶୀଘ୍ର ଏଠାର ଅଧିବାସୀ ମାନେ ଆନ୍ଦୋଳନ କରିବାକୁ ସଭାପତି ଓ ଅନ୍ୟାନ୍ୟ କର୍ମକର୍ତ୍ତା ଓ ଲୋକମାନେ ଚେତାବନୀ ଦେଇଛନ୍ତି ଏବଂ ଏଥିପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରଶାସନ ଦାୟୀ ରହିବେ ବୋଲି ସତର୍କ କରିଛନ୍ତି।

# କଙ୍ଗାରୁକୋର୍ଟ ପ୍ରହାରରେ ଯୁବକଙ୍କ ଜୀବନ ଗଲା

**ନୟାଗଡ଼,୭ା୭/ଏନ୍‌ଏନ୍‌ଏସ୍:** ନୟାଗଡ଼ ସଦର ଥାନା ଅନ୍ତର୍ଗତ ଡାଳିମ୍ବମଡ଼ା ଗାଁରେ କଙ୍ଗାରୁକୋର୍ଟ ପ୍ରହାରରେ ଗ୍ରାମବାସୀ ଜଣେ ଯୁବକକୁ ପିଟିପିଟି ହତ୍ୟା କରିଛନ୍ତି। ମୃତ ଯୁବକ ଅଭିମନ୍ୟୁ ସାହୁ(୨୫)ଙ୍କ ପରିବାରକୁ ପୂର୍ବରୁ ଗାଁରୁ ବାସନ୍ଦ କରାଯାଇଥିଲା। କିଛିଦିନ ତଳେ ଯଜ୍ଞ କାର୍ଯ୍ୟକୁ ନ ଡାକିବାରୁ ଗ୍ରାମବାସୀଙ୍କୁ ଗାଳିଗୁଲଜ କରିବାରୁ ଅଭିମନ୍ୟୁଙ୍କୁ ରାତିରେ ଗ୍ରାମବାସୀ ସଂଘବଦ୍ଧ ଭାବେ ଅପହରଣ କରିନେଲେ। ପରେ ପିଟିପିଟି ହତ୍ୟା କରିଦେଲେ। ପ୍ରମାଣ ନଷ୍ଟ କରିବାକୁ ମୃତଦେହକୁ ଗାଁ ନିକଟରେ ବହି ଯାଉଥିବା ଡାହୁକା ନଦୀରେ ଫୋପାଡ଼ି ଦେଇଥିଲେ। ଅଗ୍ନିଶମ ବାହିନୀ ସହାୟତାରେ ପୁଲିସ ନଦୀରୁ ଅଭିମନ୍ୟୁଙ୍କ ମୃତଦେହ ଜବତ କରିଛି। ଏହି ଘଟଣାରେ ପୁଲିସ ୭ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଘଟଣାର ତଦନ୍ତ ଚାଲିଛି, ଯେଉଁମାନେ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ସମସ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ୍ ସୂତ୍ରରୁ ଜଣାପଡ଼ିଛି। ଯାହା ଜଣାପଡିଛି କିଛି ଦିନ ତଳେ ଗାଁରେ ଏକ ଯଜ୍ଞ ହୋଇଥିଲା। ମୃତକଙ୍କ ପରିବାରକୁ ଗାଁରୁ ବାସନ୍ଦ କରାଯାଇ ଥିବାରୁ ମୃତକଙ୍କ ପରିବାରକୁ ଯଜ୍ଞରେ ସାମିଲ କରାଯାଇ ନଥିଲା। ଯଜ୍ଞରେ ସାମିଲ କଲେନି ବୋଲି ଅଭିମନ୍ୟୁ ଗ୍ରାମବାସୀଙ୍କୁ ଗାଳି କରିଥିଲେ। ଏହାକୁ ନେଇ ଗାଁରେ ଏକ ବୈଠକ ଡକାଯାଇଥିଲା । ଗତକାଲି ରାତିରେ ଘରକୁ ଫେରୁଥିବା ବେଳେ ରାସ୍ତାରୁ କିଛି ଯୁବକ ଅଭିମନ୍ୟୁଙ୍କୁ ଗାଁ କ୍ଲବ୍‌କୁ ଟେକି ନେଇ ନିସ୍ତୁକ ପିଟିଥିଲେ। ଖବର ପାଇ ଅଭିମନ୍ୟୁଙ୍କ ବାପା ଚିରଞ୍ଜୀବୀ ସାହୁ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ ପୁଅକୁ ପାଇ ନଥିଲେ। ସେ ଏ ନେଇ ଗ୍ରାମବାସୀଙ୍କୁ ପଚାରିବାରୁ ଓ ସଦର ଥାନା ପୁଲିସ ତାକୁ ନେଇଯାଇଛି ବୋଲି ସେମାନେ କହିଥିଲେ। ଚିରଞ୍ଜୀବୀ ସଦର ଥାନାରେ ପହଞ୍ଚି ସେଠାରେ ଅଭିମନ୍ୟୁ ନଥିବା ଦେଖି ପୁଲିସ କର୍ମଚାରୀଙ୍କୁ ପଚାରିଥିଲେ। ଏମିତି ନାଁରେ କୌଣସି ଯୁବକଙ୍କୁ ଥାନାରେ ଅଟକ ରଖାଯାଇ ନାହିଁ ବୋଲି ପୁଲିସ କହିବା ପରେ ଗାଁକୁ ଫେରିଆସି ଖୋଜାଖୋଜି କରି ନିରାଶ ହେବା ପରେ ଥାନାରେ ରିପୋର୍ଟ କରିଥିଲେ। ଏହାକୁ ନେଇ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜ୍ୟୋତି ରଞ୍ଜନ ସାମନ୍ତରାୟ, ଏସ୍‌ଡିପିଓ ଶ୍ରୀ ସାହୁ ଓ ସଦର ଥାନା ଇନ୍‌ସ୍ପେକ୍ଟର ପ୍ରିୟତମା ପ୍ରଧାନ ପ୍ରମୁଖ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଯେଉଁଠାରେ ଅଭିମନ୍ୟୁଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଥିଲା, ଉକ୍ତ କ୍ଲବଘର କାନ୍ଥରେ ରକ୍ତଛିଟା ସହ ଲୁହା ରଡ୍ ଓ ତାଙ୍କ ପିନ୍ଧା ସାର୍ଟ ପଡ଼ିଥିବା ପୁଲିସ ଦେଖିବାକୁ ପାଇଥିଲା। ପରେ ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ପହଞ୍ଚି ତଦନ୍ତ କରିଥିଲେ। ଅଭିମନ୍ୟୁଙ୍କୁ ହତ୍ୟା କରି ମୃତଦେହକୁ ଡାହୁକା ନଦୀରେ ଫୋପାଡ଼ି ଦିଆଯାଇଥିବା ପୁଲିସ ଜାଣିବାକୁ ପାଇ ତୁରନ୍ତ ଅଗ୍ନିଶମ ବାହିନୀକୁ ଡକାଇଥିଲେ। ନଦୀରେ ଖୋଜାଖୋଜି କରିବା ପରେ ଅଭିମନ୍ୟୁଙ୍କ ମୃତଦେହ ମିଳିଥିଲା। ଏହାକୁ ନେଇ ଗାଁରେ ପ୍ରବଳ ଉତ୍ତେଜନା ଲାଗି ରହିଥିବା ବେଳେ ବାପା ଚିରଞ୍ଜୀବୀଙ୍କ ଅଭିଯୋଗ ଆଧାରରେ ପୁଲିସ ସମ୍ପୃକ୍ତ ୧୧ଜଣଙ୍କ ସମେତ ଅନ୍ୟ ଗ୍ରାମବାସୀଙ୍କ ନାଁରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ଏହାକୁ ନେଇ ଗ୍ରାମରେ ପୋଲିସ୍ କଡ଼ା ନଜର ରଖିଥିବା ବେଳେ ଜିଲ୍ଲାରେ ଏହା ଚାଞ୍ଚଲ୍ୟ ଖେଳାଇଛି।

# 'ସବୁଜ ଯୁଗର କାବ୍ୟ ଚେତନା' ଆଲୋଚନାଚକ୍ର

**ଖୋର୍ଦ୍ଧା,୭ା୭/ଏନ୍‌ଏନ୍‌ଏସ୍:** ଆମରି ସତ୍ୟ ବିକାଶ ପରିଷଦ, ଜଟଣୀ ତରଫରୁ ଏକ ଆଲୋଚନା ଚକ୍ର ଜବାହରଲାଲ ସୁବୁଦ୍ଧିଙ୍କ ସଭାପତିତ୍ୱରେ ବଡତୋଟାଠାରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚ୍ୟ ବିଷୟବସ୍ତୁ 'ସବୁଜ ଯୁଗର କାବ୍ୟ ଚେତନା'। ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବେଗୁନିଆ ମହାବିଦ୍ୟାଳୟ ଅଧାପକ ଡ: ସୋମନାଥ ବିଷୋୟୀ କହିଲେ ସବୁଜ ଯୁଗର କବିତା ନୂତନ ସାହିତ୍ୟର ସୃଷ୍ଟି, ନୂତନ ଚେତନା ଜାଗ୍ରତ କରିବା ଓ ନବୀନ ତରୁଣ ମାନଙ୍କୁ ଉଜ୍ଜୀବିତ କରିବାରେ ଅଗ୍ରଣୀ ଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଡ: ଶଶାଙ୍କ ଶେଖର ରଥ କବିର ଚେତନା ଏକ ଯୁଗର ଚେତନା। ସବୁଜ ସାହିତ୍ୟ ସମାଜକୁ ଓ ଯୁବକମାନଙ୍କୁ ଉନ୍ନତ ମାର୍ଗ ଦର୍ଶକ ବୋଲି କହିଥିଲେ। ସମ୍ମାନିତ ଅତିଥି ଆମରି ସତ୍ୟ ପ୍ରତିଷ୍ଠାତା ଡ: ପ୍ରମୋଦ ଚନ୍ଦ୍ର ଦାଶ ଓଡିଆ କାବ୍ୟ ସାହିତ୍ୟ ଆଲୋଚନା କରିବାଦ୍ୱାରା ମାତୃଭାଷା ଓ ସାହିତ୍ୟର ଅଭିବୃଦ୍ଧି ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଆଦି ନାରାୟଣ ଖଣ୍ଟୁଆଳ, ରାମ ଶଙ୍କର, ସାରଙ୍ଗଧର ବଳିଆରସିଂହ, ସୁଦର୍ଶନ ମହାପାତ୍ର, ଶକ୍ତିଧର ମହାପାତ୍ର, ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ପଣ୍ଡିତ ପଦ୍ମନାଭ ପାଣିଗ୍ରାହୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବିଜୟାନନ୍ଦ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଉକ୍ତ ସଭାରେ ଆୟୋଜକ ପ୍ରତାପ କୁମାର ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଷ୍ଣୁ ଚରଣ ସ୍ୱାଇଁ, ଅର୍ଜୁନ ବାରିକ, ପ୍ରତାପ କୁମାର ବାରିକ ଓ ବିଜୟାନନ୍ଦ ପଟ୍ଟନାୟକ ଆୟୋଜନ ଓ ପରିଚାଳନା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଡ. ସୁକାନ୍ତି ମହାପାତ୍ରଙ୍କ ସଭାପତିତ୍ୱ ଓ ବ୍ରଜବନ୍ଧୁ ନାୟକ, ପଦ୍ମଲୋଚନ ସାହୁଙ୍କ ସଂଯୋଜନାରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଭାସ ମଙ୍ଗରାଜ, ରବୀନ୍ଦ୍ର ଖଣ୍ଟୁଆଳ, ଦେବନାଥ ଦାଶ, ଜଗନ୍ନାଥ ନାୟକ, ସାରଙ୍ଗ ଧର ବେହେରା, ଧାରିତ୍ରି ମାହାକୁଡ, ଅଙ୍କିତା ଶର୍ମା ପ୍ରଭୃତି କବି, କବୟିତ୍ରୀ ମାନେ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରତାପ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ସର୍ବଦଳୀୟ ବୈଠକରେ ପ୍ରକାଶ ପାଇଲା ଚିଠା ଭୋଟର ତାଲିକା

**ଆଠଗଡ଼,୭ା୭/ଏନ୍‌ଏନ୍‌ଏସ୍:** ସାରା ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଅନ୍ତର୍ଗତ ଆଠଗଡ ନିର୍ବାଚନ ମଣ୍ଡଳୀରେ ପ୍ରକାଶ ପଇଛି ଚିଠା ଭୋଟର ତାଲିକା। ୮୯ ଆଠଗଡ଼ର ପଞ୍ଜିକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ପ୍ରହଲାଦ ନାରାୟଣ ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ଉପଜିଲ୍ଲାପାଳ ସବାଗୃହ ଠାରେ ସର୍ବଦଳୀୟ ବୈଠକ ଆହ୍ୱାନ କରାଯାଇ ଏହି ଚିଠା ଭୋଟର ତାଲିକାକୁ ପ୍ରକାଶ କରାଯାଇଛି। ପୂର୍ବ ତଥ୍ୟ ଅନୁଯାୟୀ ନିର୍ବାଚନ ମଣ୍ଡଳୀରେ ୨୫୫ ଗୋଟି ବୁଥ ରହିଥିଲା ଭୋଟର ମାନଙ୍କ ସଂଖ୍ୟା ଆଧାରରେ ୬୩ ଗୋଟି ବୁଥ ବୃଦ୍ଧି କରାଯାଇ ମୋଟ ୩୧୮ ଗୋଟି ବୁଥ୍ ପାଇଁ ଚିଠା ଭୋଟର ତାଲିକା ପ୍ରକାଶ କରାଯାଇଥିଲା। ସହ ପଞ୍ଜିକରଣ ଅଧିକାରୀ ତଥା ଡେପୁଟି କଲେକ୍ଟର ପ୍ରଭୁଦତ୍ତ ପ୍ରଧାନ, ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା, ଡିଗିରିଆ ତହସିଲଦାର ଧର୍ମ ରଞ୍ଜନ ପଣ୍ଡା, ଆଠଗଡ ତହସିଲଦାର କୁଞ୍ଜ ବିହାରି ବଡଜେନା, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳୟ କୁମାର ଦେହୁରୀ ଙ୍କ ଉପସ୍ଥିତିରେ ପ୍ରକାଶ କରାଯାଇଥିବା ବେଳେ ବିଜେପି ଦଳ ପକ୍ଷରୁ ଜ୍ଞାନ ରଂଜନ ମହାପାତ୍ର, ବିଜେଡି ପକ୍ଷରୁ ଶିଶିର ପ୍ରସାଦ ମାନସିଂହ, ରଞ୍ଜନ ଜେନା ଏବଂ କଂଗ୍ରେସ ଦଳ ପକ୍ଷରୁ ପ୍ରୟବ୍ରତ ଦାସ ଏବଂ ଅଶୋକ ଦାଶ ପ୍ରମୁଖ ଉପସ୍ଥିତ ଥିବାବେଳେ ବୁଥସ୍ତରୀୟ ପର୍ଯ୍ୟବେକ୍ଷକ ଚନ୍ଦ୍ରକାନ୍ତ ମିଶ୍ର, ଲୋକନାଥ ସାହୁ, ଚାରୁ ଚନ୍ଦ୍ର ବେହେରାଙ୍କ ସମେତ ବହୁ ପର୍ଯ୍ୟବେକ୍ଷକ ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ ଯେ, ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟ ପୂର୍ବରୁ ନିର୍ବାଚନ ମଣ୍ଡଳୀରେ ମୋଟ ୨୧୨୩୬୯ଜଣ ଭୋଟର ଥିଲେ। ସେଥିମଧ୍ୟରୁ ୧୨୪୬୬ ଜଣ ବାଦ ପଡ଼ିବାକୁ ଯାଉଛନ୍ତି। ଏହି ଭୋଟରମାନଙ୍କ ମଧ୍ୟରେ ୫୧୮୪ ଜଣଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ୫୨୧୪ଜଣ ଅନ୍ୟତ୍ର ଚାଲିଯାଇଛନ୍ତି। ଏହା ସହିତ ୩୦୦୨ଜଣ ଭୋଟର ୨୦୦୨ର ଭୋଟର ତାଲିକା ସହିତ ଯୋଡା ହୋଇପାରି ନାହାନ୍ତି ଏବଂ ୧୧୧୨ ଜଣ ବୁଥରେ ଅନୁପସ୍ଥିତ ରହିଛନ୍ତି।

ଅନ୍ୟାନ୍ୟ କାର୍ଯ୍ୟ ପାଇଁ ୧୩୨ଜଣ ବାଦ୍ ପଡ଼ିଛନ୍ତି। ନିର୍ବାଚନମଣ୍ଡଳୀର ବାଦ୍ ହେଉ ଅଥବା ତାଲିକାରେ କୌଣସି ଅସଙ୍ଗତ ଥିଲେ ଭୋଟରମାନେ ଅଭିଯୋଗ କରିବାକୁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଯାହାର କି ଶୁଣାଣି କରାଯାଇ ତାଙ୍କ ନାମକୁ ପୁନଃ ସ୍ଥାପିତ କରାଯିବ ଏବଂ ଏହି ଅଭିଯୋଗ ପାଇଁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ସମୟ ସୀମା ଧାର୍ଯ୍ୟ କରାଯାଇଛି ବୋଲି ଅଧିକାରୀମାନେ ପ୍ରକାଶ କରିଥିଲେ। ଚିଠା ତାଲିକାର ପ୍ରସ୍ତୁତି ଉପରେ ପୁନର୍ବାର ଯାଞ୍ଚ କରାଯାଇ ଆବଶ୍ୟକ ପଦକ୍ଷେପମାନ ଗ୍ରହଣ କରିବାକୁ ବିଭିନ୍ନ ରାଜନୈତିକ ଦଳ ଏବଂ ଜନଜାଗରଣ ମଞ୍ଚ ପକ୍ଷରୁ ଦାବି କରାଯାଇଛି।

# ସ୍କୁଲ୍ ପରିସରରେ ବନ ମହୋତ୍ସବ



**ବୋଲଗଡ଼,୭ା୭/ଏନ୍‌ଏନ୍‌ଏସ୍:** ବୋଲଗଡ଼ ଶିକ୍ଷା ମଣ୍ଡଳ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ କାଉତରାରେ ସସ୍ମିତା ସାହୁଙ୍କ ତତ୍ତ୍ୱାବଧାନରେ ସୋମବାର ବନମହୋତ୍ସବ ପାଳନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବୋଲଗଡ଼ ତହସିଲଦାର ବିଜୟ କୁମାର ସେଠୀ, ସ୍ୱତନ୍ତ୍ର ଅତିଥି ଭାବେ ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ପଞ୍ଚସଖା ଶିକ୍ଷା ସେତୁର ଅଧକ୍ଷ ଗଙ୍ଗାଧର ନାୟକ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଜୟ କୁମାର ନାୟକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଏକ ସଭାର ଆୟୋଜନ କରାଯାଇଥିଲା। ସଭାରେ ମୁଖ୍ୟ ଅତିଥି ଓ ସ୍ୱତନ୍ତ୍ର ଅତିଥି ବୃକ୍ଷର ବିଭିନ୍ନ ଉପାଦାୟତା ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ। ଏହି ସଭାକୁ ସହକାରୀ ଶିକ୍ଷକ ଜନ୍ମେଜୟ ମାଝୀ ପରିଚାଳନା କରିଥିଲେ। ଏହାପରେ ମୁଖ୍ୟଅତିଥି ତଥା ସ୍ୱତନ୍ତ୍ର ଅତିଥି ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରାୟ ୨ଶହଟି ବିଭିନ୍ନ କିସମର ଉପାଦେୟ ବୃକ୍ଷ ଯଥା ପିସ୍ତା, କାଜୁ, ଲେମ୍ବୁ, ଡାଳିମ୍ବ, ପଟାସ, ସଜନା, ଆକାସିଆ, ସାଗୁଆନ ଇତ୍ୟାଦି ବୃକ୍ଷ ରୋପଣ କରା ଯାଇଥିଲା। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ନିତ୍ୟାନନ୍ଦ ଜେନା,ହେମନ୍ତ କୁମାର ପରିଡା, ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁ, ଗଣେଶ ବେହେରା, ସୂର୍ଯ୍ୟକାନ୍ତ ନାୟକ, ରଶ୍ମିତା ମଣ୍ଡଳ, ବିକାଶ କୁମାର ପରିଡା,ରାମଦାସ ମୁର୍ମୁ ଓ ମଧୁସ୍ମିତା ସାହୁ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

# ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମନ୍ଦିରରୁ ଚୋରି



## ଥାନାରେ ଦୁଇ ଅଟକ, ସାଇଣ୍ଟିଫିକ୍ ଟିମ୍‌ର ଅନୁସନ୍ଧାନ

**ଡେଲାଙ୍ଗ,୭ା୭/ଏନ୍‌ଏନ୍‌ଏସ୍:** ଓଡ଼ିଶା ପ୍ରସିଦ୍ଧ ବାବା ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମନ୍ଦିରରୁ ସୋମବାର ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ମୁହଁରେ ମୁଖାଲଗାଇ ମନ୍ଦିରରୁ ଅଳଙ୍କାର ସମେତ ଟଙ୍କା ଚୋରିକରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ଡେଲାଙ୍ଗ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଥାନାରେ ଦୁଇ ଜଣକୁ ପୋଲିସ ଅଟକ ରଖିଛି। ଅଧିକ ତଦନ୍ତ ପାଇଁ ପୁରୀରୁ ସାଇଣ୍ଟିଫିକ ଟିମ ସହିତ ସନ୍ଧାନୀ କୁକୁର ଘଟଣାସ୍ଥଳରେ ନିୟୋଜିତ ହୋଇଥିବା ନେଇ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ସୂଚନା ଦେଇଛନ୍ତି। ତେବେ ମିଳିଥିବା ସୂଚନା ମୁତାବକ ସୋମବାର ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ମୁଣ୍ଡରେ ଗାମୁଛା ଓ ମୁହଁରେ ମୁଖା ପନ୍ଧି ମନ୍ଦିରେ ଭିତରେ ପଶି ବାବା ସୋମନାଥ ଦେବଙ୍କ ରୂପାର ମୁକୁଟ (ଯାହାର ଓଜନ ପାଖାପାଖି ୧୫କେଜି) ଏବଂ ହୁଣ୍ଡି ବାକ୍ସରେ ଥିବା ୫୦ହଜାରରୁ ଅଧିକ ଟଙ୍କାକୁ ଚୋରିକରି ନେଇ ଖସି ପଳାଇଛନ୍ତି। ସକାଳୁ ପୂଜକ ମନ୍ଦିରକୁ ପୂଜା କରିବା ପାଇଁ ଯିବା ବେଳେ ଚୋରି ହୋଇଥିବା ଦେଖି ମନ୍ଦିର ପରିଚାଳନା କମିଟିକୁ ଖବର ଦେଇଥିଲେ। ମନ୍ଦିର ପରିଚାଳନା କମିଟି ପକ୍ଷରୁ ପୋଲିସକୁ ଜଣାଇବା ପରେ ଘଟଣାସ୍ଥଳରେ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ହରିରାଜପୁର ଫାଣ୍ଡି ଅଧିକାରୀ ପ୍ରଭାତ କୁମାର ପଲେଇ ପହଞ୍ଚି ଘଟଣାର ତଦନ୍ତ ଚଳାଇଥିଲେ। ହୁଣ୍ଡିବାକ୍ସକୁ ଭାଙ୍ଗି ଟଙ୍କା ଚୋରିକରି ନେବା ପରେ ବାଟରେ ପକାଇ ଦେଇଥିଲେ। ପୋଲିସ ସେଗୁଡିକୁ ଜବତ କରିଛି। ଚୋରି ହୋଇଥିବା ରୁପା ମୁକୁଟ ମୁଲ୍ୟ ୨୦ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ରମାକାନ୍ତ ପଣ୍ଡା ମନ୍ଦିରରୁ ଚୋରୀ ହୋଇଥିବା ସମ୍ପର୍କରେ ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଡେଲାଙ୍ଗ ପୋଲିସ ଆଖପାଖ ଅଂଚଳରୁ ସିସି ଟିଭି ଯାଞ୍ଚ କରିବା ସହ ଡେଲାଙ୍ଗ ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଥିବା ବେଳେ ଦୁଇ ଜଣଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଚଳାଇଥିବା ନେଇ ଥାନା ଅଧିକାରୀ ଶ୍ରୀ ସେଠୀ ସୂଚନା ଦେଇଛନ୍ତି।

**ନିତି ଭାରତୀ**
ସହାନୁଭୂତିର ଶବ୍ଦ ଛୋଟ ଏବଂ କହିବାକୁ ସହଜ ହୋଇପାରେ, କିନ୍ତୁ ତା'ର ପ୍ରତିଧ୍ୱନି ପ୍ରକୃତରେ ଅସୀମ। - ମଦର ଟେରେସା

ନିତିଦିନ NITIDIN
ବୁଧବାର, ୮ ଜୁଲାଇ ୨୦୨୬

# ମୃତ୍ୟୁର ଭୟ ଓ ଚୈତନ୍ୟ ଉଦୟ



ନିରଞ୍ଜନ ସାହୁ

ଭୟର ପ୍ରାଦୁର୍ଭାବରେ ସାରା ଜୀବନ ସନ୍ତ୍ରସ୍ତ। ମାତ୍ର ସବୁ ଭୟ ଭିତରେ ଶୀର୍ଷ ଭୟ ବୋଧହୁଏ ମୃତ୍ୟୁ। ସାଧାରଣତଃ ଅନିଶ୍ଚିତତା ଭୟର ସୃଷ୍ଟିକର୍ତ୍ତା। କାଳେ ଯାତ୍ରା ପଥରେ ଆକସ୍ମିକ ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡ଼ିବ। ହୁଏତ ପୁଣି ଥରେ ପ୍ରଶ୍ନପତ୍ର ପ୍ରଘଟ ହୋଇଯାଇ ପରୀକ୍ଷାର୍ଥୀ ପିଲାମାନଙ୍କର ବର୍ଷଟାଏ ଅକାରଣରେ ନଷ୍ଟ ହୋଇଯିବ। କାଳେ ଦେହରେ କେଉଁଠି କ୍ୟାନ୍ସର୍ ବଢୁଥିବ ଗୋପନରେ। କେବେ ପ୍ରେମିକା ଧୋକ୍କା ଦେଇ ଚାଲିଯିବ ବିନା ବାକ୍ୟ ବିନିମୟରେ। ଏମିତି ଶହ ଶହ ଅନିଶ୍ଚିତତାର କାରଣ। ମାତ୍ର ଜୀବନରେ ସବୁଠାରୁ ନିଶ୍ଚିତତମ ପ୍ରାପ୍ୟ ବସ୍ତୁଟି ହେଲା ମୃତ୍ୟୁ। ହେଲେ ତା'ପାଇଁ ସବୁଠୁ ବେଶୀ ଭୟ ଜୀବନର ବୋଧହୁଏ ଏବଂ ଏହା ହିଁ ବଡ଼ କ୍ରୁର ବିଡ଼ମ୍ବନା।


ମୃତ୍ୟୁ କେବଳ ରହସ୍ୟମୟ ନୁହେଁ, ତାହା ସହିତ ସଂଯୁକ୍ତ ଓ ସମ୍ପୃକ୍ତ ବହୁ କାହାଣୀ କଳ୍ପନା ତାକୁ କରିଛି ଏକ ଠିକଣାହୀନ ଠିକଣା। ମୃତ୍ୟୁଲୋକ ବିଷୟରେ ଯାହା ମଣିଷର ଜ୍ଞାନ, ତା'ର କିଛି ଦୃଢ଼ ଆଧାର ଅଛି କି? ମୃତ୍ୟୁ ପରେ ମଣିଷର କ'ଣ ଘଟେ, ତାହା ଜାଣିବା ପାଇଁ ଯୁଗେ ଯୁଗେ ମଣିଷର ମାତ୍ରାଧିକ ଉତ୍ସୁକତା କାହିଁକି?

ମୃତ୍ୟୁଲୋକ ବିଷୟରେ ଭାରତୀୟ ପୁରାଣ ଶାସ୍ତ୍ରରେ ଯାହା ଉଲ୍ଲେଖ ଅଛି, ତା' ମଧ୍ୟରୁ ନଚିକେତା ଉପାଖ୍ୟାନ ଅନନ୍ୟ। କଠୋପନିଷଦରେ ଏହା ଏକ ମାର୍ମିକ କାହାଣୀ। ନଚିକେତା ଜଣେ ବ୍ରାହ୍ମଣଙ୍କର ତରୁଣ ପୁତ୍ର। ତା'ର ପିତା ଏକ ଧାର୍ମିକ ଯଜ୍ଞାନୁଷ୍ଠାନ କରୁଥିବା ବେଳେ ସେ ଲକ୍ଷ୍ୟ କଲା, ପିତା ତାଙ୍କ ପରିବାରର ରୁଗ୍ଣ, ବୃଦ୍ଧା ଗାଭୀଙ୍କୁ ଦାନ କରୁଛନ୍ତି। ତାହା ତା' ଭିତରେ ଏକ ଆଲୋଡ଼ନ ସୃଷ୍ଟି କଲା। ତହୁଁ ସେ ବାପାଙ୍କ ନିକଟରେ ବିଚଳିତ ହୋଇ ବାରମ୍ବାର ପ୍ରଶ୍ନ କଲା- ବାପା, ମୋତେ କାହାକୁ ଦାନ କରିବ? ବାରମ୍ବାର ଏହି ପ୍ରଶ୍ନରେ କ୍ରୋଧିତ ହୋଇ ପିତା ବଜ୍ରସଭା କହିଲେ- 'ତୋତେ ଯମଙ୍କୁ ଦେଲି।' ବ୍ରାହ୍ମଣ ପିତାଙ୍କ କଥାକୁ ସତ୍ୟ ଭାବରେ ଗ୍ରହଣ କରି ତରୁଣ ନଚିକେତା ଯମଙ୍କ ଅନ୍ୱେଷଣରେ ବାହାରି ଗଲା ଯେ ପରିବାରର କିଛି ପ୍ରତିବନ୍ଧକକୁ ଭ୍ରୂକ୍ଷେପ କଲା ନାହିଁ। ତା'ର ଦୃଢ଼ତା ଓ ଏକାଗ୍ରତା ଆଗରେ ସବୁ ପ୍ରତିବନ୍ଧକ ନଇଁଗଲା। ସେ ଯେତେବେଳେ ଯମଙ୍କ ପୁରରେ ପହଞ୍ଚିଲା। ଯମରାଜ ସେତେବେଳେ ଅନୁପସ୍ଥିତ ଥିଲେ ଏବଂ ଫେରିଲେ ତିନି ଦିନ ପରେ। ବାଳକ ନଚିକେତା ତାଙ୍କୁ କହିଲା, ତା'ର ପିତା ତାଙ୍କୁ ଯମଙ୍କୁ ସମର୍ପଣ କରିଥିବାରୁ ସେ ଆଉ ପ୍ରତ୍ୟାବର୍ତ୍ତନ କରିବ ନାହିଁ। ମାତ୍ର ଯମରାଜ ତା'ର ଦୃଢ଼ତା ଓ ସରଳତାରେ ଏତେ ପ୍ରଭାବିତ ହେଲେ ଯେ ତାକୁ ତିନି ଗୋଟି ବର ପ୍ରଦାନ କଲେ। ପ୍ରଥମର ଫଳ ସ୍ୱରୂପ ପିତାଙ୍କର କ୍ରୋଧ ପ୍ରଶମିତ ହେଲା ଏବଂ ପିତା ତାକୁ ପୁନର୍ବାର ଗ୍ରହଣ କଲେ। ନଚିକେତାଙ୍କୁ ଯମ ଅଗ୍ନିମନ୍ତ୍ର ପ୍ରଦାନ କଲେ, ଯାହା ଯଥା ସମୟରେ ତାଙ୍କୁ ସ୍ୱର୍ଗ ପ୍ରାପ୍ତିର ସହାୟକ ହେବ। ଏହି ମନ୍ତ୍ରଟି ବାସ୍ତବରେ ଏକ ତପସ୍ୟା, ଯାହା ଫଳରେ ମଣିଷ ନିଜର ଦୁର୍ବଳତା, ନିଜ ଭିତରର ଦୁର୍ଗୁଣକୁ ସ୍ୱୀକାର କରି ତାକୁ ତ୍ୟାଗ କରି ଚାଲିବ ଏବଂ କ୍ରମେ ସେ ଆଧ୍ୟାତ୍ମିକ ଯାତ୍ରାର ସୁଉଚ୍ଚ ସୋପାନରେ ପହଞ୍ଚି ପାରିବ। ଯମରାଜ ତାକୁ ଯେତେବେଳେ ବହୁ ଧନ ସମ୍ପତ୍ତି ପ୍ରଦାନ କରିବାକୁ ଚାହିଁଲେ, ନଚିକେତା କହିଲା- ତା'ର ସେଥିରେ ପ୍ରୟୋଜନ ନାହିଁ। ମାତ୍ର ମୃତ୍ୟୁର ଭେଦ ସେ ତାଙ୍କୁ ଜଣାଇବାକୁ ମିନତି କଲେ। ଯମରାଜ ଯାହା କହିଲେ, ତା'ର ମର୍ମ ହେଲା- ମଣିଷର ମୃତ୍ୟୁ ତା'ର ଶରୀରର ଅନ୍ତ ହେଲେ ହେଁ ତା' ଭିତରେ ଥିବା ଅବିନାଶୀ ଆତ୍ମାର ମୃତ୍ୟୁ ହୋଇ ନଥାଏ। ନିଜର ସତ୍‌କର୍ମ ଦ୍ୱାରା ଯିଏ ଆତ୍ମାକୁ ଉପଲବ୍ଧି କରି ପାରନ୍ତି, ସେ ହିଁ ମହତ୍ତର ସୋପାନକୁ ଯାତ୍ରା କରିଥାନ୍ତି, ଅର୍ଥାତ୍ ଆତ୍ମାର ସୁଦୀର୍ଘ ଯାତ୍ରା ପଥରେ ମୃତ୍ୟୁ ଏକ ପୂର୍ଣ୍ଣଚ୍ଛେଦ ନୁହେଁ, ଏହା ହୁଏତ ଏକ କ୍ଷୁଦ୍ର ବିରାମ ଚିହ୍ନ ମାତ୍ର!

ଭାରତୀୟ ପୁରାଣରେ ଯେଉଁ ଦେବାସୁର ସଂଗ୍ରାମ କଥା ଉଲ୍ଲିଖିତ ହୋଇଛି, ସେଥିରେ ସମୁଦ୍ର ମନ୍ଥନରୁ ଉଭୟ ବିଷ ଓ ଅମୃତ ମିଳିଥିବା କଥା ଜଣାଯାଏ। ଅମୃତକୁ କୌଶଳକ୍ରମେ ଅକ୍ତିଆର କରିଥିବାରୁ ଦେବତାମାନେ ମୃତ୍ୟୁ ଚକ୍ରରେ ନଥାନ୍ତି ବୋଲି ଧାରଣା। ମାତ୍ର ମୃତ୍ୟୁକୁ କେବଳ ଏକ ବେଦନାଯୁକ୍ତ ପର୍ଯ୍ୟାୟ ବୋଲି ବୋଧହୁଏ ଧରାଯାଉ ନଥିଲା, କାରଣ ସତ୍‌କର୍ମ ବଳରେ ମୃତ୍ୟୁକୁ ଅତିକ୍ରମ କରାଯାଇପାରେ ବୋଲି ଏକ ଧାରଣା ସୃଷ୍ଟି ହୋଇଥିଲା। ଦଧିଚୀ ନିଜେ ମୃତ୍ୟୁକୁ ବରଣ କରି ତାଙ୍କର ଅସ୍ଥି ପ୍ରଦାନ କରିଥିବାରୁ ଜୀବନଠାରୁ ମୃତ୍ୟୁ ଅଧିକ ଗରୀୟାନ ହୋଇପାରେ ବୋଲି ହୃଦ୍‌ବୋଧ ହୋଇଥିଲା। ମଣିଷର ଚେତନାରେ ଜନ୍ମ ହେଲେ ଯେମିତି ମୃତ୍ୟୁ ଅଛି, ମୃତ୍ୟୁ ହେଲେ ପୁନର୍ଜନ୍ମ ରହିଛି ବୋଲି ଆଦିଶଙ୍କରଙ୍କ ରଚନାରୁ ପ୍ରାପ୍ତ ହୁଏ: 'ପୁନରପି ଜନନଂ ପୁନରପି ମରଣଂ, ପୁନରପି ଜନନୀ ଜଠରେ ଶୟନମ୍।'

ଯମପୁରରେ ପହଞ୍ଚିଲେ ସଂପୃକ୍ତ ବ୍ୟକ୍ତିଙ୍କ ଜୀବନ ରହସ୍ୟ ଖୋଲି ଦିଅନ୍ତି ତାଙ୍କର ପଞ୍ଜିକାର ଚିତ୍ରଗୁପ୍ତ। ମଣିଷର ସବୁ ଭଲ ଓ ମନ୍ଦ କର୍ମ କୁଆଡ଼େ ଆଜିକାଲିର ସିସିଟିଭିରେ କଏଦ ହେଲା ପରି ସେଠାରେ ରହିଥାଏ, ଆଉ ଗର୍ହିତ କର୍ମ ପାଇଁ ଯମ ଦଣ୍ଡର ସମ୍ମୁଖୀନ ହେବାକୁ ପଡ଼େ। ପୁଣ୍ୟର ଫଳ ପୁରସ୍କାର ହୋଇଥିବା ବେଳେ ପାପର ଫଳ ହୋଇଥାଏ ନୀଚ ଫଳ, ଯାହାକୁ କୁହାଯାଏ ଯମ ଦଣ୍ଡ। ବୋଧହୁଏ ସତ୍‌କର୍ମ ପ୍ରତି ମଣିଷର ଦୃଷ୍ଟିଭଙ୍ଗୀ ବଦଳାଇବାକୁ ଏଇ କାହାଣୀ। ମାତ୍ର ପୃଥିବୀକୁ ଆସିବା ପରେ ମଣିଷ ଏସବୁ ଭୁଲି ନିଜର ସ୍ୱେଚ୍ଛାଚାରରେ ବ୍ୟସ୍ତ ରୁହେ। ତେଣୁ କୁହାଯାଏ- 'ପୁଣ୍ୟସ୍ୟ ଫଳ ମିଚ୍ଛନ୍ତି...ପାପ କୁର୍ବନ୍ତି ଯତ୍ନତଃ।'

ମୃତ୍ୟୁର ଭୟ ମଣିଷକୁ ଅନେକ ସମୟରେ ଆତୁର କରେ। କୁହାଯାଏ, ମହା ମୃତ୍ୟୁଞ୍ଜୟ ମନ୍ତ୍ର ପାଠ କଲେ ମୃତ୍ୟୁ ଭୟ ଦୂର ହୁଏ। 'ତ୍ରୟମ୍ବକଂ ଯଜାମହେ ସୁଗନ୍ଧି ପୁଷ୍ଟି ବର୍ଦ୍ଧନମ୍- ଉର୍ବାରକମିବ ବନ୍ଧନାତ୍ ମୃତ୍ୟୋର୍ମୋକ୍ଷିୟମାମୃତାତ୍'- ଏହା କେବଳ ଏକ ଶ୍ଳୋକ ନୁହେଁ, ଏହା ଏକ ସାଧନା, ଯାହା ମଣିଷ ଭିତରେ ନକାରାତ୍ମକ ଉର୍ଜା ଅପସରି ନେଇ ସକାରାତ୍ମକ ଦିଗକୁ ମଣିଷକୁ ପ୍ରେରିତ କରେ।





ମୃତ୍ୟୁ ଅନିର୍ବାର୍ଯ୍ୟ ଏବଂ ଏଥିପାଇଁ ଚାର୍ବାକ୍‌ଙ୍କ ଦୃଷ୍ଟିକୋଣ ଥିଲା- 'ଯାବଜ୍ଜୀବେତ ସୁଖଂଜୀବେତ୍/ ଋଣଂକୃତ୍ୱା ଘୃତଂ ପିବେତ/ ଭସ୍ମିଭୂତସ୍ୟ ଦେହସ୍ୟ ପୁନରାଗମନଂ କୁତଃ।' ଏପରି ଦୃଷ୍ଟିଭଙ୍ଗୀ ଏକ ଲଗାମଛଡ଼ା, ଦାୟିତ୍ୱହୀନ ଜୀବନ ଜିଇଁବାକୁ ପ୍ରଲୁବ୍ଧ କରେ। ମାତ୍ର ଆତ୍ମାର ଉର୍ଦ୍ଧ୍ୱ ଗତିରେ କିଛି ସହଯୋଗ କରେନା। ହେଲେ ମୃତ୍ୟୁ କେତେବେଳେ ଆସିବ, ତାହା ସବୁବେଳେ ରହସ୍ୟ ଘେରରେ। ଓଡ଼ିଆ ଭାଗବତରେ ଜଗନ୍ନାଥ ଦାସଙ୍କ ଉକ୍ତି ସମସ୍ତେ ଜାଣନ୍ତି- 'ନିମିଷେ ଥିଲେ ଦେହେ ପ୍ରାଣ/ ନ ନେଇ ପାରେ ଜନ୍ତୁରାଣ।' ମୃତ୍ୟୁ ଭଗବାନଙ୍କ ହାତରେ ବୋଲି କୁହାଯାଏ। ମାତ୍ର ସ୍ୱାଧୀନତା ବେଳକୁ ଭାରତୀୟଙ୍କ ହାରାହାରି ଆୟୁ ୩୩/୩୪ ବର୍ଷ ହୋଇଥିବା ବେଳେ ଏବେ ତାହା ସତୁରି ବର୍ଷରୁ ଅଧିକ ହୋଇଥିବାରୁ ସତରେ ଭଗବାନଙ୍କର କିଛି ସ୍ଥିର ଆୟୁଷ ପ୍ରଦାନ ଭଳି ମତକୁ ଗ୍ରହଣ କରାଯାଇ ପାରିବ ନାହିଁ। ବରଂ ବିବର୍ତ୍ତନର ନିୟମ ଅନୁସାରେ ଏହା ପରିବର୍ତ୍ତିତ ହେଉଥିବା ଅଧିକ ସମ୍ଭବ ଓ ବିଶ୍ୱାସଯୋଗ୍ୟ ଅନୁଭୂତ ହୁଏ।

ମୃତ୍ୟୁର ଭୟ ପଛରେ ମନସ୍ତାତ୍ତ୍ୱିକ, ଆବେଗିକ ଓ ଆଧ୍ୟାତ୍ମିକ କାରଣମାନ ରହିଛି। ତେବେ ସବୁଠୁ ଗ୍ରହଣଯୋଗ୍ୟ ମତ ହେଲା, ମଣିଷ ଭିତରେ ଥିବା ବଞ୍ଚିବାର ଇଚ୍ଛା ତା'ର ମୃତ୍ୟୁର ଭୟ ସୃଷ୍ଟିକରେ ଏବଂ ମୃତ୍ୟୁ ପରର ଅଜ୍ଞାତ ଯାତ୍ରା ବିଷୟରେ ବୈଜ୍ଞାନିକ ଯୁକ୍ତିସମ୍ମତ ତଥ୍ୟ ନଥିବାରୁ ସନ୍ଦେହ ଭୟକୁ କରେ ବହୁଗୁଣିତ।

ସେନାବାହିନୀର ବୀର ଯବାନମାନେ ମୃତ୍ୟୁରେ ବ୍ୟଥିତ ହୁଅନ୍ତି ନାହିଁ। ବରଂ ସହିଦ ହେଲେ ପରମ ପଦ ମିଳେ ବୋଲି ବିଶ୍ୱାସ କରନ୍ତି। ସେହି କ୍ରମରେ ବହୁ ସ୍ୱାଧୀନତା ସେନାନୀ ଫାଶୀ ଖୁଣ୍ଟରେ ହସି ହସି ପ୍ରାଣ ଦେଇଥିଲେ। ମୃତ୍ୟୁ ନଥିଲେ ଅହଂକାରୀ ଶାସକମାନେ କେତେ ଅଧିକ କ୍ରୁରତା ଆଚରଣ କରୁଥାନ୍ତେ, ତାହା ଅନୁମାନ କରି ପାରୁଛନ୍ତି? ଯିଏ ସବୁବେଳେ ଦୁଃଖୀ ଓ ରୋଗାକ୍ରାନ୍ତ, ସେ ଯଦି ଅମରତ୍ୱ ପାଆନ୍ତା, ତା'ର ଜୀବନ କିପରି ହୁଅନ୍ତା ଭାବି ନିଅନ୍ତୁ। ମୃତ୍ୟୁ ସମାନତାର ଏକ ଅଲଂଘ୍ୟ ନିୟମ। ମୃତ୍ୟୁର ଭୟ ବରଂ ମଣିଷକୁ ଭଲ ବାଟରେ ଯିବାରେ ସାହାଯ୍ୟ କରିପାରେ; ଚୈତନ୍ୟ ଉଦୟର ବିଶେଷ ଅସ୍ତ୍ର ହୋଇପାରେ ମୃତ୍ୟୁର ଅନିବାର୍ଯ୍ୟତା।

(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ। ମତାମତ ବ୍ୟକ୍ତିଗତ)
ଭୁବନେଶ୍ୱର
ମୋ: ୯୪୩୮୪୮୨୯୧୧

# ପିଲାଙ୍କ ଡର ନାଲି ଗାରକୁ



ସତ୍ୟନାରାୟଣ ଦେହୁରୀ


ପିଲାମାନେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନାଲି କଲମ ଦେଖିଲେ ଭୟ କରନ୍ତି। କାରଣ, ନାଲି କଲମର ଗାରରେ ଅନେକ କଥା ଲୁଚି ରହିଥାଏ। ପିଲାଙ୍କ ଖାତାରେ ଏହି ନାଲି ଗାର ଦେଖି ପିତା ମାତା ଗାଳି କିମ୍ବା ଶାରୀରିକ ଦଣ୍ଡ ଦେଇ ପାରନ୍ତି। ଏହି ନାଲି ଗାର ଅନେକ ନମ୍ବର କମାଇ ଦେବାର ସୂଚନା ଦିଏ। ଏହି ନାଲି ଗାର ପିଲାଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ସୃଷ୍ଟି କରିପାରେ। ସର୍ବୋପରି, ଏହି ନାଲି ଗାର ପିଲାଙ୍କୁ ବିଭିନ୍ନ ପ୍ରକାର ମାନସିକ ଯନ୍ତ୍ରଣା ଦେଇଥାଏ। ଶିକ୍ଷକ ଶିକ୍ଷୟିତ୍ରୀମାନେ ଯେତେବେଳେ ପିଲାଙ୍କ ଖାତା ଦେଖନ୍ତି, ସେତେବେଳେ ସେମାନେ ଭୁଲ୍ ଥିବା ସ୍ଥାନରେ ନାଲି ଗାର ଦିଅନ୍ତି। ପରୀକ୍ଷା ଖାତାରେ ଏକାଧିକ ନାଲି ଗାର ପଡ଼ିଲେ କିଛି ନମ୍ବର କଟି ଯାଇଥାଏ। ପରୀକ୍ଷା ବ୍ୟତୀତ ଅନ୍ୟାନ୍ୟ ଖାତାରେ ସଂଶୋଧନ ସମୟରେ ଭୁଲ୍ ସ୍ଥାନମାନଙ୍କରେ ଶିକ୍ଷକ ଶିକ୍ଷୟିତ୍ରୀ ନାଲି ଗାର ପକାଇ ଥାଆନ୍ତି। ଏହି ନାଲି ଗାର ପିଲାଙ୍କୁ ସତର୍କ କରାଇ ଦିଏ ପରବର୍ତ୍ତୀ ଲେଖା ପାଇଁ।

ପିଲାମାନେ ନିଜ ନିଜ ଖାତାରେ ନୀଳ କିମ୍ବା କଳା ରଙ୍ଗର କାଳିରେ ଲେଖି ଥାଆନ୍ତି। ଏହି ଲେଖାଗୁଡ଼ିକ ସଂଶୋଧନ କଲାବେଳେ ଶିକ୍ଷକ ଶିକ୍ଷୟିତ୍ରୀମାନେ ନାଲି ରଙ୍ଗର କାଳି ବ୍ୟବହାର କରିବା ଦ୍ୱାରା ଭୁଲ୍‌ଗୁଡ଼ିକ ସ୍ପଷ୍ଟ ଜଣାପଡ଼େ। ତେଣୁ ଭୁଲ୍ ଶବ୍ଦ କିମ୍ବା ବାକ୍ୟ ତଳେ ଶିକ୍ଷକ ଶିକ୍ଷୟିତ୍ରୀ ନାଲି କାଳି ଥିବା କଲମରେ ଗାର ପକାନ୍ତି କିମ୍ବା ଆବଶ୍ୟକ ସ୍ଥଳେ ନାଲିରେ ଲେଖି ଦିଅନ୍ତି। ସେହି ସଂଶୋଧିତ ଶବ୍ଦ କିମ୍ବା ବାକ୍ୟକୁ ପିଲାମାନେ ନିଜର ମାନସିକ ସ୍ତରରେ ସଂଶୋଧନ କରି ନିଅନ୍ତି। ବେଳେ ବେଳେ ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟ ସେହି ଭୁଲ୍ ଶବ୍ଦଗୁଡ଼ିକୁ ପାଞ୍ଚ ଥର ଲେଖିବା ପାଇଁ ନିର୍ଦ୍ଦେଶ ଦେଇଥାନ୍ତି। ଏହା ଫଳରେ ପିଲାଙ୍କର ଭବିଷ୍ୟତରେ ଆଉ ସେହି ଭୁଲ୍‌ଗୁଡ଼ିକ ରୁହେ ନାହିଁ। କିଛି ପିଲା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିର୍ଦ୍ଦେଶକୁ ମାନନ୍ତି ନାହିଁ। ଖାତାରେ ଥିବା ଭୁଲ୍‌ଗୁଡ଼ିକ ସେମିତି ରହିଯାଏ। ତେବେ ଏହି ନାଲି ଗାର ପିଲାଙ୍କ ପାଇଁ ଏକ ସତର୍କ ଘଣ୍ଟି ପରି। ନାଲି ଗାରକୁ ଯିଏ ଭୟ ନକରି ଲେଖିବା ଜାରି ରଖେ, ସେ ଆଗକୁ ଆଗକୁ ଯାଇପାରେ। କାହିଁକିନା, ଭୁଲ୍ ନହେଲେ ଠିକ୍ କେମିତି ଆସିବ। ଭୁଲ୍ ହୋଇଯିବ ଭାବି ନ ଲେଖିବା ଏକ ଖରାପ ଅଭ୍ୟାସ। ଅନେକ ଲେଖିଲେ ଯାଇଁ ଅନେକ ଭୁଲ୍‌ର ସାମ୍ନା କରିହେବ ଏବଂ ଧୀରେ ଧୀରେ ଭୁଲ୍‌ଗୁଡ଼ିକ ସଂଶୋଧନ ହୋଇଗଲେ ଭବିଷ୍ୟତରେ ଭୁଲ୍‌ର ପରିମାଣ କମି କମି ଯିବ। ଛୋଟ ପିଲାମାନେ ଅକ୍ଷର ଶିଖିଲା ବେଳେ କେତେ ଥର ଲିଭାଉ ଥାଆନ୍ତି, ପୁଣି ଲେଖୁଥାନ୍ତି। ଏମିତି ବାରମ୍ବାର ଭୁଲ୍-ଠିକ୍; ଭୁଲ୍-ଠିକ୍ ଭିତରେ କେତେବେଳେ ଆପେ ଆପେ ସଂଶୋଧନ ହୋଇଯାଏ।

ଯେଉଁ ଲେଖାଗୁଡ଼ିକ ଯେତିକି ସ୍ପଷ୍ଟ ହେବ, ଗୋଲ୍ ଅକ୍ଷର ସହ ନିର୍ଭୁଲ୍ ହେବ, ସେଗୁଡ଼ିକ ସେତିକି ଅନ୍ୟମାନଙ୍କୁ ଆକୃଷ୍ଟ କରିବ। ଶିକ୍ଷକ ଶିକ୍ଷୟିତ୍ରୀ କିମ୍ବା ପରୀକ୍ଷକଙ୍କ ଉପରେ ଏପରି ଲେଖାଗୁଡ଼ିକ ବହୁତ ପ୍ରଭାବ ପକାଇ ଥାଏ। ଏଇ ଲେଖକ ୧୯୯୬ ମସିହାରେ ଭୁବନେଶ୍ୱରରେ ଥିବା ଇଂରାଜୀ ଭାଷା ଶିକ୍ଷା ପ୍ରତିଷ୍ଠାନରେ ଇଂରାଜୀରେ ଡିପ୍ଲୋମା କଲାବେଳେ ଏପରି ଏକ ଅନୁଭୂତି ପାଇଥିଲା। ତିନି ମାସିଆ ଡିପ୍ଲୋମା ପାଠ୍ୟକ୍ରମ ଅବଧି ମଧ୍ୟରେ ତିନୋଟି ପରୀକ୍ଷା କରା ଯାଇଥିଲା। ଏହି ପରୀକ୍ଷାଗୁଡ଼ିକ ମାତ୍ର ୨୦ ମାର୍କସ୍‌ର ପରୀକ୍ଷା ଥିଲା। ମୋର ପ୍ରଥମ ମାସର ପ୍ରଥମ ପରୀକ୍ଷା ଖାତା ଯେତେବେଳେ ସମସ୍ତଙ୍କ ସମ୍ମୁଖରେ ଦେଖାଗଲା, ମୁଁ ଆଶ୍ଚର୍ଯ୍ୟ ହୋଇଗଲି! ମୋ ଖାତାରେ ଗୋଟିଏ ବି ନାଲି ଗାର ପଡ଼ି ନଥିଲା ଏବଂ ମୁଁ ୨୦ରୁ ୨୦ ନମ୍ବର ପାଇଥିଲି। ସଂପୃକ୍ତ ଅଧ୍ୟାପକ ମୋତେ ବହୁତ ସାବାସୀ ଦେଇଥିଲେ। ମୋ ସହ ତାଲିମ ନେଉଥିବା ଅନ୍ୟମାନେ ମଧ୍ୟ ମୋତେ ବହୁତ ପ୍ରଶଂସା କରିଥିଲେ। ଏବେ ମଧ୍ୟ ମୋର ସେକଥା ମନେପଡ଼େ। ଠିକ୍ ସେହିପରି ଶିକ୍ଷକତା ଜୀବନ ଭିତରେ ଯେତେବେଳେ ବୋର୍ଡ ପରୀକ୍ଷାର ଖାତାସବୁ ଦେଖା ହୁଏ, ସେ ସମୟରେ ମଧ୍ୟ ଏମିତି ଅନେକ ଖାତା ଦେଖିବାକୁ ମିଳିଛି, ଯେଉଁଥିରେ ଗୋଟିଏ ବି ନାଲି ଗାର ପକାଇ ହେବ ନାହିଁ। ସେପରି ଖାତାଗୁଡ଼ିକ ସବୁ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବହୁତ ପ୍ରଭାବିତ କରେ। ସେହି ଖାତାଗୁଡ଼ିକରେ ପୂରାକୁ ପୂରା ନମ୍ବର ଦେବାକୁ ପଛାନ୍ତି ନାହିଁ। ମୁଁ ଅନେକ ଥର ଇଂରାଜୀ ବିଷୟର ନିର୍ଭୁଲ୍ ଉତ୍ତର ଲେଖା ଥିବା ଖାତା ପାଇଛି। ସେହି ଖାତାଗୁଡ଼ିକୁ ମୁଁ ନମ୍ବର ଦେଇ ସାରିଲା ପରେ ମୁଖ୍ୟ ପରୀକ୍ଷକଙ୍କ ନଜରକୁ ନେଇଛି। ସେ ମଧ୍ୟ କୌଣସିଠାରେ ଯେତେ ଖୋଜିଲେ ବି କିଛି ଭୁଲ୍ ପାଆନ୍ତି ନାହିଁ। ଶେଷରେ ମୁଁ ଦେଇଥିବା ନମ୍ବର କାଏମ୍ ରୁହେ।

ତେବେ ନିର୍ଭୁଲ୍ ଲେଖିଲେ ନାଲି ଗାର ପଡ଼େ ନାହିଁ। ପରୀକ୍ଷା ଖାତାଗୁଡ଼ିକରେ ନାଲି ଗାର ସଂଖ୍ୟା ଯେତିକି ଅଧିକ ହେବ, ମାର୍କସ୍ ସେତିକି କଟିଯିବାର ସମ୍ଭାବନା ଥାଏ। ତେଣୁ ପିଲାମାନେ ସବୁବେଳେ ନିର୍ଭୁଲ୍ ଓ ପରିଷ୍କାର ଭାବେ ଉତ୍ତର ଲେଖିବାର ଆବଶ୍ୟକତା ରହିଛି।

ବେଳେବେଳେ ଭୁଲ୍ ବଶତଃ ଠିକ୍ ଶବ୍ଦ କିମ୍ବା ବାକ୍ୟ ତଳେ ମଧ୍ୟ ନାଲି ଗାର ପଡ଼ି ଯାଇଥାଏ। ଏହା ପିଲାଙ୍କ ଭାବାବେଗରେ ବାଧା ଦେଇଥାଏ। ଭୁଲ୍ ତଳେ ନାଲି ଗାର ଶୋଭନୀୟ। କିନ୍ତୁ ଠିକ୍ ତଳେ ନାଲି ଗାର ଅଶୋଭନୀୟ। ତେଣୁ ଯେତେବେଳେ ବି ପିଲାଙ୍କ ଖାତା ସଂଶୋଧନ କରାଯାଉଛି, ନିହାତି ଭାବରେ ସତର୍କତା ଅବଲମ୍ବନ କରାଯିବା ଉଚିତ। ଯେତେବେଳେ ପରୀକ୍ଷକ ଜଣେ କମ୍ ସମୟ ମଧ୍ୟରେ ଅଧିକ ଖାତା ସଂଶୋଧନ କରିବାର ପ୍ରୟାସ କରନ୍ତି, ସେତେବେଳେ ସେ ଅଧିକ ବେଗରେ ଖାତାକୁ ସଂଶୋଧନ କରନ୍ତି। ଫଳରେ, ଠିକ୍ ସ୍ଥାନରେ ମଧ୍ୟ ନାଲି ଗାରର ଛିଟା ବାଜିଯାଏ। ଏହାଦ୍ୱାରା ପିଲାଙ୍କର ମାର୍କସ୍‌ରେ ତାରତମ୍ୟ ଦେଖା ଦିଏ। ପିଲାଏ ଆକଳନ କରିଥିବା ମାର୍କସ୍ ସହିତ ପରୀକ୍ଷକ ଦେଇଥିବା ମାର୍କସ୍‌ର ମେଳ ଖାଏ ନାହିଁ। ପିଲାଙ୍କ ମନରେ ଅସନ୍ତୋଷ ଭାବ ଦେଖାଦେବା ସ୍ୱାଭାବିକ। ତେଣୁ ସମୟର ସ୍ୱଳ୍ପତା ଥିଲେ କମ୍ ସଂଖ୍ୟକ ଖାତା ଦେଖିବା ଠିକ୍ ହେବ।




ନାଲି କଲମକୁ ବେଳେବେଳେ ପିଲାମାନେ ମଧ୍ୟ ବ୍ୟବହାର କରନ୍ତି। ସେମାନେ ନିଜ ନିଜ ନୋଟ୍ ଖାତାରେ ପ୍ରଶ୍ନ-ଉତ୍ତର ଲେଖିଲା ବେଳେ ପ୍ରଶ୍ନଗୁଡ଼ିକୁ ନାଲି କଲମରେ ଲେଖନ୍ତି ଓ ଉତ୍ତରଗୁଡ଼ିକ ନୀଳ କିମ୍ବା କଳା କଲମରେ ଲେଖନ୍ତି। ଏପରି କାହିଁକି କରନ୍ତି ନା ପ୍ରଶ୍ନଗୁଡ଼ିକ ସହିତ ଉତ୍ତରଗୁଡ଼ିକ ମିଶିବ ନାହିଁ। ପଢ଼ିଲା ବେଳେ ସହଜରେ ଉତ୍ତରଗୁଡ଼ିକ ବାରି ହୋଇପଡ଼େ। ତେଣୁ ସାର୍‌ମାନେ ମଧ୍ୟ ଏପରି ଭିନ୍ନ ରଙ୍ଗ ବ୍ୟବହାର କରି ପ୍ରଶ୍ନ-ଉତ୍ତର ଲେଖିବା ପାଇଁ ପରାମର୍ଶ ଦିଅନ୍ତି। ତେବେ ନାଲି କଲମ ପିଲାଙ୍କ ପାଇଁ କେତେବେଳେ ଭୟ ସୃଷ୍ଟି କରୁଛି ତ କେତେବେଳେ ଆଗ୍ରହ ବଢ଼ାଉଛି। ସ୍ଥଳ ବିଶେଷରେ ତା'ର ପ୍ରଭାବ ଅଲଗା ହୋଇଥାଏ। ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଏହି ନାଲି କଲମ ଏକ ଅସ୍ତ୍ର ଭଳି କାମ କରେ। ସବୁବେଳେ ତାଙ୍କ ପକେଟରେ ଉଭୟ ନାଲି ଓ ନୀଳ କିମ୍ବା କଳା କଲମ ଦେଖିବାକୁ ମିଳେ। ଦୁଃଖର ବିଷୟ, ଆଜିକାଲି ଅନେକ ସାର୍‌ଙ୍କ ପକେଟରେ କୌଣସି କଲମ ନଥାଏ। ଯେତେବେଳେ ଆବଶ୍ୟକ ପଡ଼େ, ସେତେବେଳେ କାହା ପାଖରୁ ମାଗି ଆଣି କାମ ଚଳାଇ ଦିଅନ୍ତି। ସହକର୍ମୀଙ୍କ ପାଖରୁ କିମ୍ବା ପିଲାମାନଙ୍କ ପାଖରୁ କଲମ ନେଇ ସାର୍‌ମାନେ ନିଜର କାମ ଚଳାନ୍ତି। ପ୍ରଧାନ ଶିକ୍ଷକଙ୍କ ଟେବୁଲ ନିକଟକୁ ଦସ୍ତଖତ କରିବା ପାଇଁ ଗଲେ ପ୍ରଧାନ ଶିକ୍ଷକଙ୍କ ଟେବୁଲରେ ଥିବା ଅଫିସ କଲମ ଆଣି ଦସ୍ତଖତ କରୁଛନ୍ତି। ଠିକ୍ ସେହିପରି କ୍ଲାସ୍‌କୁ ଗଲେ ପିଲାଙ୍କ ହାଜିରା ପକାଇବା ପାଇଁ ପିଲାଙ୍କଠାରୁ କଲମ ମାଗନ୍ତି। ଏପରିକି ପିଲାମାନେ ଯଦି କୌଣସି ଖାତା ସଂଶୋଧନ ପାଇଁ ଦିଅନ୍ତି, ସେମାନେ ନାଲି କଲମଟିଏ ସାଙ୍ଗରେ ନେଇକରି ଆସିଥାନ୍ତି। କାରଣ, ସେମାନେ ଜାଣି ଗଲେଣି ଯେ ଆମ ସାର୍ କଲମ ଧରି ନଥିବେ। କେତେକ ସାର୍‌ଙ୍କ ଛାତିରେ ପକେଟ ମଧ୍ୟ ନଥାଏ। ଆଉ କଲମ ଆସିବ କୁଆଡୁ! ଶିକ୍ଷୟିତ୍ରୀମାନେ ମଧ୍ୟ ନିଜର ଭ୍ୟାନିଟି ବ୍ୟାଗ୍‌ରେ କଲମ ରଖିବାକୁ ଭୁଲି ଯାଇଥାନ୍ତି। କାମ ପଡ଼ିଲେ ଭ୍ୟାନିଟି ବ୍ୟାଗ୍‌କୁ ଅଣ୍ଡାଳି ହୁଅନ୍ତି। କିନ୍ତୁ କିଛି ଫଳ ମିଳେ ନାହିଁ। ବାଧହୋଇ ପିଲାଙ୍କୁ ହାତ ବଢ଼ାନ୍ତି। ଏଇ କିଛି ବର୍ଷ ହେଲା ଏପରି ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଆଗରୁ କିନ୍ତୁ ସାର୍‌ମାନେ କଲମକୁ ଭୁଲନ୍ତି ନାହିଁ। ସବୁବେଳେ ପକେଟରେ ଦୁଇଟି କଲମ ଶୋଭା ପାଉଥାଏ। ଏହି କଲମ ଦୁଇଟିକୁ ଦେଖିଲେ ସହଜରେ ଜଣେ କହିଦେଇ ପାରେ ଏ ଜଣେ ଶିକ୍ଷକ ବୋଲି। ଶିକ୍ଷକଙ୍କ ପରିଚୟ ଏହି କଲମଦ୍ୱୟ। ଆଜିକାଲି ତ ୟୁନିଫର୍ମ୍‌ରୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପରଚୟ ଜଣା ପଡ଼ି ଯାଉଛି, ତେଣୁ ବୋଧହୁଏ କଲମ ଧରିବା ଆବଶ୍ୟକ ପଡୁନାହିଁ।

ଆଜିକାଲି ଗୋଟିଏ କଲମର ଦାମ୍ ମାତ୍ର ତିନି ଟଙ୍କା। ନାଲି ହେଉ କିମ୍ବା ନୀଳ, ଖୁବ୍ କମ୍ ଦାମ୍‌ରେ କଲମ ମିଳୁଥିଲେ ମଧ୍ୟ ପାଖରେ ରଖିବାକୁ ମନେ ପଡୁନାହିଁ। କିନ୍ତୁ କିଛି ଶିକ୍ଷକ ପକେଟରେ କଲମ ରଖିବାକୁ ଭୁଲନ୍ତି ନାହିଁ। ସବୁବେଳେ ପକେଟରେ କଲମ ରହିଥାଏ। ଏପରିକି ରିଫିଲ ସରିଯିବାର ଭୟରେ ରିଫିଲ ମଧ୍ୟ ସାଙ୍ଗରେ ରଖିଥାନ୍ତି। ଏହା ଏକ ଭଲ ଅଭ୍ୟାସ। ସବୁବେଳେ ନିଜର ପରିଚୟ ତଥା ସ୍ୱାଭିମାନକୁ ବଜାୟ ରଖିବା ଉଚିତ। ସମାଜର ଜଣେ ଆଗଧାଡ଼ିର ବ୍ୟକ୍ତି ହିସାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଆବଶ୍ୟକ। ସବୁବେଳେ ପିଲାଙ୍କ ହିତରେ କାମ କରିବା ଜଣେ ଭଲ ଶିକ୍ଷକଙ୍କ କାମ।

ରାଧାନଗର, ବୌଦ୍ଧ
ମୋ: ୯୯୩୮୭୫୮୩୫୩

# ହ୍ୱାଟସ୍‌ଆପ୍, ଇନ୍‌ଷ୍ଟା ସୁରକ୍ଷା ପ୍ରସଙ୍ଗ

ଆଜିକା ସମୟରେ ମେଟାର ମାଲିକାନାରେ ଥିବା ସୋସିଆଲ ମିଡିଆ ବା ସାମାଜିକ ଗଣମାଧ୍ୟମର ଦୁଇ ଗୋଟି ପ୍ଲାଟ୍‌ଫର୍ମ୍ ବା ମଞ୍ଚ ଭାବରେ ହ୍ୱାଟସ୍‌ଆପ୍ ଏବଂ ଇନ୍‌ଷ୍ଟାଗ୍ରାମ୍ ଯଥେଷ୍ଟ ଲୋକପ୍ରିୟତା ହାସଲ କରିଛି, ବିଶେଷକରି ଯୁବ ବର୍ଗଙ୍କ ମଧ୍ୟରେ। କିନ୍ତୁ ଏବେ ଏ ଦୁଇ ମଞ୍ଚକୁ ନେଇ ଉଠିଛି ବିବାଦ, ଯାହା ଏକ ବିଶେଷ ପ୍ରସଙ୍ଗ ଉପରେ ଆଲୋକପାତ କରିଛି, ଯାହାକୁ ନେଇ ସାମାଜିକ ଗଣମାଧ୍ୟମ କମ୍ପାନୀଗୁଡ଼ିକଙ୍କ ବିରୁଦ୍ଧରେ ପ୍ରାୟତଃ ଅଭିଯୋଗ ଆଗତ କରାଯାଇଥାଏ: ସାମାଜିକ ଗଣମାଧ୍ୟମ ମଞ୍ଚଗୁଡ଼ିକ ନୂଆ ନୂଆ ଫିଚର ବା ବୈଶିଷ୍ଟ୍ୟଗୁଡ଼ିକ ଆରମ୍ଭ କରିବା କ୍ଷେତ୍ରରେ ବେଶ୍ କ୍ଷୀପ୍ରତା ତ ପ୍ରଦର୍ଶନ କରିଥାନ୍ତି, ଅଥଚ ସେଥିରୁ ଉଦ୍ଭବ କ୍ଷତି ବା ବିପଦଗୁଡ଼ିକୁ ପ୍ରତିରୋଧ କରିବା କ୍ଷେତ୍ରରେ ଧୀମା ଗତିରେ କାମ କରିଥାନ୍ତି। ନିକଟରେ ବ୍ୟବହାରକାରୀଙ୍କ ଗୋପନୀୟତାକୁ ଉନ୍ନତ କରିବା ପାଇଁ ବ୍ୟବହାରକାରୀମାନଙ୍କୁ ସେମାନଙ୍କର ଫୋନ୍ ନମ୍ବରଗୁଡ଼ିକୁ ଆବଣ୍ଟିତ ନ କରିବାକୁ ସୁଯୋଗ ଦେଇ ହ୍ୱାଟସ୍‌ଆପ୍ ଏକ ୟୁଜରନେମ୍ ବା ବ୍ୟବହାରକାରୀଙ୍କ ନାମ-ଆଧାରିତ ବାର୍ତ୍ତା ଆଦାନପ୍ରଦାନ ବ୍ୟବସ୍ଥା ଆରମ୍ଭ କରିବାକୁ ପ୍ରସ୍ତାବ ଦେଇଛି। ଏହାର ଅଳ୍ପ କିଛି ସମୟ ପରେ ପରେ ଇନ୍‌ଷ୍ଟାଗ୍ରାମ୍ ବିରୁଦ୍ଧରେ ଅଭିଯୋଗ ଉଠିଛି ଯେ ଏହା ଦେୟ ପ୍ରଦାନକାରୀ ବିଜ୍ଞାପନଗୁଡ଼ିକ ଚଳାଇବା ସହିତ ଶିଶୁମାନଙ୍କ ଯୌନ ଶୋଷଣ ଏବଂ ନିର୍ଯାତନାମୂଳକ ସାମଗ୍ରୀଗୁଡ଼ିକ ଉପଲବ୍ଧ କରିବାକୁ ସୁଗମ କରାଉଛି। ଉଭୟ କ୍ଷେତ୍ରରେ ଲୋକମାନଙ୍କର ସ୍ୱାର୍ଥକୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ସରକାରଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ଏ ଦୁଇଟିଯାକ ପ୍ରସଙ୍ଗ ଯଦିଓ ପରସ୍ପର ସହିତ ସମ୍ପର୍କିତ ନହେବା ଭଳି ମନେ ହୋଇ ପାରନ୍ତି, ସେମାନେ କିନ୍ତୁ ସମ୍ପୃକ୍ତିକୁ ପ୍ରାଥମିକତା ଦେବା ଏବଂ ଦୁଇଟିଯାକ ଘଟଣାକୁ ସଂଯୁକ୍ତ କରୁଥିବା ବ୍ୟବହାରକାରୀନଙ୍କ ନିରାପତ୍ତା ବ୍ୟବସ୍ଥା ଉପରେ ଅଭିବୃଦ୍ଧିର ଏକ ସମାନ ସୂତ୍ରକୁ ଆବଣ୍ଟିତ କରନ୍ତି।

ସମ୍ପ୍ରତି ହ୍ୱାଟସ୍‌ଆପ୍ ଫୋନ୍ ନମ୍ବରଗୁଡ଼ିକୁ ବ୍ୟବହାର କରୁଛି, ଯେଉଁଗୁଡ଼ିକ ବାର୍ତ୍ତାର ବିନିମୟ ପାଇଁ ବ୍ୟବହାରକାରୀମାନଙ୍କର ବ୍ୟକ୍ତିଗତ ଚିହ୍ନଟକାରୀ। ଫୋନ୍ ନମ୍ବରଗୁଡ଼ିକ ଯଦି ପ୍ରକାଶ ପାଇଯାଏ, ତା'ହେଲେ ଏହା ସ୍ପାମ୍ (ଅବାଞ୍ଛିତ ବାର୍ତ୍ତା), ଜାଲିଆତି, ଷ୍ଟାକିଂ, ନିର୍ଯାତନା ଏବଂ ଅବାଞ୍ଛିତ ସମ୍ପର୍କ ପ୍ରତିଷ୍ଠା ଇତ୍ୟାଦି ଦିଗରେ ପଥ କଢ଼ାଇ ନେଇପାରେ। ଯଦିଓ ହ୍ୱାଟସ୍‌ଆପ୍ ୟୁଜରନେମ୍ ବୈଶିଷ୍ଟ୍ୟ ବ୍ୟବହାରକାରୀଙ୍କୁ ଅତ୍ୟଧିକ ଗୋପନୀୟତା ପ୍ରଦାନ କରିଥାଏ, ବିଶେଷକରି ବ୍ୟବସାୟ, ସର୍ବସାଧାରଣ ଗ୍ରୁପ୍ ଏବଂ ସାମୟିକ ଭାବ ବିନିମୟ କ୍ଷେତ୍ରରେ, ତେବେ ଏହାର ଡିଜାଇନ୍ ଯଦି ଦୁର୍ବଳ ଭାବରେ କରାଯାଏ, ତା'ହେଲେ ଏହାର ଅପବ୍ୟବହାର ହୋଇପାରେ। ସାମାଜିକ ଗଣମାଧ୍ୟମର ଅନ୍ୟ ଏକ ମଞ୍ଚ ଟେଲିଗ୍ରାମ୍ ଏକଥା ଦର୍ଶାଇ ସାରିଛି ଯେ କିପରି ଦୁର୍ନୀତି ବା ଜାଲିଆତି କରୁଥିବା ବ୍ୟକ୍ତିବିଶେଷ, ଅନ୍ୟାନ୍ୟ ଛଦ୍ମବେଶୀ ଲୋକ ଏବଂ ଖଳ ଉଦ୍ଦେଶ୍ୟ ବହନ କରୁଥିବା ଲୋକମାନେ ସହଜରେ ବ୍ୟବହାରକାରୀଙ୍କ ନିକଟରେ ଏହା ଜରିଆରେ ପହଞ୍ଚି ସେମାନଙ୍କ ଉଦ୍ଦେଶ୍ୟ ହାସଲ କରି ପାରନ୍ତି। ସେଥିପାଇଁ ନିଟ୍ ପରୀକ୍ଷା ସମୟରେ ଏହା ଉପରେ ନିଷେଧାଦେଶ ଜାରି କରାଯାଇଥିଲା। ବର୍ତ୍ତମାନ ଏହାଠାରୁ ଯଥେଷ୍ଟ ଅଧିକ ସଂଖ୍ୟକ ବ୍ୟବହାରକାରୀ ଥିବା ହ୍ୱାଟସ୍‌ଆପ୍ ଯଦି ସେହି ପଥର ପଥିକ ହୁଏ, ତେବେ ବିପଦ ଆହୁରି ଅଧିକ ହେବ। ଇନ୍‌ଷ୍ଟାଗ୍ରାମ୍ ବିରୁଦ୍ଧରେ ଅଭିଯୋଗଗୁଡ଼ିକ ଅଧିକ ସାଂଘାତିକ। ମେଟାର ନିଜର ବିଜ୍ଞାପନ ମାର୍ଗଦର୍ଶିକା ଉଲ୍ଲେଖ କରେ ଯେ ବିଜ୍ଞାପନଗୁଡ଼ିକ ଏହାର ନୀତିଗୁଡ଼ିକର ଅନୁପାଳନ କରୁଥିବା ନେଇ ପ୍ରଚାର କରାଯିବା ପୂର୍ବରୁ ଯାଞ୍ଚ କରାଯାଇଥାଏ ଏବଂ ବିଜ୍ଞାପନଦାତାମାନେ ଉଭୟ ଜନଗୋଷ୍ଠୀର ମାନଦଣ୍ଡ ତଥା ବିଜ୍ଞାପନ ମାନଦଣ୍ଡକୁ ମାନିବାକୁ ବାଧ୍ୟ। ଏହି ନୀତିଗୁଡ଼ିକ ମଧ୍ୟ ଶିଶୁ ଯୌନ ଶୋଷଣ, ନିର୍ଯାତନା, ଉତ୍ପୀଡ଼ନ ଏବଂ ନଗ୍ନତାକୁ ନିଷେଧ କରେ। ଅପରନ୍ତୁ, ଇନ୍‌ଷ୍ଟାଗ୍ରାମ୍ ବିରୁଦ୍ଧରେ ଏବେ ଅଭିଯୋଗ ଉଠିଛି ଯେ ଏହା ସେହିସବୁ ଦେୟ ପ୍ରଦାନ କରାଯାଉଥିବା ବିଜ୍ଞାପନଗୁଡ଼ିକୁ ପ୍ରସାରିତ କରୁଛି, ଯେଉଁଗୁଡ଼ିକ ଶିଶୁ ଯୌନ ଉତ୍ପୀଡ଼ନକୁ ସୁଗମ କରାଉଛି, ଯାହା ମେଟାର ଉପରଠାଉରିଆ ବ୍ୟବସ୍ଥା ବିଷୟରେ ଗୁରୁତର ପ୍ରଶ୍ନମାନ ଉଠାଉଛି। ମେଟାର ପ୍ରସିଦ୍ଧ ଆଲ୍‌ଗୋରିଦମ୍ ଏଭଳି ହାନିକାରକ ବିଷୟବସ୍ତୁଗୁଡ଼ିକୁ ନିରୂପଣ କରିବା ସହିତ ସେସବୁର ପ୍ରତିରୋଧ କରିବାରେ ଯଦି ବିଫଳ ହୁଏ, ତା'ହେଲେ ଏହାକୁ କେବଳ ସଂଯମତାର ବିଫଳତା ବୋଲି କୁହାଯାଇ ପାରିବ ନାହିଁ, ବରଂ ତା' ସହିତ ଏହାକୁ ବିଜ୍ଞାପନ ପ୍ରକ୍ରିୟାରେ ଏକ ବ୍ୟବସ୍ଥାଗତ ବିଫଳତା ବୋଲି କୁହାଯିବ।

ଅଭିଯୋଗଗୁଡ଼ିକ ଆସିବା ପରେ ମେଟା ତା'ର ପ୍ରତିକ୍ରିୟାରେ କେବଳ ଶିଶୁ ଯୌନ ଉତ୍ପୀଡ଼ନ ସାମଗ୍ରୀ (ସିଏସ୍‌ଏଏମ୍) ବାବଦରେ ରହିଥିବା ଶୂନ୍ୟ-ସହନଶୀଳତା ନୀତିର ଦ୍ୱାହି ଦେଇ ଆଶ୍ୱାସନା ପ୍ରଦାନ କରିଛି। ତେବେ ମେଟାର ଲିଖିତ ବିଧି ବିଧାନ ରହିଛି କି ନାହିଁ, ତାହା ବାସ୍ତବ ପ୍ରସଙ୍ଗ ନୁହେଁ, ଯାହାକି ଅଧିକାଂଶ ସାମାଜିକ ଗଣମାଧ୍ୟମ ମଞ୍ଚମାନେ କରିଥାନ୍ତି। ପ୍ରସଙ୍ଗ ହେଉଛି, ସେହିସବୁ ନୀତି ନିୟମଗୁଡ଼ିକ ପ୍ରଭାବଶାଳୀ ଭାବରେ ହେଉଥିବା କ୍ଷତିକୁ ପ୍ରତିରୋଧ କରି ପାରୁଛନ୍ତି କି ନାହିଁ। ଚଳିତ ବର୍ଷ କୃତ୍ରିମ ଧୀମତ୍ତା (ଏଆଇ)ର ବ୍ୟବହାରକୁ ସମ୍ପ୍ରସାରିତ କରିବା ନିମନ୍ତେ ଏହାର ଆଠ ହଜାର କର୍ମଚାରୀଙ୍କୁ ଛଟେଇ କରିଛି। ତେବେ ଉପରୋକ୍ତ ଉଭୟ ମାମଲାରେ ଏହା ହେଉଛି ମାନବୀୟ ଧୀମତ୍ତାର କଥା- ନାଗରିକ ସମାଜ ଏବଂ ସାମ୍ବାଦିକମାନଙ୍କର- ଯାହା ସମ୍ଭାବ୍ୟ ଅପବ୍ୟବହାର ଉପରେ ଆଲୋକପାତ କରିଥିଲା, ଯାହାକୁ ଉପରୋକ୍ତ ମଞ୍ଚଗୁଡ଼ିକ କରିବା ଉଚିତ ଥିଲା। ଏହି ଘଟଣାଗୁଡ଼ିକ ମେଟା ସହିତ ଅନ୍ୟାନ୍ୟ ମଞ୍ଚମାନଙ୍କ ନିମନ୍ତେ ଏକ ଶିକ୍ଷା ଭାବରେ କାମ କରିବା ଉଚିତ। ସେମାନେ ବୁଝିବା ଉଚିତ ଯେ ବିଶ୍ୱାସ ହେଉଛି ସେମାନଙ୍କର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି। ସେମାନେ ହ୍ୱାଟସ୍‌ଆପ୍‌ରେ ଗୋପନୀୟତାକୁ ନେଇ ବ୍ୟବସାୟ କରି ପାରିବେ ନାହିଁ କି ଇନ୍‌ଷ୍ଟାଗ୍ରାମ୍‌ରେ ନିରାପତ୍ତା ବିଫଳତାକୁ ପ୍ରଶ୍ରୟ ଦେଇ ପାରିବେ ନାହିଁ। ଏକ ୟୁଜରନେମ୍ ବା ବ୍ୟବହାରକାରୀଙ୍କ ନାମ ବ୍ୟବସ୍ଥା ହୁଏତ ଏକ ସକାରାତ୍ମକ ପରିବର୍ତ୍ତନ ହୋଇପାରେ, କିନ୍ତୁ ଏହା ସେତିକି ବେଳେ କରାଯିବା ଉଚିତ ଯେତେବେଳେ ପ୍ରଥମ ଦିନରୁ ଏହା ସହିତ ଆଭ୍ୟନ୍ତରୀଣ ଭାବରେ ସୁରକ୍ଷା ବ୍ୟବସ୍ଥାକୁ ସଂଯୋଗ କରାଯାଇ ପାରୁଥିବ। ଶିଶୁମାନଙ୍କ ନିରାପତ୍ତା କ୍ଷେତ୍ରରେ କୌଣସି ପ୍ରକାରର ଭୁଲ୍ ହାରକୁ ଗ୍ରହଣ କରାଯିବା, ଉପରଠାଉରିଆ ଆଶ୍ୱାସନା ପ୍ରଦାନ କରାଯିବା ଏବଂ ଏହାର ମାତ୍ରା ଉପରେ କ୍ଷମା ପ୍ରଦାନ କରାଯିବାର ବ୍ୟବସ୍ଥା ଆଦୌ ଗ୍ରହଣୀୟ ହେବା ଉଚିତ ନୁହେଁ। ସାମାଜିକ ଗଣମାଧ୍ୟମ କମ୍ପାନୀମାନେ ବାର୍ତ୍ତା ବିନିମୟର ସାଧନ ପାଲଟି ସାରିଲେଣି। ତେଣୁ ସେମାନେ କେବଳ କର୍ପୋରେଟ୍ ସ୍ୱାର୍ଥ ନୁହେଁ, ବରଂ ଜନସ୍ୱାର୍ଥ ଉପରେ ପ୍ରାଥମିକତା ପ୍ରଦାନ କରିବା ଉଚିତ।

# କର୍ମଫଳ ଓ ସୁଖ

ବେଳେବେଳେ ଯୁବକ/ଯୁବତୀ ପାଠ ପଢ଼ି ନିଯୁକ୍ତି ଆଶାରେ ବସି ଥାଆନ୍ତି। ଚାକିରି ନହେବା ଯାଏଁ ମନସ୍ତାପରେ ରୁହନ୍ତି। ଜୀବନ ବେକାର ଲାଗେ। ଭାବନ୍ତି, ଏତେ ପାଠ ପଢ଼ି ବୃଥା ହେଲା। ବାପା ମାଆ ବି ଚିନ୍ତା କରନ୍ତି ପିଲାର ପଢ଼ାରେ ଏତେ ଖର୍ଚ୍ଚ ହେଲା। କିଛି ଲାଭ ହେଲାନି। ନିଯୁକ୍ତି ଯେତିକି ଡେରି ହେଉଥାଏ, ମନ ସେତିକି ବିଚଳିତ ହୁଏ। କାରଣ ଆମର ଭାବନା 'ଯୋଉ ପାଠ ପଢ଼ିଛି, ସେଇ ଦିଗରେ ହିଁ ନିଯୁକ୍ତି ପାଇବି ଏବଂ ସେଇ କ୍ଷେତ୍ରରେ ହିଁ ଲୋକଙ୍କୁ ସାହାଯ୍ୟ କରିବି।' ଏହା ଠିକ୍ ହୋଇପାରେ, ମାତ୍ର ସମ୍ପୂର୍ଣ୍ଣ ଠିକ୍ ନୁହେଁ। କାରଣ ଆମର ଅଧ୍ୟୟନ କେବଳ ରୋଜଗାର ପାଇଁ ନୁହେଁ; ଜଗତର କଲ୍ୟାଣ ପାଇଁ। ଏଇ ଭାବନା ମନରେ ଆସିଗଲେ ଆଖି ଆଗରେ ଆମକୁ ଅନେକ କାମ ଦେଖାଯିବ। ଆମେ କୋଉଠି ନିଯୁକ୍ତି ପାଉ ବା ନପାଉ, ଖାଇବା, ପିନ୍ଧିବା କମ୍ ନଥାଏ। ଏଣେତେଣେ ବେକାର ହୋଇ ବୁଲିବା ଅପେକ୍ଷା ସେଇ ସମୟରେ କିଛି ଜନହିତକର କାମ କରି ପାରିଲେ ତା'ର ଫଳ ଦିନେ ନା ଦିନେ ଫଳିଥାଏ।

ଏମିତି କଥାର ଏକ ଉଦାହରଣ। ଜଣେ ବ୍ରାହ୍ମଣ ପିଲା। ପାଠଶାଠ ପଢ଼ିଲେ। ଚାକିରି ଆଶାରେ ବହୁ ପରୀକ୍ଷା ଦେଲେ। ସଫଳ ହେଲେନି। ବୟସ ଗଡ଼ିଗଲା। ଚେଷ୍ଟା କରି ପୂଜାପାଠ ବି ଶିଖିଲେ। ପ୍ରତିଯୋଗିତା ଭିତରେ ସେ ଉପଯୁକ୍ତ ପୂଜାପାଠ ବି ପାଇ ପାରିଲେନି। ପରିବାର ଚଳେଇବା କଷ୍ଟ ହେଉଥାଏ। ତଥାପି ଆଶା ହରେଇ ନଥାନ୍ତି। ତାଙ୍କର ଧାରଣା ଏତେ ବଡ଼ ସଂସାରରେ ପିମ୍ପୁଡ଼ି ଭଳି କ୍ଷୁଦ୍ର ଜୀବକୁ ଖାଦ୍ୟପେୟ ମିଳୁଛି। ହାତୀ ଭଳି ବିରାଟ ଜୀବକୁ ତା' ଉପଯୋଗୀ ଖାଦ୍ୟ ମିଳୁଛି। ମୁଁ ତ ସାମାନ୍ୟ ମଣିଷ। ପରମାତ୍ମା ମୋ ପାଇଁ ଖାଦ୍ୟପେୟ ରଖି ନାହାନ୍ତି? ଏଇ ଭାବନାରେ ଚଳୁ ଥାଆନ୍ତି। ପରିବାରକୁ ଏଇ ତତ୍ତ୍ୱଟି ବି ବୁଝେଇ ଦେଇ ଥାଆନ୍ତି। ଦିନେ ଦେଖିଲେ ରାସ୍ତାଘାଟ ଖୁବ୍ ମଇଳା ହୋଇଛି। ନଈ ତୁଠ ବି ଖୁବ୍ ଅଳିଆ ହୋଇଛି। ସେ ତାକୁ ସଫା କରିବାକୁ ଲାଗିଲେ। ମଣିଷ ଯେତେବେଳେ ଅନ୍ୟ ପାଖରେ ମୂଲ ଲାଗେ, ମଜୁରୀ ଆଶା ରଖେ। ସାହାଯ୍ୟ କରିବାକୁ ଗଲେ ମଜୁରୀ ମିଳିବାର ଆଶା ନଥାଏ। ସେମିତି ନଈ ତୁଠକୁ ସଫା କରୁଛନ୍ତି, ଗୋଟିଏ ଛୋଟ ଡବା ସେଇ ଅଳିଆ ଭିତରୁ ବାହାରିଲା। ତାକୁ ନଜର ଦେଲେନି। ଏମିତି ଅନେକ ଖାଲି ଡବା ବି ନଈରେ ପଡ଼ିଥାଏ। ଫେରିଲା ବେଳକୁ ହଠାତ୍ କାହିଁକି ମନେହେଲା, ସେଇ ଡବାକୁ ଉଠେଇଲେ। ତା' ଭିତରେ ଥିଲା ସୁନାର କାନ ଫୁଲଟାଏ। ତା'ପରେ ସେଇଠୁ ଜୀବନର ମୋଡ଼ ବଦଳିଲା। ସେଇ ଛୋଟ ସୁନାକୁ ବିକ୍ରି କରି ବ୍ୟବସାୟ ଆରମ୍ଭ କଲେ।

ଜୀବନରେ ସଫଳ ହେବାକୁ ହେଲେ ପରମାତ୍ମାଙ୍କ ଆଶୀର୍ବାଦ ଦରକାର। ପରମାତ୍ମା ସେମିତି କାହାକୁ ଆଶୀର୍ବାଦ କରି ଦିଅନ୍ତିନି। ମଜୁରୀ ଗୋଟିଏ ଜାଗାରେ ଖଟିଲେ ମୂଲ ଆଉ ଗୋଟିଏ ଜାଗାରେ ମିଳେ। କାହାକୁ କୋଉଠି ସାହାଯ୍ୟର ହାତ ବଢ଼େଇ ଥିଲେ, ପରମାତ୍ମା ଆମକୁ ସହଯୋଗର ହାତ ବଢ଼ାନ୍ତି। ଏତିକି ବୁଝିବାକୁ ହେବ- ମୁଁ ଯୋଉ କାମ କରୁଛି, ଏହାର ପ୍ରତିବଦଳରେ ଯେତିକି ମିଳୁଛି ଯଥେଷ୍ଟ। ଯଦି ମନରେ ଆସେ ପାଠ ଓ ପରିଶ୍ରମ ଅନୁସାରେ ଦରମା ମିଳୁନି, ତେବେ ଜୀବନ କୁହୁଳି କୁହୁଳି ନଷ୍ଟ ହୋଇଯିବ। ଉଚ୍ଚ ଆଶା ରଖାଯାଉ, ମାତ୍ର ସେ ଆଶା ଯେମିତି ଦୁଃଖର କାରଣ ନହେବ, ସେଥିପାଇଁ ବି ଧ୍ୟାନ ଦିଆଯାଉ। କର୍ମକୁ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଉ। ଫଳର ଆଶା କମିଯିବ। ଫଳ ଆଶା ଯେତେ କମ୍, ଜୀବନରେ ସୁଖ ସେତିକି ବେଶି। ଏହାର ନାମ ସମର୍ପିତ କର୍ମ।

ପଦାରବିନ୍ଦ

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

ନିତିଦିନ NITIDIN

## ବିଦେଶୀ ମଦ ଜବତ, ଜଣେ ଗିରଫ

**ନୟାହାଟ,୭।୭/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲିକ ଓ କନେଷ୍ଟବଳ ଅମରେଶ୍ବର ଜେନା ରବିବାର ରାତିରେ ପେଟ୍ରୋଲୀଙ୍ଗ କରିବା ସମୟରେ ଜଣେ ମଦ ବେପାରୀ ଠାରୁ ୧୯ଲିଟର ବିଦେଶୀ ମଦ ଜବତ କରିବା ସହିତ ଚୋରା ମଦ ବେପାରୀ ଲିଙ୍ଗରାଜ ସାହୁଙ୍କୁ ଗିରଫ କରିଛନ୍ତି। ସୋରଭା ପଞ୍ଚାୟତର ଝଞ୍ଜାଳିଆ ଗ୍ରାମର ଲିଙ୍ଗରାଜ ସାହୁଙ୍କ ଘର ଉପରେ ଚଢ଼ଉ କରାଯାଇଥିଲା। ଗୋପ ଥାନାରେ ଏକ ମୋକଦ୍ଦମା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଯାଇଛି।



# ୮ ସାହିବାସିନ୍ଦାଙ୍କ ସହ ପୁରୀ ପୁଲିସର ସମନ୍ୱୟ ବୈଠକ

**ପୁରୀ,୭।୭/ଏନ୍ଏନ୍ଏସ୍:** ପବିତ୍ର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ୨୦୨୬ ଅବସରରେ ସୁରକ୍ଷା, ଶୃଙ୍ଖଳା ଏବଂ ସୁଚାରୁ ପରିଚାଳନାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ପୁରୀ ପୋଲିସ ପକ୍ଷରୁ ଆଜି ସନ୍ଧ୍ୟା ୬ଘଟିକା ସମୟରେ ସୁନ୍ଦରା ଜଗାରେ ମାଟିମଣ୍ଡପସାହି, ଦୋଳମଣ୍ଡପ ସାହି ଏବଂ କୁଣ୍ଢେଇବେଣ୍ଟ ସାହିର ମୁରବି, ସେବାୟତ ଓ ସ୍ଥାନୀୟ ବାସିନ୍ଦାଙ୍କ ସହ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପୁରୀ ଏସ୍‌ପି ପ୍ରତୀକ ସିଂ ରଥଯାତ୍ରା ସମୟରେ ଭକ୍ତମାନଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ, ଭିଡ଼ ନିୟନ୍ତ୍ରଣ, ଯାତାୟାତ ପରିଚାଳନା, ଜରୁରୀକାଳୀନ ସହାୟତା ଏବଂ ସ୍ଥାନୀୟ ଅଞ୍ଚଳରେ ସମନ୍ୱିତ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେ କହିଥିଲେ ଯେ, ରଥଯାତ୍ରା ବିଶ୍ୱର କୋଟି କୋଟି ଭକ୍ତଙ୍କ ଆସ୍ଥାର ମହାପର୍ବ। ଏହାକୁ ଶାନ୍ତିପୂର୍ଣ୍ଣ ଓ ସଫଳ ଭାବେ ସମ୍ପନ୍ନ କରିବା ପାଇଁ ପୋଲିସ, ପ୍ରଶାସନ, ସେବାୟତ ଓ ସ୍ଥାନୀୟ ବାସିନ୍ଦାଙ୍କ ସକ୍ରିୟ ସହଯୋଗ ଜରୁରୀ। ବୈଠକରେ ଉପସ୍ଥିତ ମୁରବି, ସେବାୟତ ଓ ସ୍ଥାନୀୟ ବାସିନ୍ଦାମାନେ ବିଭିନ୍ନ ଗଠନମୂଳକ ପରାମର୍ଶ ଦେବା ସହ ପୁରୀ ପୋଲିସର ପ୍ରସ୍ତୁତିକୁ ସ୍ୱାଗତ କରିଥିଲେ। ସେମାନେ ରଥଯାତ୍ରା ସମୟରେ ପୋଲିସ ଓ ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ଜଣାଇଥିଲେ। ଏହି ସମନ୍ୱୟ ବୈଠକରେ ପୁରୀ ପୋଲିସର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିଥିଲେ। ବୈଠକ ଶେଷରେ ପାରସ୍ପରିକ ସହଯୋଗ, ସମନ୍ୱୟ ଓ ଜନସହଭାଗିତା ମାଧ୍ୟମରେ ରଥଯାତ୍ରା ୨୦୨୬କୁ ସୁରକ୍ଷିତ, ଶୃଙ୍ଖଳିତ ଓ ସଫଳ ଭାବେ ଆୟୋଜନ କରିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇଥିଲେ। ପୁରୀ ପୋଲିସ ରଥଯାତ୍ରା ୨୦୨୬କୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ସୁଚାରୁ ଭାବେ ସମ୍ପନ୍ନ କରିବା ପାଇଁ ସଦା ପ୍ରତିବଦ୍ଧ।




## ମହାନଦୀରେ ପ୍ରଥମ ବନ୍ୟା, ବିଶୁଦ୍ଧ ପାନୀୟଜଳ ଯୋଗାଇଦେବାକୁ ଦାବି

**କଣ୍ଟିଲୋ,୭।୭/ଏନ୍ଏନ୍ଏସ୍:** ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ବିଗତ ୪ରୁ ୫ ଦିନ ହେଲା ଲଗାଣ ବର୍ଷା ଲାଗି ରହି ଥିବାରୁ ଉପର ମୁଣ୍ଡ ଅର୍ଥାତ୍ ପଶ୍ଚିମ ଓଡ଼ିଶାର ସମ୍ବଲପୁର, ବଲାଙ୍ଗୀର, ସୋନପୁର୍ ଓ ବଉଦ ଜିଲ୍ଲାରେ ପ୍ରବାହିତ ଛୋଟ ଛୋଟ ନଦୀରେ ବନ୍ୟା ହୋଇ ମହାନଦୀରେ ମିଶୁଥିବାରୁ ମହାନଦୀରେ ଚଳିତବର୍ଷର ପ୍ରଥମ ବନ୍ୟା ଦେଖାଦେଇଛି। କଣ୍ଟିଲୋଠାରେ ମହାନଦୀର ବନ୍ୟା ଜଳ ବିପଦ ସଂକେତ ତଳେ ଅଛି। କିନ୍ତୁ କଣ୍ଟିଲୋର ଅଧିବାସୀମାନେ ମହାନଦୀର ଜଳକୁ ପାନୀୟ ଜଳ ଭାବେ ବ୍ୟବହାର କରୁଥିବା ହେତୁ ବନ୍ୟା ଆସିବା ଯୋଗୁ ପାଣି ସମ୍ପୂର୍ଣ୍ଣ ଭାବେ ଗୋଳିଆ ଓ ଅପରିଷ୍କାର ତଥା ପିଇବା ପାଇଁ ଅନୁପଯୁକ୍ତ ହୋଇଛି। ତେଣୁ ଅଧିବାସୀମାନଙ୍କୁ ସ୍ୱଚ୍ଛ ବିଶୁଦ୍ଧ ପାନୀୟଜଳ ଯୋଗାଇବା ପାଇଁ, ଉଚ୍ଚଶକ୍ତି ସମ୍ପନ୍ନ ମୋଟର ଦ୍ୱାରା ପମ୍ପ ହାଉସରୁ ପାଣି ଉଠାଇ ଷ୍ଟୋରେଜ୍ କରାଯାଉଥିବା ଟାଙ୍କିରେ ପଞ୍ଚାୟତ, ବ୍ଲକ, ଜିଲ୍ଲା ପ୍ରଶାସନ ତଥା ଗ୍ରାମ୍ୟ ଜଳ ଯୋଗାଣ ଯନ୍ତ୍ରୀ ପଦକ୍ଷେପ ସ୍ୱରୂପ ଆବଶ୍ୟକୀୟ, ବ୍ଲିଚିଂ ଓ ଆଲମ୍ ବ୍ୟବହାର କରିବା ପାଇଁ ଦାବି ହେଉଛି।

## ଡଙ୍ଗା ଫ୍ୟାକ୍ଟ୍ରି ନାମରେ ସରକାରୀ ଜମି ଜବରଦଖଲ

**କୋଣାର୍କ,୭।୭/ଏନ୍ଏନ୍ଏସ୍:** କୋଣାର୍କ ଏନଏସି ୮ ନମ୍ବର ୱାର୍ଡ ଚନ୍ଦ୍ରଭାଗା ନୋଳିଆ ବସ୍ତିରେ ସରକାରୀ ସହାୟତାରେ ଜାଗା ମିଶନ ଯୋଜନାରେ ଜମି ହାତେଇବା ପରେ ଏବେ ଗୋଟେ ପରେ ଗୋଟେ ଅଭିନୟ ଉପାୟ ଅବଲମ୍ବନ କରି ବେଆଇନି ଭାବେ ଲକ୍ଷାଧିକ ଟଙ୍କା ମୂଲ୍ୟର ସରକରୀ ଜମିକୁ ତେଲୁଗୁବସ୍ତିର କେତେ ଜଣ ବ୍ୟକ୍ତି ଯୋଜନାବଦ୍ଧ ଭାବେ ଅକ୍ତିଆର କରିଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ ଚନ୍ଦ୍ରଭାଗା ତେଲୁଗୁ ବସ୍ତି ନିକଟରେ ଥିବା ମତ୍ସ୍ୟ ବିଭାଗର ଚିଙ୍ଗୁଡ଼ି ଯାଆଁଳ ଉତ୍ପାଦନ କେନ୍ଦ୍ର ସମ୍ମୁଖ ରାସ୍ତାକଡ଼ରେ ଥିବା ରାଜସ୍ୱ ବିଭାଗ ଅଧିନ ଶତାଧିକ ଏକର ସରକାରୀ ଜମିରୁ କେତେକ ମୂଲ୍ୟବାନ ଜମିକୁ ଜବରଦଖଲ କରି ତେଲୁଗୁ ବସ୍ତିର କେତେଜଣ ବ୍ୟକ୍ତି ସମୁଦ୍ରକୁ ମାଛ ଧରିବାକୁ ଯିବା ପାଇଁ ବ୍ୟବହାର ହେଉଥିବା ଫାଇବର ଡଙ୍ଗା ନିର୍ମାଣ ପାଇଁ ଫ୍ୟାକ୍ଟ୍ରି ନିର୍ମାଣକରି ଲକ୍ଷାଧିକ ଟଙ୍କା ରୋଜଗାର କରୁଥିଲା ବେଳେ ସରକାରୀ ଜମିର ସୁରକ୍ଷା ଦାୟିତ୍ୱରେ ଥିବା ରାଜସ୍ୱ ବିଭାଗ ଅଧିକାରୀମାନେ ଜାଣି ନ ଜାଣିଲା ପରି ଚୁପଚାପ ବସି ରହିବାକୁ ନେଇ ସାଧାରଣରେ ଚିନ୍ତା ପ୍ରକାଶ ପାଇଛି। ତୁରନ୍ତ ଜିଲ୍ଲାପାଳ ଏ ଦିଗରେ ଦୃଷ୍ଟିଦେଇ ଏହି ସରକାରୀ ଜମିରୁ ଜବରଦଖଲ ହଟାଇ ଜମି ଉଦ୍ଧାର କରିବାକୁ ରାଜସ୍ୱ ଅଧିକାରୀଙ୍କୁ ନିର୍ଦ୍ଦେଶଦେବାକୁ ସାଧାରଣରେ ଦାବି ହୋଇଛି।

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ

**ଓଡ଼ଗାଁ,୭।୭/ଏନ୍ଏନ୍ଏସ୍:** ଓଡ଼ଗାଁ ଆଦର୍ଶ ଥାନା ଅଞ୍ଚଳରେ ନାବାଳିକା ନିଖୋଜ ହେବା ଓ ଦୁଷ୍କର୍ମର ଶିକାର ହେବା ନୂଆ ଘଟଣା ନୁହଁ।ଗତମାସରେ ୩ରୁ ୪ଜଣ ନାବାଳିକା ନିଖୋଜ ଥିବା ଜଣାପଡ଼ିଛି। ଗତକାଲି ଓଡ଼ଗାଁ ପୁଲିସ ୮ମାସ ଧରି ନିଖୋଜ ଥିବା ଜଣେ ନାବାଳିକାକୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୁଣି ଥାନା ଅଞ୍ଚଳରେ ଆଉ ଏକ ଲଜ୍ୟାକର ଘଟଣା ଘଟିଯାଇଛି। ଜଣେ ଯୁବକ ନାବାଳିକାଙ୍କୁ ଟେକି ନେଇ ଦୁଷ୍କର୍ମ କରିଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ,ଗତକାଲି ୧୧ ବର୍ଷର ନାବାଳିକା ଘରେ ଏକାକି ଥିବାର ସୁଯୋଗ ନେଇ ବାଣ୍ଡପୁର ଗ୍ରାମର ଗାଣ୍ଡୁ ପ୍ରଧାନଙ୍କ ପୁଅ ଚଇ ପ୍ରଧାନ ପାଖକୁ ଆସି ତାଙ୍କ ଫୋନ୍ ନମ୍ବର ମାଗିଥିଲା। ନାବାଳିକା ମନା କରିବାରୁ ତାଙ୍କ ପାଟିକୁ ଜୋର ଜବରଦସ୍ତ ବନ୍ଦକରି ବାରିପଟ କାଜୁ ଜଙ୍ଗଲ ଭିତରକୁ ଟେକି ନେଇଥିଲା।ସେଠାରେ ନାବାଳିକାକୁ ବଳପୂର୍ବକ ଦୁଷ୍କର୍ମ କରିଥିଲା। ପରିବାର ଲୋକେ ଘରକୁ ଫେରିବା ପରେ ନାବାଳିକା ମାଆକୁ ସବୁକଥା ଜଣାଇଥିଲା। ପୀଡ଼ିତାଙ୍କ ମାଆ ଓଡ଼ଗାଁ ଥାନାରେ ପହଞ୍ଚି ତାଙ୍କର ୧୧ବର୍ଷର ନାବାଳିକାକୁ ଚଇ ପ୍ରଧାନ ନାମକ ଜଣେ ଯୁବକ ଦୁଷ୍କର୍ମ କରିଥିବା ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

## ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀରେ ବୃକ୍ଷରୋପଣ

**ନିଶ୍ଚିନ୍ତକୋଇଲି,୭।୭/ଏନ୍ଏନ୍ଏସ୍:** ଭାରତୀୟ ଜନସଂଘର ପ୍ରତିଷ୍ଠାତା ଡ଼ଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜୟନ୍ତୀ ଅବସରରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧିନସ୍ଥ କୁଳିଆ ସ୍ଥିତ ଶ୍ରୀ ଶ୍ରୀ ରଘୁନାଥଜିଉଙ୍କ ମନ୍ଦିର ପରିସରରେ ବିଭିନ୍ନ ପ୍ରକାରର ବୃକ୍ଷରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ, କଟକ ଜିଲ୍ଲା ବିଜେପି (ଗ୍ରାମୀଣ)ସଭାପତି ରାମନାରାୟଣ ମହାନ୍ତି, ବିଜେପି ନେତା ଗୌତମ ରାୟ, ଅଭୟ କୁମାର ବାରିକ, ଅରିନ୍ଦମ ରାୟ, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ନୃସିଂହଚରଣ ମିଶ୍ର, ପୂର୍ବତନ ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ଯତିନ୍ଦ୍ରନାଥ ଜେନା, ରମେଶ ଚନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର କୁମାର ସାହୁ, ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତା ହରିହର ପ୍ରଧାନ, ଗୋତରା ପଞ୍ଚାୟତ ସରପଞ୍ଚ ସୂର୍ଯ୍ୟକାନ୍ତ ପଣ୍ଡା, ଜ୍ଞାନରଂଜନ ରାଉତ, ଭକ୍ତଚରଣ ସ୍ୱାଇଁ ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ବୃକ୍ଷରୋପଣ କରିଥିଲେ।

## ପିଏମ୍ଶ୍ରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ

**ବଳଙ୍ଗା,୭।୭/ଏନ୍ଏନ୍ଏସ୍:** ବନମହୋତ୍ସବ ସପ୍ତାହ ୨୦୨୬ ଅବସରର ଶେଷ ଦିନରେ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ବଳଙ୍ଗା ପ୍ରାଙ୍ଗଣରେ ବୃକ୍ଷରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ସ୍ଥାୟୀ ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ଦାଶ, ବିଦ୍ୟାଳୟ ପୁରାତନ ଛାତ୍ର ସମାଜସେବୀ ଯୁବସାମ୍ବାଦିକ ମାନସ ରଞ୍ଜନ ଦାଶ, ଏଲିଜା ବେହେରା, ସୁପ୍ରିୟା ବେହେରା, ଜୟଶ୍ରୀ ଦାଶ, ମାନସ କୁମାର ସେଠୀ, ବିଶ୍ୱଜିତ ମଲିକ୍ ପ୍ରଭୃତି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ପ୍ରକୃତିର ସୁରକ୍ଷା ହୋଇପାରିଲେ ମାନବ ସମାଜ ସୁସ୍ଥ ଜୀବନଯାପନ କରିପାରିବ। ନଚେତ୍ ବିଭିନ୍ନ ପ୍ରକାରର ରୋଗବ୍ୟାଧି ମଣିଷକୁ ମାଡି ବସିବ। ତେଣୁ ପ୍ରଚୁର ପରିମାଣରେ ବୃକ୍ଷରୋପଣ କରି ସୁସ୍ଥ ସମାଜ ଓ ନିରାମୟ ଜୀବନ ବିତାଇବା ପାଇଁ ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ଦାଶ ମତପୋଷଣ କରିଥିଲେ। ପ୍ରକୃତି, ସଂସ୍କୃତି, ପ୍ରଗତି ଏମାନେ ପରସ୍ପର ପରିପୂରକ ତେଣୁ ପ୍ରକୃତିର ସୁରକ୍ଷା କରିବା ସହ ଜନସଂଖ୍ୟା ତୁଳନାରେ ତା'ର ବୃଦ୍ଧି ପାଇଁ ପ୍ରତ୍ୟେକ ବ୍ୟକ୍ତି ତା'ର ଉଦ୍ୟମ କରିବା ନିହାତି ଆବଶ୍ୟକ ବୋଲି ସାମ୍ବାଦିକ ମାନସ ରଞ୍ଜନ ଦାଶ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବିଦ୍ୟାଳୟ କର୍ମଚାରୀ ପଞ୍ଚାନନ ବରାଳ।


OIPR-24001/24045/3/26-27/0016 24001/275/2627

## ଓଡ଼ିଶା ସରକାର
## କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଅଧିସୂଚନା

ନଥି ସଂ- IX(A)-09/2026-312 ତା. 09.06.2026 ରିଷ

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ଖଡ଼ିଆଳ, ଥାନା-ଆନନ୍ଦପୁର, ତହସିଲ-ଆନନ୍ଦପୁର, ଜିଲ୍ଲା-କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ୪.୬୩୦ ରକବା ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ୧୧(୧) ଧାରା ରେ କ୍ଷମତାପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧ (୧) ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଅଧୀକ୍ଷଣ ଯନ୍ତ୍ରୀ, ଡ୍ରେନେଜ ଡିଭିଜନ, ଭଦ୍ରକ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ ଜିଲ୍ଲାପାଳ, ଆନନ୍ଦପୁର।

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚୀତ ଜମିର ରକବା | |
|---|---|---|---|---|---|---|---|---|
| କେନ୍ଦୁଝର | ଆନନ୍ଦପୁର | ଖଡ଼ିଆଳ | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ୨୫.୦୪୩ | ୪.୬୩୦ | ରୟତର |
| | | | | | ମୋଟ | ୨୫.୦୪୩ | ୪.୬୩୦ | ନାମ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ୦.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ। ସଂଲଗ୍ନ

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝରରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ, କେନ୍ଦୁଝର

**ଭୂମି ଅନୁସୂଚୀ**

ପ୍ରକଳ୍ପର ନାମ - ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ
ମୌଜା - ଘାଗରାନାଳ, ଥାନା- ଆନନ୍ଦପୁର, ଥାନା ନଂ-୧୨୨, ତହସିଲ-ଆନନ୍ଦପୁର, ଜିଲ୍ଲା-କେନ୍ଦୁଝର

| କ୍ରମିକ ନଂ | ଖତିୟାନ ନଂ | ପ୍ରଜାର ନାମ ଓ ଠିକଣା | ପ୍ଲଟ ନଂ | କିସମ | ମୋଟ ରକବା | ଅର୍ଜନ ରକବା |
|---|---|---|---|---|---|---|
| ୧ | ୨ | ଅଇଁଠୁ ନାଏକ, ପି-ପଦିଆ ନାଏକ, ଜା-ଭୂୟାଁ, ବା-ନିଜଗାଁ | ୧୦୦୧/ ୧୧୩୮ | ଶାରଦ ଏକ | ୦.୩୫୦ | ୦.୦୨୦ |
| ୨ | ୨୦ | ଅର୍ଜ୍ଜୁନ ସତଙ୍ଗି, ପି-ନିଧି ସତଙ୍ଗି, ଜା-ବ୍ରାହ୍ମଣ, ବା-ନିଜଗାଁ | ୯୯୬<br>୯୯୬/ ୧୧୨୦ | ଶାରଦ ତିନି<br>ଶାରଦ ତିନି | ୦.୯୨୦<br>୦.୭୦୦ | ୦.୦୯୦<br>୦.୧୪୦ |
| ୩ | ୪୩ | କୁଶ ନାଏକ, ପି-ନରି ନାଏକ, ଜା-ଭୂୟାଁ ବା-ନିଜଗାଁ | ୧୦୩୯<br>୧୦୪୨ | ଶାରଦ ଏକ<br>ଶାରଦ ଏକ | ୦.୨୫୦<br>୦.୦୭୦ | ୦.୨୫୦<br>୦.୦୭୦ |
| ୪ | ୬୦ | ଗୋପାଳ ନାୟକ, ପି-ପାଣ୍ଡବ ନାୟକ, ଦିଗାମ୍ବର ନାୟକ, ମୁଗୁନି ନାୟକ, କାର୍ତ୍ତିକ ନାଏକ, ଫଗୁଆ ନାୟକ, ପି-ଦୁଖା ନାୟକ ଜା-ଭୂୟାଁ, ବା-ନିଜଗାଁ | ୯୯୪ | ଶାରଦ ଦୁଇ | ୦.୪୬୦ | ୦.୦୭୦ |
| ୫ | ୬୧ | ଗୋପାଳ ନାୟକ, ପି-ପାଣ୍ଡବ ନାୟକ, ଦିଗାମ୍ବର ନାୟକ, ମୁଗୁନି ନାୟକ, କାର୍ତ୍ତିକ ନାଏକ, ଫଗୁଆ ନାୟକ, ପି-ଧ୍ରୁବ ନାୟକ ହୃଷି ନାୟକ, ନିଶାକର ନାୟକ, ପି-ନରି ନାୟକ, କଣ୍ଡ ନାୟକ, ପି-ଚୈତନ୍ୟ ନାୟକ କୈଳାଶ ନାୟକ, ପି-ପୁରି ନାୟକ, ମୁଷା ନାୟକ, ପି-କୁମ ନାୟକ, ଚାରି ନାୟକ, ମେଥି ନାୟକ, ସ୍ୱା-କୁନା ନାୟକ, ଅଖିଳ ବେହେରା, ମେନକା ବେହେରା, ପିକ ବେହେରା, ପଦ୍ମିନୀ ନାୟକ, କୁନ୍ତଳା ନାୟକ, ପି-କୁନା ନାୟକ, ଜା-ଭୂୟାଁ, ବା-ନିଜଗାଁ | ୭୨୪ | ବିଆଳି ଦୋଫସଲି | ୦.୨୪୦ | ୦.୦୫୦ |
| ୬ | ୭୭ | ଚାଖଣ୍ଡ ସେଣ୍ଠ, ସ୍ୱା-ଗଣେଶ ସେଣ୍ଠ, ଭିମ ସେଣ୍ଠ, ପି-ମାଗୁଣି ସେଣ୍ଠ, ବାବାଜି ସେଣ୍ଠ ପି-ପାଟଣା, ବା-ନିଜଗାଁ | ୧୦୩୨ | ଶାରଦ ଦୁଇ | ୦.୧୪୦ | ୦.୧୪୦ |
| ୭ | ୯୪ | ଟୁରା ନାୟକ, ପି-ଅନନ୍ତ ନାୟକ, ଜା-ଭୂୟାଁ, ବା-ନିଜଗାଁ | ୧୦୨୯ ୧୧୬୧ | ଶାରଦ ଏକ | ୦.୪୦୦ | ୦.୦୬୦ |
| ୮ | ୧୦୫ | ଦୈତାରୀ ସାହୁ, ଦାସ ସାହୁ, ପି-ବାସୁ ସାହୁ, ଜା-ବଣିଆ, ବା-ଆନନ୍ଦପୁର | ୩୮୮<br>୩୯୧<br>୩୯୭<br>୩୯୮ | ଶାରଦ ତିନି<br>ଶାରଦ ତିନି<br>ଶାରଦ ଦୁଇ<br>ଶାରଦ ଦୁଇ | ୦.୭୧୦<br>୦.୦୨୦<br>୦.୪୯୫<br>୦.୨୮୦ | ୦.୧୬୦<br>୦.୦୨୦<br>୦.୦୪୦<br>୦.୦୮୦ |
| ୯ | ୧୧୪ | ଧ୍ରୁବ ବେହେରା, ପି-ବଇ ବେହେରା, ବିରି ବେହେରା, ରାମ ବେହେରା, ପି-ଭିକ ବେହେରା, ନକୁଳ ବେହେରା, ବୁଧିଆ ବେହେରା, ପି-ଦାମ ବେହେରା, ଜା-ଭୂୟାଁ ବା-ନିଜଗାଁ | ୧୦୨୫ | ଶାରଦ ଏକ | ୧.୦୦ | ୦.୦୬୦ |
| ୧୦ | ୧୨୨ | ନଟ ନାୟକ, ବାବୁ ନାୟକ, ଡିୟ ନାୟକ, ପି-ଚନ୍ଦ୍ର ନାୟକ, ଜା-ଭୂୟାଁ, ବା-ନିଜଗାଁ | ୧୦୨୯/ ୧୧୬୨ | ଶାରଦ ଏକ | ୦.୪୨୦ | ୦.୦୬୦ |
| ୧୧ | ୧୩୬ | ପଦ୍ମଲୋଚନ ରାମ, ହରେକୃଷ୍ଣ ରାମ, ଗଙ୍ଗାଧର ରାମ, ପି-ନନ୍ଦରାମ, ଜା-ତାମିଲ ବା-ଫକିରପୁର | ୯୯୩<br>୯୯୨ | ଶାରଦ ଦୁଇ<br>ବାଜେଫସଲ ଏକ | ୦.୨୧୦<br>୦.୨୩୩ | ୦.୦୫୦<br>୦.୧୦୦ |
| ୧୨ | ୧୫୨ | ବଳରାମ ନାୟକ, ପି-ଶିବ ନାୟକ, ଜା-ଭୂୟାଁ, ବା-ନିଜଗାଁ | ୧୦୩୪ | ଶାରଦ ଦୁଇ | ୦.୨୪୦ | ୦.୦୩୦ |
| ୧୩ | ୧୫୪ | ବଳରାମ ସେଣ୍ଠ, ଦୋଳଗୋବିନ୍ଦ ସେଣ୍ଠ, ପି-କ୍ଷେତ୍ରବାସି ସେଣ୍ଠ, ଜା-ପାଟରା, ବା-ଆନନ୍ଦପୁର | ୧୦୧୯<br>୧୦୪୦ | ଶାରଦ ଏକ<br>ଶାରଦ ଏକ | ୦.୧୭୦<br>୦.୧୭୦ | ୦.୦୫୦<br>୦.୦୫୦ |
| ୧୪ | ୧୫୮ | ବାଇଧର ସାହୁ, ମୁରଲିଧର ସାହୁ, ପି-ଚୈତନ୍ୟ ସାହୁ, ଜା-ବଣିଆ, ବା-ଆନନ୍ଦପୁର | ୩୯୩<br>୩୯୪ | ଶାରଦ ତିନି<br>ଶାରଦ ତିନି | ୦.୪୪୦<br>୦.୨୭୦ | ୦.୪୪୦<br>୦.୦୮୦ |
| ୧୫ | ୧୫୯ | ବ୍ରଜ ବନ୍ଧୁ ପଟ୍ଟନାୟକ, ନିତ୍ୟାନନ୍ଦ ପଟ୍ଟନାୟକ ପଦ୍ମନାଭ ପଟ୍ଟନାୟକ, ପି-ଗୋକୁଳା ନନ୍ଦ ପଟ୍ଟନାୟକ, ଜା-କରଣ, ବା-ଆନନ୍ଦପୁର | ୩୭୭/ ୧୨୪୧ | ଶାରଦ ତିନି | ୧.୧୪୦ | ୧.୧୪୦ |
| ୧୬ | ୧୬୨ | ବାଞ୍ଛାନିଧି ପାତ୍ର, ପି-ଶଙ୍କର୍ଷଣ ପାତ୍ର, ଜା-କୈବର୍ତ୍ତ, ବା-ଆନନ୍ଦପୁର | ୯୯୭<br>୨୯୮ | ଶାରଦ ଦୁଇ<br>ଶାରଦ ତିନି | ୧.୫୩୦<br>୦.୨୫୦ | ୦.୧୦୦<br>୦.୦୬୦ |
| ୧୭ | ୨୫୦/ ୧୬୯ | ଗଜେନ୍ଦ୍ର ଦାସ, ନରେନ୍ଦ୍ର ଦାସ, ସୁରେନ୍ଦ୍ର ଦାସ, ପୁରୋଷତମ ଦାସ, ପି-ଶ୍ୟାମସୁନ୍ଦର ଦାସ, ଜା-ଲକ୍ଷ୍ମିନାରାୟଣ ଗୋଲା, ବା-ବଳଦୁଆଁ | ୩୯୧/ ୧୪୦୦ | ଶାରଦ ତିନି | ୦.୩୨୦ | ୦.୧୪୦ |
| ୧୮ | ୧୮୫ | ଭାଲୁଆ ନାହକ, ହଗରା ନାହକ, ପି-ନନ୍ଦ ନାହକ, ଜା-ଖଣ୍ଡୁଆଳ, ବା-ମୁଚିନ୍ଦା | ୧୦୫୭ | ଶାରଦ ଏକ | ୧.୧୯୦ | ୩୦୦ |
| ୧୯ | ୧୯୩ | ମହେଶ୍ୱର ଦାସ, କୃତିବାସ ଦାସ, ଜା-ଖଣ୍ଡାୟତ, ବା-ଆନନ୍ଦପୁର | ୧୦୩୦ | ଶାରଦ ଏକ | ୦.୩୬୦ | ୦.୧୫୦ |
| ୨୦ | ୧୯୬ | ମାଗୁଣି ନାୟକ, ପି-ହୃଦା ନାୟକ, ଜା-ସବର, ବା-ଦୁଦୁଗାଁ | ୧୦୨୯ | ଶାରଦ ଏକ | ୦.୪୦୦ | ୦.୦୬୦ |
| ୨୧ | ୨୦୧ | ମଧୁ ସାହୁ, ପି-ରାମ ସାହୁ, ଜା-ତେଲି ବା-ନିଜଗାଁ | ୭୨୧<br>୭୨୨<br>୭୨୩ | ଶାରଦ ଏକ<br>ଶାରଦ ଏକ<br>ଶାରଦ ଏକ | ୭.୪୫୦<br>୦.୧୦୦<br>୦.୧୦୦ | ୦.୦୬୦<br>୦.୧୦୦<br>୦.୧୦୦ |
| ୨୨ | ୨୧୫ | ରା ବେହେରା, ପି-ଭିଲ ବେହେରା, ଜା-ଭୂୟାଁ, ବା-ନିଜଗାଁ | ୯୯୯ | ଶାରଦ ଏକ | ୦.୨୫୦ | ୦.୨୫୦ |
| ୨୩ | ୨୨୧ | ଲକ୍ଷ୍ମଣ ସେଣ୍ଠ, ପି-ଦରି ସେଣ୍ଠ, ଜା-ପାଟରା ବା-ଫକିରପୁର | ୧୦୪୧<br>୧୦୪୫ | ଶାରଦ ଏକ<br>ଶାରଦ ଏକ | ୦.୨୦୦<br>୦.୨୬୦ | ୦.୦୫୦<br>୦.୦୫୦ |
| ୨୪ | ୨୨୨ | ଲକ୍ଷ୍ମଣ ସେଣ୍ଠ, କିର୍ତ୍ତନ ସେଣ୍ଠ, ପି-ଦରି ସେଣ୍ଠ, ଜା-ପାଟରା, ବା-ଫକିରପୁର | ୧୦୪୬<br>୧୦୩୩ | ଶାରଦ ଏକ<br>ଶାରଦ ଦୁଇ | ୦.୧୭୦<br>୦.୪୬୦ | ୦.୦୫୦<br>୦.୦୬୦ |
| ୨୫ | ୨୫୦ /୭୦ | ପଦ୍ମନାଭ ବେହେରା, ପି-ହରିହର ବେହେରା, ଜା-ଗୋଲା, ବା-ବଳଦୁଆଁ | ୩୮୬ | ବାଜେଫସଲ ଏକ | ୦.୪୦୦ | ୦.୨୩୦ |
| ୨୬ | ୨୫୦/ ୯୨ | ଚିତରଞ୍ଜନ ପଟ୍ଟନାୟକ, ନିରଞ୍ଜନ ପଟ୍ଟନାୟକ, ବିଶ୍ୱରଞ୍ଜନ ପଟ୍ଟନାୟକ, ଶୌମ୍ୟରଞ୍ଜନ ପଟ୍ଟନାୟକ, ଦିପ୍ତି ରଞ୍ଜନ ପଟ୍ଟନାୟକ, ଅମିୟ ପଟ୍ଟନାୟକ, ପି-ବ୍ରଜ ବନ୍ଧୁ ପଟ୍ଟନାୟକ, ସୁର ରଞ୍ଜନ ପଟ୍ଟନାୟକ ହରି ରଞ୍ଜନ ପଟ୍ଟନାୟକ, ଜ୍ଞାନ ରଞ୍ଜନ ପଟ୍ଟନାୟକ, ପି-ନିତ୍ୟାନନ୍ଦ ପଟ୍ଟନାୟକ, ମନରଞ୍ଜନ ପଟ୍ଟନାୟକ, ରବିରଞ୍ଜନ ପ ପଟ୍ଟନାୟକ, ଶଶିରଞ୍ଜନ ପଟ୍ଟନାୟକ, ତାରାରଞ୍ଜନ ପଟ୍ଟନାୟକ, ପ୍ରଭା ରଞ୍ଜନ ପଟ୍ଟନାୟକ, ମହିରଞ୍ଜନ ପଟ୍ଟନାୟକ, ନବ ରଞ୍ଜନ ପଟ୍ଟନାୟକ, କୁଶ ରଞ୍ଜନ ପଟ୍ଟନାୟକ ପି-ପଦ୍ମନାଭ ପଟ୍ଟନାୟକ, ଜା-କରଣ, ବା-ଆନନ୍ଦପୁର | ୩୭୭ | ଶାରଦ ତିନି | ୧.୨୨୦ | ୦.୨୫୦ |
| ୨୭ | ୨୫୦/ ୨୪୯ | କ୍ଷିତିଶ କୁମାର ମିଶ୍ର, ବିଶ୍ୱଜିତ ମିଶ୍ର, ବିଦ୍ୟୁତପ୍ରଭା ମିଶ୍ର, ଦିପ୍ତିମୟୀ ମିଶ୍ର, ପି-ମଦନମୋହନ ମିଶ୍ର, ଜା-ବ୍ରାହ୍ମଣ, ବା-ଶାଳବଣି | ୩୭୫<br>୩୭୦<br>୩୭୧ | ଶାରଦ ତିନି<br>ଶାରଦ ତିନି<br>ଶାରଦ ତିନି | ୦.୧୫୫<br>୦.୧୫୦<br>୦.୩୦ | ୦.୦୬୦<br>୦.୦୮୦<br>୦.୦୮୦ |
| ୨୮ | ୨୩୭ | ଶୁକ ବେହେରା, ପି-ବିର ବେହେରା, ଜା-ଭୂୟାଁ, ବା-ନିଜଗାଁ | ୧୦୨୦<br>୧୦୨୧ | ଶାରଦ ଏକ<br>ଶାରଦ ଏକ | ୦.୦୭୦<br>୦.୩୮୦ | ୦.୦୭୦<br>୦.୦୮୦ |
| | | | | ମୋଟ | ୨୫.୦୪୩ | ୪.୬୩୦ |

Sd/- AMIN
L.A. (Gen.) Section
Collectorate, Keonjhar

Sd/- Land Acquisition Inspector
L.A. (Gen.) Section
Collectorate, Keonjhar

ଭୂ-ଅର୍ଜନ ଅଧିକାରୀ
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର

ନିତିଦିନ NITIDIN

ଲଘୁଚାପଜନିତ ବର୍ଷା: କ୍ଷେତରେ ଲହଡ଼ି ଭାଙ୍ଗୁଛି ପାଣି

# ଚାଷୀଙ୍କୁ କ୍ଷତିପୂରଣ, ସଫେଇ ନାଳରୁ ଦଳ ସଫା ଦାବି

**ଡେଲାଙ୍ଗ,୭।୭/ଏନ୍ଏନ୍ଏସ୍:** ଲଘୁଚାପ ଜନିତ ଅଦିନିଆ ବର୍ଷା କାରଣରୁ ଡେଲାଙ୍ଗ ବ୍ଲକର ଅଧିକାଂଶ ଫସଲ କ୍ଷେତରେ ୩ ଫୁଟର ବର୍ଷାପାଣି ଲହଡି ମାରୁଛି । ବୁଣା ଧାନ ଓ ତଳିଘେରା ଗୁଡ଼ିକ ନଷ୍ଟ ହେବା ଯୋଗୁ ଚାଷୀଙ୍କ ଅପୂରଣୀୟ କ୍ଷତି ଘଟିଛି । ଏନେଇ ରାଜସ୍ୱ ଓ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଫସଲ୍ ହାନି ନେଇ କୌଣସି ଅଧିକାରୀ ଚାଷୀଙ୍କ ଫସଲ କ୍ଷେତରେ ପହଞ୍ଚିନଥିବା ଅଭିଯୋଗ ହୋଇଛି । ଫଳରେ ଅଖିଳ ଭାରତ କୃଷକ ମହାସଭାର ସଦସ୍ୟ ଓ ସ୍ଥାନୀୟ ଚାଷୀ ମଙ୍ଗଳବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ତହସିଲଦାରଙ୍କୁ ଚାଷୀଙ୍କ ସମସ୍ୟା ଓ ଦଳ ଭର୍ତ୍ତି ସଫେଇ ନାଳ ଗୁଡିକୁ ସଫା କରିବା ସମ୍ପର୍କରେ ଦାବିପତ୍ର ପ୍ରଦାନ କରିଛନ୍ତି । ପାଣିପାଗ ବିଭାଗର ସୂଚନା ଅନୁଯାୟୀ ପୁରୀ ଜିଲାର ସମସ୍ତ ବ୍ଲକ ଗୁଡିକ ତୁଳନାରେ ଡେଲାଙ୍ଗ ବ୍ଲକରେ ସର୍ବାଧିକ ବର୍ଷା ହୋଇଛି । ଦୀର୍ଘ ୫ଦିନ ଧରି ହୋଇଥିବା ଲଗାଣ ବର୍ଷା କାରଣରୁ ଚାଷୀଙ୍କ ଫସଲ କ୍ଷେତ ଜଳାର୍ଣ୍ଣବ ପାଲଟିଛି । ସେହିପରି ବର୍ଦ୍ଧିତ ବଜାର ଦରକୁ ଲକ୍ଷରେ ରଖି କେତେକ ଚାଷୀ ନିଜ କ୍ଷେତରେ ପରିବା ଫସଲ କରିଥିଲେ । ହେଲେ ପରିବା ଫସଲ ମଧ ଉଜୁଡି ଯାଇଥିବାରୁ ଚାଷୀ କ୍ଷତି ସହୁଥିବା ଅଭିଯୋଗ ହୋଇଛି । ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ଗୁଡିକରୁ ଋଣ ନେଇ ଫସଲ କାର୍ଯ୍ୟରେ ବିନିଯୋଗ କରିଥିବା ଚାଷୀଙ୍କ ପାଖରେ ପୁନର୍ବାର ବିହନ କିଣିବାକୁ ଅର୍ଥ ନାହିଁ । ଅପରପକ୍ଷେ ବିଭିନ୍ନ ସଫେଇ ନାଳ ଗୁଡିକର ଖାଲ ଖମାରେ ରହିଥିବା କଳିକତି ଦଳ ଭାସି ଆସି ଜଳ ନିଷ୍କାସନରେ ବାଧକ ସାଜୁଛି । ବିଶେଷକରି ଲୁଣା ନଦୀ, ରେଙ୍ଗଲ-ପଟଣପୁର ସଫେଇ ନାଳ, ପୋସଲ-ମାଛପଡା ଓ ହୁରୁହୁରା-ଛଅ ପୋଲିଆ, ପିଢ଼ପାଟଣା ଖଲାସୀ ପ୍ରମୁଖ ସଫେଇ ନାଳଗୁଡିକରେ ଦୀର୍ଘଦିନ ଧରି ଅନବନା ଲଟା ଓ କଳିକତି ଦଳ ପୂର୍ଣ୍ଣ ହୋଇ ଜଳ ନିଷ୍କାସନରେ ବାଧକ ସାଜିଲାଣି । ବାରମ୍ବାର ଅଭିଯୋଗ ସତ୍ତ୍ୱେ ଜଳ ସମ୍ପଦ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା ମହାସଭା ଅଭିଯୋଗ କରିଛି । ସ୍ଥାନୀୟ ଚାଷୀଙ୍କର ହୋଇଥିବା କ୍ଷୟକ୍ଷତି ଆକଳନ ନିମନ୍ତେ ଏପର୍ଯ୍ୟନ୍ତ କୌଣସି ଅଧିକାରୀ ପହଞ୍ଚି ନାହାନ୍ତି । ଏ ନେଇ ଅଖିଳ ଭାରତ କୃଷକ ମହାସଭାର ରାଜ୍ୟ ସମ୍ପାଦକ ଅଶୋକ ପ୍ରଧାନଙ୍କ ନେତୃତ୍ୱରେ ଚାଷୀ ରାମଚନ୍ଦ୍ର ମହାରଣା, ଅଭିମନ୍ୟୁ ସ୍ୱାଇଁ, ଅକ୍ଷୟ କୁମାର ରାଉତ, ରବୀନ୍ଦ୍ର ଜେନା, କୈଳାସ ଚନ୍ଦ୍ର ବେହେରା ପ୍ରମୁଖଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଚାଷୀ ଆଜି ଡେଲାଙ୍ଗ ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । କ୍ଷତିଗ୍ରସ୍ତ ଚାଷୀଙ୍କୁ ସମ୍ପୂର୍ଣ୍ଣ କ୍ଷତିପୂରଣ ପ୍ରଦାନ କରିବା, ଚାଷୀଙ୍କୁ ମାଗଣାରେ ଧାନ ଓ ପରିବା ବିହନ ଯୋଗାଇଦେବା, ଘରେ ହାତବାନ୍ଧି ବସିଥିବା କୃଷି ଶ୍ରମିକମାନଙ୍କୁ କାମର ବନ୍ଦୋବସ୍ତ କରାଇବା, ସଫେଇ ନାଳ ଗୁଡିକରୁ ଦଳ ଓ ଅନାବନା ଘାସ ସଫାକରିବା ସହିତ ପ୍ରତ୍ୟେକ ବର୍ଷା ଋତୁ ପୂର୍ବରୁ ଏଗୁଡିକୁ ସଠିକ ଭାବେ ଖନନ କରିବା ଆଦି ସମ୍ପର୍କରେ ଦାବି ଉପସ୍ଥାପନ କରାଯାଇଛି । ଦାବିପତ୍ର ପାଇବା ପରେ ଏହାର ଏକକିତା ନକଲ ଜିଲାପାଳଙ୍କୁ ପ୍ରେରଣ କରିବା ସହିତ ଚାଷୀଙ୍କ ସମସ୍ୟାର ସମାଧାନ ନିମନ୍ତେ ପ୍ରତ୍ୟେକ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିବେ ବୋଲି ତହସିଲଦାର ଦେବୀପ୍ରସାଦ ଆଚାର୍ଯ୍ୟ ସୂଚନା ଦେଇଛନ୍ତି ।

## କର୍ପୋରେଟରଙ୍କ ଜଳବନ୍ଦୀ ଅଞ୍ଚଳ ପରିଦର୍ଶନ

**ଫୁଲନଖରା,୭।୭/ଏନ୍ଏନ୍ଏସ୍:** କେଏମସି ୫୭ନମ୍ବର ୱାର୍ଡ଼ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଲଘୁଚାପଜନିତ ଲଗାଣ ବର୍ଷା ପାଣି ଜମି ରହିଛି । କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ ସମ୍ପୃକ୍ତ ୱାର୍ଡ଼ର ବିଭିନ୍ନ ସାହି ବୁଲି ରାସ୍ତାଘାଟର ସ୍ଥିତି ଓ ଜଳ ନିଷ୍କାସନ ସମ୍ପର୍କରେ ସମୀକ୍ଷା କରିଥିଲେ । ଏହି ସମୟରେ ରଞ୍ଜନ ପାଲ, ଦୀନବନ୍ଧୁ ସ୍ୱାଇଁ, ରତନ ବେହେରା ଏବଂ କେଏମସି ପରିମଳ ବିଭାଗ ଅଧିକାରୀ ବାଙ୍କନିଧି ବରାଳ ଓ ବିଜୟ ପାତ୍ରଙ୍କ ସମେତ ସ୍ଥାନୀୟ ଅଞ୍ଚଳର ମୁରବି ଉପସ୍ଥିତ ଥିଲେ । ଅଧିକ ପାଣି ଜମିଥିବା ସ୍ଥାନରୁ ସେସପୁଲ ଗାଡ଼ି ମାଧ୍ୟମରେ ଜଳ ନିଷ୍କାସନର ବ୍ୟବସ୍ଥା କରିବାକୁ ସ୍ଥିର ହୋଇଥିଲା ।

**ପ୍ରମାଣପତ୍ର**



ମୁଁ କୁମାରୀ ପାତ୍ର, ସ୍ୱାମୀ- ପ୍ରକାଶ ନାୟକ, ବୟସ ପ୍ରାୟ ୪୬ ବର୍ଷ, ଗ୍ରାମ- ରତନପୁର, ପୋ- ପୁଞ୍ଜିଆମା ଶାସନ, ଥାନା- ବାଣପୁର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା-୭୫୨୦୩୧ ବାସିନ୍ଦା । ତାରିଖ ୦୬.୦୭.୦୨୬ ରେ କାର୍ଯ୍ୟନିର୍ବାହୀ ଦଣ୍ଡାଧିକାରୀ (Executive Magistrate), ବାଣପୁରଙ୍କ ସମ୍ମୁଖରେ ଶପଥପତ୍ର ମାଧ୍ୟମରେ ମୋର ନାମ "କୁମାରୀ ପାତ୍ର" ରୁ "କୁମାରୀ ନାୟକ" କୁ ପରିବର୍ତ୍ତନ କରିଛି । ଏଣିକି ମୋତେ ସମସ୍ତ ସରକାରୀ, ବେସରକାରୀ ଓ ଆଇନଗତ କାର୍ଯ୍ୟରେ "କୁମାରୀ ନାୟକ" ନାମରେ ଜଣାଯିବ ଓ ବିବେଚନା କରାଯିବ ।

**AFFIDAVIT**

By virtue of an affidavit sworn before the Executive Magistrate, Kanika on dated 30.06.2026 I, Amit Sahoo S/o- Ganeswar Sahoo permanent resident of Village/P.O.- Taras, P.S.- Rajkanika, Dist.- Kendrapara, Pin- 754220 declare that I have changed my name from Asish Sahoo to Amit Sahoo. Henceforth, I shall be known as AMIT SAHOO for all purposes.
Sd/- Amit Sahoo

**AFFIDAVIT**

By virtue of an affidavit sworn before Notary Public, Berhampur, Dist.- Ganjam vide no. A-141 dtd.06.07.2026, I, Pradep Kumar Sahu, S/o- Gopinath Sahu residing at Big Street, Haladiapadar, Berhampur-760003, Odisha declare that, my name has been recorded in my previous Passport as Pradep Kumar Sahu. I wish to correct the spelling from **Pradep** to **Pradeep.** That **Pradep Kumar Sahu** and **Pradeep Kumar Sahu** is one and same person.

**AFFIDAVIT**

By virtue of an affidavit sworn before the Executive Magistrate, Kanika on dated 30.06.2026 I, Asish Sahoo S/o- Ganeswar Sahoo permanent resident of Village/P.O.- Taras, P.S.- Rajkanika, Dist.- Kendrapara, Pin- 754220 declare that I have changed my name from Amit Sahoo to Asish Sahoo. Henceforth, I shall be known as ASISH SAHOO for all purposes.
Sd/- Asish Sahoo

**AFFIDAVIT**

By virtue of an affidavit sworn before Executive Magistrate, Dhamnagar, Affidavit No.2198, Date : 20.04.2026, I, Bhama Malik @ Umamani Malik, aged about 55 years, W/o - Kailash @ Kailash Chandra Malik, Vill/Po - Bankura, Ps - Dhusuri, Dist - Bhadrak, Odisha hereby declare that my husband LIC policy bearing no. 596571539 my name recorded as Umamani Malik but my adhar card name is Bhama Malik. That **Umamani Malik & Bhama Malik** both names are one and same person i.e. my self.

**AFFIDAVIT**

By virtue of an affidavit on dt 06.07.2026 before the Executive Magistrate Kamakhyanagar no - 2500, dt - 06.07.2026 I Ajay Behera S/o - Nityananda Behera, Vill -Nua Rekula, PO/ PS-Kamakhyanagar, Dist - Dhenkanal, Odisha, Pin 75018 that Aadhar card no - 6954 2259 0445 my name has been mentioned as Ajay Behera, S/O - Nityananda Behera, But LIC Policy No - 587729038 my name has been mentioned as Achyutananda Behera, S/O- Nityananda Behera. That **Ajay Behera** and **Achyutananda**, S/O - Nityananda Behera, Vill - Nua Rekula is one and same person for official purpose hence affidavit.

**AFFIDAVIT**

By virtue of an affidavit sworn before the Notary Public, Bhubaneswar, dtd.23.06.2026, I Sailabala Parida, aged about 37 years, W/o- Late Dibakar Parida, residing At/Po/Ps- Sundarpur, Tangi, Dist - Khordha, Pin - 752021, Odisha do hereby declare that I am the Nominee of my daughter LIC policy no. 597337904 my name has been wrongly mentioned in Rasmita Pradhan but my correct name is Sailabala Parida as per my Aadhaar card. That **Sailabala Parida & Rasmita Pradhan** is one and same person i.e.my self.

# ଦେଉଳି ମଠରୁ ଶ୍ରୀକ୍ଷେତ୍ରକୁ ଗଲା ଅଣସର ଫଳ ଭାର



**ଅସ୍ତରଙ୍ଗ,୭।୭/ଏନ୍ଏନ୍ଏସ୍:** ଦେବସ୍ନାନ ପୂର୍ଣ୍ଣିମାରେ ସହସ୍ର କଳସୀ ଜଳରେ ସ୍ନାନକରି ଜ୍ୱର ହୋଇଥିବା ମହାପ୍ରଭୁଙ୍କୁ ଫୁଲୁରୀ ତେଲ ଓ ଚେରମୂଳି ଔଷଧରେ ସାମାନ୍ୟ ସୁସ୍ଥ ହେବାପରେ ଫଳମୂଳ ସେବା ଲାଗିଥାଏ । ଏହି ସେବାରେ ପ୍ରାଚୀ କ୍ଷେତ୍ର ମା' ମଙ୍ଗଳା ଙ୍କ ପୀଠ ର ଅନବସର ଫଳ ଭାର ଏକ ନିଆରା ପରମ୍ପରା । ଫୁଲୁରୀ ତେଲ ଲାଗି ହୋଇ ଦିଅଁମାନେ ସ୍ୱଳ୍ପ ଆରାମ ଲାଭ କରିଛନ୍ତି । ଏହି ଅବସରରେ ପ୍ରାଚୀ ତଟ ବନଜାଗ ଲୀଳାସ୍ଥଳୀ ଓ ଶ୍ରୀଜଗନ୍ନାଥଙ୍କ ଏନ୍ତୁଡ଼ିଶାଳ କୁହାଯାଉଥିବା ଦେଉଳି ମଠରୁ ଅନବସର ସେବା ନିମିତ୍ତ ଫଳ ଭାର ଚାରିଗୋଟି ଶଗଡ଼ ପୁରୀ ଅଭିମୁଖେ ଯାତ୍ରା କରିଛି । ଶଙ୍ଖ, ହୁଳୁହୁଳି ଖୋଳତାଳ ସଂକୀର୍ତ୍ତନର ତାଳେ ତାଳେ ଗାଁ ଗାଁ ଦେଇ ବିଭିନ୍ନ ଦେବ ପୀଠ ସ୍ପର୍ଶ କରି ସାଜସଜ୍ଜା ହୋଇଥିବା ଶଗଡ଼ ବଳଦ ଓ ଭକ୍ତମାନେ ପୁରୀ ଅଭିମୁଖେ ପଦଯାତ୍ରା କରିଛନ୍ତି । ମଠ ବାଡ଼ି ତଥା ଭକ୍ତ ମାନଙ୍କ ପ୍ରଦତ୍ତ ବିଭିନ୍ନ ବାଡ଼ି, ବଗିଚାର ସୁସ୍ୱାଦୁ ଫଳ ମଧ୍ୟରେ ଆମ୍ବ, ପିଜୁଳି, ନଡ଼ିଆ ସପୁରି, ସେଓ କମଳା କଦଳୀ, ତୁଳସୀ ଓ ପଦ୍ମଫୁଲ ମାଳ ମହାପ୍ରଭୁଙ୍କ ସେବା ପାଇଁ ଶ୍ରୀକ୍ଷେତ୍ର ଯାଇଛି । ବାଟରେ ପୂର୍ବନିର୍ଦ୍ଧାରିତ ଦେବପୀଠ ମାନଙ୍କରେ ବିଶ୍ରାମ କରିବା ସହ ଭକ୍ତମାନେ ନାମ ସଂକୀର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦର ଦାୟିତ୍ୱରେ ଚାଲି ଆସୁଥିବା ଏହି ପଦଯାତ୍ରା ଅଣସର ସପ୍ତମୀରେ ଦେଉଳି ମଠରୁ ବାହାରି ନବମୀ ଦିନ ଶ୍ରୀକ୍ଷେତ୍ରରେ ପହଞ୍ଚିବା ପୂର୍ବକ ଶ୍ରୀମନ୍ଦିର ପରିସରରେ ଥିବା ନୃସିଂହ ଚକଡାରେ ଫଳ ପୁଷ୍ପ ଆଦି ଶ୍ରୀଜିଉମାନଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯିବ । କାର୍ଯ୍ୟକ୍ରମକୁ ଦେଉଳି ମଠ ଉନ୍ନୟନ କମିଟିର ସଭାପତି କାଳିପ୍ରସାଦ, ପୂଜକ ମିତୁରଞ୍ଜନ, କୈଳାସ ନାୟକ, କାବୁଲା ବିଶ୍ୱାଳ, ମିହିର ରଞ୍ଜନ ଦୀକ୍ଷିତ, ତୁଷାର ରଞ୍ଜନ ବେହେରା, କଲ୍ୟାଣ ସାହୁ, ଲିଙ୍ଗରାଜ, ତପି ବାବା, ବାବାଜୀ ପ୍ରମୁଖ ସଭ୍ୟମାନେ ପରିଚାଳନା କରିଥିଲେ ।

# ଗୋଡ଼ି ବିଛାକୁ ନେଇ ଗଣ୍ଡଗୋଳ, ଜଣେ ଗୁରୁତର

**ମାହାଙ୍ଗା,୭।୭/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଅଧିନ ଭଉଁରିଆ ପଂଚାୟତ ନହଙ୍ଗ ଗ୍ରାମରେ ଗୋଡି ବିଛାକୁ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହେବା ସହ ଜଣେ ଗୁରୁତର ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ସୂଚନା ମୁତାବକ ଶରତ ମଳିକଙ୍କ ଘର ନିକଟ ରାସ୍ତାରେ କାଦୁଅ ହୋଇଥିଲା । ଯାହାକୁ ନେଇ ଟୁକୁନା ମଳିକ ଶରତଙ୍କ ଘର ନିକଟରେ ଢଳେଇ କାର୍ଯ୍ୟରେ ବଳକା ଥିବା ଗୋଡିକୁ ଖାଲରେ ପକାଇବା ନିମନ୍ତେ ଟୁକୁନା ଶରତଙ୍କ ସ୍ତ୍ରୀ ମଞ୍ଜୁଲତାଙ୍କୁ କହିଥିଲେ । ଫଳରେ ମଞ୍ଜୁଲତା ତାଙ୍କ ଘର ନିକଟରେ ବଳକା ଥିବା ଗୋଡିକୁ ଖାଲରେ ପକାଉଥିବା ସମୟରେ ଟୁକୁନାର ପରିବାର ପକ୍ଷରୁ ଏହାକୁ ବିରୋଧ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ପାଟି ଶୁଣି ଶରତଙ୍କ ଭାଇ ଭରତ ମଳିକ କାହିଁକି ଗାଳି କରୁଛ କହିବାରୁ ଜଇରାମଙ୍କ ପୁତ୍ର ପିତାମ୍ବର ହଠାତ୍ ରାଗିଯାଇ ଏକ ଫାଉଡାରେ ଭରତର ମୁଣ୍ଡକୁ ଚୋଟ ପକାଉଥିବା ସମୟରେ ଫାଉଡାଟି ମୁଣ୍ଡରେ ନ ବାଜି ତାଙ୍କ ମୁହଁ ଓ ନାକ ବାଜି ପ୍ରବଳ ରକ୍ତସ୍ରାବ ହୋଇଥିଲା । ଯାହା ଫଳରେ ଭରତ ତଳେ ପଡି ଯାଇଥିଲେ । ଚିତ୍କାର ଶୁଣି ପରିବାର ଲୋକ ପହଞ୍ଚିବାରୁ ସେମାନେ ପଳାଇ ଯାଇଥିଲେ । ପରିବାର ପକ୍ଷରୁ ଭରତଙ୍କୁ ପ୍ରଥମେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା ଜଣାଯାଇଛି । ଯାହାକୁ ନେଇ ଶରତ ମଳିକ ଭଦ୍ରେଶ୍ୱର ଥାନରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚାଲୁ ରଖିଥିବା ଜଣାପଡିଛି ।

## ମରଣାନ୍ତକ ଆକ୍ରମଣରେ ଯୁବକ ଗୁରୁତର

**ସାଲେପୁର,୭।୭/ଏନ୍ଏନ୍ଏସ୍:** ସାଲେପୁର ବ୍ଲକ ମଧକଛ ପଞ୍ଚାୟତରେ 'ବିକଶିତ ଗାଁ ବିକଶିତ ଓଡିଶା' ଉନ୍ନୟନ କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା । ଉକ୍ତ ପ୍ରକଳ୍ପ କାର୍ଯ୍ୟ ବିଷୟରେ ସୂଚନା ପାଇଁ ସାଲେପୁର ବ୍ଲକ ସୂଚନା ଅଧିକାରୀଙ୍କୁ ମଧକଛ ପଂଚାୟତ ଅଧିନ ପୂର୍ବକଛ ଗ୍ରାମର ସତ୍ୟ ପ୍ରକାଶ ଦୀକ୍ଷିତ ସୂଚନା ଅଧିକାର ଆଇନ ବଳରେ ଦରଖାସ୍ତ କରିଥିଲେ । ସୂଚନା ମୁତାବକ ମଧକଛ ପଂଚାୟତରେ ଉନ୍ନତିମୂଳକ କାର୍ଯ୍ୟରେ ଯେଉଁଠି ଅନିୟମିତତା କିମ୍ବା ଦୁର୍ନୀତି ହୁଏ ତେବେ ସତ୍ୟପ୍ରକାଶ ବିରୋଧ କରିବାର ନଜିର ରହିଛି । ତେଣୁ ସୋମବାର ସକାଳେ ମୋବାଇଲ ଫୋନ ଯୋଗେ ମଧକଛ ଗ୍ରାମର ପ୍ରଦୀପ କୁମାର ସ୍ୱାଇଁ ପ୍ରଥମେ ସତ୍ୟପ୍ରକାଶଙ୍କୁ କ'ଣ ପାଇଁ କାମ ଉପରେ ସୂଚନା ମାଗିଛୁ ଧମକ ଦେବା ସହ ଜୀବନରୁ ମାରିଦେବାକୁ କହିଥିବା ପାଗା ଫାଣ୍ଡିରେ ଅଭିଯୋଗ ହୋଇଛି । ପୁନର୍ବାର ରାତ୍ର ସମୟରେ ସତ୍ୟପ୍ରକାଶ ତାଙ୍କର କାମ ସାରି ଘରକୁ ଫେରୁଥିବା ସମୟରେ ମଧକଛ ପୋଲ ନିକଟରେ ପ୍ରଦୀପ କୁମାର ସ୍ୱାଇଁ ତାଙ୍କୁ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରି ଆହତ କରିଥିବା ଓ ଅନ୍ୟ ଜଣଙ୍କ ସହାୟତରେ ଜୀବନ ବଞ୍ଚାଇ ପଳାଇ ଆସିଥିବା ସତ୍ୟ ପ୍ରକାଶ ପାଗା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି । ଆହତ ସତ୍ୟପ୍ରକାଶଙ୍କୁ ପାଗା ଫାଣ୍ଡି ପୋଲିସ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରିବା ସହ ଘଟଣାର ତଦନ୍ତ ଜାରି ରଖିଥିବା ପାଗା ଫାଣ୍ଡି ଅଧିକାରୀ ଡି ସୋମେଶ୍ୱର ରାଓ ସୂଚନା ଦେଇଛନ୍ତି ।

25001/674/2627

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, BALLIGUDA**

No.4376 // RWDBLG., Date : 06.07.2026

**2nd Corrigendum to the Bid Identification No. Online tender / 01 / EERWD BLG / 2026-27**

The tender invited vide Bid Identification No. Online tender/01/EERWD BLG/2026-27 vide T.O. Office Letter No. 4336 dt. 03.07.2026. Due to unavoidable circumstances, the availability of tender online for bidding is from 07.07.2026 at 10.00 AM to 17.07.2026 upto 5.00 PM. Opening Dt. 18.07.2026. Instead of 04.07.2026 at 10.00 AM to 14.07.2026 up to 5.00 PM.

The other terms and conditions are remained unchanged.

Further details, corrigendum(s) etc can be seen from the e-procurement portal "https://www.tendersorissa.gov.in"

Sd/- Executive Engineer
R.W. Division, Balliguda

OIPR-25001/25164/1/26-27/0005

25001/678/2627

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BHUBANESWAR**

Ph. No. 0674-230178, Fax No. 0674-2300965, E-mail ID : eerw_bbsr@yahoo.co.in

No.Tender-Online-BBSR Divn.-09 Date : 06.07.2026

**e-Procurement Notice**

1. Name of the work : Repair / Maintenance of Building Works
2. Total No. of projects : 10 Nos. of Projects
3. **Class of contractor** :
   a) Above Rs.20 lakh and upto 3 crore : B Class (of Odisha PWD) or relevant of other licensing authorities.
   b) Upto Rs.40.00 lakh : C Class (of Odisha PWD) or relevant class of other licensing authorities.
   c) Upto Rs.20.00 lakh : D Class (of Odisha PWD) or relevant class of other licensing authorities.
4. Estimated cost of individual project : Rs.4.24 Lakh
5. Time for completion : A per Annexure of TCN Col. No.6
6. Other details :

| Procurement Officer | Bid Identification No. | Availability of Tender on-line for bidding | | Date of opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar | Tender Online-BBSR Divn. - 09 | 13.07.2026 at 11.00 AM | 21.07.2026 up to 5.00 PM | 22.07.2026 at 11.00 AM |

Further details can be seen from the website www.tendersorissa.gov.in

Sd/- Executive Engineer
Rural Works Division, BBSR

OIPR-25001/25066/1/26-27/0010

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
CDA
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ଼, କଟକ-12

13001/1094/2627

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-୧୩ ରେ ପ୍ଲଟ୍ ନଂ.- 13-1E/63 ଟିକୁ ଶ୍ରୀଧର ବେହେରା, ପିତା-ଶ୍ରୀ ପବନ ବେହେରା, ସା-ଜାନି ସାହି, ପୋ-ଜିଳିଣ୍ଡା, ଥା-ନରସିଂହପୁର, ପିନ୍-୭୫୪୦୩୨, ଜିଲ୍ଲା-କଟକ, ରାଜ୍ୟ-ଓଡ଼ିଶାଙ୍କୁ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ଶ୍ରୀ ଶ୍ରୀଧର ବେହେରା ଉକ୍ତ ପ୍ଲଟ୍ ଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଉତ୍କଳ କେଶରୀ ମହାନ୍ତି, ପିତା- ଶ୍ରୀ କ୍ଷୀରୋଦ ଚନ୍ଦ୍ର ମହାନ୍ତି, ସା-ଭୀମରାଜପୁର, ପୋ-ଚାହାପଡ଼ା, ଥା-ଜଗତପୁର, ପିନ୍-୭୫୪୨୦୧, ଜିଲ୍ଲା-କଟକ, ରାଜ୍ୟ-ଓଡ଼ିଶା ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସ୍ୱା/-
ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)

OIPR-13001/13037/1/26-27/0066

25001/667/2627

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, NO-II, KEONJHAR**

E-mail : eerw_kjr2@yahoo.com

*****

**"e" Procurement Notice for Building Works**
**Identification No. Online NCB-03/2026-27**

1. Name of the work : Building Works
2. Total Number of work : 01 No. Building
3. Estimated cost : Rs.52.54 lakhs
4. Class of contractor : Only 'B' Class
5. Period of completion : As per annexure of e-Procurement Notice No. 03/2026-27
6. Other details :

| Procurement Officer | Bid Identification No. | Availability of Tender on-line for bidding | | Last date & time of seeking tender clarification | Date & Time of opening of tender in O/o S.E., R.W. Division-II, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer Rural Works Division-II, Keonjhar | Building Online NCB No.03 | Dt.10.07.26 at 11.00 AM | Dt.21.07.26 up to 5.00 PM | Dt.20.07.26 up to 5.00 PM | Dt.22.07.26 at 11.00 AM | Will be intimated later on |

Further details can be seen from the website www.tenderorissa.gov.in

Sd/- Executive Engineer
R.W. Division-II, Keonjhar

OIPR-25001/25093/1/26-27/0003

ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢ଼ାଖୋଲ

**OFFICE OF THE**
**NOTIFIED AREA COUNCIL, REDHAKHOL, (ODISHA), DIST - SAMBALPUR**

E-mail : eonacrd1@gmail.com

13001/1088/2627

**'e' Procurement Notice**
**No. 2375 / NAC Dt. 06.07.2026**
**Bid Identification No. RDL NAC-7/2026-27**
**Tender ID - 2026_ORULB_134584**

The Municipal Executive Officer on behalf of NAC Redhakhol invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. website i.e. https://tendersodisha.gov.in

1. Number of Civil works / Others : (5) numbers
2. Estimated costs : 45.11 lakhs to 347.33 lakhs
3. Period of completion : As per NIT
4. Date and time of availability of the bid documents in the portal : From 10.00 AM of 07.07.2026 to 06.00 PM of 27.07.2026
5. Last date / time for receipt of bids in the portal : 06.00 PM of 27.07.2026
6. Bids will be opened on : 11.30 AM of dt.28.07.2026
7. Name and address of the officer inviting bid : Executive Officer, NAC Redhakhol

Sd/- Executive Officer
NAC Redhakhol

OIPR-13001/13175/1/26-27/0011

24001/269/2627

**ଓଡ଼ିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**

****

**ଘୋଷଣା**

No **RDM-LAA-MBJ-0024-2022**-9857 R&DM, Dated:07.03.2026

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ପାଇକଯୁଗପୁରା(ଅତିରିକ୍ତ), ଥାନା- ବୈଶିଙ୍ଗା ନଂ. ୧୩୧, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହରିପୁର ଡିଷ୍ଟ୍ରିବ୍ୟୁଟାରୀ ଏବଂ ବର୍ତ୍ତନା ସବ-ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୬୭୭୭ ତା. ୨୯.୧୦.୨୦୨୨ ରିଖରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତି କୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୪୮୨୫ ତା. ୦୨/୦୨/୨୦୨୬ ରିଖ ଅନୁସାରେ ଅଧିସୂଚନାର ବୈଧତା ତା. ୧୫/୦୬/୨୦୨୬ ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ପାଇକଯୁଗପୁରା(ଅତିରିକ୍ତ), ଥାନା- ବୈଶିଙ୍ଗା ନଂ. ୧୩୧, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ , ବାରିପଦା ସ୍ଥିତ ମୟୂରଭଞ୍ଜ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ- କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ ତହସିଲ: - ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପାଇକଯୁଗପୁରା (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧.୦୭ | ଏକର ୦.୨୩ | ଏଥି ସହିତ ସଂଲଗ୍ନ |

ତଫସିଲ- ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁ ସୂଚୀ)

ଜିଲ୍ଲା:- ମୟୂରଭଞ୍ଜ ତହସିଲ: - ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବର୍ଦ୍ଧିତ ବୈଧ ତାରିଖ- ୧୫.୦୬.୨୦୨୬ ।

ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା- ୦୪/୨୦୨୨
ଏ.୦.୨୩ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ହରିପୁର ଡିଷ୍ଟ୍ରିବ୍ୟୁଟାରୀ ଏବଂ ବର୍ତ୍ତନା ସବ୍-ମାଇନର ନିମନ୍ତେ
ମୌଜା-ପାଇକଯୁଗପୁରା, ଥାନା- ବୈଶିଙ୍ଗା ନଂ-୧୩୧, ତହସିଲ- ବେତନଟୀ, ଜିଲ୍ଲା-ମୟୂରଭଞ୍ଜ

| ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଆବଶ୍ୟକୀୟ ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 52 | 113 | 0.69 | 0.06 | ଶାରଦ ଅଣ ଜଳ ସେଚିତ ଦୁଇ | ଭର୍ତ୍ତେଶ୍ୱର ମହାନ୍ତ, ଯାଦେଶ୍ୱର ମହାନ୍ତ, ରାମେଶ୍ୱର ମହାନ୍ତ ପି- ଚନ୍ଦ୍ରମୋହନ ମହାନ୍ତ ଜା- କୁର୍ମି କ୍ଷେତ୍ରିୟ ବା- ନିଜଗାଁ |
| 262 | 109 | 0.20 | 0.09 | ଶାରଦ ଅଣ ଜଳ ସେଚିତ ଦୁଇ | ଧର୍ମା ମହାନ୍ତ ପି-ଚନ୍ଦ୍ରମୋହନ ମହାନ୍ତ ଜା- କୁର୍ମି ବା- ଶଙ୍ଖମୋଡ ଥା- ବେତନଟୀ |
| 573 | 110 | 0.18 | 0.08 | ଶାରଦ ଅଣ ଜଳ ସେଚିତ ଦୁଇ | ସଞ୍ଜି ମହାନ୍ତ ସ୍ୱା- ଗିରିଧାରୀ ମହାନ୍ତ ଜା- କୁର୍ମି କ୍ଷେତ୍ରିୟ ବା- ନିଜଗାଁ |
| ମୋଟ | ୩ ପ୍ଲଟକୁ | ଏ.୧.୦୭ ଡେ.ମି. | ଏ.୦.୨୩ ଡେ.ମି. | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0060

ନିତିଦିନ NITIDIN



## ପ୍ରଥମ ପୃଷ୍ଠାରୁ

### ମୋଦୀଙ୍କ ମୁହଁରେ ...

ସ୍ୱାଧୀନତା ପାଇଥିଲେ: ୧୯୪୫ରେ ଇଣ୍ଡୋନେସିଆ ଏବଂ ୧୯୪୭ରେ ଭାରତ । ଯେତେବେଳେ ସ୍ୱାଧୀନ ରାଷ୍ଟ୍ର ଭାବରେ ସାର୍ବଭୌମତ୍ୱର କଥା ଆସିଲା, ଭାରତ ଜାତିସଂଘରେ ଇଣ୍ଡୋନେସିଆର ସ୍ୱାଧୀନତା ଆନ୍ଦୋଳନକୁ ସମର୍ଥନ କରିବାରେ ଏକ ଦୃଢ଼ ସ୍ୱର ପାଲଟିଥିଲା । ଇଣ୍ଡୋନେସିଆର ସ୍ୱାଧୀନତା ଆନ୍ଦୋଳନ ସମୟରେ ସମ୍ମାନନୀୟ ବିଜୁ ପଟ୍ଟନାୟକ ଯେଉଁ ଭୂମିକା ଗ୍ରହଣ କରିଥିଲେ, ତାହା ବୀରତ୍ୱର ଗାଥା ବହନ କରୁଛି । ସେ ପ୍ରଧାନମନ୍ତ୍ରୀ ସୁତାନ ସଜାହରିର ଏବଂ ଉପରାଷ୍ଟ୍ରପତି ମହମ୍ମଦ ହଟ୍ଟାଙ୍କୁ ସୁରକ୍ଷିତ ଭାବରେ ଭାରତକୁ ଆଣିବା ଦ୍ୱାରା ଦୁଇ ରାଷ୍ଟ୍ର ନିକଟତର ହୋଇଥିଲେ ବୋଲି ମୋଦୀ କହିଛନ୍ତି । ଦୁଇ ଦେଶକୁ ଐତିହାସିକ ଭାବରେ ଯୋଡ଼ିଥିବା ସାମୁଦ୍ରିକ ସଂଯୋଗ ଉପରେ ଆଲୋକପାତ କରି ମୋଦୀ କହିଥିଲେ ଯେ ସେମାନଙ୍କର ସହଭାଗୀ ଭୌଗୋଳିକ ସ୍ଥିତି ପ୍ରତିବନ୍ଧକ ନୁହେଁ ବରଂ ଏକ ବନ୍ଧନ । ଭାରତ ଏବଂ ଇଣ୍ଡୋନେସିଆ ପାଇଁ, ସମୁଦ୍ର କେବେବି ଦୂରତାକୁ ପ୍ରତିନିଧିତ୍ୱ କରିନାହିଁ । ଏହା ସର୍ବଦା ଆମ ଦେଶଗୁଡ଼ିକ ମଧ୍ୟରେ ଏକ ସେତୁ ହୋଇ ରହିଛି ଏବଂ ଆମର ସହଭାଗୀ ଭବିଷ୍ୟତର କେନ୍ଦ୍ରବିନ୍ଦୁ ହୋଇ ରହିଛି ବୋଲି ସେ କହିଛନ୍ତି । ପ୍ରକାଶ ଯେ ୧୯୪୭ ମସିହାରେ ଡଚ୍ ଉପନିବେଶବାଦୀ ଶାସନ ବିରୋଧରେ ଇଣ୍ଡୋନେସିଆ ଜାତୀୟ ବିପ୍ଳବରେ ବିଜୁ ପଟ୍ଟନାୟକ ନିଜ ଜୀବନକୁ ବାଜି ଲଗାଇ ଏକ ସାହସିକ ଭୂମିକା ଗ୍ରହଣ କରିଥିଲେ । ତତକାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ଅନୁରୋଧରେ ବିଜୁ ପଟ୍ଟନାୟକ କଠୋର ଡଚ୍ ଅବରୋଧ ଭାଙ୍ଗି ଇଣ୍ଡୋନେସିଆର ବରିଷ୍ଠ ନେତାମାନଙ୍କୁ ଉଦ୍ଧାର କରିଥିଲେ ଏବଂ ସେମାନଙ୍କର ସ୍ୱାଧୀନତା ସଂଗ୍ରାମ ପ୍ରତି ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲେ । ଡଚମାନେ ଇଣ୍ଡୋନେସିଆକୁ ପୁନଃ ଉପନିବେଶ କରିବାକୁ ଚେଷ୍ଟା କରିଥିଲେ ଏବଂ ଏକ ବିଶାଳ ସାମରିକ ଆକ୍ରମଣ ଆରମ୍ଭ କରିଥିଲେ । ସ୍ୱାଧୀନତା ଆନ୍ଦୋଳନକୁ ଦବାଇ ଦେବା ପାଇଁ ସେମାନେ ଇଣ୍ଡୋନେସିଆର ପ୍ରଧାନମନ୍ତ୍ରୀ ସୁତାନ ସଜାହରିର ଏବଂ ଉପ-ରାଷ୍ଟ୍ରପତି ମହମ୍ମଦ ହଟ୍ଟାଙ୍କୁ ଜାକର୍ତ୍ତାରେ ଗୃହବନ୍ଦୀ କରିଥିଲେ ଏବଂ ସମସ୍ତ ପ୍ରସ୍ଥାନ ପଥ ଅବରୋଧ କରିଥିଲେ । ନେହରୁ ୩୧ ବର୍ଷୀୟ ବିଜୁ ପଟ୍ଟନାୟକଙ୍କୁ ନେତାମାନଙ୍କୁ ବାହାର କରିବା ପାଇଁ ଏକ ଗୁପ୍ତ ଅଭିଯାନର ଦାୟିତ୍ୱ ଦେଇଥିଲେ । ଯାହାଦ୍ୱାରା ସେମାନେ ଡଚ୍ ବିରୁଦ୍ଧରେ ଅନ୍ତର୍ଜାତୀୟ ଜନମତ ଏକତ୍ର କରିପାରିବେ । ଜୁଲାଇ ୧୯୪୭ରେ ବିଜୁ ପଟ୍ଟନାୟକ ଏବଂ ତାଙ୍କ ସହ-ପାଇଲଟ୍ ପତ୍ନୀ ଜ୍ଞାନ ପଟ୍ଟନାୟକ ଭାରତରୁ ଡଗଲାସ ସି-୪୭ ସାମରିକ ପରିବହନ ବିମାନ (ଡାକୋଟା) ଇଣ୍ଡୋନେସିଆର ଆକାଶ ସୀମାରେ ଉଡ଼ାଇଥିଲେ । ବିଜୁ ପଟ୍ଟନାୟକ ସଫଳତାର ସହ ସିଙ୍ଗାପୁର ଦେଇ ସଜାହରିର ଏବଂ ହଟ୍ଟାଙ୍କୁ ଦେଶ ବାହାରକୁ ନେଇଯାଇଥିଲେ ଏବଂ ସେମାନେ ୨୪ ଜୁଲାଇ, ୧୯୪୭ରେ ନିରାପଦରେ ନୂଆଦିଲ୍ଲୀରେ ପହଞ୍ଚିଥିଲେ । ବିଜୁ ପଟ୍ଟନାୟକ ୧୯୪୭ରେ ଦେଖାଇଥିବା ସାହାସ ପାଇଁ ତାଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ 'ଭୂମିପୁତ୍ର' ସମ୍ମାନରେ ସମ୍ମାନିତ କରାଯାଇଥିଲା ।

### ମୋଦୀଙ୍କୁ ସର୍ବୋଚ୍ଚ ...

ଅସାଧାରଣ ଅବଦାନର ସ୍ୱୀକୃତି ସ୍ୱରୂପ ପ୍ରଧାନମନ୍ତ୍ରୀ ମୋଦୀ ଏହି ସମ୍ମାନ ପାଇଛନ୍ତି । ଶ୍ରୀ ମୋଦୀ ଏହି ପୁରସ୍କାରକୁ ଭାରତ ଓ ଇଣ୍ଡୋନେସିଆର ଜନସାଧାରଣ ଏବଂ ଦୁଇ ରାଷ୍ଟ୍ର ମଧ୍ୟରେ ଦୀର୍ଘସ୍ଥାୟୀ ସଭ୍ୟତାଗତ ସମ୍ପର୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ଏହି ଅନ୍ତର୍ଜାତୀୟ ସମ୍ମାନ କେବଳ ପିଏମ୍ ମୋଦୀଙ୍କ ସଶକ୍ତ ନେତୃତ୍ୱକୁ ଦର୍ଶାଉନାହିଁ, ବରଂ ବିଶ୍ୱସ୍ତରରେ ଭାରତର ବଢୁଥିବା ପ୍ରଭାବକୁ ମଧ୍ୟ ପ୍ରତିପାଦିତ କରୁଛି । ନିକଟରେ ସେସେଲ୍ସ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ନିଜର ସର୍ବୋଚ୍ଚ ସମ୍ମାନ 'ଗାର୍ଡିଆନ୍ ଅଫ୍ ଦି ବ୍ଲୁ ହୋରାଇଜନ୍' ପ୍ରଦାନ କରିଥିଲା । ଏହା ପ୍ରଥମ ଥର ନୁହେଁ ଯେ କୌଣସି ବିଦେଶୀ ରାଷ୍ଟ୍ର ପିଏମ୍ ମୋଦୀଙ୍କୁ ନିଜର ସର୍ବୋଚ୍ଚ ରାଷ୍ଟ୍ରୀୟ ସମ୍ମାନରେ ସମ୍ମାନିତ କରିଛି । ଗତ କିଛି ବର୍ଷ ମଧ୍ୟରେ ଦୁନିଆର ଅନେକ ପ୍ରମୁଖ ଦେଶ ତାଙ୍କୁ ନିଜର ଶୀର୍ଷ ନାଗରିକ ଏବଂ ସାମରିକ ସମ୍ମାନ ପ୍ରଦାନ କରିଛନ୍ତି । ଏହି ବର୍ଷ ମେ ମାସରେ ମଧ୍ୟ ଜାତିସଂଘର ସଂସ୍ଥା 'ଖାଦ୍ୟ ଏବଂ କୃଷି ସଂଗଠନ' ଦ୍ୱାରା ପ୍ରଧାନମନ୍ତ୍ରୀଙ୍କୁ ପ୍ରତିଷ୍ଠିତ 'ଏଗ୍ରିକୋଲା ମେଡାଲ୍' ପ୍ରଦାନ କରାଯାଇଥିଲା ।

### ରାଜ୍ୟରେ ନାହିଁ ...

ଜଳସ୍ତର ବଢୁଛି । ହୀରାକୁଦ ଜଳଭଣ୍ଡାରର ସ୍ଥିତି ଉପରେ ମଧ୍ୟ ସରକାରଙ୍କ ତୀକ୍ଷ୍ଣ ନଜର ରହିଛି । ବର୍ତ୍ତମାନ ହୀରାକୁଦରେ ଜଳସ୍ତର ୬୦୬.୧୨ ଫୁଟ ରହିଛି, ଯାହାକି ଗତବର୍ଷର ଜଳସ୍ତର ୬୦୯ ଫୁଟ ତୁଳନାରେ କମ୍ । ବର୍ତ୍ତମାନ ପ୍ରାୟ ୧ ଲକ୍ଷ ୮୦ ହଜାର କ୍ୟୁସେକ ଜଳ ହୀରାକୁଦକୁ ପ୍ରବେଶ କରୁଥିବା ବେଳେ ବୁଧବାର ସୁଦ୍ଧା ଏହା ପ୍ରାୟ ଅଢ଼େଇ ଲକ୍ଷ କ୍ୟୁସେକରେ ପହଞ୍ଚିପାରେ । ଉପରମୁଣ୍ଡରେ ବର୍ଷା ଏବଂ ଛତିଶଗଡ଼ର କଲମା ବ୍ୟାରେଜର ଗେଟ୍ ଖୋଲାଯିବା ପରେ ଜଳପ୍ରବାହ ଆହୁରି ବଢ଼ିବାର ସମ୍ଭାବନା ରହିଛି । ୯ ତାରିଖରେ ହୀରାକୁଦ ଗେଟ୍ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି । ତେବେ ଡ୍ୟାମର କେତୋଟି ଗେଟ୍ ଖୋଲାହେବ ତାହା ଜଳସ୍ତର ଦେଖି ନିଷ୍ପତ୍ତି ନେବୁ ବୋଲି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ସୂଚନା ଦେଇଛନ୍ତି । ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି ଯେ, ମୁଣ୍ଡଳୀରେ ଏବେ ୩ ଲକ୍ଷ ୨୬ ହଜାର କ୍ୟୁସେକ ଜଳ ଅତିକ୍ରମ କରୁଛି । ରାତି ସୁଦ୍ଧା ୪ ଲକ୍ଷ ୫୦ ହଜାର କ୍ୟୁସେକ ଜଳ ଅତିକ୍ରମ କରିବ । ୫ ଲକ୍ଷ କ୍ୟୁସେକ ତଳେ ଜଳ ପ୍ରବାହିତ ହେବ । ତେଣୁ ରାଜ୍ୟରେ ଏବେ ବନ୍ୟା ସ୍ଥିତି ନାହିଁ । ବର୍ଷା ଜଳ ନରାଜ ଦେଇ ଗଲା ପରେ ହୀରାକୁଦ ଜଳ ଛଡ଼ାଯିବ । ତେଣୁ ତଳମୁଣ୍ଡର ଜିଲ୍ଲାଗୁଡ଼ିକରେ ବଡ଼ ଧରଣର ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ନାହିଁ ବୋଲି ଜଳ ସମ୍ପଦ ବିଭାଗ ଆଶ୍ୱସ୍ତ କରିଛି ।

### ଗଛରେ ବାଘର ...

ମୃତଦେହ ଅଗ୍ନିଶମ ବାହିନୀ ଦ୍ୱାରା ଗଛରୁ ଉଦ୍ଧାର କରାଯିବା ସହ ବ୍ୟବଚ୍ଛେଦ ନିମନ୍ତେ ପାଠାଯାଇଛି । ତେବେ ଘଟଣାର ତଦନ୍ତ ଚାଲିଛି । ତଦନ୍ତ ପରେ ବାଘ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ବ୍ରହ୍ମପୁର ଡିଏଫଓ କହିଛନ୍ତି । ଅନ୍ୟପଟେ ଅଞ୍ଚଳରେ ବାଘ ଥିବା ନେଇ ଅଞ୍ଚଳବାସୀଙ୍କୁ କେବେ ଗୋଚର ନଥିବା ଏବଂ ବନବିଭାଗ ଏହାରି ଉପରେ କେବେ ସଚେତନତା କରୁନଥିବା ନେଇ ଜରଡ଼ ପଞ୍ଚାୟତ ସମିତିସଭ୍ୟ ଅଭିଯୋଗ କରିଛନ୍ତି । ଶେଷ ଖବର ସୁଦ୍ଧା ଏହି ଘଟଣାରେ ବନବିଭାଗ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା କୁହାଯାଉଛି ।

### ଓ୍ୱାୟନାଡରେ ଭୂସ୍ଖଳନ ...

ବର୍ଷା ଯୋଗୁଁ ୭ ଜୁଲାଇ ସକାଳ ୧୧ଟା ୧୫ ମିନିଟ୍‌ରେ ଆକସ୍ମିକ ଭୂସ୍ଖଳନ ହେବା ସହ ମାଟି ଓ କାଦୁଅର ସ୍ରୋତ ଦ୍ରୁତ ଗତିରେ ବୋହିବା ଦେଖିବାକୁ ମିଳୁଛି । ଠିକ୍ ଏହି ସମୟରେ ଲୋକମାନେ ମଧ୍ୟ ସେହି ସ୍ରୋତରୁ ରକ୍ଷା ପାଇବା ପାଇଁ ଦୌଡୁଥିବା ବେଳେ ଅନେକ ଲୋକ, ରାସ୍ତାରେ ଛିଡା ହୋଇ ରହିଥିବା ଗାଡ଼ିଗୁଡ଼ିକ ଏହି ସ୍ରୋତ ମୁହଁରେ ପଡ଼ି ଅନେକ ଦୂର ପର୍ଯ୍ୟନ୍ତ ଭାସି ଯାଇଥିଲେ । ଏପରିକି ଘଟଣାସ୍ଥଳରେ ଏକ ଟ୍ୟାଙ୍କର ଠିଆ ହୋଇଥିଲା, ଯାହା ମାଟି ସ୍ରୋତ ସହିତ କୁଟାଖିଅ ଭଳି ପ୍ରାୟ ୨୦୦ ଫୁଟ ପର୍ଯ୍ୟନ୍ତ ଭାସିଆସିଥିଲା । ସୌଭାଗ୍ୟବଶତଃ ଟ୍ୟାଙ୍କରଟି ସେଠାରେ ଉପସ୍ଥିତ ଥିବା ଜଣେ ମହିଳା ଏବଂ ପୁରୁଷଙ୍କଠାରୁ ମାତ୍ର କେଇ ଫୁଟ ଦୂରରେ ଅଟକି ଗଲା । ଯାହାଫଳରେ ସେମାନଙ୍କ ଜୀବନ ବର୍ତ୍ତିଯାଇଛି । ଅନ୍ୟପକ୍ଷେ ଦୁର୍ଘଟଣା ପରେ ଅନେକ ଲୋକ ମାଟି ତଳେ ଚାପି ହୋଇ ରହିଥିବା ଦାବି କରାଯାଉଛି । ସୁତରାଂ ସେମାନଙ୍କୁ ଉଦ୍ଧାର କରିବା ପାଇଁ କାମ ଚାଲିଛି । ଅଧିକାରୀଙ୍କ ସୂଚନା ଅନୁଯାୟୀ, କ୍ରମାଗତ ବର୍ଷା ଯୋଗୁଁ ସୋମବାରଠାରୁ ହିଁ ସୁଡ଼ଙ୍ଗ ନିର୍ମାଣ କାର୍ଯ୍ୟ ବନ୍ଦ କରିଦିଆଯାଇଥିଲା । ମୁଖ୍ୟମନ୍ତ୍ରୀ ଭି.ଡି. ସତୀଶନ ଏକ ଜରୁରୀକାଳୀନ ବୈଠକ କରି ରାଜସ୍ୱ ମନ୍ତ୍ରୀ ଏ.ପି. ଅନିଲ କୁମାରଙ୍କୁ ତୁରନ୍ତ ଓ୍ୱାୟାନାଡ୍ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଗୁରୁତର ପରିସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତାକାଲି (ବୁଧବାର) ଓ୍ୱାୟାନାଡ୍‌ର ସମସ୍ତ ଶିକ୍ଷାନୁଷ୍ଠାନ ପାଇଁ ଛୁଟି ଘୋଷଣା କରାଯାଇଛି । ପ୍ରଭାବିତଙ୍କ ମଧ୍ୟରେ ସୁଡ଼ଙ୍ଗ କାମରେ ନିୟୋଜିତ ଶ୍ରମିକ, ସୁରକ୍ଷାକର୍ମୀ ଏବଂ ସୁପରଭାଇଜର ସାମିଲ ଅଛନ୍ତି ।

### ଦୁଇ ଦୁର୍ଘଟଣାରେ ...

ପଥକର ଫାଟକ ରୋଗୀଯାନ ୨ ମୃତକଙ୍କ ଶବକୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି । ଏ ନେଇ ପୁଲିସରେ ସନ୍ଧ୍ୟା ସୁଦ୍ଧା କୌଣସି ଅଭିଯୋଗ ହୋଇ ନଥିବା ଓ ୨ ମୃତକଙ୍କର ପ୍ରକୃତ ନାମ ଓ ଠିକଣା ପାଇନଥିବାରୁ ବୁଧବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି କୁହାଯାଇଛି । ତେବେ ଘରୋଇ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ମୃତକ ଦ୍ୱୟ ଧର୍ମଶାଳା ଅଞ୍ଚଳର ପ୍ରଫୁଲ୍ଲ ମଲ୍ଲିକ ଓ ଯାଜପୁର ଟାଉନ ଅଞ୍ଚଳର ଆକାଶ ମାଝୀ ବୋଲି ଜଣାପଡ଼ିଛି । ଉଭୟ କୋଇଡ଼ା ଅଞ୍ଚଳରେ କାମ କରିବା ପାଇଁ ବାଇକରେ ଯାଉଥିବା ସମୟରେ ଏହି ଅଘଟଣ ଘଟିଥିବା କୁହାଯାଉଛି । ସେହିପରି ଆଜି ଅପରାହ୍ନ ୨ଟାରେ ସୁନ୍ଦରଗଡ଼ ସଦରଥାନା ପାତକିଯୋର ନିକଟରେ ପରସ୍ପର ବିପରୀତ ଦିଗରେ ଦ୍ରୁତଗତିରେ ଆସୁଥିବା ବଲେରୋ ଓ ଯାତ୍ରୀବାହୀ କମାଣ୍ଡର ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ କମାଣ୍ଡର ଚଲାଉଥିବା ମାଲିକଙ୍କ ସମେତ ୨ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଏହାଛଡ଼ା ଏକାଧିକ ଯାତ୍ରୀ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି । ମୃତକ ମାଲିକ ହେଲେ କିଞ୍ଜିରକେଲାର ରୋହିତ ତନ୍ତୀ । ଖବର ଲେଖାସୁଦ୍ଧା ଅନ୍ୟ ମୃତକଙ୍କ ପରିଚୟ ମିଳିନାହିଁ । ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ ।

### କମିଟି ଗଠନ କଲେ ...

ସଫଳ ଆଲୋଚନା ଓ ପ୍ରତିଶ୍ରୁତି ପରେ ଓମସା ନିଜର ଅନିର୍ଦ୍ଦିଷ୍ଟ କାଳୀନ ଆନ୍ଦୋଳନକୁ ସ୍ଥଗିତ ରଖିଥିଲା ।ଏହାର ତିନି ଦିନ ମଧ୍ୟରେ ସରକାର ଏହି କମିଟି ଗଠନ କରିଛନ୍ତି । ସୂଚନାଯୋଗ୍ୟ ଯେ, ପୂର୍ବରୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ ନହେବାରୁ ଜୁଲାଇ ୧ରୁ ଡାକ୍ତରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଥିଲେ ।

## ନୂଆ ବଦଳରେ ପୁରୁଣା ପିଚୁ ପକାଇ ଠିକାଦାର 'ଛୁ'



**ଆଳି,୭।୭/ଏନ୍ଏନ୍ଏସ୍:** ନୂଆ ପିଚୁ କରିବା ପରିବର୍ତ୍ତେ ପୁରୁଣା ପିଚୁ ତାଡ଼ି ରାସ୍ତାରେ ମେଣ୍ଟାଲ ବିଛାଇ ଦେଇ ବର୍ଷେ ହେବ ଛୁ ମାରିଛି ଠିକାଦାର । ରାସ୍ତାରେ ମେଣ୍ଟାଲ ବିଛା ହେଇ ଥିବାରୁ ଯାତାୟାତରେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି ଅଞ୍ଚଳବାସୀ । ଏହି ରାସ୍ତାରେ ଗାଡିଗୁଡିକ ଯାତାୟାତ କରିବା ବେଳେ ଗୋଡି ଆସି କେତେବେଳେ ଘର ଦୁଆରେ ପଡୁଛି ତ ଆଉ କେତେବେଳେ ସିଧା ମୁଣ୍ଡରେ ବାଜି ଖଣ୍ଡିଆ ଖାବରା କରୁଛି । ଏପରିକି ଅଙ୍ଗନବାଡି ଓ ସ୍କୁଲକୁ ପ୍ରତିଦିନ ଚାଲିଚାଲି ଯାଇଥିବା ଛୋଟଛୋଟ ଶିଶୁମାନେ ରାସ୍ତାରେ ପଡି ଖଣ୍ଡିଆ ଖାବରା ହେଉଥିବା ନେଇ ସ୍ଥାନୀୟବାସୀ ଅଭିଯୋଗ କରିଛନ୍ତି । ମହାସାହାଣୀ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ରାଇସରପୁର ଛକ ଠାରୁ ବେଲାରୀ ପର୍ଯ୍ୟନ୍ତ ଦୁଇ କିଲୋମିଟର ରାସ୍ତା ପିଚୁ ନିମନ୍ତେ ୨କୋଟି ୧୯ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ଏହି ରାସ୍ତା କାର୍ଯ୍ୟ ୨୦୨୫ ମସିହା ସେପ୍ଟେମ୍ବର ମାସରୁ ଆରମ୍ଭ ହୋଇ ୨୦୨୬ ମାର୍ଚ୍ଚ ମାସ ମଧ୍ୟରେ ଶେଷ ହେବା ନିମନ୍ତେ ସୂଚନା ଫଳକରେ ଉଲ୍ଲେଖ ରହିଛି । ମାତ୍ର ଠିକାଦାର ଏହି କାର୍ଯ୍ୟ ନିମନ୍ତେ ପୁରୁଣା ପିଚୁ ତାଡ଼ି ରାସ୍ତାରେ ମେଣ୍ଟାଲ ପକାଇ କାମ ବନ୍ଦ କରିଦେଇଛି । ଯାହାଫଳରେ ଏହି ରାସ୍ତା ଉପରେ ନିର୍ଭର କରିଥିବା ମହାସାହାଣୀ, ନାଉଡିହ, ବେଲାରୀ ଗ୍ରାମର ହଜାର ହଜାର ଲୋକ ଯାତାୟତ କରିବା ସହ ସହିରା, ଅଙ୍ଗାରଖ, ବାଟିପଡା ଲୋକ ଯାତାୟତ କରିଥାନ୍ତି । ଏହି ରାସ୍ତାରେ ଏକ ରାଇସମିଲ ଓ ଇଟା ଫ୍ୟାକ୍ଟ୍ରି ଥିବାରୁ ପ୍ରତିଦିନ ଶତାଧିକ ଗାଡି ଯାତାୟତ କରିଥାଆନ୍ତି । ଗାଡିଗୁଡିକ ଯାତାୟତ କରିବା ସମୟରେ ରାସ୍ତାରୁ ମେଣ୍ଟାଲ ଉଠି କେତେବେଳେ କାହା ଘରେ ପଡୁଛି ତ ଆଉ କେତେବେଳେ କାହା ମୁଣ୍ଡ ଫଟାଉଛି । ଯାହାକୁ ନେଇ ସ୍ଥାନୀୟ ଲୋକ ଘରୁ ବାହାରକୁ ଆସିବା ନିମନ୍ତେ ଭୟ କରୁଛନ୍ତି । ଏପରିକି ଅଙ୍ଗନବାଡି ସ୍କୁଲ୍‌କୁ ଯାଉଥିବା ପିଲାମାନେ ଅନେକ ସମୟରେ ରାସ୍ତାରେ ପଡି ଖଣ୍ଡିଆ ଖାବରା ହେଉଛନ୍ତି । ତୁରନ୍ତ ଏହି ରାସ୍ତା କାର୍ଯ୍ୟ ଶେଷ କରିବା ନିମନ୍ତେ ଗ୍ରାମର ସଞ୍ଜୟ ପ୍ରଧାନ, ପ୍ରତାପ ମଲିକ,ରାଜକିଶୋର ମଲିକ,ଆଦିତ୍ୟ ପ୍ରଧାନ, ବଳରାମ ମଲିକ, ଦୁଷ୍ମନ୍ତ ମଲିକ, ଅଞ୍ଜଳୀ ମଲିକ, ଶାନ୍ତିଲତା ମଲିକ, ପ୍ରଭାତୀ ମଲିକ, ଜୟନ୍ତୀ ମଲିକ, ମୀନା ମଲିକ, ସବିତା ମଲିକ, ଅଖଜି ମଲିକଙ୍କ ସମେତ ଶତାଧିକ ଗ୍ରାମବାସୀ ଦାବି କରିଛନ୍ତି । ଯଦି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆନଯାଏ ତେବେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବାସଚ୍ୟୁତ ପରିବାରଙ୍କ ଧାରଣା




**କେନ୍ଦ୍ରାପଡ଼ା,୭।୭/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ସୁଜନପୁର ଗ୍ରାମରେ ୭୦ ବର୍ଷ ବୟସ୍କ ଅରୁଣ ମଲ୍ଲିକଙ୍କ ବାସଗୃହକୁ ବଳପୂର୍ବକ ବାସଚ୍ୟୁତ କରିଥିବା ପ୍ରତିବାଦରେ ନ୍ୟାୟ ଦାବି ପାଇଁ ଜିଲ୍ଲା କାର୍ଯ୍ୟାଳୟ ଆଗରେ ପରିବାର ଲୋକ ଧାରଣାରେ ବସି ରହିଛନ୍ତି । ଗତ ଏପ୍ରିଲ ୭ ତାରିଖ ପରିବାର ଲୋକ ଘରେ ଶୋଇଥିବାବେଳେ କିଛି ଅସାମାଜିକ ବ୍ୟକ୍ତି ଘର ଭିତରେ ପ୍ରବେଶ କରି ପରିବାର ଲୋକଙ୍କୁ ମାଡମାରି ଘରର ସମସ୍ତ ଆସବାବ ପତ୍ର ଫୋପାଡି ଦେବା ସହ ଏମାନଙ୍କୁ ଗ୍ରାମରେ ତଡିଦେଇଥିବା ଥାନାରେ ଅଭିଯୋଗ ହୋଇଥିଲା । ଥାନା ଅଧିକାରୀ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରି ହାତ ବାନ୍ଧି ବସିଛନ୍ତି । ପାଲଟା ଏହି ପରିବାର ଲୋକଙ୍କ ନାମରେ ଚୋରି କେଶରେ ମିଥ୍ୟା ମାମଲା ରୁଜୁ କରାଇଛନ୍ତି । ଏ ସମ୍ପର୍କରେ ପରିବାର ଲୋକ ମୁଖ୍ୟମନ୍ତ୍ରୀ, ପୁଲିସ ମହାନିର୍ଦ୍ଦେଶକ, ଗ୍ରାମାଞ୍ଚଳ ଆଇଜିଙ୍କୁ ଅଭିଯୋଗ କରି କୌଣସି ସୁଫଳ ନ ମିଳିବାରୁ ପରିବାରର ସମସ୍ତ ସଦସ୍ୟ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣାରେ ବସିରହିଛନ୍ତି । ତୁରନ୍ତ ଏମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ପରିବାର ଲୋକ ଦାବିକରିଛନ୍ତି ।

## ଗୋବରୀକୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

**ପଟ୍ଟାମୁଣ୍ଡାଇ,୭।୭/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧିନରେ ଥିବା ସାନଜରିଆ ପଞ୍ଚାୟତରେ ଆଜି ଏକ ଅଭାବନୀୟ ଘଟଣା ଘଟିଯାଇଛି । ସ୍ଥାନୀୟ ଭେଡିସାହି ଗ୍ରାମର ଜନୈକା ମହିଳା ଗୋବରୀ ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବା ଦେଖିବାକୁ ମିଳିଛି । ତେବେ ସେଠାରେ ଉପସ୍ଥିତ ସ୍ଥାନୀୟ ଲୋକମାନେ ଅତ୍ୟନ୍ତ ତତ୍ପରତା ଓ ସାହସିକତାର ସହିତ ନଦୀ ମଧ୍ୟରୁ ମହିଳାଙ୍କୁ ଉଦ୍ଧାର କରିବା ଫଳରେ ମହିଳା ଜଣକ ଅଳ୍ପକେ ମୃତ୍ୟୁ ମୁଖରୁ ରକ୍ଷା ପାଇ ଯାଇଛନ୍ତି । ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ସାନଜରିଆ ଭେଡିସାହି ଗ୍ରାମର କରୁଣୀ ସେଠୀଙ୍କ ପତ୍ନୀ ଇଚ୍ଛା ସେଠୀ (୬୨) ନାମକ ଜନୈକା ମହିଳା ସକାଳ ୯ଘଟିକା ସମୟରେ ଗଣ୍ଡାକିଆ ପୋଲ ନିକଟରେ ପହଞ୍ଚି ପୋଲ ଉପରୁ ହଠାତ ଗୋବରୀ ନଦୀ ନଦୀ ଗର୍ଭକୁ ଡେଇଁ ପଡ଼ିଥିଲେ । ନଦୀର ପ୍ରଖର ସ୍ରୋତରେ ସେ ଭାସି ଯାଉଥିବା ଦେଖି ପୋଲ ନିକଟରେ ଥିବା ଲୋକମାନେ ମହିଳାଙ୍କୁ ବୁଡ଼ି ଯାଉଥିବା ଅବସ୍ଥାରେ ଉଦ୍ଧାର କରି କୂଳକୁ ଆଣିଥିଲେ । ନଦୀ ମଧ୍ୟରୁ ଜୀବନ୍ତ ଉଦ୍ଧାର କରାଯିବା ପରେ ମହିଳାଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ସେ ବର୍ତ୍ତମାନ ସୁରକ୍ଷିତ ଥିବା ଜଣାପଡ଼ିଛି ।

## କଫ୍ ସିରପ୍ ସମେତ ଚୋରାମଦ ଜବତ, ୨ଗିରଫ



**କେନ୍ଦ୍ରାପଡ଼ା,୭।୭/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ଓ ମାର୍ଶାଘାଇ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଚଢ଼ାଉ କରାଯାଇଥିଲା । ଏହି ଚଢ଼ାଉ ସମୟରେ ମାଣିତ୍ରୀ ଗ୍ରାମର ପୁଲକ କୁମାର ସ୍ୱାଇଁ(୩୮)ଙ୍କ ନିକଟରୁ ୧୦୦ ମିଲି ଲିଟର ବିଶିଷ୍ଟ ୬୨ଟି କଫ୍ ସିରପ୍ ବୋତଲ ଏବଂ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଥିଲା । ସେହିପରି ଆମ୍ଭୁରା ଗ୍ରାମର ପ୍ରଦୀପ ସେନାପତି(୩୮)ଙ୍କ ନିକଟରୁ ୨୯ ଲିଟର ଚୋରା ବିଦେଶୀ ମଦ ଓ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଥିଲା । ଉଭୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଆଇନ୍ ଅନୁସାରେ ମାମଲା ରୁଜୁ କରି କୋର୍ଟଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ରଙ୍କ ସମେତ ଅବକାରୀ ବିଭାଗର ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

## ଜିଲ୍ଲାପାଳଙ୍କୁ ଭେଟିଲେ ଗାଁସାଥୀ ସଂଘ



**କେନ୍ଦ୍ରାପଡ଼ା,୭।୭/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକ ଅଧିନ ଅଟାଳ ଗ୍ରାମପଞ୍ଚାୟତରେ ଗାଁସାଥୀ(ମେଟ) ଭାବରେ କାର୍ଯ୍ୟରତ ସୁଜାତା ପରିଡାଙ୍କୁ ପଞ୍ଚାୟତ ପକ୍ଷରୁ ଏନ୍ଏମ୍ଏମ୍ଏସ୍ ଆପ୍ ପ୍ରଦାନ କରାନଯିବା ପ୍ରତିବାଦରେ ସେ ଆଜି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଶ୍ରୀମତୀ ପରିଡ଼ା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ସେ ଗତ ୨୦୦୮ମସିହାରୁ ଅଟାଳ ପଞ୍ଚାୟତରେ ଗାଁସାଥୀ(ମେଟ) ଭାବରେ ସୁଚାରୁ ରୂପେ କାର୍ଯ୍ୟ କରିଆସୁଛନ୍ତି । କିନ୍ତୁ ଏବେ ତାଙ୍କୁ ପଞ୍ଚାୟତ ପକ୍ଷରୁ ବେଆଇନ ଭାବେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରକଳ୍ପରେ କାର୍ଯ୍ୟ କରିବାକୁ ନଦିଆଯିବା ସହ ଏନ୍ଏମ୍ଏମ୍ଏସ୍ ଆପ ପ୍ରଦାନ କରାଯାଉନି । ଏସମ୍ପର୍କରେ ସେ ଆଳି ବ୍ଲକ୍‌ରେ ହୋଇଥିବା ଜିଲ୍ଲାସ୍ତରୀୟ ଜନ ଶୁଣାଣି ଶିବିରରେ ମଧ୍ୟ ଅଭିଯୋଗ କରିଥିଲେ । ଏହାପରେ ବି ତାଙ୍କୁ ପଞ୍ଚାୟତ ପକ୍ଷରୁ ଏନ୍ଏମ୍ଏମ୍ଏସ୍ ଆପ୍ ପ୍ରଦାନ କରାଯାଉନାହିଁ । ତେଣୁ ସେ ଆଜି ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଗାଁସାଥୀ ସଂଘ ଜିଲ୍ଲା ସଭାପତି ଅନିଲ କୁମାର ଜେନାଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଏହା ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଳି ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

### ରାଷ୍ଟ୍ରପତି-ପ୍ରଧାନମନ୍ତ୍ରୀଙ୍କୁ ...

ଗଜପତି ଲେଖିଛନ୍ତି, ପରମ୍ପରାକୁ ଭାଙ୍ଗି ସ୍ନାନଯାତ୍ରା ଓ ରଥଯାତ୍ରା ଆୟୋଜନ କରୁଛି ଇସ୍କନ୍ । ବିରୋଧ ସତ୍ତ୍ୱେ ବର୍ଷ ସାରା ଯେ କୌଣସି ଦିନରେ ବି ରଥଯାତ୍ରା କରୁଛି । ଯାହାକି ଜଗନ୍ନାଥପ୍ରେମୀଙ୍କ ଧର୍ମୀୟ ଭାବାବେଗକୁ କଠୋର ଆଘାତ । ମହାପ୍ରଭୁଙ୍କ ପବିତ୍ରତା ବଜାୟ ରଖିବା ପାଇଁ ତୁରନ୍ତ ଏହାକୁ ବନ୍ଦ କରିବାକୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ଗଜପତି ମହାରାଜା । ଏଥିସହିତ ରାଷ୍ଟ୍ରପତିଙ୍କୁ ସାକ୍ଷାତ ପାଇଁ ସମୟ ମାଗିବା ସହ ପ୍ରଧାନମନ୍ତ୍ରୀଙ୍କ ସହଯୋଗ ମଧ୍ୟ ଚାହିଁଛନ୍ତି । ବାରମ୍ବାର ଚିଠି ଲେଖି ତିଥି ମାନିବାକୁ ପରାମର୍ଶ ସତ୍ତ୍ୱେ ଇସ୍କନ ନଛୋଡ଼ବନ୍ଧା । ସଂଗୀନ କଥା ହେଲା, ନିଜ କଥାକୁ ନିଜେ ଗିଳିଦେଉଛି ଇସ୍କନ । ଗଜପତିଙ୍କ କହିବା ଅନୁସାରେ, ୨୦୨୪ ଡିସେମ୍ବରରେ ତତ୍କାଳୀନ ଇସ୍କନ ଚେୟାରମ୍ୟାନଙ୍କ ଅନୁରୋଧରେ ମାର୍ଚ୍ଚ ୨୦୨୫ରେ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ଅନୁମୋଦିକ ବିଦ୍ୱାନମଣ୍ଡଳୀ ଓ ଇସ୍କନର ଇଣ୍ଟରନ୍ୟାସନାଲ୍ ବିଦ୍ୱାନ ଆସି ଚର୍ଚ୍ଚା କରିଥିଲେ । ଦେଶ-କାଳ-ପାତ୍ରର ଯୁକ୍ତି ଦର୍ଶାଇଥିଲେ । ହେଲେ ସବୁକୁ ଖଣ୍ଡନ କରି ତିଥି ପରିବର୍ତ୍ତନ ହେବନାହିଁ ବୋଲି ସଫା ସଫା ଶୁଣାଇଦେଇଥିଲେ ବିଦ୍ୱାନମଣ୍ଡଳୀ । ୧୯ ଅକ୍ଟୋବର ୨୦୨୫ରେ ତିଥିରେ ରଥଯାତ୍ରା କରିବାକୁ ଏବଂ ଦେଶ ଭିତରେ ଅଦିନିଆ ରଥ ନ ଗଡ଼ାଇବାକୁ ଇସ୍କନ ନିଷ୍ପତ୍ତି ନେଇଥିଲା । ହେଲେ ତା ବି ପାଳନ କଲାନି । ଅନ୍ୟପଟେ କୋଭିଡ୍ କାଳରେ କିଭଳି ତିଥି ନ ବଦଳାଇ ଭିନ୍ନ ପନ୍ଥାରେ ରଥଯାତ୍ରା ଆୟୋଜନ କରାଗଲା ତାର ବି ଉଦାହରଣ ଦେଇଛନ୍ତି ଗଜପତି । ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପଶ୍ଚିମବଙ୍ଗର ମାୟାପୁରରେ ଇସ୍କନର ମୁଖ୍ୟାଳୟ ରହିଛି । ଯେଉଁଠାରୁ ଇସ୍କନର ବିଶ୍ୱବ୍ୟାପୀ କାର୍ଯ୍ୟକ୍ରମ ଧାର୍ଯ୍ୟ ହୋଇଥାଏ । ଏବେ ମାୟାପୁରରେ ଇସ୍କନର ନୂଆ ଅଧ୍ୟକ୍ଷ ନିଯୁକ୍ତ ହୋଇଥିବାବେଳେ ପଶ୍ଚିମବଙ୍ଗରେ ମଧ୍ୟ ସରକାର ବଦଳିଛି । ଏଣୁ କେନ୍ଦ୍ର ସରକାର ଏଥିରେ ହସ୍ତକ୍ଷେପ କଲେ ସମସ୍ୟାର ସମାଧାନ ହେବା ଆଶା କରିଛନ୍ତି ଗଜପତି । ଶ୍ରଦ୍ଧାଳୁ ଓ ସେବାୟତ ବି ଏଥିରେ ସହମତ । କେବଳ ଧାର୍ଯ୍ୟ ତାରିଖରେ ନୁହେଁ, ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରା ଅର୍ଥାତ ୯ ଦିନ ବ୍ୟାପୀ ଯେକୌଣସି ଦିବସରେ ରଥଯାତ୍ରା ଆୟୋଜନ କରାଯାଇପାରିବ । ଏହା ବାଦ୍ ରଥଯାତ୍ରା ଆୟୋଜନ ମଧ୍ୟ ବିଧି ସଙ୍ଗତ ନୁହେଁ ।

### ସବୁଜବଳୟ ସୃଷ୍ଟିରେ ...

ଆନ୍ଦୋଳନରେ ପରିଣତ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି । ଗତ ବର୍ଷ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିବସରେ ଓଡ଼ିଶାରେ ଗୋଟିଏ ଦିନରେ ୧ କୋଟି ୪୯ ଲକ୍ଷ ଚାରା ରୋପଣ କରାଯାଇଥିଲା ଏବଂ 'ମେରୀ ଲାଇଫ୍' ପୋର୍ଟାଲରେ ୮ କୋଟି ୧୨ ଲକ୍ଷ ବୃକ୍ଷରୋପଣର ତଥ୍ୟ ଅପଲୋଡ୍ କରାଯାଇଛି । ଚଳିତ ବର୍ଷ ଭାରତ ସରକାରଙ୍କ ପକ୍ଷରୁ ରାଜ୍ୟ ପାଇଁ ୩ କୋଟି ୭୬ ଲକ୍ଷ ବୃକ୍ଷଚାରା ରୋପଣର ଲକ୍ଷ୍ୟ ରହିଛି । ଶେଷରେ ସେ ସମସ୍ତ ରାଜ୍ୟବାସୀଙ୍କୁ ବହୁଳ ଭାବେ ଗଛ ଲଗାଇ ଏକ ସୁସ୍ଥ ଓ ସବୁଜ ସୁନ୍ଦର ଓଡ଼ିଶା ଗଠନ କରିବାକୁ ନିବେଦନ କରିଛନ୍ତି । ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ବନୀକରଣ କ୍ଷେତ୍ରରେ ଜନଭାଗୀଦାରି ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି । ଏହି ଅବସରରେ ଜଙ୍ଗଲ ସୁରକ୍ଷା ଓ ବନୀକରଣ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁଗୁଳର 'ଜେରେଙ୍ଗ ବୁଧିପାହାଡ଼ ବନ ସୁରକ୍ଷା ସମିତି' ଏବଂ ମୟୂରଭଞ୍ଜର 'ଗୁଡ଼ଗୁଡ଼ିଆ ପରିବେଶ ବିକାଶ ସମିତି (ଇଡିସି)' କୁ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ସ୍ୱରୂପ ୨ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି । ଏହି ସମାରୋହରେ, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ଏବଂ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଡକ୍ଟର କେ. ମୁରୁଗେଶନଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ, ସାମାଜିକ ସଂଗଠନର ପ୍ରତିନିଧି ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

### ଭୁବନେଶ୍ୱରରେ ହେବ ...

ଭବନରେ ରାଜ୍ୟ ବିପର୍ଯ୍ୟୟ ନିୟନ୍ତ୍ରଣ କେନ୍ଦ୍ର କାର୍ଯ୍ୟାଳୟ, ଜାତୀୟ ବିପର୍ଯ୍ୟୟ ମୁକାବିଲା ବାହିନୀ, ଅଗ୍ନିଶମ ସେବା, ଓଡ୍ରାଫ୍ ସମେତ ବିପର୍ଯ୍ୟୟ ପରିଚାଳନା ସହ ଜଡ଼ିତ ସମସ୍ତ ପ୍ରମୁଖ ବିଭାଗକୁ ସ୍ଥାନ ଦିଆଯିବ । ଏହା ଫଳରେ ବିପର୍ଯ୍ୟୟ ସମୟରେ ବିଭିନ୍ନ ସଂସ୍ଥା ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ସହ ଦ୍ରୁତ ପଦକ୍ଷେପ ନେବାରେ ସୁବିଧା ହେବ । ମନ୍ତ୍ରୀ ଆହୁରି କହିଛନ୍ତି ଯେ, ରାଜ୍ୟର ବର୍ତ୍ତମାନ ଓ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଭବନର ରୂପରେଖ ପ୍ରସ୍ତୁତ କରାଯାଉଛି । ଏହା କାର୍ଯ୍ୟକ୍ଷମ ହେବା ପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ସେବାକୁ ଆହୁରି ସୁଚାରୁ ଓ ଦକ୍ଷତାର ସହ ପରିଚାଳନା କରାଯାଇପାରିବ । ସେହିପରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ଏଣିକି ରାଜ୍ୟରେ ଜମିକିଣା ବିକା ସମ୍ପୂର୍ଣ୍ଣ କ୍ୟାସ୍ ଲେସ ହେବ । ଗୋଟିଏ ବି ଟଙ୍କା ନଗଦ କାରବାର ହେବ ନାହିଁ । ଜମି ପଞ୍ଜିକରଣ କାର୍ଯ୍ୟାଳୟକୁ ଦଲାଲ ମୁକ୍ତ କରିବାକୁ ଏଭଳି ନିଷ୍ପତ୍ତି ନିଷ୍ପତ୍ତି ନିଆଯାଇଛି । ପୂର୍ବରୁ ୧୫ ହଜାର ଯାଏ କ୍ୟାସ କାରବାର ହେଉଥିଲା । ରାଜସ୍ୱ ମନ୍ତ୍ରୀ କହିଛନ୍ତି, ଏଣିକି ଜମି ପଞ୍ଜିକରଣ ପାଇଁ ଆଉ ବାରମ୍ବାର ରେଜିଷ୍ଟ୍ରେସନ ଅଫିସକୁ ଆସିବାକୁ ପଡ଼ିବନି । କେବଳ ଜମି ମାଲିକ ଚିହ୍ନଟ ପାଇଁ ଅଫିସ ଯିବାକୁ ହେବ । ରେଜିଷ୍ଟ୍ରେସନ ପରେ ଦଲିଲ ମଧ୍ୟ ଅନଲାଇନରେ ପାଇବେ । ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ଖୁବଶୀଘ୍ର ଏସ୍‌ଓପି ଜାରି ହେବ । ଏହା ସହ ରାଜସ୍ୱ ଅଧିକାରୀଙ୍କୁ ସ୍ୱତନ୍ତ୍ର ଟ୍ରେନିଂ ଦିଆଯିବ ।

### ୩୮ ଦୋଷୀଙ୍କୁ ଫାଶୀ ...

ଶୁଣାଣି ପାଇଁ ଏକ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ କରିଥିଲେ । ମାର୍ଚ୍ଚ ୨୦୨୫ ଠାରୁ ନିୟମିତ ଶୁଣାଣି ଚାଲିଥିଲା । ମୃତ୍ୟୁଦଣ୍ଡକୁ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାରଙ୍କ ଆବେଦନ ଏବଂ ଦୋଷୀଙ୍କ ଦ୍ୱାରା ସେମାନଙ୍କ ଦଣ୍ଡାଦେଶ ବିରୁଦ୍ଧରେ ଦାୟର କରାଯାଇଥିବା ଆବେଦନ ଉପରେ ମିଳିତ ଶୁଣାଣି ଶେଷ କରିବା ପରେ କୋର୍ଟ ନିଜର ରାୟ ସଂରକ୍ଷିତ ରଖିଥିଲେ; ବର୍ତ୍ତମାନ ରାୟ ପ୍ରକାଶ ପାଇଛି । ତେବେ ହାଇକୋର୍ଟଙ୍କ ଏହି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ୍ କରିବାର କରିବାର ଆଇନଗତ ବିକଳ୍ପ ଦୋଷୀମାନଙ୍କ ପାଖରେ ରହିଛି ।

## ଦିନ ଦ୍ୱିପ୍ରହରରେ ଲୁଟ୍ ଉଦ୍ୟମ




**ପାରାଦୀପ,୭।୭/ଏନ୍ଏନ୍ଏସ୍:** ମହିଳାଙ୍କ ସାହସିକତା ପାଇଁ ଘରୁ ଲୁଟ କରିବା ପରିବର୍ତ୍ତେ ଜୀବନ ବଞ୍ଚାଇ ଦୌଡିଲେ ଅଜଣା ଦୁର୍ବୃତ୍ତ । ଛାଡ଼ିଗଲେ କଟୁରୀ, ହେଲମେଟ୍ ଓ ବ୍ୟାଗ । ଏହିଭଳି ଘଟଣା ଘଟିଛି ପାରାଦୀପ ଉଦୟବିହାର-୧ କଲୋନୀରେ । ଦିନକୁ ଦିନ ବନ୍ଦରନଗରୀ ଅଶାନ୍ତ ହୋଇପଡୁଥିବା ବେଳେ ଚୋରି, ଡକାୟତି ରାହାଜାନି ବୃଦ୍ଧି ପାଇବାରେ ଲାଗିଛି । ଯାହାର ପ୍ରତ୍ୟେକ୍ଷ ଉଦାହରଣ ପାଲଟିଛି ଆଜି ଦିନ ୧୧ଟା ସମୟରେ ଘଟିଥିବା ଘଟଣା । ଉଦୟବିହାର କଲୋନୀରେ ଆଜି ସକାଳ ପାଖାପାଖି ୧୧ଟା ସମୟରେ ଦୁଇଜଣ ଅଜଣା ଯୁବକ ହଠାତ ଏହି କଲୋନୀରେ ଭଡାରେ ରହୁଥିବା ସୁଶାନ୍ତ ବିଶ୍ୱାଳଙ୍କ ଘର ଭିତରକୁ ପଶିଯିବା ପରେ ସୁଶାନ୍ତଙ୍କ ପତ୍ନୀ ସୁପ୍ରିୟାଙ୍କ ମୁହଁ ମାଡି ବସିବା ସହିତ ମୁଣ୍ଡରେ ବନ୍ଧୁକ ଲଗାଇ ଘରେ କଣ ଅଛି ଦେବାକୁ କହିଥିଲେ । ଘରର ପଡୋଶୀ ମହିଳା ଫୋନ କରୁଥିବା ସମୟରେ ଘଟଣା ଘଟିବାରୁ ଉକ୍ତ ମହିଳା ଜଣକ ସୁଶାନ୍ତ ଘରକୁ ଆସି ଦେଖିବା ବେଳକୁ ସୁପ୍ରିୟାଙ୍କ ମୁହଁ ମାଡ଼ି ବସିଥିଲେ । ଘଟଣାକୁ ବିରୋଧ କରିବା ସହିତ ପାଟି କରିବାରୁ ଉକ୍ତ ଦୁଇଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଧକାମାରି ତଳେ ପକାଇଦେବା ସହିତ କଟୁରୀ, ହେଲମେଟ୍ ଓ ବ୍ୟାଗ ଛାଡି ଗାଡ଼ି ଧରି ଫେରାର ହୋଇଯାଇଥିଲେ । ଖବର ପାଇବା ପରେ ପାରାଦୀପ ଲକଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାଡିଯାଇଥିବା ମାରଣାସ୍ତ୍ର ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି । ଦୀର୍ଘ ପାଞ୍ଚବର୍ଷ ହେବ ନିଜ ଗ୍ରାମ ଜଗତସିଂହପୁର ଜିଲ୍ଲା ଭାଲିକୁଦା ବ୍ଲକ୍‌ର ତେନ୍ତୁଳିବେଲାରୀ ଗ୍ରାମରୁ ଆସି ସୁଶାନ୍ତ ବିଶ୍ୱାଳ ନିଜ ପିଲା ଛୁଆଙ୍କୁ ଆଣି ରହି ଆସୁଥିବା ବେଳେ ଆଜିର ଏହି ଘଟଣାକୁ ନେଇ ଭୟଭୀତ ହୋଇପଡିଛନ୍ତି ଉଭୟ ସ୍ୱାମୀ, ସ୍ତ୍ରୀ । ଯଥାଶୀଘ୍ର ପୁଲିସ ଉପଯୁକ୍ତ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି ସ୍ଥାନୀୟ ଉଦୟବିହାର ବାସିନ୍ଦା ।

## ବ୍ରାହ୍ମଣ ମହାସଭା ପକ୍ଷରୁ ବନ ମହୋତ୍ସବ

**କେନ୍ଦ୍ରାପଡ଼ା,୭।୭/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ବ୍ରାହ୍ମଣ ମହାସଭା ପକ୍ଷରୁ ସଂଘର ପୌରାଞ୍ଚଳ ସଭାପତି ପଣ୍ଡିତ ମାଧବଚନ୍ଦ୍ର ପତିଙ୍କ ତତ୍ତ୍ୱାବଧାନରେ ଗୋପ ନିକଟସ୍ଥ ରେଲୱେ ଷ୍ଟେସନ ନିକଟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି । ଜିଲ୍ଲା ସମ୍ପାଦକ ପଣ୍ଡିତ ହରେକୃଷ୍ଣ ପତି, ସଂଗଠନ ସମ୍ପାଦକ ପଣ୍ଡିତ ତପନ ଦାଶ, ଯୁଗ୍ମ ସମ୍ପାଦକ ଲକ୍ଷ୍ମୀକାନ୍ତ ଦାଶ, ମିଡିଆ ସମ୍ପାଦକ ନୃସିଂହ ଚରଣ ତ୍ରିପାଠୀ, ପଣ୍ଡିତ କ୍ଷୀରୋଦ କୁମାର ପଣ୍ଡା, ପଣ୍ଡିତ ହରିହର ତ୍ରିପାଠୀ, ସଂଯୋଜକ ଦୀପକ କୁମାର ପାଢୀ, ରବିନାରାୟଣ ଶତପଥି, ଦେବେନ୍ଦ୍ର ପ୍ରସାଦ ସାମନ୍ତରାୟ ପ୍ରମୁଖ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଆଗାମୀ ସେପ୍ଟେମ୍ବର ମାସରେ ତାଳମଞ୍ଜି ରୋପଣ କରିବାକୁ ନିଷ୍ପତି ଗ୍ରହଣ କରାଯାଇଛି । ପଣ୍ଡିତ ଶିବୁ ପତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିଶୁ ବାଟିକା ଶିକ୍ଷକ ନିଯୁକ୍ତି ସୂଚନା ଜାଲ୍

**ଭୁବନେଶ୍ୱର,୭।୭/ଏନ୍ଏନ୍ଏସ୍:** ଗତ ଏପ୍ରିଲ ୨୪ର ଏକ ଜାଲ୍ ଓ ସମ୍ପୂର୍ଣ୍ଣ ମନଗଢ଼ା ପତ୍ର ବିଭିନ୍ନ ସୋସିଆଲ ମିଡିଆରେ ପ୍ରଚାର କରାଯାଉଛି । ଏହି ଜାଲ୍ ପତ୍ରକୁ ଆଧାର କରି କେତେକ ଗଣମାଧ୍ୟମରେ ମଧ୍ୟ ସମ୍ବାଦ ପ୍ରକାଶ ପାଇଥିବା ଦେଖାଯାଇଛି, ଯାହା ସାଧାରଣ ଲୋକଙ୍କ ମଧ୍ୟରେ ବିଭ୍ରାନ୍ତି ସୃଷ୍ଟି କରିଛି । ଉକ୍ତ ଜାଲ୍ ପତ୍ରରେ ଓସେପା ଅଧୀନରେ ୭୨୩୪ ଟି ଶିଶୁ ବାଟିକା ଶିକ୍ଷକ ପଦବୀ ସୃଷ୍ଟି ଓ ନିଯୁକ୍ତି ସହ ପ୍ରତି ଶିକ୍ଷକଙ୍କୁ ମାସିକ ୨୬୦୦୦ ପ୍ରଦାନ ପାଇଁ ଅର୍ଥ ବିଭାଗ ଅନୁମୋଦନ କରିଥିବା ବୋଲି ମିଥ୍ୟା ଦାବି କରାଯାଇଛି ।

ଏହି ପ୍ରସଙ୍ଗରେ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ଉକ୍ତ ପତ୍ରଟି ସମ୍ପୂର୍ଣ୍ଣ ଜାଲ୍, ମନଗଢ଼ା ଏବଂ ଅନଧିକୃତ । ଅର୍ଥ ବିଭାଗ ଦ୍ୱାରା ଏପରି କୌଣସି ପ୍ରସ୍ତାବ ଅନୁମୋଦନ କରାଯାଇନାହିଁ । ୭୨୩୪ ଟି ଶିଶୁ ବାଟିକା ଶିକ୍ଷକ ପଦବୀ ସୃଷ୍ଟି କିମ୍ବା ନିଯୁକ୍ତି ସମ୍ପର୍କରେ ଉକ୍ତ ପତ୍ର ମାଧ୍ୟମରେ କୌଣସି ସରକାରୀ ଅନୁମୋଦନ ପ୍ରଦାନ କରାଯାଇନାହିଁ । ପତ୍ରରେ ଥିବା ଦସ୍ତଖତ, ପତ୍ର ସଂଖ୍ୟା, ବିଷୟବସ୍ତୁ ଓ ଅନୁମୋଦନ ସମ୍ପୂର୍ଣ୍ଣ ମିଥ୍ୟା ଏବଂ ସରକାରୀ ଅଭିଲେଖରେ ଏହାର କୌଣସି ଆଧାର ନାହିଁ । ଜାଲ୍ ସରକାରୀ ପତ୍ର ପ୍ରସ୍ତୁତ କରି ପ୍ରଚାର କରିବା ଏକ ଗୁରୁତର ଅପରାଧ । ଏହି ଘଟଣା ସମ୍ପର୍କରେ ଉପଯୁକ୍ତ ଆଇନଗତ ପଦକ୍ଷେପ ଗ୍ରହଣ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଅବଗତ କରାଯାଇଛି । ରାଜ୍ୟ ସରକାର ସାଧାରଣ ଜନତା ଓ ଗଣମାଧ୍ୟମକୁ ଅନୁରୋଧ କରୁଛନ୍ତି ଯେ ସୋସିଆଲ ମିଡିଆରେ ପ୍ରଚାରିତ କୌଣସି ସରକାରୀ ପତ୍ରକୁ ଯାଞ୍ଚ ବିନା ବିଶ୍ୱାସ କିମ୍ବା ପ୍ରଚାର କରନ୍ତୁ ନାହିଁ । ସରକାରୀ ସୂଚନା କେବଳ ସରକାରୀ ବିଜ୍ଞପ୍ତି, ୱେବସାଇଟ୍ କିମ୍ବା ସମ୍ପୃକ୍ତ ବିଭାଗରୁ ହିଁ ନିଶ୍ଚିତ କରନ୍ତୁ । ସରକାର ସର୍ବଦା ସଠିକ୍ ଓ ପ୍ରାମାଣିକ ସୂଚନା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରତିବଦ୍ଧ ।

## ଜାତୀୟ କର୍ମଶାଳା ଉଦ୍‌ଘାଟିତ

# ‘ଜନଜାତିଙ୍କ ସ୍ୱଦେଶୀ ଜ୍ଞାନ ଓ ଭାଷା ସଂରକ୍ଷଣ ପ୍ରାଥମିକତା ହେବା ଉଚିତ୍’

**ଭୁବନେଶ୍ୱର,୭।୭/ଏନ୍ଏନ୍ଏସ୍:** କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜନଜାତି ଗବେଷଣା ପ୍ରତିଷ୍ଠାନଗୁଡ଼ିକର ସଶକ୍ତୀକରଣ ଉଦ୍ଦେଶ୍ୟରେ ଦୁଇ ଦିନିଆ ଜାତୀୟ କର୍ମଶାଳା ଆଜି ଭୁବନେଶ୍ୱରଠାରେ ଆରମ୍ଭ ହୋଇଛି । ଜନଜାତି ସମ୍ପ୍ରଦାୟର ଐତିହ୍ୟ ସଂରକ୍ଷଣ, ଗବେଷଣାକୁ ସୁଦୃଢ଼ କରିବା ଏବଂ ସମାବେଶୀ ବିକାଶକୁ ଆହୁରି ଗତିଶୀଳ କରିବା ଦିଗରେ ଭାରତ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାର ପୁନର୍ବ୍ୟକ୍ତି ହେଉଛି ଏହି କର୍ମଶାଳା । କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ କର୍ମଶାଳାର ଉଦ୍‌ଘାଟନ କରିଥିଲେ ।




ଏହି ଅବସରରେ କେନ୍ଦ୍ର ଜନଜାତି ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାସ ଉଇକେ, ନୀତି ଆୟୋଗର ସଦସ୍ୟ ଡ. ଆର ବାଲସୁବ୍ରମଣ୍ୟମ୍, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟର ସଚିବ ରଞ୍ଜନା ଚୋପ୍ରା, ସଚିବ ବି. ପରମେଶ୍ୱରନ, କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ଅନନ୍ତ ପ୍ରକାଶ ପାଣ୍ଡେଙ୍କ ସମେତ କେନ୍ଦ୍ର ଓ ବିଭିନ୍ନ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଓଡ଼ିଶା ସରକାରଙ୍କ ସହଯୋଗରେ ଆୟୋଜିତ ଏହି କର୍ମଶାଳାରେ ଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨୦୦ ଜଣ ପ୍ରତିନିଧି ଯୋଗ ଦେଇଛନ୍ତି । ଏହି ଅବସରରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଓ ବାରାଣସୀସ୍ଥିତ ସମ୍ପୂର୍ଣ୍ଣାନନ୍ଦ ସଂସ୍କୃତ ବିଶ୍ୱବିଦ୍ୟାଳୟ, ବାରାଣସୀ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହା ସହିତ ଭୁବନେଶ୍ୱରସ୍ଥିତ କିଟ୍ ଟେକ୍ନୋଲୋଜି ବିଜନେସ୍ ଇନ୍‌କ୍ୟୁବେଟର୍ ସହ ଆଉ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି । ଏହି ଅବସରରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଶ୍ରୀ ଓରାମ କହିଥିଲେ ଯେ ଭାରତର ଜନଜାତି ସମ୍ପ୍ରଦାୟ ପାଖରେ ଭାଷା, ଉପଭାଷା, ଏବଂ ସ୍ୱଦେଶୀ ଜ୍ଞାନର ଏକ ଅମୂଲ୍ୟ ଭଣ୍ଡାର ରହିଛି, ଯାହାକୁ ଭବିଷ୍ୟତ ପିଢ଼ି ପାଇଁ ସଂରକ୍ଷଣ କରିବା ଆବଶ୍ୟକ । ଅନେକ ଜନଜାତି ଭାଷାର ଲିପି ଥିଲେ ମଧ୍ୟ ଅନେକ ଉପଭାଷା କେବଳ ମୌଖିକ ପରମ୍ପରାରେ ବଞ୍ଚି ରହିଛି । ସେଥିପାଇଁ ସେଗୁଡ଼ିକର ସୁସଂଗଠିତ ଦସ୍ତାବିଜୀକରଣ ଜାତୀୟ ପ୍ରାଥମିକତା ହେବା ଉଚିତ । କେନ୍ଦ୍ର ଜନଜାତି ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାସ ଉଇକେ ଅଭିଭାଷଣ ରେ କହିଥିଲେ ଯେ ବର୍ତ୍ତମାନ ଜନଜାତି ଗବେଷଣା ପ୍ରତିଷ୍ଠାନମାନେ ଜନଜାତି ଜୀବିକା, ମହିଳା ସଶକ୍ତୀକରଣ, ବନାଧିକାର ଆଇନର କାର୍ଯ୍ୟକାରିତା ଭଳି ଅନେକ ବିଷୟ ଉପରେ ଗବେଷଣା କରିବା ଉଚିତ । ନୀତି ଆୟୋଗର ସଦସ୍ୟ ଡ. ଆର ବାଲସୁବ୍ରମଣ୍ୟମ୍ କହିଥିଲେ ଯେ ଜନଜାତି ଗବେଷଣା ପ୍ରତିଷ୍ଠାନ ଗୁଡ଼ିକ କେବଳ ଗବେଷଣା ସଂସ୍ଥା ନୁହେଁ, ବରଂ ସ୍ୱଦେଶୀ ଜ୍ଞାନର ସଂରକ୍ଷଣ ଏବଂ ନବସୃଜନର କେନ୍ଦ୍ରରେ ପରିଣତ ହେବା ଦରକାର । ମନ୍ତ୍ରୀ ଶ୍ରୀ ଗଣ୍ଡ କହିଥିଲେ ଯେ ଜନଜାତି ଗବେଷଣା ପ୍ରତିଷ୍ଠାନ ମାନେ ଡିଜିଟାଲ୍ ଜ୍ଞାନ ଏବଂ ବହୁବିଷୟକ ଗବେଷଣାର କେନ୍ଦ୍ରରେ ପରିଣତ ହେବା ଦରକାର । ଜନଜାତି ଶିକ୍ଷା, ପୁଷ୍ଟି, ସ୍ୱାସ୍ଥ୍ୟ, ସ୍ଥାନାନ୍ତରଣ, ଜଳବାୟୁ ସହନଶୀଳତା, ବନାଧାରିତ ଜୀବିକା ଏବଂ ଭାଷା ସଂରକ୍ଷଣ ଭଳି କ୍ଷେତ୍ରରେ ଗବେଷଣାକୁ ପ୍ରୋତ୍ସାହନ ଦେବା ଆବଶ୍ୟକ । କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟର ସଚିବ ଶ୍ରୀମତୀ ଚୋପ୍ରା କହିଥିଲେ ଯେ, ଜନଜାତି ବିକାଶ ସହିତ ଜନଜାତି ଐତିହ୍ୟର ସଂରକ୍ଷଣ, ସାମ୍ବିଧାନିକ ଅଧିକାରର ସୁରକ୍ଷା ଏବଂ ପ୍ରମାଣଭିତ୍ତିକ ନୀତି ନିର୍ଦ୍ଧାରଣ ପାଇଁ ଜନଜାତି ଗବେଷଣା ପ୍ରତିଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସଚିବ ଶ୍ରୀ ପରମେଶ୍ୱରନ ସ୍ୱାଗତ ଭାଷଣରେ ଓଡ଼ିଶାର ସମୃଦ୍ଧ ଜନଜାତି ଐତିହ୍ୟ ଓ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ । କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ଅନନ୍ତ ପ୍ରକାଶ ପାଣ୍ଡେ ଧନ୍ୟବାଦ୍ ଦେଇଥିଲେ ।

# ରାମକୃଷ୍ଣ ଆଦର୍ଶ କଲୋନୀର ଭିତ୍ତିପ୍ରସ୍ତର ସ୍ଥାପନ

## ଅନ୍ତର୍ଭୁକ୍ତିକରଣ ବିକାଶକୁ ଆଗେଇ ନେଉଛି ବିଏମ୍‌ସି

**ଭୁବନେଶ୍ୱର,୭।୭/ଏନ୍ଏନ୍ଏସ୍:** ୱାର୍ଡ ନମ୍ବର ୪୧ ଅନ୍ତର୍ଗତ ଶାନ୍ତି ପଲ୍ଲୀଠାରେ ନିର୍ମାଣ ହେବ ୫୫ଟି ଦୁଇ ମହଲା ବିଶିଷ୍ଟ ରାମକୃଷ୍ଣ ଆଦର୍ଶ କଲୋନୀ । ୧୧୦ ଜଣ ହିତାଧିକାରୀଙ୍କୁ ଆବଣ୍ଟନ କରାଯିବ ଏହି ବାସଗୃହ । ଏଥିପାଇଁ ଆଜି ରାମକୃଷ୍ଣ ଆଦର୍ଶ କଲୋନୀର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ।

ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସହ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର୍ ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍‌ସି କମିଶନର୍ ତଥା ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା, ସ୍ଥାନୀୟ କର୍ପୋରେଟର କବିତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଲେପ୍ରୋସି ଆକ୍ରାନ୍ତ ପରିବାରଙ୍କୁ ଏହି ସୁବିଧା ଯୋଗାଇ ଦେବା ପାଇଁ ସରକାରଙ୍କ ନିଷ୍ପତ୍ତିକ୍ରମେ ବିଏମ୍‌ସି ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ସୂଚନାଯୋଗ୍ୟ ଯେ ସମାଜର ମୁଖ୍ୟସ୍ରୋତରେ ସେମାନଙ୍କୁ ସାମିଲ କରିବା ସହିତ ଏକ ଅନ୍ତର୍ଭୁକ୍ତିକରଣ ବିକାଶକୁ ଆଗେଇ ନେବାରେ ଏହି ପଦକ୍ଷେପ ବେଶ୍ ସହାୟକ ହେବ । ସେଥିପାଇଁ ପ୍ରତ୍ୟେକ ନାଗରିକ ଆଗେଇ ଆସିବାକୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ବିଏମ୍‌ସି ପକ୍ଷରୁ ଏହି ପ୍ରକଳ୍ପ କାର୍ଯ୍ୟ ଖୁବ୍ ଶୀଘ୍ର ଶେଷ ହେବ ଏବଂ ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ଆବଣ୍ଟନ କରାଯିବ ବୋଲି ସେ କହିଛନ୍ତି । ସମ୍ପ୍ରତି ବିଏମ୍‌ସି ଅଞ୍ଚଳରେ ଲିଙ୍ଗରାଜ, ଗୋଖିବାବା ଲେପ୍ରୋସି କଲୋନୀ ନିର୍ମାଣ ହୋଇସାରିଛି ଏବଂ ସେଠାରେ ହିତାଧିକାରୀମାନେ ସେଠାରେ ବସବାସ କରୁଛନ୍ତି । ଗୋପବନ୍ଧୁ ଲେପ୍ରୋସି କଲୋନୀ ନିର୍ମାଣ କାର୍ଯ୍ୟ ଜାରି ରହିଛି । ସେମାନଙ୍କୁ ବିଦ୍ୟୁତ୍ ଆଲୋକ, ପାନୀୟ ଜଳ, ଫ୍ୟାନ୍ ଆଦି ବିନା ମୂଲ୍ୟରେ ସମସ୍ତ ପ୍ରକାର ଆଧୁନିକ ସୁବିଧା ଯୋଗାଇ ଦିଆଯାଇଛି । ପକ୍କାଘରେ ଏବେ ସେମାନେ ବେଶ ଆନନ୍ଦରେ ସପରିବାରେ ବସବାସ କରିଆସୁଛନ୍ତି । ଠିକ୍ ସେହିପରି ଏଠିକାର ଯୋଗ୍ୟ ହିତାଧିକାରୀଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ ବୋଲି କହିଛନ୍ତି ମେୟର ଶ୍ରୀମତୀ ଦାସ । ଜଣେ ହେଲେ ଯୋଗ୍ୟ ହିତାଧିକାରୀ ବାଦ ନ ପଡ଼ନ୍ତୁ ଏବଂ କୌଣସି ଅଯୋଗ୍ୟ ହିତାଧିକାରୀ ଗୃହ ନ ପାଆନ୍ତୁ ବୋଲି କହିଛନ୍ତି କମିଶନର ଶ୍ରୀ ରାଣା ।

# ସ୍ୱାଭିମାନ ଓଡ଼ିଶା ଫାଉଣ୍ଡେସନ୍ ପକ୍ଷରୁ ‘ବିକାଶ ସମ୍ମିଳନୀ’

**ଭୁବନେଶ୍ୱର,୭।୭/ଏନ୍ଏନ୍ଏସ୍:** ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ସର୍ବାଙ୍ଗୀନ ବିକାଶକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ଲକ୍ଷ୍ୟରେ ସ୍ୱାଭିମାନ ଓଡ଼ିଶା ଫାଉଣ୍ଡେସନ ପକ୍ଷରୁ ଗତ ୫ ତାରିଖରେ ଶ୍ରୀକ୍ଷେତ୍ର ପୁରୀସ୍ଥିତ ହୋଟେଲ ବ୍ଲୁ ବିଚ୍ ରିସର୍ଟ ପରିସରରେ ଏକ ରାଜ୍ୟସ୍ତରୀୟ ‘ବିକାଶ ସମ୍ମିଳନୀ’ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ‘ସ୍ୱାଭିମାନରୁ ସମୃଦ୍ଧି : ଶ୍ରେଷ୍ଠ ଓଡ଼ିଶା ଗଠନ ପାଇଁ ଜନଆନ୍ଦୋଳନ’ ଶୀର୍ଷକ ଏହି ସମ୍ମିଳନୀରେ ସଭାପତି ଅମ୍ବିକା ପ୍ରସାଦ ପଣ୍ଡା ଜନସହଭାଗିତା ଆଧାରିତ ସାମାଜିକ ଆନ୍ଦୋଳନ ଉପରେ ଗୁରୁତ୍ୱାରୋପ କରିଥିବା ବେଳେ ଉପସଭାପତି ତଥା ବିଶିଷ୍ଟ ଲେଖିକା ଡା. ସୁନୀତି ମୁଣ୍ଡ ସ୍ୱାଗତ ଭାଷଣ ଏବଂ ସାଧାରଣ ସମ୍ପାଦକ ବରୁଣ କୁମାର



ଆଗାମୀ କାର୍ଯ୍ୟଯୋଜନା ସହ ପ୍ରତ୍ୟେକ ଜିଲ୍ଲାରେ ‘ଜିଲ୍ଲା ବିକାଶ ସମ୍ମିଳନୀ’ ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁ, ଲେଖିକା ସୁଜାତା ନନ୍ଦ, ସମାଜସେବୀ ପ୍ରଶାନ୍ତ କର, ମାନିନୀ ଦେବୀ ଏବଂ ମନୋଜ ରଥ ଯୋଗଦେଇ ଓଡ଼ିଶାର ବିକାଶର ଦିଗ ଓ ଦୃଷ୍ଟିଭଙ୍ଗୀ ଉପରେ ନିଜର ମତାମତ ରଖିଥିଲେ । ବୈଠକରେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନର ରୋଡମ୍ୟାପ ସହ ଜନସହଭାଗିତା ଭିତ୍ତିକ ବିକାଶ ଆନ୍ଦୋଳନ, ଯୁବ କନେକ୍ଟ, ନାଗରିକ ଶିକ୍ଷା ଅଭିଯାନ, ସ୍ୱେଚ୍ଛାସେବକ ନେଟୱାର୍କ ଏବଂ ସଦସ୍ୟତା ଅଭିଯାନକୁ ରାଜ୍ୟବ୍ୟାପୀ ବିସ୍ତାର କରିବା ପାଇଁ ସର୍ବସମ୍ମତ ପ୍ରସ୍ତାବ ଓ ସଂକଳ୍ପ ଗ୍ରହଣ କରାଯାଇଛି ।

## ଅବ୍ୟବସ୍ଥାରେ ଆଇଆର୍‌ସି ଭିଲେଜ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

# ୧.୨୦ ଲକ୍ଷ ବାସିନ୍ଦାଙ୍କ ପାଇଁ ଜଣେ ଡାକ୍ତର

**ଭୁବନେଶ୍ୱର,୭।୭/ଏନ୍ଏନ୍ଏସ୍:** ରାଜ୍ୟରେ ରୋଗୀ ସେବାକୁ ଅତ୍ୟନ୍ତ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏପରିକି ରାଜ୍ୟର ବିଭିନ୍ନ ଜିଲ୍ଲା, ବ୍ଲକରେ ରହିଥିବା ହସ୍ପିଟାଲଗୁଡ଼ିକର ଭିତ୍ତିଭୂମି ସଜାଡିବାକୁ ଉଭୟ ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରୟାସ ଜାରି ରଖିଛନ୍ତି । ରୋଗୀଙ୍କୁ ଯେପରି ସମସ୍ତ ସୁବିଧା ସୁଯୋଗ ଦିଆଯିବ ସେ ନେଇ ଯେପରି ସବୁ ସ୍ତରରେ ନିୟମିତ ଯାଞ୍ଚ ଏବଂ ସମିକ୍ଷା ମଧ୍ୟ ହେଉଛି । ଫଳରେ ପୂର୍ବାପେକ୍ଷା ରାଜ୍ୟରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅନେକ ପରିବର୍ତ୍ତନ ଘଟିଛି । ମାତ୍ର କିଛି ହସ୍ପିଟାଲ ଆଜି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଅବ୍ୟବସ୍ଥାରର ଚରମସୀମାରେ ପହଞ୍ଚିଛି । ଆଇଆର୍‌ସି ଭିଲେଜ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ହେଉଛି ତାହାର ଏକ ଜ୍ୱଳନ୍ତ ଉଦାହରଣ ।




ସମଗ୍ର ରାଜଧାନୀରେ ଆଇଆର୍‌ସି ଭିଲେଜ ଏକ ଭିଆଇପି ଅଞ୍ଚଳ ଭାବେ ବେଶ୍ ପରିଚିତ । ଏହି ଅଞ୍ଚଳର ପରିସୀମା ମଧ୍ୟରେ ଏନ୍-୧୦ରୁ ଆରମ୍ଭ କରି ଏନ୍-୬, ସାଲିଆସାହି, ଜୟଦେବ ବିହାର ରହିଛି । ଏଠାରେ ଜନସଂଖ୍ୟା ପ୍ରାୟ ଲକ୍ଷେ ୨୦ହଜାର ରହିଛି । ସ୍ଥାନୀୟ ବାସିନ୍ଦାଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ୧୯୮୫-୮୬ ମସିହାରେ ଇସ୍କନ ମନ୍ଦିର ପଛ ପାର୍ଶ୍ୱରେ ଥିବା ୩ ମହଲା ବିଶିଷ୍ଟ ସରକାରୀ କ୍ୱାର୍ଟର୍ସର ତଳ ୨ଟି ଘରେ ମେଡିକାଲ ଆରମ୍ଭ ହୋଇଥିଲା । ପରବର୍ତ୍ତୀ ସମୟରେ ଇନ୍ଦ୍ରଧନୁ ମାର୍କେଟ ନିକଟସ୍ଥ ନିଜ କ୍ୟାମ୍ପସକୁ ସ୍ଥାନାନ୍ତରୀତ ହୋଇଥିଲା । ମେଡିକାଲର ସେବା ଏବଂ ବ୍ୟବସ୍ଥାକୁ ଅନୁଧ୍ୟାନ କରି ଏହି ହସ୍ପିଟାଲ କାୟାକଳ୍ପ ପୁରସ୍କାର ମଧ୍ୟ ହାସଲ କରିଛି । ପ୍ରତିଦିନ ପ୍ରାୟ ୩୫୦ରୁ ଅଧିକ ରୋଗୀ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ବେଳେ ଏଠାରେ ବିଭିନ୍ନ ପରୀକ୍ଷା ମାଗଣାରେ କରାଯାଉଥିବାରୁ ଦୈନିକ ମଧ୍ୟ ୧୦୦ରୁ ଅଧିକ ରୋଗୀ ବିଭିନ୍ନ ପରୀକ୍ଷା କରାଇବାକୁ ଆସିଥାନ୍ତି । ତେବେ ସକାଳ ୮ଟାରୁ ପୂର୍ବାହ୍ନ ୧୧ଟା ଏବଂ ସନ୍ଧ୍ୟା ୫ଟାରୁ ରାତି ୮ଟା ପର୍ଯ୍ୟନ୍ତ ସେବା ଜାରି ରହିଥାଏ । ବର୍ତ୍ତମାନ ଏଠାରେ ଅନ୍ୟ ପଦବୀ ଖାଲି ରହିଛି । ବର୍ତ୍ତମାନ ଓପିଡି ଲାଗି ମାତ୍ର ଜଣେ ଡାକ୍ତର ରହିଛନ୍ତି । ରୋଗୀ ସଂଖ୍ୟା ଅଧିକ ରହୁଥିବାରୁ ସମ୍ପୃକ୍ତ ଡାକ୍ତରଙ୍କ ଉପରେ ଅନେକ ଚାପ ରହୁଛି । ଏପରିକି କାର୍ଯ୍ୟ କରୁଥିବା ଡାକ୍ତର ଜଣକ ଦୈନିକ ଦେଢ଼ ଘଣ୍ଟାରୁ ୨ ଘଣ୍ଟା ଅଧିକ କାର୍ଯ୍ୟ କରୁଛନ୍ତି । ସେହିପରି ଔଷଧ ବାଣ୍ଟିବା ଲାଗି ୨ଟି ଫାର୍ମାସିଷ୍ଟ ପଦବୀରୁ ଗୋଟିଏ ଖାଲି ରହିଛି । ଦୈନିକ ରୋଗୀ ସଂଖ୍ୟା ଅଧିକ ରହୁଥିବାରୁ ଫଳରେ ଔଷଧ ଦେଉଥିବା ଫାର୍ମାସିଷ୍ଟ ଜଣକ ଉପରେ ଚାପ ଅଧିକ ରହୁଛି । ସେହିପରି ଡ୍ରଗିଷ୍ଟ ଏବଂ ଲାବ ଟେକ୍ନିସିଆନ ପଦବୀରେ ଆବଶ୍ୟକ କର୍ମଚାରୀ ନାହାନ୍ତି । ଫଳରେ ବିଭିନ୍ନ ପରୀକ୍ଷା ଲାଗି ଭିଡ଼ ଜମୁଥିବା ବେଳେ ଜଣେ ଲାବ୍ ଟେକ୍ନିସିଆନ୍‌ରେ ଚାଲିଛି ସେବା । ଏହି ଡାକ୍ତରଖାନା ଉପରେ ଦୈନିକ ଅଧିକ ରୋଗୀ ନିର୍ଭର କରୁଥିବାରୁ ଏଠାରେ ତୁରନ୍ତ ଖାଲି ପଦବୀ ପୂରଣ କରିବା ସହ ଡାକ୍ତରଙ୍କ ସଂଖ୍ୟା ବୃଦ୍ଧି ଲାଗି ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ।

## ଭୁବନେଶ୍ୱରରେ ନିର୍ମାଣ ହେବ ଓଡ଼ିଶାର ପ୍ରଥମ ସ୍ମାର୍ଟ ସ୍କାୟୱାକ୍

# ଭିଡ଼ ଓ ଦୁର୍ଘଟଣା ସମସ୍ୟାର ହେବ ସ୍ଥାୟୀ ସମାଧାନ

**ଭୁବନେଶ୍ୱର,୭।୭/ଏନ୍ଏନ୍ଏସ୍:** ରାଜଧାନୀ ଭୁବନେଶ୍ୱରର ଜାତୀୟ ରାଜପଥ ଅନ୍ତର୍ଗତ ପଳାଶୁଣୀଠାରୁ ରସୁଲଗଡ଼ ପର୍ଯ୍ୟନ୍ତ ବ୍ୟସ୍ତବହୁଳ ଅଞ୍ଚଳରେ ଭିଡ଼ ଏବଂ ଦୁର୍ଘଟଣା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଏଆଇ) ପକ୍ଷରୁ ଓଡ଼ିଶାର ପ୍ରଥମ ଅତ୍ୟାଧୁନିକ ଆକାଶ ମାର୍ଗ ଚଲାପଥ (ସ୍କାୟୱାକ) ନିର୍ମାଣ ହେବାକୁ ଯାଉଛି । କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀଙ୍କ ସହ ଆଲୋଚନା କରି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ନିରନ୍ତର ପ୍ରୟାସ ବଳରେ କେନ୍ଦ୍ର ସରକାର ଏହି ପ୍ରକଳ୍ପକୁ ଅନୁମୋଦନ ଦେଇଛନ୍ତି । ସମ୍ପୂର୍ଣ୍ଣ ଷ୍ଟିଲ ଓ ମଜଭୁତ କାଚରେ ନିର୍ମିତ ହେବାକୁ ଥିବା ଏହି ସ୍କାୟୱାକ ପ୍ରାୟ ୪୫୦ ମିଟର ଲମ୍ବ ଓ ୩ ମିଟର ଓସାର ବିଶିଷ୍ଟ ହେବ ଏବଂ ଏହା ସହିତ ରସୁଲଗଡ଼, ପଳାଶୁଣୀ କେନାଲ ଓ ଜିଜିବି କଲୋନୀ ନିକଟରେ ତିନୋଟି ନୂଆ ଫୁଟ୍ ଓଭରବ୍ରିଜ୍ ସମେତ ୬ଟି ଅତ୍ୟାଧୁନିକ ଲିଫ୍ଟ ସ୍ଥାପନ କରାଯିବ । ପ୍ରତିଦିନ ପ୍ରାୟ




୩୦ ହଜାରରୁ ଅଧିକ ପଥଚାରୀଙ୍କୁ ସୁରକ୍ଷିତ ଯାତାୟାତ ସୁବିଧା ଯୋଗାଇବାକୁ ଥିବା ଏହି ପ୍ରକଳ୍ପ ପାଇଁ ମୋଟ ୧୮ କୋଟି ୪୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି ଏବଂ ଆସନ୍ତା ମାର୍ଚ୍ଚ ୨୦୨୭ ସୁଦ୍ଧା ଏହାକୁ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ବୋଲି ଶିଳାନ୍ୟାସ ଉତ୍ସବରେ ସାଂସଦ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଉତ୍ତର ବିଜେପି ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର, ବିଜେପି ନେତା ରୁଦ୍ର ନାରାୟଣ ସାମନ୍ତରା, ସାଂସଦଙ୍କ ପ୍ରତିନିଧି ପ୍ରଣୟ କରଣ, ପ୍ରାଧିକରଣର ବରିଷ୍ଠ ଅଧିକାରୀ ପ୍ରଦୀପ ଲାଲ୍, ସୂରଜ ସିଂ, ମଣ୍ଡଳ ସଭାପତି ଗୋପୀନାଥ, ଲିପା ଦାସ, ପଳାଶୁଣୀ ଗ୍ରାମ ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ସାହୁ, ଯୁବ ନେତା ସିଲୁ, ଜଳନ୍ଧର ସୁବୁଦ୍ଧି, ସନ୍ତୋଷ ରାଉତରାୟ ଓ ସୌରଭ ପ୍ରମୁଖ ଉପସ୍ଥିତ ଥିଲେ ।

# ନିୟମିତ ଚଳାଚଳ କରିବ ପୁରୀ-କୋରାପୁଟ ତ୍ରି-ସାପ୍ତାହିକ ଏକ୍ସପ୍ରେସ୍

**ଭୁବନେଶ୍ୱର,୭।୭/ଏନ୍ଏନ୍ଏସ୍:** ଓଡ଼ିଶାରେ ରେଳ ସଂଯୋଗକୁ ଆହୁରି ସୁଦୃଢ଼ କରିବା ଦିଗରେ ଭାରତୀୟ ରେଳପଥ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି । ଗତ ୬ ତାରିଖରେ ପୁରୀ ରେଳ ଷ୍ଟେସନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦ୍ୱାରା ଶୁଭାରମ୍ଭ ପରେ ପୁରୀ-କୋରାପୁଟ-ପୁରୀ ତ୍ରି-ସାପ୍ତାହିକ ଏକ୍ସପ୍ରେସ ବର୍ତ୍ତମାନ ନିୟମିତ ଭାବେ ଚଳାଚଳ କରିବ । ଏହି ଟ୍ରେନ୍ ଆସନ୍ତା ୧୧ ତାରିଖଠାରୁ ପୁରୀରୁ ଏବଂ ୧୨ ତାରିଖରୁ କୋରାପୁଟରୁ ନିୟମିତ ଭାବରେ ଚଳାଚଳ କରିବ । ଟ୍ରେନ ନଂ. ୧୮୪୦୭ ପୁରୀ-କୋରାପୁଟ ତ୍ରି-ସାପ୍ତାହିକ ଏକ୍ସପ୍ରେସ୍ ୧୧ ତାରିଖରୁ ପ୍ରତ୍ୟେକ ସୋମବାର, ଗୁରୁବାର ଓ ଶନିବାର ଚଳାଚଳ



କରିବ । ଟ୍ରେନଟି ସକାଳ ୭ଟାରେ ପୁରୀରୁ ଛାଡ଼ି ସେହିଦିନ ରାତି ୧୧ଟା ୩୦ଟାରେ କୋରାପୁଟରେ ପହଞ୍ଚିବ । ସେହିପରି ଟ୍ରେନ ନଂ. ୧୮୪୦୮ କୋରାପୁଟ-ପୁରୀ ତ୍ରି-ସାପ୍ତାହିକ ଏକ୍ସପ୍ରେସ୍ ୧୨ ତାରିଖରୁ ପ୍ରତ୍ୟେକ ମଙ୍ଗଳବାର, ଶୁକ୍ରବାର ଓ ରବିବାର ଚଳାଚଳ କରିବ । ଏହା ସକାଳ ୫ଟାରେ କୋରାପୁଟରୁ ଛାଡ଼ି ସେହିଦିନ ରାତି ୧୦ଟା ୨୦ଟାରେ ପୁରୀରେ ପହଞ୍ଚିବ । ଏହି ଟ୍ରେନ୍ ଖୋର୍ଦ୍ଧା ରୋଡ଼, ଭୁବନେଶ୍ୱର, ନରାଜ ମାର୍ଥାପୁର, ଢେଙ୍କାନାଳ, ତାଳଚେର ରୋଡ଼, ଅନୁଗୁଳ, ବଇଣ୍ଡା, ରଇରାଖୋଲ, ସମ୍ବଲପୁର, ବରଗଡ଼ ରୋଡ଼, ବଲାଙ୍ଗୀର, ଟିଟିଲାଗଡ଼, କେସିଙ୍ଗା, ମୁନିଗୁଡ଼ା, ରାୟଗଡ଼ା, ଟିକିରି, ଲକ୍ଷ୍ମୀପୁର ରୋଡ଼, କାକିରିଗୁମ୍ମା ଏବଂ ଦାମନଯୋଡ଼ି ଭଳି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନରେ ରହଣି କରିବ । ଏହା ଦ୍ୱାରା ଉପକୂଳ, ମଧ୍ୟ ଓ ଦକ୍ଷିଣ ଓଡ଼ିଶାର ଯାତ୍ରୀମାନେ ଅଧିକ ସୁବିଧାଜନକ ରେଳ ସଂଯୋଗ ପାଇପାରିବେ । ଏହି ଟ୍ରେନ୍‌ରେ ସମୁଦାୟ ୧୮ଟି ଆଧୁନିକ ଏଲ୍ଏଚ୍‌ବି କୋଚ୍ ରହିବ । ସେଥିରେ ଗୋଟିଏ ଏସି ଦ୍ୱିତୀୟ ଶ୍ରେଣୀ କୋଚ୍, ତିନୋଟି ଏସି ତୃତୀୟ ଶ୍ରେଣୀ କୋଚ୍, ଆଠଟି ଶୟନଯାନ କୋଚ୍, ଚାରିଟି ସାଧାରଣ ଦ୍ୱିତୀୟ ଶ୍ରେଣୀ କୋଚ୍, ଗୋଟିଏ ଦ୍ୱିତୀୟ ଶ୍ରେଣୀ ସହ ଲଗେଜ୍ ବ୍ରେକ୍ ଭ୍ୟାନ୍ ଏବଂ ଗୋଟିଏ ଦିବ୍ୟାଙ୍ଗ-ଅନୁକୂଳ ଦ୍ୱିତୀୟ ଶ୍ରେଣୀ ସହ ଲଗେଜ୍ କୋଚ୍ ରହିଛି, ଯାହା ବିଭିନ୍ନ ଶ୍ରେଣୀର ଯାତ୍ରୀଙ୍କୁ ସୁରକ୍ଷିତ ଓ ଆରାମଦାୟକ ଯାତ୍ରା ସୁନିଶ୍ଚିତ କରିବ । ପୁରୀ-କୋରାପୁଟ ତ୍ରି-ସାପ୍ତାହିକ ଏକ୍ସପ୍ରେସର ନିୟମିତ ଚଳାଚଳ ଆରମ୍ଭ ଓଡ଼ିଶାରେ ଯାତ୍ରୀ ସୁବିଧା ବୃଦ୍ଧି ଏବଂ ରେଳ ସଂଯୋଗ ବିସ୍ତାର ଦିଗରେ ଭାରତୀୟ ରେଳପଥର ଆଉ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ଏହି ଟ୍ରେନ୍ ସେବା ପର୍ଯ୍ୟଟନ, ତୀର୍ଥଯାତ୍ରା, ବାଣିଜ୍ୟ, ଶିକ୍ଷା ଏବଂ ସାମାଜିକ ଓ ଆର୍ଥିକ ବିକାଶକୁ ଗତିଶୀଳ କରିବା ସହିତ ଉପକୂଳ ଓ ଦକ୍ଷିଣ ଓଡ଼ିଶା ମଧ୍ୟରେ ଦ୍ରୁତ ଓ ସୁବିଧାଜନକ ରେଳ ସଂଯୋଗ ପ୍ରଦାନ କରିବ । ଯାତ୍ରୀମାନେ ଏହି ନୂତନ ଟ୍ରେନ ନଂ. ୧୮୪୦୭/୧୮୪୦୮ ପୁରୀ-କୋରାପୁଟ-ପୁରୀ ତ୍ରି-ସାପ୍ତାହିକ ଏକ୍ସପ୍ରେସ ସେବାର ଲାଭ ଉଠାଇପାରିବେ । ଟ୍ରେନ୍ ସମ୍ବନ୍ଧୀୟ ଅଧିକ ସୂଚନା ପାଇଁ ଯାତ୍ରୀମାନେ ନ୍ୟାସନାଲ୍ ଟ୍ରେନ ଏନ୍‌କ୍ୱାରି ସିଷ୍ଟମ୍ କିମ୍ବା ଭାରତୀୟ ରେଳପଥର ଅଧିକୃତ ୱେବସାଇଟ୍ ପରିଦର୍ଶନ କରି ଯାତ୍ରା ଯୋଜନା କରିବାକୁ ଅନୁରୋଧ କରାଯାଇଛି ।

# ୬ ମାସ ହେବ ଶିଶୁ ସେବିକାଙ୍କୁ ମିଳିନି ଦରମା

**ଭୁବନେଶ୍ୱର,୭।୭/ଏନ୍ଏନ୍ଏସ୍:** ରାଜ୍ୟର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀ ପୂର୍ବରୁ ପିଲାଙ୍କ ମାନସିକ ଏବଂ ଭୌତିକ ବିକାଶ ଦିଗରେ ଉନ୍ନତି ଆଣିବା ଲାଗି ରାଜ୍ୟ ସରକାର ଶିଶୁ ବାଟିକା ଆରମ୍ଭ କରିଛନ୍ତି । ସମ୍ପୃକ୍ତ ଶିଶୁ ବାଟିକାରେ ୫ବର୍ଷରୁ ଊର୍ଦ୍ଧ୍ୱ ପିଲାମାନେ ନାମଲେଖାଇଥାନ୍ତି । ତେବେ ଏହି ପିଲାମାନଙ୍କର ସୁରକ୍ଷା, ଯତ୍ନ ନେବା ସହ ପିଲାଙ୍କ ଦାୟିତ୍ୱ ତୁଲାଇବା ଲାଗି ଶିଶୁ ସେବିକା ନିୟୋଜିତ ହୋଇଛନ୍ତି । ଯେଉଁମାନଙ୍କୁ ଅତ୍ୟନ୍ତ ସ୍ୱଳ୍ପ ଅର୍ଥାତ ୩ ହଜାର ଟଙ୍କା ଦରମା ମିଳିଥାଏ । ହେଲେ ଜାନୁଆରୀରୁ ନିଯୁକ୍ତି ପାଇଥିବା ଶିଶୁ ସେବିକାଙ୍କ ଲାଗି ଆଜି ଚଳିବା କଷ୍ଟକର ହୋଇପଡିଛି । କାରଣ ବର୍ତ୍ତମାନର ମହଙ୍ଗା ଯୁଗରେ ଜଣେ ବ୍ୟକ୍ତି ମାତ୍ର ୩ହଜାର ଟଙ୍କାରେ ପରିବାର ପୋଷଣ କରିବା ଅତ୍ୟନ୍ତ କଷ୍ଟସାଧ୍ୟ । ତଥାପି ସବୁ କଷ୍ଟ ସହି କାର୍ଯ୍ୟ ତୁଲାଉଥିବା ଶିଶୁ ସେବିକାଙ୍କୁ ଗତ ଜାନୁଆରୀରୁ ଦରମା ମିଳିନି । କିଛି ଶିଶୁ ସେବିକାଙ୍କ କହିବା ଅନୁଯାୟୀ, ଏପରି ସମସ୍ୟା ସମ୍ପର୍କରେ ସେମାନେ କାର୍ଯ୍ୟ କରୁଥିବା ପ୍ରଧାନଶିକ୍ଷକଙ୍କୁ ଜଣାଇଥିଲେ ହେଁ ସମସ୍ୟାର ସମାଧାନ ହୋଇପାରୁନି । ରାଜ୍ୟରେ ଗୁଣାତ୍ମକ ଶିକ୍ଷାର ବିକାଶ ସହିତ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ ଲାଗି ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । ତେଣୁ ବିଦ୍ୟାଳୟରେ କୁନିକୁନି ପିଲାଙ୍କ ଦାୟିତ୍ୱ ନେଉଥିବା ଶିଶୁ ସେବିକାଙ୍କୁ ଦରମା ଶୀଘ୍ର ପ୍ରଦାନ କରିବାକୁ ଅନେକ ଶିଶୁ ସେବିକା ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି ।

# ଆଜିର ଇତିହାସ

- ୧୮୫୮-ଗ୍ୱାଲିଅର କିଲ୍ଲାର ପତନ ପରେ ଲର୍ଡ କେନିଂ ଶାନ୍ତି ଘୋଷଣା କରିଥିଲେ।
- ୧୯୧୮-ଭାରତୀୟ ସମ୍ବିଧାନରେ ସୁଧାର ପାଇଁ ମଣ୍ଟେଗୁ ଚେମ୍ସଫୋର୍ଡ ରିପୋର୍ଟ ପ୍ରକାଶିତ ହୋଇଥିଲା।
- ୧୯୫୪-ବିଶ୍ୱର ସବୁଠାରୁ ବଡ଼ କେନାଲ୍ ଭାକ୍ରା-ନଙ୍ଗଲ ଠାରେ ପ୍ରଧାନମନ୍ତ୍ରୀ ନେହେରୁ ଜଳବିଦ୍ୟୁତ୍ ପରିଯୋଜନା ଆରମ୍ଭ କରିଥିଲେ।
- ୨୦୧୨-ଆସାମର ଭୟାବହ ବନ୍ୟାରେ କାଜିରଙ୍ଗା ପ୍ରାଣୀଉଦ୍ୟାନରୁ ୧୩ଟି ଗଣ୍ଡା ସହିତ ୫୦୦ରୁ ଅଧିକ ବନ୍ୟପ୍ରାଣୀ ମୃତ୍ୟୁବରଣ କରିଥିଲେ।
- ୧୯୧୪-ମାର୍କସ୍‌ବାଦୀ ରାଜନୀତିଜ୍ଞ ଜ୍ୟୋତି ବସୁଙ୍କ ଆଜି ଜନ୍ମଦିନ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ:** ଦିନର ଆରମ୍ଭରେ ସମସ୍ୟା ରହିବ। କାମଗୁଡ଼ିକୁ ଗତି ମିଳିବ। କ୍ୟାରିୟର୍‌ରେ ବଡ଼ ଅବସର ଆସିବ। ଭାଗ୍ୟର ସହଯୋଗ ପାଇବେ। ପାନୀୟ ପଦାର୍ଥର କାରବାରରେ ଲାଭ ମିଳିବ।

**ବୃଷ:** ବାତାବରଣ ପ୍ରଭାବପୂର୍ଣ୍ଣ ରହିବ। କର୍ମଜୀବୀମାନେ ଉତ୍ସାହୀ ରହିବେ। ସଠିକ୍ ସମୟରେ କାମ ପୂରା ଦେବ। ପ୍ରଶାସନିକ ପକ୍ଷ ଖୁବ୍ ବଢ଼ିଆ ରହିବ। ନବୀନ ବିଷୟରେ ସହଜତା ରହିବ।

**ମିଥୁନ:** କ୍ୟାରିୟର୍ ଓ ବ୍ୟାପାର ପ୍ରଭାବୀ ରହିବ। ପ୍ରୟାସଗୁଡ଼ିକୁ ସମର୍ଥନ ମିଳିବ। ସକ୍ରିୟତାର ସହିତ କାର୍ଯ୍ୟ କରିବେ। ବିରୋଧୀମାନେ ହତାଶ ରହିବେ। ବିବିଧ ମାମଲାରେ ସ୍ଥିତି ଅନୁକୂଳ ରହିବ।

**କର୍କଟ:** ପ୍ରତିଭାର ପ୍ରଦର୍ଶନ କରିବେ। ବ୍ୟବସାୟିକ ପ୍ରବନ୍ଧନ ପ୍ରଭାବୀ ରହିବ। ଭ୍ରମଣ ଓ ମନୋରଞ୍ଜନ ପାଇଁ ବାହାରକୁ ଯାଇପାରନ୍ତି। ଉଚ୍ଚ ଶିକ୍ଷା ଉପରେ ଜୋର୍ ରହିବ। ବିଶ୍ୱାସକୁ ବଳ ମିଳିବ।

**ସିଂହ:** ପରିଜନଙ୍କ ଠାରୁ ଶିକ୍ଷା ପାଇବେ। ପରିବାରରେ ସୁଖ ଓ ସୌଭାଗ୍ୟ ରହିବ। ପରିଜନଙ୍କ ସହଯୋଗ ପାଇବେ। ଅପ୍ରତ୍ୟାଶିତ ଘଟଣାକ୍ରମ ଘଟିପାରେ। କାମ ଉପରେ ଫୋକସ୍ କରିବେ।

**କନ୍ୟା:** ଦାମ୍ପତ୍ୟ ଜୀବନରେ ବିଶ୍ୱାସ ବଢ଼ିବ। ମିତ୍ରଙ୍କ ସହିତ ଖୁବ୍ ଭଲ ସମୟ ବିତେଇବେ। ସମ୍ପର୍କୀୟଙ୍କ ସହିତ ଘନିଷ୍ଠତା ବଢ଼ିବ। କ୍ୟାରିୟର୍ ଓ ବ୍ୟାପାର ପ୍ରଭାବପୂର୍ଣ୍ଣ ରହିବ। ସୁଖଦ ସମାଚାର ପାଇବେ।

**ତୁଳା:** ସହକାର ଓ ସମ୍ମାନ ବଜାୟ ରଖିବେ। ବିରୋଧୀଙ୍କ ପ୍ରତି ସାବଧାନ ରହିବା ଜରୁରୀ। ଧୋକେବାଜଙ୍କ ପାଇଁ କାମ ପ୍ରଭାବିତ ହେବ। ଦାୟିତ୍ୱ ନିଭେଇବେ। ଆଶା ଅନୁସାରେ ପରିଣାମ ପାଇବେ।

**ବିଛା:** ଘରର ବାତାବରଣ ଆନନ୍ଦଦାୟକ ରହିବ। ମିତ୍ରଙ୍କ ସହିତ ବଢ଼ିଆ ସମୟ ବିତେଇବେ। ପ୍ରଭାବଶାଳୀ ଲୋକଙ୍କ ସହିତ ସାକ୍ଷାତ ସମ୍ଭବ। ରଚନାତ୍ମକତାକୁ ବଳ ମିଳିବ। ଆବଶ୍ୟକ ଲକ୍ଷ୍ୟ ପୂରା କରିବେ।

**ଧନୁ:** ଭାବନାତ୍ମକ ସନ୍ତୁଳନ ବଜାୟ ରଖିବେ। ସ୍ୱଜନଙ୍କ ସହିତ ସମ୍ପର୍କ ବୃଦ୍ଧି ହେବ। ବିରୋଧୀ ସକ୍ରିୟ ରହିବେ। ବାଣୀ ଓ ବ୍ୟବହାର ପ୍ରଭାବୀ ରହିବ। ନିଜ କାମକୁ ଅଣଦେଖା ନକଲେ ଭଲ।

**ମକର:** ବ୍ୟବସାୟିକ କାର୍ଯ୍ୟକୁ ଗତି ମିଳିବ। ସାମାଜିକ ଚର୍ଚ୍ଚା ଓ ସମ୍ବାଦରେ ଆଗରେ ରହିବେ। ସହକାରିତାରେ ରୁଚି ରହିବ। ବ୍ୟକ୍ତିଗତ ମାମଲାରେ ଧ୍ୟାନ ଦେବେ। ଉତ୍ସାହ ଓ ପରାକ୍ରମ ରହିବ।

**କୁମ୍ଭ:** ଘରେ ଶୁଭମୟ ସ୍ଥିତି ରହିବ। ଆର୍ଥିକ ସ୍ତରରେ ଉଚ୍ଚ ପ୍ରଦର୍ଶନ କରିବେ। ପେସାଗତ ଯାତ୍ରାରେ ଆଗକୁ ବଢ଼ିବେ। ସମ୍ପର୍କରେ ସୁଧାର ହେବ। ବ୍ୟସ୍ତ ଜୀବନଶୈଳୀ ବଜାୟ ରହିବ।

**ମୀନ:** ଅର୍ଥ ନେଣଦେଣର ସ୍ଥିତି ଖୁବ୍ ବଢ଼ିଆ ରହିବ। ରଚନାତ୍ମକତା ଉପରେ ବିଶେଷ ଜୋର୍ ଦେବେ। କଳା, କୌଶଳ ବୃଦ୍ଧି ହେବ। ଯୋଜନାଗୁଡ଼ିକୁ ଗତି ମିଳିବ। ଆଧୁନିକ ମାମଲାଗୁଡ଼ିକ ସହିତ ଯୋଡ଼ିହେବେ।

## ଶ୍ରୀମଦ୍ ଭଗବଦ୍‌ଗୀତା



**ଧୃତ୍ୟା ଯୟା ଧାରୟତେ ମନଃପ୍ରାଣେନ୍ଦ୍ରିୟକ୍ରିୟାଃ।**
**ଯୋଗେନାବ୍ୟଭିଚାରିଣ୍ୟା ଧୃତିଃ ସା ପାର୍ଥ ସାତ୍ତ୍ୱିକୀ। (୧୮/୩୩)**

ହେ ପାର୍ଥ ! ଯେଉଁ ଅବିଚଳିତ ଧୃତି ଚିତ୍ତର ଏକାଗ୍ରତାବଶତଃ ମନ, ପ୍ରାଣ ଓ ଇନ୍ଦ୍ରିୟର କ୍ରିୟାଶକ୍ତିକୁ ନିୟମିତ କରେ ତାହା ହିଁ ସାତ୍ତ୍ୱିକୀ ଧୃତି। ଧୃତି ଶବ୍ଦର ଅର୍ଥ ହେଉଛି ଧୈର୍ଯ୍ୟ କିନ୍ତୁ ଏ କ୍ଷେତ୍ରରେ ଏହାର ମାନେ ହେଉଛି ମନର ଦୃଢ଼ତା। ବୁଦ୍ଧି ଯାହା ନିର୍ଣ୍ଣୟ କରେ ଏବଂ ଯେଉଁ ଶକ୍ତି ଦ୍ୱାରା ତାହା ସ୍ଥିର ଥାଏ ଏବଂ ଇନ୍ଦ୍ରିୟମାନେ ଅବିଚଳିତ ଭାବରେ ସ୍ଥିର ରହି ବୁଦ୍ଧିର ନିଶ୍ଚୟ ଅନୁସାରେ କାର୍ଯ୍ୟ କରନ୍ତି ତାହା ହିଁ ଧୃତି। ସାତ୍ତ୍ୱିକୀ ବୁଦ୍ଧିର ନିର୍ଣ୍ଣୟ ଅନୁସାରେ ଏହି ଧୃତି ଯୋଗ ଦ୍ୱାରା ଅର୍ଥାତ ଚିତ୍ତର ଏକାଗ୍ରତା ଦ୍ୱାରା ବା କର୍ମଫଳ ତ୍ୟାଗଜନିତ ଶାନ୍ତି ଦ୍ୱାରା ମନ, ପ୍ରାଣ ଓ ଇନ୍ଦ୍ରିୟର କାର୍ଯ୍ୟକୁ ନିୟମିତ କରେ।

# ମଣିପୁରର ଜୀବନରେଖା




ପ୍ରକୃତିର ଅନୋଖା ସ୍ଥାନ ଓ ଦୃଶ୍ୟଗୁଡ଼ିକ ପୃଥିବୀକୁ ଆହୁରି ସୁନ୍ଦର ଓ ମନୋରମ କରିଦିଅନ୍ତି। ଆମେମାନେ ମଧ୍ୟ ଜୀବନରେ ଏପରି ଅନେକ ସ୍ଥାନ ଦେଖିଥିବା ଯେଉଁଗୁଡ଼ିକ ଆମ ମନରେ ସବୁଦିନ ପାଇଁ ସ୍ଥାୟୀ ହୋଇ ବସିଯାଇଥିବେ। ଏହିପରି ଏକ ସ୍ଥାନ ହେଉଛି ମଣିପୁରର ଲୋକ୍‌ଟକ୍ ହ୍ରଦ ଯେଉଁଠାରେ ଦ୍ୱୀପସବୁ ଭାସମାନ ଅବସ୍ଥାରେ ଥାଆନ୍ତି। ଯଦିଓ ବିଶ୍ୱାସ କରିବା ସହଜ ନୁହେଁ କିନ୍ତୁ ଲୋକ୍‌ଟକ୍ ହ୍ରଦରେ ଏହିପରି ଦୃଶ୍ୟ ଦେଖିବାକୁ ମିଳେ। ଉତ୍ତର-ପୂର୍ବ ରାଜ୍ୟ ମଣିପୁରର ସବୁଠାରୁ ମିଠା ପାଣିର ହ୍ରଦ ହେଉଛି ଲୋକ୍‌ଟକ୍। ତେବେ ଏହି ଦ୍ୱୀପଗୁଡ଼ିକର ବିଶେଷତା ହେଉଛି ଏଗୁଡ଼ିକ ପାଣି ଉପରେ ଭାସୁଥାନ୍ତି ଯେଉଁଗୁଡ଼ିକୁ କୁହାଯାଏ ଫୁମଦୀ। ଏହି ଫୁମଦୀଗୁଡ଼ିକ ମାଟି, ପାଣିରେ ବଢ଼ୁଥିବା ଗଛ ଓ ଅନ୍ୟ ଅର୍ଗାନିକ ତତ୍ତ୍ୱଗୁଡ଼ିକରୁ ତିଆରି ହୋଇଥାଏ। ଶୁଣିଲେ ମନେହେବ ଏଗୁଡ଼ିକ ଖୁବ୍ ଦୁର୍ବଳ ହୋଇଥିବେ କିନ୍ତୁ ଏଗୁଡ଼ିକ ଏତେ ମଜଭୁତ ଯେ ସେଠିକାର ମାଛ ଧରାଳିମାନେ ସେଠାରେ କୁଡ଼ିଆ ତିଆରି କରି ରହନ୍ତି। ହ୍ରଦରେ ଥିବା ଗୋଲାକାର ଫୁମଦୀଗୁଡ଼ିକ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରନ୍ତି ଓ ଏହି ଦୃଶ୍ୟକୁ ଦେଖିବା ପାଇଁ ସ୍ଥାନୀୟ ଲୋକମାନଙ୍କର ମଧ୍ୟ ଭିଡ଼ ଦେଖିବାକୁ ମିଳେ। ଏହି ହ୍ରଦର ଏକ ଖାସ୍ ସ୍ଥାନ ହେଉଛି ଭାସମାନ ନ୍ୟାସ୍‌ନାଲ୍ ପାର୍କ। ଏହି ପାର୍କ ପାଖାପାଖି ୪୦ ବର୍ଗ କି.ମି ପର୍ଯ୍ୟନ୍ତ ବ୍ୟାପିଛି ଓ ଏକ ବଡ଼ ଫୁମଦୀ ଉପରେ ଅଟକି ରହିଛି। ତେବେ ପାର୍କଟି ସଂଗାଇ ହରିଣମାନଙ୍କର ପ୍ରାକୃତିକ ଆବାସସ୍ଥଳୀ ଯାହା କେବଳ ସେହି ସ୍ଥାନରେ ଦେଖିବାକୁ ମିଳେ। ସଂଗାଇ ହରିଣମାନଙ୍କୁ ଡ୍ୟାନ୍ସିଂ ଡିୟର୍ ବୋଲି ମଧ୍ୟ କୁହାଯାଏ। ଏହା ବ୍ୟତୀତ ସେଠିକାର ଆର୍ଟସ୍, ପାଣିରେ ରହୁଥିବା କିଛି ପକ୍ଷୀ ଓ କିଛି ପ୍ରବାସୀ ପକ୍ଷୀମାନଙ୍କ ପ୍ରଜାତିକୁ ମଧ୍ୟ ଦେଖିବାକୁ ମିଳେ। ଲୋକ୍‌ଟକ୍ ହ୍ରଦ ନିଜର ବାୟୋଡାଇଭର୍ସିଟି ପାଇଁ ବେଶ୍ ଜଣାଶୁଣା। ସେଠାରେ କେତେ ପ୍ରକାରର ଗଛ ଓ ଦେଶୀ-ବିଦେଶୀ ପକ୍ଷୀ ଦେଖିବାକୁ ମିଳନ୍ତି ଓ ଫ୍ଲୋଟିଂ ହୋମ୍‌ଷ୍ଟେରେ ରହିବା ଖୁବ୍ ରୋମାଞ୍ଚକ ଅନୁଭବ ଦେଇଥାଏ।





# ସଂକ୍ଷେପରେ ପ୍ରମିତି ରାଣା



କିଛି ଲୋକ କେବଳ ସ୍ୱପ୍ନ ଦେଖିବାରେ ବିଶ୍ୱାସ କରୁଥିବା ବେଳେ କିଛି ଲୋକ ସେହି ସ୍ୱପ୍ନଗୁଡ଼ିକୁ ବାସ୍ତବତାରେ ପରିଣତ କରିବା ଦିଗରେ ବିଶ୍ୱାସ କରନ୍ତି। ଦ୍ୱାରକା ସେକ୍ଟର-୧୪ରେ ରହୁଥିବା ପ୍ରମିତି ରାଣାଙ୍କୁ ମାତ୍ର ୨୦ ବର୍ଷ କିନ୍ତୁ ସେ ଏପରି ଏକ ଜୀବନ ଜିଉଁଛନ୍ତି ଯେଉଁଥିରେ ରହିଛି ଅନୁଶାସନ ଓ ଗ୍ଲାମର୍। ପ୍ରମିତି ଏ ସମୟରେ ଇଣ୍ଡିଗୋ ଏୟାର୍‌ଲାଇନ୍ସରେ କ୍ୟାବିନ୍ ଆଟେଣ୍ଡାଣ୍ଟ୍ ଦାୟିତ୍ୱ ସହିତ ପାଇଲଟ୍ ହେବା ପାଇଁ ପ୍ରଶିକ୍ଷଣ ନେଉଛନ୍ତି। କିନ୍ତୁ ଏସବୁ ଠାରୁ ଅଲଗା ହେଉଛି ବିଶ୍ୱର ସୌନ୍ଦର୍ଯ୍ୟ ପ୍ରତିଯୋଗିତା ମିସ୍




ୟୁନିଭର୍ସ ଓ ଏହାକୁ ଜିତିବାର ଲକ୍ଷ୍ୟ। ଏବେ ସେ ନିଜର ଏହି ସ୍ୱପ୍ନକୁ ପୂରଣ କରିବା ଦିଗରେ ପ୍ରୟାସ ଜାରି ରଖିଛନ୍ତି। ମିସ୍ ୟୁନିଭର୍ସ ଦିଲ୍ଲୀ ହେବା ପରେ ଏ ଦିଗରେ ସେ ଏକ ପାଦ ଆଗକୁ ବଢ଼ିଛନ୍ତି ଓ ମିସ୍ ୟୁନିଭର୍ସ ଇଣ୍ଡିଆ ପାଇଁ ଚୟନିତ ହୋଇ ସାରିଲେଣି। ଏଥିରେ ପୂରା ଦେଶର ୫୨ ଜଣ ପ୍ରତିଭାଗୀ ଭାଗ ନେବେ। ଯଦି ସେ ଏଥିରେ ବାଜି ମାରିବେ ତେବେ ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ଭାଗ ନେଇପାରିବେ। ପ୍ରମିତିଙ୍କ ମତରେ ଯଦି ନିଜର ଲକ୍ଷ୍ୟ ସ୍ଥିର ଓ ଦୃଢ଼ ରହିବ ତେବେ ଏହାର ଚମକ ର୍ୟାମ୍ପ ଉପରେ ଦେଖିବାକୁ ମିଳିଯିବ। ତେବେ ଜଣେ ଶାନ୍‌ଦାର ମଡେଲ୍ ଓ ଭାବୀ ପାଇଲଟ୍ ହେବା ବ୍ୟତୀତ ପ୍ରମିତି ଜଣେ ଅନୁଭବୀ ଡ୍ୟାନ୍ସର ଓ ସ୍କେଟର୍। ପିଲାଦିନରୁ ତାଙ୍କର କଳା ଓ ଅଭିନୟ ପ୍ରତି ରୁଚି ରହିଥିଲା। ତେଣୁ ପ୍ରମିତି କଥକ, ସାଲ୍‌ସା ଓ ବଲିଉଡ୍ ସହିତ ପାଞ୍ଚଟି ନୃତ୍ୟ ଶୈଳୀରେ ପାରଙ୍ଗମ ହାସଲ କରିଛନ୍ତି। ଏହା ସହିତ ସେ ସ୍କେଟିଂରେ ମଧ୍ୟ ଖୁବ୍ ନିପୁଣ। ପ୍ରମିତିଙ୍କ ଅନୁସାରେ ଏ ସମୟରେ ତାଙ୍କର ଗତିବିଧିଗୁଡ଼ିକ କେବଳ ରଚନାତ୍ମକତାକୁ ତ୍ୱରାନ୍ୱିତ କରିନାହିଁ ତାଙ୍କର ଆତ୍ମବିଶ୍ୱାସକୁ ମଧ୍ୟ ବୃଦ୍ଧି କରେଇଛି। ପ୍ରମିତିଙ୍କ ମା' ଜଣେ ଡିଜାଇନର୍ ଯିଏ ଅନେକ ଜଣାଶୁଣା ଡିଜାଇନର୍‌ଙ୍କ ସହିତ ମିଶି କାମ କରିସାରିଛନ୍ତି ଓ ବର୍ତ୍ତମାନ ଜଣେ ଫ୍ରିଲାନ୍ସର ଭାବରେ ସକ୍ରିୟ ଅଛନ୍ତି।

# ପ୍ରତି ଘଟଣାକୁ ପୋଷ୍ଟ୍ କରୁଛନ୍ତି କି ?

କେବେ ଏପରି ଲୋକଙ୍କ ସହିତ ଆପଣଙ୍କର ସାକ୍ଷାତ ହୋଇଛି କି ଯେଉଁମାନେ ସକାଳୁ ଉଠିବା ମାତ୍ରେ ସୋସିଆଲ୍ ମିଡିଆରେ ନିଜର ଷ୍ଟୋରୀ ପୋଷ୍ଟ୍ କରୁଥିବେ। ସେମାନେ ଚା' ପିଇବା ବେଳେ, ଜିମ୍‌ରେ ବ୍ୟାୟାମ କରିବା ବେଳେ, ନୂଆ ଡ୍ରେସ୍ ପିନ୍ଧିଲେ ବା ସାଙ୍ଗସାଥିଙ୍କ ସହିତ ବୁଲିବା ବେଳର ଫଟୋ ବା ଭିଡିଓ ପୋଷ୍ଟ୍ କରିବାକୁ ଭଲ ପାଆନ୍ତି। ଏପରି ଲୋକଙ୍କୁ ଦେଖିଲେ ମନରେ ପ୍ରଶ୍ନ ଉଠେ ଯେ ନିଜ ଜୀବନରେ ପ୍ରତି ଛୋଟ ବଡ଼ କଥା ସେମାନେ ସୋସିଆଲ୍ ମିଡିଆରେ କାହିଁକି ସେୟାର୍ କରୁଛନ୍ତି। କେବଳ ଲାଇକ୍ସ ଓ କମେଣ୍ଟ୍ ପାଇଁ ନା ଲୋକମାନଙ୍କର ଧ୍ୟାନ ନିଜ ଆଡ଼କୁ ଆକର୍ଷିତ କରିବା ପାଇଁ। ଏହା ପଛରେ ମନ ଓ ବ୍ୟବହାରର କୌଣସି ରହସ୍ୟ ଲୁଚି ରହିଥାଏ କି ? ତେବେ ମନୋବୈଜ୍ଞାନିକମାନେ ଏପରି ବ୍ୟକ୍ତିଙ୍କ ଉପରେ କହନ୍ତି ଯେ ଏମାନଙ୍କର ଉଦ୍ଦେଶ୍ୟ ପଛରେ ସବୁବେଳେ ଦେଖେଇ ହେବାର ଅଭ୍ୟାସ ଲୁଚି ନଥାଏ ଏହା ପଛରେ ସାଙ୍ଗସାଥି ଓ ଘର ଲୋକଙ୍କ ସହିତ ଯୋଡ଼ିହୋଇ ରହିବାର ଲକ୍ଷ୍ୟ ଥାଏ। କାରଣ ପ୍ରତି ଲୋକର ସ୍ୱଭାବ ଅଲଗା ଅଲଗା ଥାଏ ଓ ସୋସିଆଲ୍ ମିଡିଆର ବ୍ୟବହାର ମଧ୍ୟ ଅଲଗା ଥାଏ। କିଛି ଲୋକଙ୍କ ପାଇଁ ସୋସିଆଲ୍ ମିଡିଆ ଡିଜିଟାଲ୍ ଆଲବମ୍ ପରି କାମ କରେ। କିଛି ଲୋକ ମିଳନସାର ହୋଇଥିବାରୁ ଲଗାତର ନିଜ ଜୀବନ ବିଷୟରେ ମନଖୋଲି କହିବାକୁ ପସନ୍ଦ କରନ୍ତି। କିଛି ଲୋକ ନିଜ ଅନୁଭବକୁ ସେୟାର୍ କରି ପ୍ରେରଣା ଦେବାକୁ ଚାହାନ୍ତି।



ତେବେ ଆଜିର ସମୟରେ ସୋସିଆଲ୍ ମିଡିଆ କେବଳ ମନୋରଞ୍ଜନର ସାଧନ ହୋଇ ରହିନାହିଁ ଲୋକମାନଙ୍କର କ୍ୟାରିୟର୍, ବ୍ୟବସାୟ ଓ ଆୟର ମଧ୍ୟ ବଡ଼ ମାଧ୍ୟମ ହୋଇସାରିଲାଣି। କଣ୍ଟେଣ୍ଟ୍ କ୍ରିଏଟର, ଟ୍ରାଭେଲ୍ ବ୍ଲଗର୍, ଫୁଡ୍ ବ୍ଲଗର୍, ଟିଚର୍, ଡକ୍ଟର ଓ ଛୋଟ କାରୋବାରୀମାନେ ମଧ୍ୟ ଏଥିରେ ନିୟମିତ ଭାବରେ ପୋଷ୍ଟ୍ କରୁଛନ୍ତି। ତେବେ ଏହା ମଧ୍ୟ ସତ ଯେ ପୂରା ଜୀବନକାଳରେ ଯଦି ଲାଇକ୍ସ, କମେଣ୍ଟ୍ସ ଓ ଲୋକମାନଙ୍କର ପ୍ରଶଂସା ନେଇ ଚାଲିବେ ତେବେ ମାନସିକ ଚାପର ନିୟନ୍ତ୍ରଣ ମଧ୍ୟରେ ରହିବେ।

# ଆଫ୍ରିକାର ଗ୍ରେଟ୍ ଗ୍ରୀନ୍ ୱାଲ୍

ଆଫ୍ରିକା ଆରମ୍ଭ କରୁଛି ଏକ ମହତ୍ତ୍ୱାକାଂକ୍ଷୀ ପର୍ଯ୍ୟାବରଣ ପରିଯୋଜନା। ସେନେଗଲ୍‌ର ଆଟ୍‌ଲାଣ୍ଟିକ୍ କୂଳରୁ ଆରମ୍ଭ କରି ରେଡ୍ ସିର ଜିବୁତୀ କୂଳ ପର୍ଯ୍ୟନ୍ତ ଆଫ୍ରିକା ଏକ ପରିଯୋଜନା ଅନ୍ତର୍ଗତ ଗ୍ରେଟ୍ ଗ୍ରୀନ୍ ୱାଲ୍‌ର ନିର୍ମାଣ କରୁଛି। ଏଥିରେ କେବଳ ଗଛ ଲଗେଇବା ବ୍ୟତୀତ ଜଙ୍ଗଲ, ଘାସପଡ଼ିଆ, କୃଷିଭୂମି ଓ ଆର୍ଦ୍ରଭୂମି ସୃଷ୍ଟି କରେଇବାର ଲକ୍ଷ୍ୟ ରଖାଯାଇଛି। ଏହି କାରଣରୁ ଦୁନିଆର ସବୁଠାରୁ ଅଧିକ ଜଳବାୟୁ-ସମ୍ବେଦନଶୀଳ କ୍ଷେତ୍ରଗୁଡ଼ିକ ମଧ୍ୟରୁ ଗୋଟିଏରେ ଜୀବନ ପୁଣି ଥରେ ଫେରି ଆସିବ ବୋଲି ବିଶ୍ୱାସ ରହିଛି। ଏହି ପରିଯୋଜନାର ଉଦ୍ଦେଶ୍ୟ ମରୁସ୍ଥଳକୁ ସବୁଜିମାମୟ କରିବା, ଖାଦ୍ୟ ସୁରକ୍ଷାକୁ ମଜଭୁତ କରିବା, ଲକ୍ଷାଧିକ ରୋଜଗାର ସୃଷ୍ଟି କରେଇବା ଓ ସମୁଦାୟଗୁଡ଼ିକୁ ଜଳବାୟୁ ପରିବର୍ତ୍ତନ ଅନୁକୂଳ ହେବାରେ ସାହାଯ୍ୟ କରିବା। ସାହେଲ୍ କ୍ଷେତ୍ରରେ ଦେଖାଦେଉଥିବା ପର୍ଯ୍ୟାବରଣୀୟ ଆହ୍ୱାନଗୁଡ଼ିକ ସହିତ ସଂଘର୍ଷ କରିବା ପାଇଁ ଆଫ୍ରିକା ସଂଘ ୨୦୦୭ରେ ଏକ ଦୀର୍ଘକାଳୀନ ପ୍ରୟାସ ଭାବରେ ଗ୍ରେଟ୍ ଗ୍ରୀନ୍ ୱାଲ୍ ଯୋଜନା ଆରମ୍ଭ କରିଥିଲା। ଏହାର ମୂଳ କାରଣ ୮୦୦୦ କି.ମି ଲମ୍ବା ଓ ୧୫ କି.ମି ଓସାରର ଗଛଗୁଡ଼ିକୁ ନେଇ ଏକ ନିରନ୍ତର ବେଲ୍ଟ ତିଆରି କରିବା। ତେବେ ସମୟ ସହିତ ବୈଜ୍ଞାନିକ ଓ ସଂରକ୍ଷଣବାଦୀମାନେ ଅନୁଭବ କଲେ ଯେ ଗଛଗୁଡ଼ିକର ଏକ ଫଙ୍କି ଲଗାଇବା ତୁଳନାରେ ପୂରା ପରିଦୃଶ୍ୟକୁ ସବୁଜିମାମୟ କରିବା କେତେ ଅଧିକ ପ୍ରଭାବୀ ହୋଇପାରିବ। ଦଶକ ଦଶକ ହେଲାଣି ସାହେଲ୍ କ୍ଷେତ୍ର ମରୁସ୍ଥଳୀକରଣ, ଲମ୍ବା ସମୟ ପର୍ଯ୍ୟନ୍ତ ଶୁଷ୍କ, ଭୂମି କ୍ଷରଣ ଓ ଜଳବାୟୁ ପରିବର୍ତ୍ତନର ସଂଯୁକ୍ତ ପ୍ରଭାବଗୁଡ଼ିକର ସମ୍ମୁଖୀନ ହେଉଛି। ପୂରା କ୍ଷେତ୍ରରେ ରହୁଥିବା ଲକ୍ଷାଧିକ ଲୋକ ନିଜର ଆଜୀବିକା ପାଇଁ ଚାଷବାସ ଓ ପଶୁପାଳନ ଉପରେ ନିର୍ଭର କରନ୍ତି। ଯେପରି ଯେପରି ଭୂମିର ଉର୍ବରତା ଶେଷ ହେଲା ଓ ଅପ୍ରତ୍ୟାଶିତ ବର୍ଷା ହୋଇଗଲା ସମୁଦାୟଗୁଡ଼ିକ ହ୍ରାସ ପାଉଥିବା ଫସଲ, ଖାଦ୍ୟ ଅସୁରକ୍ଷା ଓ ଗରିବୀର ସମ୍ମୁଖୀନ ହେଲେ। ତେବେ ଗ୍ରୀନ୍ ଗ୍ରେଟ୍ ୱାଲ୍ ସୁସ୍ଥ ମାଟିକୁ ଉର୍ବର କରାଇ ଜଳ ପ୍ରତିଧାରଣକୁ ସୁଧାର କରି ବନସ୍ପତି ଆବରଣକୁ ବୃଦ୍ଧି କରାଇବା ଓ କୃଷି ଭୂମିକୁ ଅଧିକ ଉତ୍ପାଦନଶୀଳ କରାଇ ଏହି ପ୍ରବୃତ୍ତିକୁ ଓଲଟାଇବା ପାଇଁ ପ୍ରୟାସ କରିବ ଓ ଜୈବ ବିବିଧତାକୁ ମଜଭୁତ କରିବ।






# ଦେଶଭକ୍ତିର ଝଲକ



ହିନ୍ଦୀ ସିନେମାରେ ସେନା ଓ ଯୁଦ୍ଧ ଉପରେ ଅନେକଗୁଡ଼ିଏ ଫିଲ୍ମର ନିର୍ମାଣ କରାଯାଇଛି ଯେଉଁଗୁଡ଼ିକ ଆଜି ବି ଦର୍ଶକମାନଙ୍କ ହୃଦୟରେ ବଜାୟ ରଖିଛନ୍ତି ସ୍ୱତନ୍ତ୍ର ସ୍ଥାନ। ଏହିପରି ଏକ କାଳଜୟୀ ଫିଲ୍ମ ହେଉଛି କେତନ ଆନନ୍ଦଙ୍କ 'ହକିକତ୍' ଯେଉଁଟି ରିଲିଜ ହୋଇଥିଲା ୧୯୬୪ରେ। ୧୯୬୨ର ଭାରତ-ଚୀନ୍ ଯୁଦ୍ଧର ପୃଷ୍ଠଭୂମି ଉପରେ ନିର୍ମିତ ଏହି ଫିଲ୍ମରେ ଯୁଦ୍ଧର କ୍ରୂର ସତ୍ୟତା, ସୈନିକମାନଙ୍କର ଅସୀମ ବାହାଦୁରୀ ଓ ବଳିଦାନକୁ ବିନା କୌଣସି ସଂକୋଚରେ ପେଶ୍ କରାଯାଇଛି। ଯେବେ ବି ଫିଲ୍ମଟି ଟିଭିରେ ପ୍ରସାରିତ ହୁଏ ଦର୍ଶକମାନଙ୍କ ଆଖିରେ ଆସିଯାଏ ଲୁହ। ଫିଲ୍ମର ଏକ ଗୀତକୁ ମଧ୍ୟ ଆମ ଦେଶର ରାଷ୍ଟ୍ରଗୀତ ପରି ସମ୍ମାନ ମିଳେ। 'କର୍ ଚଲେ ହମ୍ ଫିଦା ଜାନୋଁ ତନ ସାଥିୟୋଁ' ଗୀତଟି ଏବେ ବି ସ୍ୱାଧୀନତା ଦିବସ, ସହିଦ ଦିବସ ଓ ସେନାର କାର୍ଯ୍ୟକ୍ରମଗୁଡ଼ିକରେ ଶୁଣିବାକୁ ମିଳିଯାଏ। ଫିଲ୍ମର ନିର୍ଦ୍ଦେଶକ ଚେତନ ଆନନ୍ଦ ନିଜ କ୍ୟାରିୟର୍ ମଧ୍ୟରେ ଏପରି ଅନେକ ଫିଲ୍ମର ନିର୍ମାଣ କରିଛନ୍ତି ଯେଉଁଗୁଡ଼ିକ ତାଙ୍କୁ ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି। ମଦନ ମୋହନଙ୍କ ସଙ୍ଗୀତ ଓ କ୍ୟାଫି ଆଜ୍‌ମୀଙ୍କ ଏହି ଗୀତଟି ଫିଲ୍ମଟିକୁ ଅମର କରିଦେଇଛି। ଧର୍ମେନ୍ଦ୍ର, ବଲ୍‌ରାଜ ସାହନୀ, ପ୍ରିୟା ରାଜବଂଶ ଓ ଅନ୍ୟ କଳାକାରମାନଙ୍କ ଦ୍ୱାରା ସଜ୍ଜିତ ଏହି ଫିଲ୍ମଟିକୁ ଦେଶଭକ୍ତିର ଅନ୍ୟତମ ଉଦାହରଣ ଭାବରେ ଦେଖାଯାଏ। ମହମ୍ମଦ ରଫିଙ୍କ ସ୍ୱରର ଯାଦୁ ଗୀତଟିକୁ ଦେଇଛି ରାଷ୍ଟ୍ରଗୀତର ସମ୍ମାନ। ଚେତନ ଆନନ୍ଦଙ୍କ ନାମ ବଲିଉଡ୍‌ର ମାତ୍ର କେତେ ଜଣ ନିର୍ଦ୍ଦେଶକଙ୍କ ନାମ ମଧ୍ୟରେ ଅନ୍ତର୍ଭୁକ୍ତ ଅଛି ଯେଉଁମାନେ ଧର୍ମେନ୍ଦ୍ର, ରାଜେଶ ଖାନ୍ନା ଓ ରାଜକୁମାରଙ୍କ ପରି ସୁପରଷ୍ଟାର୍‌ଙ୍କ ସହିତ କାମ କରିଛନ୍ତି। ତେବେ ଚେତନ ଆନନ୍ଦ ଫିଲ୍ମ 'ହକିକତ୍' ଜରିଆରେ ସିନେମା ଦୁନିଆରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛନ୍ତି ଏଥିରେ ସନ୍ଦେହ ନାହିଁ।



# ବିବାଦରେ 'କ୍ୱିନ୍-୨'



୨୦୧୩ରେ ରିଲିଜ ହୋଇଥିଲା ଫିଲ୍ମ 'କ୍ୱିନ୍' ଯେଉଁଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ କଙ୍ଗନା ରନୌତ। ଏବେ ଏହାର ସିକ୍ୱେଲ୍‌ର ନିର୍ମାଣ କରାଯାଉଛି ଯାହାକୁ ନେଇ ଦର୍ଶକ ମହଲରେ ଦେଖାଦେଇଛି ଜବରଦସ୍ତ କ୍ରେଜ୍। କିନ୍ତୁ ରିଲିଜ ହେବା ପୂର୍ବରୁ ଫିଲ୍ମଟି ଫସିଯାଇଛି କାନୁନୀ ମାମଲାରେ। ୨୫୦ କୋଟି ଟଙ୍କାର ଜୋରିମାନା ସହିତ ବମ୍ବେ ହାଇକୋର୍ଟ ଏକ ମକଦ୍ଦମା ରୁଜୁ କରିଛି। ଆରୋପ ଲାଗିଛି ଯେ ଅରିଜିନାଲ୍ 'କ୍ୱିନ୍' ଫିଲ୍ମର ବିନା ଅନୁମତିରେ ଏହାର ସିକ୍ୱେଲ୍‌ର ନିର୍ମାଣ କରାଯାଇଛି। ତେବେ 'କ୍ୱିନ୍-୨'ର ନିର୍ମାତାମାନେ ଆଧିକାରିକ ରିଲିଜ ତାରିଖ ଘୋଷଣା କରିନାହାନ୍ତି ଓ ଫିଲ୍ମଟି ପୋଷ୍ଟ-ପ୍ରଡକ୍ସନ୍ ଷ୍ଟେଜ୍‌ରେ ରହିଛି। ତେଣୁ 'କ୍ୱିନ୍'ର ନିର୍ମାତା ଫ୍ୟାଣ୍ଟମ୍ ଷ୍ଟୁଡିଓ ବମ୍ବେ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି ଓ ଏହାର କାରଣ ହେଉଛି କପିରାଇଟ୍। ଅନ୍‌ଅଥରାଇଜଡ ସିକ୍ୱେଲ୍‌ର ନିର୍ମାଣ କରିବା ଆରୋପରେ ୨୫୦ କୋଟିର ମାମଲା ଦାୟର କରାଯାଇଛି। କୁହାଯାଉଛି ଯେ ଏହି ମାମଲାକୁ କୋର୍ଟ ବାହାରେ ସମାଧାନ କରାଇବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ନିର୍ମାତାମାନେ ଅସଫଳ ହୋଇଛନ୍ତି। ତେବେ 'କ୍ୱିନ୍-୨'ର ନିର୍ମାତାମାନେ ଏହି ଆରୋପଗୁଡ଼ିକ ଉପରେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ଫ୍ୟାଣ୍ଟମ୍ ଷ୍ଟୁଡିଓଜ ଏପ୍ରିଲ୍ ମାସରେ ଏକ ପବ୍ଲିକ୍ ନୋଟିସ୍ ଜାରି କରିଥିଲେ ଓ 'କ୍ୱିନ୍'ର ଆଇପି ବା ସିକ୍ୱେଲ୍ ତିଆରି କରିବାର ରାଇଟ୍ସ ଉପରେ ୫୦ ପ୍ରତିଶତ ମାଲିକାନା ଅଧିକାର ହେବାର କନ୍‌ଫର୍ମେସନ୍ ଦିଆଯାଇଥିଲା। କିନ୍ତୁ ଏହାକୁ ଅଣଦେଖା କରିଥିଲା ଜିଓଷ୍ଟାର୍ ଓ ଫିଲ୍ମର ସୁଟିଂ ଜାରି ରଖିଥିଲା। ୱର୍କ ଫ୍ରଣ୍ଟ ଦୃଷ୍ଟିରୁ କଙ୍ଗନା ବର୍ତ୍ତମାନ 'ଲକ୍ ଅପ୍-୨'ର ଜଜ୍ ଭାବରେ ନଜର ଆସୁଛନ୍ତି। ନିକଟରେ ତାଙ୍କ ଫିଲ୍ମି କ୍ୟାରିୟର୍‌ର ୨୦ ବର୍ଷ ପୂରା କରିଛନ୍ତି କଙ୍ଗନା।

# କ୍ୱାର୍ଟରରେ ବେଲ୍‌ଜିୟମ୍ ୪-୧ ଗୋଲ୍‌ରେ ହାରିଲା ଆମେରିକା

**ସିଆଟଲ୍, ୭/୭/ଏଜେନ୍ସି:** ଫିଫା ବିଶ୍ୱକପ୍ ୨୦୨୬ର ରାଉଣ୍ଡ ଅଫ୍ ୧୬ର ଅନ୍ୟତମ ମ୍ୟାଚ୍‌ରେ ବେଲଜିୟମ ୪-୧ ଗୋଲ୍‌ରେ ଆମେରିକାକୁ ପରାସ୍ତ କରି କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛି। ମଙ୍ଗଳବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପରାଜୟ ସହ ଆମେରିକା ନିଜ ଚଳିତ ବିଶ୍ୱକପ୍‌ର ଅଭିଯାନ ମଧ୍ୟ ଶେଷ କରିଛି। ପ୍ରକାଶ, ଆମେରିକା ଚଳିତ ବର୍ଷ ଆୟୋଜିତ ହେଉଥିବା ଫିଫା ବିଶ୍ୱକପ୍‌ର ଅନ୍ୟତମ ସହ-ଆୟୋଜକ ରାଷ୍ଟ୍ର ସାଜିଛି। ଭାରତୀୟ ସମୟ ଅନୁସାରେ ଏହି ମ୍ୟାଚ୍‌ଟି ମଙ୍ଗଳବାର (୭ ଜୁଲାଇ ୨୦୨୬) ସକାଳ ୫:୩୦ ସମୟରେ ସିଆଟଲ୍ ଷ୍ଟାଡିୟମରେ ଖେଳାଯାଇଥିଲା। ମ୍ୟାଚ୍‌ର ୯ମ ମିନିଟ୍‌ରେ ବେଲ୍‌ଜିୟମ୍ ପକ୍ଷରୁ ପ୍ରଥମ ଗୋଲ୍ ହୋଇଥିଲା। ମ୍ୟାଚ୍ ଆରମ୍ଭରୁ ହିଁ ବେଲଜିୟମ ଆକ୍ରମଣାତ୍ମକ ଶୈଳୀ ଆପଣାଇଥିଲା। ଲିଆଣ୍ଡ୍ରୋ ଟ୍ରୋସାର୍ଡ ଏବଂ ନିକୋଲାସ ରାସ୍କିନଙ୍କ ସୁନ୍ଦର ପାସ୍ ସହାୟତାରେ ଚାର୍ଲ୍ସ ଡି କେଟେଲେରେ ଦଳ ପାଇଁ ପ୍ରଥମ ଗୋଲ୍ କରି ବେଲଜିୟମକୁ ୧-୦ରେ ଆଗୁଆ କରିଥିଲେ। ତେବେ ଖେଳର ୩୧ତମ ମିନିଟ୍‌ରେ ଆମେରିକାର ମାଲିକ ଟିଲ୍‌ମ୍ୟାନ୍ ଏକ ଚମତ୍କାର ଡାଇରେକ୍ଟ ଫ୍ରି-କିକ୍ ଜରିଆରେ ଗୋଲ୍ କରି ମ୍ୟାଚ୍‌କୁ ୧-୧ ସମାନତାରେ ନେଇଆସିଥିଲେ। ଏହି ଗୋଲ୍ ଯୋଗୁଁ ଷ୍ଟାଡିୟମରେ ଉପସ୍ଥିତ ଆମେରିକୀୟ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ଖେଳିଯାଇଥିଲା। ଏହାର ମାତ୍ର ୨ ମିନିଟ୍ ପରେ ଅର୍ଥାତ୍ ଖେଳର ୩୩ତମ ମିନିଟ୍‌ରେ ବେଲଜିୟମ୍ ପକ୍ଷରୁ ପୁଣି ଏକ ଗୋଲ୍ ହୋଇଥିଲା। ଟ୍ରୋସାର୍ଡଙ୍କ କ୍ରସ୍‌କୁ ବ୍ୟବହାର କରି ଚାର୍ଲ୍ସ ଡି କେଟେଲେରେ ନିଜର ଦ୍ୱିତୀୟ ଗୋଲ୍ (ହେଡର ସଟ୍) ସ୍କୋର କରି ବେଲଜିୟମକୁ ୨-୧ ରେ ଆଗୁଆ କରିଦେଇଥିଲେ। ଏହାପରେ ବେଲ୍‌ଜିୟମ୍ ୫୭ତମ ମିନିଟ୍‌ରେ ଅର୍ଥାତ୍ ଦ୍ୱିତୀୟ





ହାଫ୍‌ରେ ତୃତୀୟ ଗୋଲ୍ କରିଥିଲା। ଆମେରିକାର ଗୋଲକିପର ମ୍ୟାଟ୍ ଫ୍ରିଜ୍‌ଙ୍କ ଏକ ବଡ଼ ଭୁଲର ଫାଇଦା ଉଠାଇ ବେଲଜିୟମର ହାନ୍ସ ଭାନାକେନ୍ ଦୂରରୁ ଏକ ସୁନ୍ଦର ଶଟ୍ ମାରି ଖାଲି ପୋଷ୍ଟରେ ଗୋଲ୍ ଦେଇଥିଲେ। ଏହାଦ୍ୱାରା ସ୍କୋର ୩-୧ ହୋଇଥିଲା। ପରେ ଅର୍ଥାତ୍ ମ୍ୟାଚ୍‌ର ଶେଷ ସମୟରେ (ଇଞ୍ଜୁରୀ ଟାଇମ୍‌ରେ) ସବ୍‌ଷ୍ଟିଚ୍ୟୁଟ୍ ଭାବେ ଆସିଥିବା ଷ୍ଟାର୍ ଷ୍ଟ୍ରାଇକର ରୋମେଲୁ ଲୁକାକୁ ଦଳ ପାଇଁ ଚତୁର୍ଥ ଗୋଲ୍ କରି ବେଲଜିୟମର ୪-୧ ରେ ବଡ଼ ବିଜୟ ସୁନିଶ୍ଚିତ କରିଥିଲେ। ଏହି ଦମଦାର ବିଜୟ ସହିତ ବେଲଜିୟମ କ୍ୱାର୍ଟର ଫାଇନାଲ୍‌ରେ ପହଞ୍ଚିଛି, ଯେଉଁଠାରେ ଆସନ୍ତା ଶୁକ୍ରବାର, ୧୦ ଜୁଲାଇ ୨୦୨୬ରେ ଲସ୍ ଆଞ୍ଜେଲସ୍ ଠାରେ ସେମାନଙ୍କର ମୁକାବିଲା ଶକ୍ତିଶାଳୀ ସ୍ପେନ୍ ଦଳ ସହିତ ହେବ। ସ୍ପେନ୍‌ର ଖେଳାଳି ପର୍ତ୍ତୁଗାଲ୍‌କୁ ହରାଇ ଏବେ ବେଶ୍ ଉତ୍ସାହିତ ଅଛନ୍ତି।

### ଇଂଲଣ୍ଡ ବିପକ୍ଷ ୩ୟ ଟି-୨୦

# ଭାରତ ପାଇଁ ୨୦୨ ରନ୍‌ର ଟାର୍ଗେଟ୍

**ନଟିଂହାମ୍, ୭/୭/ଏଜେନ୍ସି:** ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ୩ୟ ଟି-୨୦ ନଟିଂହାମ୍‌ର ଟ୍ରେଣ୍ଟ ବ୍ରିଜ୍ ଷ୍ଟାଡିୟମ୍‌ରେ ଖେଳାଯାଉଛି। ଭାରତୀୟ ସମୟ ରାତ୍ରୀ ୧୦:୦୦ ସମୟରେ ଆରମ୍ଭ ହୋଇଥିବା ଏହି ମ୍ୟାଚ୍‌ରେ ଭାରତ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି। ଅନ୍ୟପକ୍ଷେ ପ୍ରଥମେ ବ୍ୟାଟିଂ ଆହ୍ୱାନ ପାଇଥିବା ଇଂଲଣ୍ଡ ଧାର୍ଯ୍ୟ ୨୦ ଓଭର ସୁଦ୍ଧା ୬ ୱିକେଟ୍ ହରାଇ ୨୦୧ ରନ୍ କରିବାରେ ସଫଳ ହୋଇଛି। ଫଳରେ ଭାରତକୁ ୨୦୨ ରନ୍‌ର ବିଜୟ ଲକ୍ଷ୍ୟ ମିଳିଛି। ଇଂଲଣ୍ଡ ୧୭ ଓଭର ସୁଦ୍ଧା ୫ ୱିକେଟ୍ ହରାଇ ୧୭୦ ରନ୍ ସଂଗ୍ରହ କରିନେଇଥିଲା। ଏଥିରେ ଫିଲ୍ ସଲ୍ଟଙ୍କ ୪୪ ବଲ୍‌ରେ ୭୦ରନ୍‌ର ଭାଗିଦାରୀ ସାମିଲ ରହିଛି। ସେହିପରି ଜୋସ୍ ବଟଲରଙ୍କ ୩୬ ରନ୍, ଅଧିନାୟକ ହ୍ୟାରି ବ୍ରୁକ୍‌ଙ୍କ ୧୬ ରନ୍ ଏବଂ ଜ୍ୟାକବ୍ ବେଥେଲ୍‌ଙ୍କ ୧୩ ରନ୍ ବଳରେ ଇଂଲଣ୍ଡ ଏହି ସ୍କୋର କରିବାରେ ସଫଳ ହୋଇପାରିଥିଲା। ପରେ ସାମ୍ କୁରାନ୍ ଏବଂ ୱିଲ୍ ଜ୍ୟାକ୍ସ ଦଳ ପାଇଁ ଦ୍ରୁତ ରନ୍ ସଂଗ୍ରହ କରିଥିଲେ। ଯଦିଓ ଜ୍ୟାକ୍ସ ଦୁର୍ଭାଗ୍ୟଜନକ ଭାବେ ୧୪ ରନ୍ କରି ରନ୍ ଆଉଟ୍ ହୋଇଯାଇଥିଲେ, ସାମ୍ କୁରାନ୍ କିନ୍ତୁ ୨୪ ବଲ୍‌ରେ ଅପରାଜିତ ୪୧ ରନ୍ କରିବା ଦଳକୁ ୨୦୦ ପାର୍ କରିବାରେ ସହାୟକ ହୋଇଥିଲା। ଭାରତ ପକ୍ଷରୁ ପ୍ରିନ୍ସ ଯାଦବ ଓ ହର୍ଷିତ୍ ରାଣା ୨ଟି ଲେଖାଏ ୱିକେଟ୍ ଅକ୍ତିଆର କରିଥିବା ବେଳେ ଅକ୍ଷର ପଟେଲ୍ ୧ଟି ୱିକେଟ୍ ହାସଲ କରିଛନ୍ତି। ରିପୋର୍ଟ ଲେଖାହେବା ବେଳକୁ ଭାରତର ବ୍ୟାଟିଂ ଇନିଂସ ଆରମ୍ଭ ହୋଇନଥିଲା।

## ଦେଶ ବିଦେଶ

### ଡିଏମ୍‌କେକୁ ସୁପ୍ରିମକୋର୍ଟରୁ ଶକ୍ତ ଝଟ୍‌କା

# ବିଜୟଙ୍କ ବିରୋଧରେ ଆବେଦନ ଖାରଜ

**ନୂଆଦିଲ୍ଲୀ, ଚେନ୍ନାଇ, ୭/୭/ଏଜେନ୍ସି:** ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍‌ଙ୍କ ଦଳ ତଥା ଏବେର ବିରୋଧୀ ଦଳ 'ଡିଏମ୍‌କେ'କୁ ମଙ୍ଗଳବାର ସୁପ୍ରିମକୋର୍ଟରୁ ଜୋରଦାର ଝଟ୍‌କା ଲାଗିଛି। ରିପୋର୍ଟ ଅନୁସାରେ ଡିଏମ୍‌କେ ପକ୍ଷରୁ ନବ ନିର୍ବାଚିତ ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟ ଏବଂ ତାଙ୍କ ମନ୍ତ୍ରୀଙ୍କ ବିରୋଧରେ ଦାଖଲ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ, ଖାରଜ କରିଦେଇଛନ୍ତି। ରିପୋର୍ଟ ଅନୁସାରେ ୨୦୨୫ରେ କରୁର ଠାରେ ବିଜୟ ନିଜର ଏକ ରାଲି କରୁଥିବା ବେଳେ ଏଠାରେ ଏକ ବଡ଼ ଧରଣର ଦଳାଚକଟା ଘଟଣା ଘଟିଥିଲା, ଯେଉଁଥିରେ ପ୍ରାୟ ୪୧ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାର ତଦନ୍ତ ଭାର ଏବେ ସିବିଆଇ ଉପରେ ନ୍ୟସ୍ତ ରହିଛି।

ଡିଏମ୍‌କେ ନେତା ଆର୍.ଏସ୍ ଭାରତୀ ସୁପ୍ରିମ୍‌କୋର୍ଟରେ ଏକ ଆବେଦନ କରିଥିଲେ ଯେ, ମୁଖ୍ୟମନ୍ତ୍ରୀ ବିଜୟ ଏବଂ ତାଙ୍କ ମନ୍ତ୍ରୀ ଆଧବ ଅର୍ଜୁନଙ୍କୁ କରୁର ପୀଡ଼ିତ ପରିବାରମାନଙ୍କୁ ଭେଟିବା କିମ୍ବା ଏହି ଘଟଣା ସମ୍ପର୍କରେ ସର୍ବସାଧାରଣରେ ମନ୍ତବ୍ୟ ଦେବାରୁ ରୋକାଯାଉ। ଡିଏମ୍‌କେର ଯୁକ୍ତି ଥିଲା ଯେ, ପୀଡ଼ିତ ପରିବାରମାନେ ସିବିଆଇ ତଦନ୍ତରେ ଗୁରୁତ୍ୱପୂର୍ଣ୍ଣ ସାକ୍ଷୀ ଅଟନ୍ତି ଏବଂ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କ ସିଧାସଳଖ ସାକ୍ଷାତ ତଦନ୍ତ ପ୍ରକ୍ରିୟାକୁ ପ୍ରଭାବିତ କରିପାରେ। ତେବେ ସୁପ୍ରିମକୋର୍ଟ ଜଷ୍ଟିସ୍ କେ.ଭି. ବିଶ୍ୱନାଥନ ଏବଂ ଜଷ୍ଟିସ୍ ଆଲୋକ ଆରାଧେଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆବେଦନକୁ ଗ୍ରହଣ କରିବାକୁ ମନା କରିଦେଇଥିଲେ। ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ, ସୁପ୍ରିମ୍ କୋର୍ଟକୁ ଏକ





'ରାଜନୈତିକ ମଞ୍ଚ' ଭାବରେ କଦାପି ବ୍ୟବହାର କରାଯାଇପାରିବନି। ଶୁଣାଣି ସମୟରେ ଖଣ୍ଡପୀଠ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ବିଜୟ କରୁର ଦଳାଚକଟା ମାମଲାରେ ପଞ୍ଜିକୃତ ହୋଇଥିବା ଏଫ୍‌ଆଇଆର୍‌ରେ ଅଭିଯୁକ୍ତ ନୁହଁନ୍ତି। କୋର୍ଟ ପ୍ରଶ୍ନ କରିଥିଲେ ଯେ, ଏହା କ'ଣ ବାକ୍ ସ୍ୱାଧୀନତା ଉପରେ କଟକଣା ଲଗାଇବା ପାଇଁ ଏକ ପ୍ରୟାସ ? ତେବେ ଖଣ୍ଡପୀଠଙ୍କ ଏପ୍ରକାର କଠୋର ଆଭିମୁଖ୍ୟ ଦେଖି ଡିଏମ୍‌କେ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏହି ଆବେଦନକୁ ପ୍ରତ୍ୟାହାର କରିନେଇଥିଲେ। କୋର୍ଟ ଏହାକୁ ପ୍ରତ୍ୟାହୃତ ଭାବେ ଖାରଜ କରିଛନ୍ତି।

ପ୍ରକାଶ, ମୁଖ୍ୟମନ୍ତ୍ରୀ ବିଜୟ ଜୁଲାଇ ୧୦ ତାରିଖରେ କରୁର ଗସ୍ତ କରି ସେଦିନର ସେହି ଦଳାଚକଟା ଘଟଣାର ପୀଡ଼ିତ ପରିବାରମାନଙ୍କୁ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଏବଂ ସରକାରୀ ଚାକିରି ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି, ଯାହାକୁ ଡିଏମ୍‌କେ ବିରୋଧ କରୁଛି।

### ସମାଲୋଚକଙ୍କୁ ଗଡ଼କରୀଙ୍କ ଖୋଲା ଚ୍ୟାଲେଞ୍ଜ

# ଇ-୨୦ ପେଟ୍ରୋଲ୍‌ରେ ଗାଡ଼ି ଖରାପ ହେବାର ପ୍ରମାଣ ଦିଅ

**ନୂଆଦିଲ୍ଲୀ,୭/୭/ଏଜେନ୍ସି:** ୨୦% ଇଥାନଲ ମିଶ୍ରିତ ପେଟ୍ରୋଲ (ଇ-୨୦) ବ୍ୟବହାର ଦ୍ୱାରା ଗାଡ଼ିର ମାଇଲେଜ୍ କମିବା ଏବଂ ଇଞ୍ଜିନରେ ସମସ୍ୟା ଦେଖାଦେବା ଭଳି ଦେଶବ୍ୟାପୀ ଚର୍ଚ୍ଚା ତଥା ଅଭିଯୋଗ ଉପରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଭଳି ସମାଲୋଚନା କରୁଥିବା ଲୋକଙ୍କୁ ଚ୍ୟାଲେଞ୍ଜ କରି ମଙ୍ଗଳବାର ସେ ନିଜେ କହିଛନ୍ତି ଯେ, ଏହି ଇନ୍ଧନ କାରଣରୁ ଦେଶରେ ଗୋଟିଏ ହେଲେ ଗାଡ଼ିରେ ସମସ୍ୟା ଦେଖାଦେଇଥିବାର ପ୍ରମାଣ ଦିଅନ୍ତୁ। 'ବିକଶିତ ଭାରତ' ନାମରେ ଆୟୋଜିତ ସମ୍ମିଳନୀକୁ ସମ୍ବୋଧିତ କରି ଗଡ଼କରୀ ଏପରି କହିଛନ୍ତି। ଏପର୍ଯ୍ୟନ୍ତ ଇ-୨୦ ପେଟ୍ରୋଲ ପାଇଁ କୌଣସି ଗାଡ଼ି ଖରାପ ହେବାର ମାମଲା ସାମ୍ନାକୁ ଆସିନାହିଁ।

କେନ୍ଦ୍ରମନ୍ତ୍ରୀ ଗଡ଼କରୀ ଏହି ଅବସରରେ ଗାଡ଼ିର ମାଇଲେଜ୍ କମିଯିବା ଏବଂ ଇଞ୍ଜିନ ନଷ୍ଟ ହେବା ସମ୍ପର୍କରେ ସୋସିଆଲ ମିଡିଆରେ ହେଉଥିବା ଚର୍ଚ୍ଚାକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛନ୍ତି। ତାଙ୍କ କହିବାନୁସାରେ ଅଧିକ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାରକୁ ନେଇ କିଛି ଲୋକ ଟଙ୍କା ଖର୍ଚ୍ଚ କରି





ସୋସିଆଲ ମିଡିଆ ଓ ଅନ୍ୟାନ୍ୟ ମାଧ୍ୟମରେ ମିଥ୍ୟା ଅପପ୍ରଚାର ଚଳାଉଛନ୍ତି। ଏସବୁ କେବଳ ଦେଶବାସୀଙ୍କୁ ଭ୍ରମିତ କରିବା ପାଇଁ କରାଯାଉଛି। ସେ ଏହା ପଛରେ ପେଟ୍ରୋଲିୟମ୍ ଲବିର ହାତ ଥାଇପାରେ ବୋଲି ମଧ୍ୟ ସଂକେତ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଅଟୋମୋଟିଭ୍ ରିସର୍ଚ୍ଚ ଆସୋସିଏସନ ଅଫ୍ ଇଣ୍ଡିଆ (ଏଆର୍‌ଏଆଇ) ଦ୍ୱାରା ପୁରୁଣା ଗାଡ଼ିଗୁଡ଼ିକୁ ପ୍ରାୟ ୧ ଲକ୍ଷ କିଲୋମିଟର ପର୍ଯ୍ୟନ୍ତ ଚଳାଇ ଇ-୨୦ ଇନ୍ଧନର ଦୀର୍ଘକାଳୀନ ପରୀକ୍ଷଣ କରାଯାଇଛି ଏବଂ ଏଥିରେ କୌଣସି ଅସ୍ୱାଭାବିକ ତ୍ରୁଟି କିମ୍ବା ଇଞ୍ଜିନ ନଷ୍ଟ ହେବାର ପ୍ରମାଣ ମିଳିନାହିଁ।


ଗଡ଼କରୀଙ୍କ ଏହି ଦାବି ସତ୍ତ୍ୱେ, ନିକଟରେ ଦିଲ୍ଲୀର ଯନ୍ତର ମନ୍ତରଠାରେ କିଛି ଗାଡ଼ି ଚାଳକ ଓ ମୋଟର ପ୍ରେମୀ ଏକତ୍ରିତ ହୋଇ ଇ-୨୦ ଇନ୍ଧନ ବିରୋଧରେ ପ୍ରଦର୍ଶନ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଇ-୧୦ କମ୍ପ୍ଲାଏଣ୍ଟ (ପୁରୁଣା ଗାଡ଼ି) ଗୁଡ଼ିକରେ ଇ-୨୦ ବ୍ୟବହାର କରିବା ଦ୍ୱାରା ମାଇଲେଜ୍‌ରେ ୧୫ରୁ ୨୦% ପର୍ଯ୍ୟନ୍ତ ହ୍ରାସ ଘଟୁଛି ଏବଂ କାର୍‌ଗୁଡ଼ିକର ଫ୍ୟୁଏଲ୍ ଫିଲ୍ଟର ତଥା ପାଇପ୍‌ଲାଇନ୍ ଜାମ୍ ହୋଇଯାଉଛି। ପ୍ରକାଶ, ଆଖୁ, ମକା ଏବଂ ଚାଉଳ ଭଳି ବାୟୋମାସ୍‌ରୁ ଇଥାନଲ୍ ପ୍ରସ୍ତୁତ କରାଯାଏ। ସୁତରାଂ ଏସବୁ କୃଷିଜାତ ସାମଗ୍ରୀର ମୂଲ୍ୟ ଏବେ ଅନେକାଂଶରେ ବୃଦ୍ଧି ପାଇଛି ଯାହାକି ବିଶେଷତଃ ଉତ୍ତରପ୍ରଦେଶ ଓ ବିହାର ଚାଷୀମାନଙ୍କୁ ଅନେକାଂଶରେ ଲାଭାନ୍ୱିତ କରୁଛି। ଏତଦ୍‌ବ୍ୟତୀତ ଭାରତ ବାର୍ଷିକ ପ୍ରାୟ ୨୨ ଲକ୍ଷ କୋଟି ଟଙ୍କା କେବଳ ଅଶୋଧିତ ତୈଳ ଆମଦାନୀରେ ଖର୍ଚ୍ଚ କରୁଛି। ଇଥାନଲ୍ ବ୍ୟବହାର ଦ୍ୱାରା ଏହି ଆମଦାନୀ ଖର୍ଚ୍ଚ, ନିର୍ଭରଶୀଳତା କମିବା ସହ ପ୍ରଦୂଷଣ ମଧ୍ୟ ହ୍ରାସ ପାଇବ।

# ଡାମାସ୍କସ୍ ହୋଟେଲ୍ ନିକଟରେ ସିରିଜ୍ ବିସ୍ଫୋରଣ

### ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍ ସମ୍ପୂର୍ଣ୍ଣ ସୁରକ୍ଷିତ

**ଡାମାସ୍କସ, ୭/୭/ଏଜେନ୍ସି:** ସିରିଆର ରାଜଧାନୀ ଡାମାସ୍କସ୍ କେନ୍ଦ୍ରସ୍ଥଳରେ ଦୁଇଟି ଶକ୍ତିଶାଳୀ ବୋମା ବିସ୍ଫୋରଣ ହୋଇଛି। ଏହି ବିସ୍ଫୋରଣ 'ଫୋର ସିଜନ୍ସ ହୋଟେଲ' ଠାରୁ ମାତ୍ର ୧୨୫ କିମି ଦୂରରେ ଘଟିଛି, ଯେଉଁଠାରେ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ରହିଥିଲେ। ସିରିଆର ଗୃହ ମନ୍ତ୍ରଣାଳୟ ଅନୁଯାୟୀ, ଏହି ବିସ୍ଫୋରଣରେ ଅତିକମ୍‌ରେ ୧୮ ଜଣ ଆହତ ହୋଇଛନ୍ତି, ଯେଉଁଥିରେ ୪ ପୁଲିସ୍ ଅଧିକାରୀ ମଧ୍ୟ ସାମିଲ ଅଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା କାହାର ମୃତ୍ୟୁ ହୋଇଥିବା ଖବର ମିଳିନାହିଁ। ଅନ୍ୟପକ୍ଷେ ରାଷ୍ଟ୍ରପତି ମାକ୍ରୋନ୍ ମଧ୍ୟ ଏହି ଆକ୍ରମଣରୁ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି। ବିସ୍ଫୋରଣ ସମୟରେ ସେ ହୋଟେଲ ଛାଡ଼ି ସିରିଆର ରାଷ୍ଟ୍ରପତି ଅହମ୍ମଦ ଅଲ୍-ସାରାଙ୍କ ସହ ବୈଠକ ପାଇଁ ରାଷ୍ଟ୍ରପତି ଭବନକୁ ଚାଲିଯାଇଥିଲେ।

ସିରିଆ ସୁରକ୍ଷା ଅଧିକାରୀଙ୍କ ସୂଚନା



ଅନୁଯାୟୀ, ଏହି ଆକ୍ରମଣ ପାଇଁ ଦୁଇଟି ବିସ୍ଫୋରକ ସାମଗ୍ରୀ ବ୍ୟବହାର କରାଯାଇଥିଲା। ପ୍ରଥମ ବିସ୍ଫୋରଣଟି ହୋଟେଲ ନିକଟରେ ଥିବା ଏକ ଡଷ୍ଟବିନ୍ (ଆବର୍ଜନା ପାତ୍ର) ଭିତରେ ବୋମା ରଖାଯାଇ କରାଯାଇଥିବା ବେଳେ ଦ୍ୱିତୀୟ ବିସ୍ଫୋରଣଟି ଘଟଣାସ୍ଥଳ ନିକଟରେ ପାର୍କିଂ କରାଯାଇଥିବା ଏକ ଗାଡ଼ି ଦ୍ୱାରା କରାଯାଇଛି। ପ୍ରଥମ ବିସ୍ଫୋରଣ ହେବାର କିଛି ସମୟ ମଧ୍ୟରେ ଯେତେବେଳେ ଘଟଣାସ୍ଥଳରେ ଆମ୍ବୁଲାନ୍ସ ଆସି ପହଞ୍ଚିଥିଲା ଠିକ୍ ଏହି ସମୟରେ ଦ୍ୱିତୀୟ ବିସ୍ଫୋରଣ ହୋଇଥିଲା। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓରେ ଘଟଣାସ୍ଥଳରୁ କଳା ଧୂଆଁ ବାହାରୁଥିବା ଏବଂ ଗାଡ଼ିଗୁଡ଼ିକରେ ନିଆଁ ଲାଗିଥିବା ଦେଖିବାକୁ ମିଳିଛି।

ପ୍ରକାଶ ବର୍ତ୍ତମାନ ସୁଦ୍ଧା ଯଦିଓ କୌଣସି ସଂଗଠନ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହାନ୍ତି, ତେବେ ସିରିଆର ସୁରକ୍ଷା ବାହିନୀ ସେହି ଅଞ୍ଚଳର ସମସ୍ତ ରାସ୍ତାକୁ ସିଲ୍ କରି ଦେଇଛନ୍ତି ଏବଂ ତଦନ୍ତ ଜାରି ରଖିଛନ୍ତି। ଅନ୍ୟପକ୍ଷେ ମାକ୍ରୋନ ମଧ୍ୟ ଏକ୍ସ'ରେ ଲେଖିଛନ୍ତି, 'ସିରିଆର ଜନସାଧାରଣଙ୍କ ଏକ ସାର୍ବଭୌମ, ସୁରକ୍ଷିତ ଏବଂ ଏକତ୍ରିତ ସିରିଆରେ ବଞ୍ଚିବାର ଆଶାକୁ କୌଣସି ଜିନିଷ ଦବାଇ ପାରିବ ନାହିଁ। ତାଙ୍କର ଏହି ଗସ୍ତ ଜାରି ରହିବ।' ମାକ୍ରୋନ୍‌ଙ୍କ ଏହି ଗସ୍ତ ସମୟରେ ଉଭୟ ଦେଶ ମଧ୍ୟରେ ଦୀର୍ଘ ୧୪ ବର୍ଷର ଗୃହଯୁଦ୍ଧ ପରେ ସିରିଆର ପୁନରୁଦ୍ଧାର ଏବଂ ଆର୍ଥିକ ବିକାଶ ଉପରେ ଆଲୋଚନା ହେଉଛି। ଏହି ବିସ୍ଫୋରଣ ସତ୍ତ୍ୱେ ଉଭୟ ଦେଶ ନିଜର କୂଟନୈତିକ ସମ୍ପର୍କକୁ ଆଗକୁ ବଢ଼ାଇବା ସହ ପୁଣିଥରେ ନିଜ ନିଜର ଦୂତାବାସ ଖୋଲିବା ପାଇଁ ରାଜି ହୋଇଛନ୍ତି।

# ଜମ୍ମୁ କାଶ୍ମୀରରେ ବନ୍ୟା, ଭୂସ୍ଖଳନ

### ଜାତୀୟ ମାର୍ଗ ବନ୍ଦ, ଯୋଗାଯୋଗ ବିଚ୍ଛିନ୍ନ, ଜନଜୀବନ ଅସ୍ତବ୍ୟସ୍ତ

**ଶ୍ରୀନଗର, ୭/୭/ଏଜେନ୍ସି:** ଜମ୍ମୁ-କାଶ୍ମୀରର ଅଧିକାଂଶ ଭାଗରେ ଗତ କିଛି ଦିନ ହେବ କ୍ରମାଗତ ଭାବେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିଛି। ଏହାଫଳରେ ବିଭିନ୍ନ ସ୍ଥାନରେ ଭୟଙ୍କର ଭୂସ୍ଖଳନ ଏବଂ ହଠାତ୍ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି, ଯାହା ସ୍ଥାନୀୟ ଜନଜୀବନକୁ ସମ୍ପୂର୍ଣ୍ଣ ରୂପେ ବ୍ୟାହତ କରିଦେଇଛି। ସ୍ଥିତି ଏପରି ହୋଇଛି ଯେ, ଜମ୍ମୁ-କାଶ୍ମୀରକୁ ସଂଯୋଗ କରୁଥିବା ଏକମାତ୍ର ସବୁଦିନିଆ ଜାତୀୟ ରାଜପଥ (ଏନ୍‌ଏଚ୍-୪୪) କୁ ସୁରକ୍ଷା ଦୃଷ୍ଟିରୁ ବନ୍ଦ କରିଦିଆଯାଇଛି। ରାମବନ ଜିଲ୍ଲାର କେଫେଟେରିଆ ମୋଡ୍, ମେହାର ଏବଂ ପନ୍ଥୀଆଲ୍ ଭଳି ଅନେକ ସ୍ଥାନରେ ପାହାଡ଼ରୁ ବଡ଼ ବଡ଼ ପଥର ଏବଂ ମାଟି ଅତଡ଼ା ଖସି ରାସ୍ତା ସମ୍ପୂର୍ଣ୍ଣ ଅବରୋଧ ହୋଇଯାଇଛି। ରାଜପଥ ବନ୍ଦ ହେବା ଯୋଗୁଁ ଜମ୍ମୁ ଏବଂ ଶ୍ରୀନଗର ଦୁଇ ପାର୍ଶ୍ୱରେ ପ୍ରାୟ ୩,୦୦୦ ରୁ ଅଧିକ ଯାତ୍ରୀବାହୀ ଗାଡ଼ି ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ବୋଝେଇ ଟ୍ରକ୍ ଅଧା ରାସ୍ତାରେ ଅଟକି ରହିଛନ୍ତି। ପରିସ୍ଥିତି ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ଏହି ରୁଟ୍‌ରେ ଯାତ୍ରା ନକରିବାକୁ ପ୍ରଶାସନ ଲୋକଙ୍କୁ ପରାମର୍ଶ ଦେଇଛି। ଡୋଡା ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁ ଅଚାନକ ବନ୍ୟା ଏବଂ ଭୂସ୍ଖଳନ ହୋଇଛି। ଏଥିଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଭୂସ୍ଖଳନ ଯୋଗୁ ଡୋଡା ଏବଂ କିସ୍ତୱାଡ଼ ମଧ୍ୟରେ ବିଭିନ୍ନ ସ୍ଥାନରେ ଜାତୀୟ ରାଜପଥ ବନ୍ଦ ରହିଛି। ସେହିପରି କ୍ରମାଗତ ବର୍ଷା ଯୋଗୁଁ କାଶ୍ମୀର ଉପତ୍ୟକାର ମୁଖ୍ୟ ନଦୀ 'ଝେଲମ୍' ଏବଂ ଏହାର ଶାଖା ନଦୀଗୁଡ଼ିକର ଜଳସ୍ତର ଦ୍ରୁତ ଗତିରେ ବୃଦ୍ଧି ପାଉଛି।



ଅନନ୍ତନାଗ ଏବଂ ସାଙ୍ଗମ୍ ସ୍ଥାନରେ ଜଳସ୍ତର ବିପଦ ସଙ୍କେତ ଆଡ଼କୁ ଗତି କରୁଛି। ଅନେକ ତଳିଆ ଅଞ୍ଚଳରେ ବନ୍ୟା ପାଣି ପଶିଯାଇଛି। ଶ୍ରୀନଗରର କିଛି ଆବାସିକ ଅଞ୍ଚଳରେ ରାସ୍ତାଘାଟ ବନ୍ୟା ପାଣିରେ ବୁଡ଼ି ରହିଥିବା ବେଳେ ଲୋକଙ୍କ ଘର ଭିତରକୁ ମଧ୍ୟ ପାଣି ପଶିଯାଇଥିବା ଖବର ମିଳିଛି। ଅନ୍ୟପକ୍ଷେ ପ୍ରବଳ ବର୍ଷା ଏବଂ ଖରାପ ପାଣିପାଗକୁ ଦୃଷ୍ଟିରେ ରଖି ପବିତ୍ର ଅମରନାଥ ଯାତ୍ରାକୁ ଅସ୍ଥାୟୀ ଭାବେ ସ୍ଥଗିତ ରଖାଯାଇଛି। ବାଲ୍‌ଟାଲ୍ ଏବଂ ପହଲଗାମ୍ ଉଭୟ ରୁଟ୍‌ରେ ଶ୍ରଦ୍ଧାଳୁମାନଙ୍କୁ ଆଗକୁ ଯିବାକୁ ଅନୁମତି ଦିଆଯାଉନାହିଁ। ସେମାନଙ୍କୁ ସୁରକ୍ଷିତ ଭାବେ ବିଭିନ୍ନ ବେସ୍ କ୍ୟାମ୍ପରେ ରଖାଯାଇଛି। ପାଣିପାଗ ବିଭାଗ ଆଗାମୀ ୨୪ ରୁ ୪୮ ଘଣ୍ଟା ପାଇଁ କେତେକ ଜିଲ୍ଲାରେ ସତର୍କ ସୂଚନା ଜାରି କରିଛି।

### କୋମ୍‌ରେ ପହଞ୍ଚି ଶେଷ ହେଲା ଖାମେନେଇଙ୍କ ଅନ୍ତିମ ଯାତ୍ରା

# ହର୍ମୁଜ୍‌ରେ ୩ ଜାହାଜ ଉପରେ ଆଇଆର୍‌ଜିସିର ଆକ୍ରମଣ

**ତେହରାନ୍, ୭/୭/ଏଜେନ୍ସି:** ଗତ ୪ ଦିନ ଧରି ଚାଲିଥିବା ଇରାନ୍‌ର ପୂର୍ବତନ ସର୍ବୋଚ୍ଚ ତଥା ଦିବଂଗତ ନେତା ଅୟାତୋଲ୍ଲା ଅଲୀ ଖାମେନେଇଙ୍କ ଅନ୍ତିମ ଯାତ୍ରା ଆଜି ଶେଷ ହୋଇଛି। ରିପୋର୍ଟ ଅନୁସାରେ ଖାମେନେଇଙ୍କ ଅନ୍ତିମ ଯାତ୍ରା ମଙ୍ଗଳବାର ଦିନ ଶିଆ ସମ୍ପ୍ରଦାୟର ପବିତ୍ର ଧାର୍ମିକ ସହର 'କୋମ୍'ରେ ପହଞ୍ଚିଛି। ପ୍ରକାଶ, ଖାମେନେଇ ନିଜର ପ୍ରାରମ୍ଭିକ ଇସଲାମିକ ଶିକ୍ଷା ଏହି ସହରରୁ ହିଁ ହାସଲ କରିଥିଲେ। ଖାମେନେଇଙ୍କ ଶବଯାତ୍ରାରେ ଲକ୍ଷ ଲକ୍ଷ ଲୋକ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ନାଲି ରଙ୍ଗର କପଡ଼ା ଚଢ଼ାଇଛନ୍ତି। ଇସଲାମିକ ପରମ୍ପରାରେ ଏହାକୁ ପ୍ରତିଶୋଧ କିମ୍ବା ରକ୍ତର ବଦଳା ଦାବି କରିବାର ପ୍ରତୀକ ବୋଲି ମାନାଯାଏ। ଲକ୍ଷ ଲକ୍ଷ ଲୋକ ତାଙ୍କୁ ଶେଷ ବିଦାୟ ଦେବା ପାଇଁ ଏକତ୍ରିତ ହୋଇଛନ୍ତି। ତେବେ ଏସବୁ ମଧ୍ୟରେ ଇରାନ୍‌ରୁ ଏକ ବଡ଼ ସୂଚନା ସାମ୍ନାକୁ ଆସିଛି। ପ୍ରାପ୍ତ ସୂଚନାନୁସାରେ ବୁଧବାର ଦିନ ଖାମେନେଇ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ପାର୍ଥିବ ଶରୀରକୁ ଅନ୍ତେଷ୍ଟିକ୍ରିୟାର ପରବର୍ତ୍ତୀ ରୀତିନୀତି ପାଇଁ ଇରାକ ସ୍ଥିତ ଦରଗାକୁ ନିଆଯିବ। ଅୟାତୁଲ୍ଲା ଅଲୀ ଖାମେନେଇଙ୍କ ଅନ୍ତେଷ୍ଟିକ୍ରିୟା ସହ ଜଡ଼ିତ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଇରାନ ପକ୍ଷରୁ ଇରାକକୁ ୧୫ଟି ସହାୟତା/ଉଦ୍ଧାରକାରୀ ଦଳ ପଠାଯାଇଛି। ଏମାନେ ନଜଫ୍ ଏବଂ କରବଲା ସହରରେ ପହଞ୍ଚି ଆସନ୍ତାକାଲିର କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି।

ରିପୋର୍ଟ ଅନୁସାରେ ଏବେ ଯେତେବେଳେ ଖାମେନେଇଙ୍କ ଅନ୍ତିମ ଯାତ୍ରାକୁ ନେଇ ସମଗ୍ର ଇରାନ୍‌ରେ ଶୋକର ଛାୟା ଖେଳିଯାଇଛି ଏବଂ ଦେଶରେ ସମ୍ପୂର୍ଣ୍ଣ ନୀରବତା ବିଚରଣ କରୁଛି ସେତେବେଳେ ହର୍ମୁଜ୍ ପ୍ରଣାଳୀରେ ଇରାନ୍ ପକ୍ଷରୁ ଆକ୍ରମଣ କରାଯାଇଛି। ଇରାନ୍‌ର ରିଭଲ୍ୟୁସାରୀ ଗାର୍ଡ କର୍ପସ୍ (ଆଇଆର୍‌ଜିସି) ପକ୍ଷରୁ ହର୍ମୁଜ୍ ଦେଇ ଗତି କରୁଥିବା ୩ଟି ଟ୍ୟାଙ୍କର ଉପରକୁ ମିସାଇଲ୍ ମାଡ଼ କରାଯାଇଛି। ଆଇଆର୍‌ଜିସି ଦର୍ଶାଇଛି ଯେ, ଜାହାଜଗୁଡ଼ିକ ନିର୍ଦ୍ଧାରିତ ରୁଟ୍ ଛାଡ଼ି ଅନ୍ୟମାର୍ଗରେ ଆଗକୁ ବଢୁଥିଲେ। ଏଭଳି ସ୍ଥିତିରେ ସୁରକ୍ଷାର ଗ୍ୟାରେଣ୍ଟି ନାହିଁ। ଆଦେଶର ଅବଜ୍ଞା କ୍ଷେତ୍ରରେ



ଆକ୍ରମଣ ହେବା ସ୍ୱାଭାବିକ। ଇରାନର ସରକାରୀ ଗଣମାଧ୍ୟମ ଆଇଆର୍‌ଆଇବି ଦାବି କରିଛି ଯେ, ହର୍ମୁଜ୍‌ରେ କତାରର ତେଲ ଟ୍ୟାଙ୍କର 'ଅଲ୍-ରକାୟତ'କୁ ଟାର୍ଗେଟ୍ କରାଯାଇଛି। ଏହା ସହିତ ୟୁନାଇଟେଡ୍ କିଙ୍ଗଡମ୍ ମ୍ୟାରିଟାଇମ୍ ଟ୍ରେଡ୍ ଅପରେସନ୍ସ (ୟୁକେଏମ୍‌ଟିଓ) ଅନୁଯାୟୀ ଓମାନ ଉପକୂଳ ନିକଟରେ ଆଉ ଦୁଇଟି ଜାହାଜ ଉପରେ ମଧ୍ୟ ଆକ୍ରମଣ ହୋଇଛି।

ପ୍ରକାଶ, ଗତ ୪ ତାରିଖରୁ ଖାମେନେଇଙ୍କ ଅନ୍ତିମ ବିଦାୟର ରୀତିନୀତି ଆରମ୍ଭ ହୋଇଛି। ତାଙ୍କର ଶବବାହୀ ଶୋଭାଯାତ୍ରା ଏବେ ତେହେରାନ, କୋମ, ନଜଫ ଏବଂ ଇରାକର କରବଲା ସହର ଦେଇ ଆଗକୁ ବଢୁଛି। ଏହି ଶୋଭାଯାତ୍ରା ଆସନ୍ତା ୯ ତାରିଖରେ ମସହଦରେ ପହଞ୍ଚିବ, ଯେଉଁଠାରେ ତାଙ୍କୁ ତାବୁତ୍ ସହ ସମାଧି ଦିଆଯିବ (ଦଫନ କରାଯିବ)। ଏହି ସମୟ ମଧ୍ୟରେ ୧୦୦ରୁ ଅଧିକ ଦେଶର ନେତା ଏବଂ ୩ କୋଟିରୁ ଅଧିକ ଲୋକ ଖାମେନେଇଙ୍କ ଶେଷ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

# ଆତଙ୍କୀ ଆକ୍ରମଣରେ ୯ ପାକ୍ ସୁରକ୍ଷାକର୍ମୀ ନିହତ

**କ୍ୱେଟା, ୭/୭/ଏଜେନ୍ସି:** ପାକିସ୍ତାନର ଅଶାନ୍ତ ବଲୁଚିସ୍ତାନ ପ୍ରଦେଶରେ ପୁଣି ଏକ ସଶସ୍ତ୍ର ଆକ୍ରମଣ ଘଟିଥିବା ସମ୍ପର୍କରେ ସୂଚନା ମିଳିଛି। ଏଠାରେ ଥିବା ଏକ ବନ୍ଧ ପ୍ରକଳ୍ପ ନିକଟରେ ସଶସ୍ତ୍ର ବନ୍ଧୁକଧାରୀଙ୍କ ଆକ୍ରମଣ ସଂଘଠିତ ହୋଇଥିବା ଏବଂ ଏଥିରେ ୯ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ହୋଇଥିବା ଏବଂ ଅନ୍ୟ ୫ଜଣ ଆହତ ହୋଇଥିବା ଜଣାପଡିଛି। ଆକ୍ରମଣ ପରେ ସୁରକ୍ଷା ବାହିନୀ ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରି ବ୍ୟାପକ ତଲାସି ଅଭିଯାନ ଆରମ୍ଭ କରିଛି। ତେବେ ଘଟଣା ପଛରେ ବିଚ୍ଛିନ୍ନତାବାଦୀ ସଶସ୍ତ୍ର ସଂଗଠନର ହାତ ଥିବା ସନ୍ଦେହ କରାଯାଉଥିଲେ ମଧ୍ୟ କୌଣସି ଗୋଷ୍ଠୀ ତୁରନ୍ତ ଏହାର ଦାୟିତ୍ୱ ନେଇନାହାନ୍ତି। ପାକିସ୍ତାନ୍ ପୁଲିସ ସୂଚନା ଅନୁସାରେ, ବଲୁଚିସ୍ତାନର ଏକ ବନ୍ଧ ନିର୍ମାଣ ପ୍ରକଳ୍ପ ନିକଟରେ ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସ ଦଳ ଉପରେ ଅଜଣା ବନ୍ଧୁକଧାରୀମାନେ ଅତର୍କିତ ଗୁଳିଚାଳନା କରିଥିଲେ। ଆକ୍ରମଣ ଏତେ ତୀବ୍ର ଥିଲା ଯେ ଘଟଣାସ୍ଥଳରେ ମୁତୟନ ପୁଲିସ୍ କର୍ମୀଙ୍କ ମଧ୍ୟରୁ କିଛି ଅଧିକାରୀଙ୍କୁ ମିଶାଇ ମୋଟ୍ ୯ ଜଣ ସେହିଠାରେ ହିଁ ପ୍ରାଣ ହରାଇଥିଲେ। ଅନ୍ୟପକ୍ଷେ ଆତଙ୍କବାଦୀଙ୍କୁ ପାଲଟା ଜବାବ ଦିଆଯାଇଥିଲା ଏବଂ ଏଥିରେ ପ୍ରାୟ ୧୫ ଆତଙ୍କବାଦୀ ନିହତ ହୋଇଥିବା ପାକିସ୍ତାନ ସେନା ଓ ପୁଲିସ୍ ଦାବି କରିଛି। ଅନ୍ୟପକ୍ଷେ ଆକ୍ରମଣ ପରେ ଦୁର୍ବୃତ୍ତମାନେ ପାହାଡ଼ିଆ ଅଞ୍ଚଳ ଦେଇ ଫେରାର ହୋଇଯାଇଥିବା କିଛି ଗଣମାଧ୍ୟମ ରିପୋର୍ଟ କରିଛନ୍ତି। ତେବେ ଆଜିର ଏହି ଆକ୍ରମଣ ଘଟଣା ପରେ ସେନା, ଅର୍ଦ୍ଧସାମରିକ ବାହିନୀ ଓ ପୁଲିସର ମିଳିତ ଦଳ ଅଞ୍ଚଳରେ ତଲାସି ଅଭିଯାନ ଚଳାଇଛନ୍ତି। ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ ଏହି ଆକ୍ରମଣକୁ ତୀବ୍ର ନିନ୍ଦା କରିଛନ୍ତି। ସେ ସମବେଦନା ଜଣାଇବା ସହ ଦୋଷୀମାନଙ୍କୁ ଆଇନ ଅନୁସାରେ କଠୋର ଦଣ୍ଡ ଦିଆଯିବ ବୋଲି କହିଛନ୍ତି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra